R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୮୬
ତିଥି : ଦ୍ୱିତୀୟା
୧୧ ଏପ୍ରିଲ ୨୦୨୪, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 186
11 April 2024, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ବିଭ୍ରାନ୍ତିକର ବିଜ୍ଞାପନ ମାମଲାରେ ଅକଳରେ ରାମଦେବ

## କ୍ଷମା ଆବେଦନ ଗ୍ରହଣ ହେଲାନି, କାର୍ଯ୍ୟାନୁଷ୍ଠାନ ଚେତାବନୀ



ନୂଆଦିଲ୍ଲୀ, ୧୦।୪ : ପତଞ୍ଜଳୀ ପ୍ରତିଷ୍ଠାତା ରାମଦେବ ଓ ଆଚାର୍ଯ୍ୟ ବାଲକ୍ରିଷ୍ଣନ୍‌ଙ୍କ କ୍ଷମା ପ୍ରାର୍ଥନାକୁ ସୁପ୍ରିମ୍‌କୋର୍ଟ ଖାରଜ କରିବା ସହ ବର୍ଷିଛନ୍ତି । ସୁପ୍ରିମ୍‌କୋର୍ଟର ଜଷ୍ଟିସ୍ ହିମା କୋହଲି ଓ ଜଷ୍ଟିସ୍ ଏ ଅନୁନ୍‌ଓ୍ୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନକୁ ଖାରଜ କରିବା ସହ ପରିଣାମ ଭୋଗିବାକୁ ପ୍ରସ୍ତୁତ ରହିବାକୁ ଚେତାବନୀ ଦେଇଛନ୍ତି ।

ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଆମେ ଅନ୍ଧ ନୁହଁ । ଏହି ମାମଲାରେ ଆମେ ଅଧିକ ଉଦାର ହୋଇପାରିବୁ ନାହିଁ । ଆମେ ଏହାକୁ ଅଗ୍ରାହ୍ୟ କରୁଛୁ କାରଣ ଏହା କେବଳ ଏକ କାଗଜ ଖଣ୍ଡ । ଆମକୁ ସବୁ ଦେଖାଯାଉଛି ବୋଲି କୋର୍ଟ କହିଛନ୍ତି । କୋର୍ଟ ଆହୁରି କହିଛନ୍ତି ଯେ ଉତ୍ତରାଖଣ୍ଡର ଲାଇସେନ୍ସ ପ୍ରଦାନକାରୀ କର୍ତ୍ତୃପକ୍ଷ କାହିଁକି ଏପର୍ଯ୍ୟନ୍ତ ପତଞ୍ଜଳୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି । ଏହାକୁ ମଧ୍ୟ ଆମେ ଗୁରୁତ୍ୱର ସହ ନେଉଛୁ ଓ କେନ୍ଦ୍ରଠାରୁ ସନ୍ତୋଷଜନକ ଉତ୍ତର ମିଳିନାହିଁ । ଏହି ମାମଲା ନ୍ୟାୟାଳୟରେ ନ ପହଞ୍ଚିବା ପର୍ଯ୍ୟନ୍ତ ଆଇନ୍ ଖିଲାପକାରୀମାନେ ଆମ ନିକଟକୁ ନିଜ କ୍ଷମାପ୍ରାର୍ଥନା ପତ୍ର ପଠାଇବାକୁ ଉଚିତ୍ ମଣିଲେ ନାହିଁ । ସେମାନେ ଗଣମାଧ୍ୟମକୁ ଦେଲେ । ଗତକାଲି ରାତି ୭.୩୦ ପର୍ଯ୍ୟନ୍ତ ଏହା ଆମ ପାଇଁ ଅପ୍‌ଲୋଡ୍ ହୋଇନଥିଲା । ତେଣୁ ସେମାନେ ପ୍ରକୃତରେ ପ୍ରଚାର ଉପରେ ବିଶ୍ୱାସ କରୁଛନ୍ତି । ରାମଦେବଙ୍କ ପକ୍ଷରୁ ଓକିଲ ମୁକୁଲ ରୋହତଗୀ କହିଥିଲେ ଯେ ଏଥିପାଇଁ ଉଭୟେ କ୍ଷମାପ୍ରାର୍ଥନା କରିସାରିଛନ୍ତି । ଜଷ୍ଟିସ୍ ଅମାନ୍ ଉଲ୍ଲା କହିଛନ୍ତି କିଏ ଏହି ସତ୍ୟପାଠ ପ୍ରସ୍ତୁତ କରିଛି । ଆପଣ ଏହାସହ ବିଶ୍ୱାସଘାତକତା କରିଛନ୍ତି । ଆମେ ଏହା ଦେଖି ଚକିତ ହେଉଛୁ । ତ୍ରୁଟି ହୋଇଗଲା ଏକ ଛୋଟ ଶବ୍ଦ । ଜାଣିଶୁଣି କୋର୍ଟର ଅବମାନନା କରାଯାଇଛି । କୋର୍ଟ ମଧ୍ୟ ଉତ୍ତରାଖଣ୍ଡ ସରକାରଙ୍କୁ ପ୍ରଶ୍ନ ପଚାରିଛନ୍ତି । ଏ ପର୍ଯ୍ୟନ୍ତ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି କହିଛନ୍ତି । (୯ ପୃଷ୍ଠାରେ)

## ପୁଣି କଲବଲ କରିବ ଗ୍ରୀଷ୍ମ ପ୍ରବାହ



### ୧୫ରୁ ୩ ରୁ ୪ ଡ଼ିଗ୍ରୀ ଯାଏଁ ବଢିବ ପାରଦ

ଭୁବନେଶ୍ୱର, ୧୦।୪ (ସବ୍ୟୁ): ରାଜ୍ୟରେ ୧୨ ତାରିଖ ଯାଏଁ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ୧୩ ତାରିଖ ପର ଠାରୁ ପରବର୍ତ୍ତୀ ୨ଦିନ ଅର୍ଥାତ ୧୫ ତାରିଖ ମଧ୍ୟରେ ରାଜ୍ୟରେ ପଶ୍ଚିମ ତଥା ଉତ୍ତରପଶ୍ଚିମ ଦିଗରୁ ଶୁଷ୍କ ବାୟୁର ପ୍ରଭାବ ବୃଦ୍ଧି ସହ ପୁଣି ଦିନ ତାପମାତ୍ରାରେ ୩ ରୁ ୪ ଡ଼ିଗ୍ରୀ ଯାଏଁ ବୃଦ୍ଧି ପାଇପାରେ। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାର କିଛି ଅଞ୍ଚଳରେ ୪୦ଡ଼ିଗ୍ରୀ କିମ୍ବା ଅଧିକ ତାପମାତ୍ରା ରେକର୍ଡ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ସୋଆ ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ କହିଛନ୍ତି, ରାଜ୍ୟର ଅନେକ ଅଞ୍ଚଳରେ ବର୍ଷା ହେବା ଫଳରେ ଦିନର ତାପମାତ୍ରା ହ୍ରାସ ପାଇଛି। ମାତ୍ର ଆସନ୍ତା ୧୫ରୁ ଏହି ତାପମାତ୍ରା ବୃଦ୍ଧି ପାଇବ ।

ଦକ୍ଷିଣ ଓଡ଼ିଶାର ଆଭ୍ୟନ୍ତରୀଣ ଜିଲ୍ଲା ଗୁଡ଼ିକରେ ୧୪ରୁ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ଅଛି। କାରଣ ଓଡ଼ିଶା ଉପକୂଳରେ ବଙ୍ଗୋପସାଗର ଉପରେ ସୃଷ୍ଟ ଆଣ୍ଟିସାଇକ୍ଲୋନ୍ ୧୫ରୁ ଉଭେଇ ଯିବ ।

ଆଣ୍ଟିସାଇକ୍ଲୋନ୍ ସୃଷ୍ଟି ହେବା ଫଳରେ ବଙ୍ଗୋପସାଗରରୁ ବାୟୁ ଉପକୂଳ ଓଡ଼ିଶା ଆଡ଼କୁ ପ୍ରବାହିତ ହୋଇ ତାପମାତ୍ରା ହ୍ରାସ ହେବାରେ ସାହାଯ୍ୟ କରିଥିଲା। ମାତ୍ର ଏହା ଅପସରି ଗଲେ ଉତ୍ତର ପଶ୍ଚିମ ଅଞ୍ଚଳରୁ ଉତ୍ତପ୍ତ ବାୟୁ ଓଡ଼ିଶା ମଧ୍ୟକୁ ପ୍ରବାହିତ ହୋଇ ବାୟୁମଣ୍ଡଳକୁ ଉତ୍ତପ୍ତ କରିବ ଓ ତାପମାତ୍ରା (୯ ପୃଷ୍ଠାରେ)

### ମୋଦିଙ୍କ ମୁସ୍‌ଲିମ୍ ଲିଗ୍ ମନ୍ତବ୍ୟର ଜବାବ ଦେଲେ ରାହୁଲ

## ଇଂରେଜଙ୍କ ସହ ବୁଝାମଣା କରିଥିଲା କିଏ



ନୂଆଦିଲ୍ଲୀ, ୧୦।୪ : କଂଗ୍ରେସ ଇସ୍ତାହାରକୁ ପ୍ରଧାନମନ୍ତ୍ରୀ ମୋଦି ମୁସ୍‌ଲିମ୍ ଲିଗ୍ ଛାପ ଥିବା କହିବା ବୟାନ ଉପରେ ରାହୁଲ ଗାନ୍ଧି ପାଲଟା ଜବାବ ରଖିଛନ୍ତି । ରାହୁଲ କହିଛନ୍ତି ଯେ ଇତିହାସ ଏବେବି ବଦଳିନାହିଁ । ରାଜନୈତିକ ପ୍ଲାଟ୍‌ଫର୍ମରେ ମିଛ ଅଭିଯୋଗ କରାଯାଉଛି । ଏଥର ନିର୍ବାଚନ ଦୁଇ ବିଚାର ଧାରାର ଲଢ଼େଇ । ଗୋଟିଏପଟେ କଂଗ୍ରେସ ରହିଛି ଯାହା ଭାରତର ସ୍ୱାଧୀନତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଥିଲା । ଅପରପକ୍ଷରେ ବିଚ୍ଛିନ୍ନତାବାଦୀ ରହିଛନ୍ତି । ସେ କହିଛନ୍ତି ଯେ ଦୁଇ ବିଚାରଧାରା ମଧ୍ୟରେ ଏ ଲଢ଼େଇ ଚାଲିଛି । କଂଗ୍ରେସ ଅଖଣ୍ଡ ଭାରତ ସପକ୍ଷରେ ଥିବାବେଳେ ଅନ୍ୟପଟେ କିଛି ଲୋକ ଲୋକଙ୍କୁ ଭାଗ ଭାଗ କରିବା ପାଇଁ ଚିତ୍କାର କରୁଛନ୍ତି । ଇତିହାସ ଏଭଳି ଶକ୍ତିଙ୍କୁ ମନେରଖିଛି । ଭାରତଛାଡ ଆନ୍ଦୋଳନ ବେଳେ କେଉଁମାନେ ବ୍ରିଟିଶ୍‌ଙ୍କ ସହ ବୁଝାମଣା କରିଥିଲେ । ଯେତେବେଳେ କଂଗ୍ରେସ ନେତାମାନେ ଜେଲ୍‌ରେ ଭର୍ତ୍ତି ହୋଇଥିଲେ ସେମାନେ ଏଠି ସରକାର ଚଳାଉଥିଲେ । ଏହି ଶକ୍ତି ଏବେ ଦେଶକୁ ଭାଗ ଭାଗ କରିବାକୁ ଚାହୁଁଛି । ଇତିହାସ ଏବେବି ବଦଳିନାହିଁ । ପ୍ରତ୍ୟେକଟି ପୃଷ୍ଠାରେ ଏହା ଉଲ୍ଲେଖ ରହିଛି । କଂଗ୍ରେସର ଇସ୍ତାହାର ଏହି ସ୍ୱାଧୀନତା ସଂଗ୍ରାମର କଥାକୁ ଉଲ୍ଲେଖ କରୁଛି । ମୁସ୍‌ଲିମ୍ ଲିଗ୍‌ର ଛାପ ଏଥିରେ ନାହିଁ । ଯେଉଁମାନେ ବ୍ରିଟିଶ୍ ସହ ବୁଝାମଣା କରିଥିଲେ ସେମାନେ ଏବେ ଏଭଳି ଅଭିଯୋଗ ଆଣୁଛନ୍ତି ।

### ମୋକିମଙ୍କ ଅଡୁଆ ବଢ଼ିଲା

## ଭିଜିଲାନ୍ସ ଅଦାଲତ ରାୟକୁ କାଏମ ରଖିଲେ ହାଇକୋର୍ଟ



କଟକ, ୧୦।୪ (ସବ୍ୟୁ) : କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ଅଡୁଆ ବଢ଼ିଛି । ଭିଜିଲାନ୍ସ ମାମଲାରେ ତାଙ୍କୁ ପୂର୍ବରୁ ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମଠାରୁ ଋଣ ନେଇ ସେଥିରେ ଜାଲିଆତି କରିବା ଅଭିଯୋଗରେ ହୋଇଥିବା ୩ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଅର୍ଥ ଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି । ଫଳରେ ସେ ନିର୍ବାଚନ ଲଢ଼ିବା-ନଲଢ଼ିବା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ହାଇକୋର୍ଟର ବିଚାରପତି ବି ପି ରାଉତରାୟ ମାମଲାର ବିଚାର କରି ଆବେଦନକାରୀ ମେଟ୍ରୋ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ମୋକିମଙ୍କ ଆବେଦନକୁ ଖାରଜ କରିଦେବା ସହ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦେଇଥିବା ରାୟକୁ କାଏମ ରଖିଛନ୍ତି । ନିୟମ ଅନୁଯାୟୀ, ଯଦି ଜଣେ ବିଧାୟକଙ୍କୁ ନିମ୍ନ ଅଦାଲତରେ ସର୍ବନିମ୍ନ ୩ବର୍ଷ ଜେଲ୍‌ଦଣ୍ଡ ହୋଇଥାଏ ତାହେଲେ ସେ ଆଗାମୀ ମୋଟ୍ ୯ବର୍ଷ ପାଇଁ କୌଣସି ପ୍ରକାର ନିର୍ବାଚନରେ ପ୍ରାର୍ଥୀ ହୋଇପାରିବେ ନାହିଁ। ସୁଚନାଯୋଗ୍ୟ ଯେ ,ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମଠାରୁ ଋଣ ନେଇ ସେଥିରେ ଜାଲିଆତି କରିବା ଅଭିଯୋଗରେ ଭିଜିଲାନ୍ସ ଅଦାଲତ ମୋକିମଙ୍କୁ ୩ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଅର୍ଥ ଦଣ୍ଡ ପ୍ରଦାନ କରିବା ସହ ଜରିମାନା ଅନାଦେୟ ଆଉ ୬ ମାସ ଅଧିକ ଜେଲ ଭୋଗିବେ ବୋଲି ରାୟ ଦେଇଥିଲେ । ମୋକିମ ଏହି ରାୟ ବିରୋଧରେ ଅନ୍ତରୀଣ ରହିତାଦେଶ ହାଇକୋର୍ଟରୁ ପାଇଥିଲେ ।ତେବେ ଭିଜିଲାନ୍ସ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମକୋର୍ଟ ମାମଲାଟିର ବିଚାର ୬ ମାସ ମଧ୍ୟରେ ଶେଷ କରିବାକୁ ଗତ ୨୨ /୯/ ୨୦୨୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ ।ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ହାଇକୋର୍ଟ ତାଙ୍କର ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି । ପ୍ରକାଶ ଥାଉକି ୨୦୧୯ ବିଧାନସଭା ନିର୍ବାଚନ ସମୟରେ ବିଧାୟକ ମହମ୍ମଦ ମୋକିମ୍ ଯେଉଁ ନାମାଙ୍କନ ପତ୍ର ଦାଖଲ କରିଥିଲେ ସେଥିରେ ସେ କେତେକ ତଥ୍ୟ ନିଜ ସମ୍ପର୍କରେ ଲୁଚାଇଥିଲେ। ପ୍ରଥମେ ସେ ଯେଉଁ ଫର୍ମରେ ନାମାଙ୍କନପତ୍ର ଦାଖଲ କରିବା କଥା ତାହା କରିନଥିଲେ। ନିଜଆଡୁ ଏକଫର୍ମରେ ସେ ସତ୍ୟପାଠ ଦାଖଲ କରିଥିଲେ। ଏହାକୁ ନେଇ ହାଇକୋର୍ଟ ତାଙ୍କ ରାୟରେ ତୀବ୍ର ଭତ୍ସନା କରିଛନ୍ତି। ସେହିପରି ତାଙ୍କର ଯେଉଁ କ୍ରିମିନାଲ ରେକର୍ଡ଼ ରହିଛି ତାହା ମଧ୍ୟ ସେ ନାମାଙ୍କନପତ୍ର ସଠିକ୍ ଭାବେ ଉପସ୍ଥାପିତ କରିନଥିଲେ। ଯାହାକି ହାଇକୋର୍ଟରେ ମାମଲା ରୁଜୁ ପରେ ମୋକିମ୍‌ଙ୍କ ଏହି ମିଛ ଅଦାଲତଙ୍କ ଆଖିରେ ଧରା ପଡ଼ିଯାଇଥିଲା। ଏସବୁକୁ ଆଧାର କରି ହାଇକୋର୍ଟ ଗତ କିଛିଦିନ ତଳେ ତାଙ୍କ ରାୟ ପ୍ରକାଶ କରି ମୋକିମ୍‌ଙ୍କ ସଭ୍ୟପଦକୁ ରଦ୍ଦ କରି ଦେଇଥିଲେ। ତାଙ୍କର ସମ୍ପୂର୍ଣ୍ଣ ୫ବର୍ଷର ଅବଧିକୁ ମଧ୍ୟ ରଦ୍ଦ କରି ଦିଆଯାଇଥିଲା। ଅବଶ୍ୟ ଏହି ରାୟ ମୋକିମ୍‌ଙ୍କୁ ରାଜନୈତିକ ଦୃଷ୍ଟିକୋଣରୁ ବଡ଼ ଆଘାତ ଦେଇଥିଲା। କିନ୍ତୁ ଯଦି ଦେଖାଯାଏ ଏହାଦ୍ୱାରା ମୋକିମ୍‌ଙ୍କ ରାଜନୈତିକ (୯ ପୃଷ୍ଠାରେ)

## ବିଜେଡିର ଇସ୍ତାହାର କମିଟି ଗଠିତ

ଭୁବନେଶ୍ୱର, ୧୦।୪ (ସବ୍ୟୁ) : ବିଜୁ ଜନତା ଦଳ (ବିଜେଡି)ର ଗୁରୁତ୍ୱପୂର୍ଣ୍ଣ ଇସ୍ତାହାର କମିଟି ଗଠନ କରାଯାଇଛି । ୩୮ ଜଣିଆ ଏହି କମିଟିର ଅଧ୍ୟକ୍ଷ ଭାବେ ଚନ୍ଦ୍ରଶେଖର ସାହୁ ଅଛନ୍ତି । ସେହିଭଳି ସହ-ଅଧ୍ୟକ୍ଷ ଭାବେ ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଦେବ୍, ସୁଦାମ ମାରାଣ୍ଡି, ମଙ୍ଗଳା କିଷାନ, ପଦ୍ମନାଭ ବେହେରା, କସ୍ତୁରି ମହାପାତ୍ର ସ୍ଥାନ ପାଇଛନ୍ତି ।

ଅମର ପଟ୍ଟନାୟକଙ୍କୁ ଆବାହକ କରାଯାଇଥିବାବେଳେ ସସ୍ମିତ୍ ପାତ୍ରଙ୍କୁ ସହ-ଆବାହକ କରାଯାଇଛି । ସେହିଭଳି ୩ ପ୍ରବାସୀ ଓଡ଼ିଆ ସୁକାନ୍ତ ମହାପାତ୍ର, ସ୍ୱପ୍ନେନ୍ଦୁ ମହାନ୍ତି ଓ ଅମିୟ ମିଶ୍ରଙ୍କୁ ମଧ୍ୟ ସଦସ୍ୟ ଭାବେ ରଖାଯାଇଛି । ଏତଦ୍‌ବ୍ୟତିତ ଅତନୁ ସବ୍ୟସାଚୀ ନାୟକ, ଅଚ୍ୟୁତାନନ୍ଦ ସାମନ୍ତ, ଅରୁଣ ସାହୁ, ସନ୍ତୃପ୍ତ ମିଶ୍ର, ସଞ୍ଜୟ ଦାସବର୍ମା, (୯ ପୃଷ୍ଠାରେ)

## ଦୁଇ ବାଇକ ମୁହାଁମୁହିଁ : ୩ ମୃତ

ଜୟପୁର, ୧୦।୪ (ସବ୍ୟୁ) : ମଙ୍ଗଳବାର ରାତିରେ କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅର୍ନ୍ତଗତ ଗାଗନାପୁର ନିକଟସ୍ଥ ଡୁମୁରୀଗୁଡ଼ା ନିକଟରେ ୨ଟି ବାଇକ ମୁହାଁମୁହିଁ ଧକ୍କା ହେବା ପରେ ତିନି ଜଣଙ୍କର ମୃତ୍ୟୁ ହୋଇଛି। ଏହା ସହ ୪ଜଣ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି ବୋଲି କହିଛନ୍ତି ଜୟପୁର ସଦରଥାନା ଅଧିକାରୀ ଇଶ୍ୱର ତାଣ୍ଡି। ବଳକା ୨ଜଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୁରରେ ଚିକିତ୍ସାଧୀନ ରହିଛନ୍ତି ।

ମଙ୍ଗଳବାର ଧନପୁରଠାରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଯାତ୍ରା ଦେଖିବାକୁ ଜୟପୁର ବ୍ଲକର ବିଭିନ୍ନ ଗାଁରୁ ଲୋକେ ଯିବା ଆସିବା ଲାଗି ରହିଥିଲା। ରାତି ସାଢ଼େ ୧୦ଟା ବେଳେ ଗୋଟିଏ ବାଇକରେ ୪ଜଣ ଓ ଅନ୍ୟ ବାଇକରେ ୩ଜଣ ଏଭଳି ବସିଥିଲେ । ଗୋଟିଏ (୯ ପୃଷ୍ଠାରେ)

### ରାଷ୍ଟ୍ରପତିଙ୍କୁ ଖଡ୍‌ଗେଙ୍କ ଚିଠି

## ସୈନିକ ସ୍କୁଲ ଘରୋଇକରଣ ନିଷ୍ପତ୍ତି ବନ୍ଦ କର



ନୂଆଦିଲ୍ଲୀ, ୧୦।୪ : ସୈନିକ ସ୍କୁଲକୁ ଘରୋଇକରଣ କରିବା ପାଇଁ ଯେଉଁ ନୀତି ଆସୁଛି ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ତାହାକୁ ଫେରାଇ ନେବାଲାଗି କଂଗ୍ରେସ ସଭାପତି ମଲ୍ଲିଗାର୍ଜୁନେ ଖଡ୍‌ଗେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ ଭାରତୀୟ ଗଣତନ୍ତ୍ର ସୁରକ୍ଷାବଳକୁ ସବୁବେଳେ ରାଜନୀତିରୁ ଉର୍ଦ୍ଧ୍ୱରେ ରଖିଥାଏ ମାତ୍ର ଅତିତର କିଛି ସରକାର ଏବେ ସେନାବାହିନୀକୁ ରାଜନୈତିକ ଆଦର୍ଶ ବୋଧର ଛାୟାତଳେ ରଖିବାକୁ ଚାହୁଁଛନ୍ତି ।

ସେ ଉଲ୍ଲେଖ କରିଛନ୍ତି ଯେ ଏକ ଆର୍‌ଟିଆଇ ତଥ୍ୟରୁ ଜଣାପଡିଛି ଯେ ସୈନିକ ସ୍କୁଲଗୁଡିକୁ ଘରୋଇକରଣ କରାଯାଇ ନୂଆ ପିପିପି ମଡେଲରେ ସରକାର ଉପସ୍ଥାପନ କରିବାକୁ ଚାହୁଁଛନ୍ତି । ୬୨% ସ୍କୁଲର ଏହା କରାଯିବ ଯାହା ବିଜେପି ଓ ଆର୍‌ଏସ୍‌ଏସ୍ ନେତାଙ୍କ ନିୟନ୍ତ୍ରଣରେ ରହିବ । ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ କଂଗ୍ରେସ ଏହି ଘରୋଇକରଣ ନୀତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର (୯ ପୃଷ୍ଠାରେ)

DADLS-107





ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)

OIPR: 15001/13/0001/2425



## ଇତିହାସ

୧୮୬୯: କସ୍ତୁରବା ଗାନ୍ଧିଙ୍କ ଜନ୍ମ ।
୧୮୮୭: ପ୍ରସିଦ୍ଧ ଭାରତୀୟ କଳାକାର ଜାମିନୀ ରାୟଙ୍କ ଜନ୍ମ ।
୧୯୧୯: ଅନ୍ତରାଷ୍ଟ୍ରୀୟ ଶ୍ରମ ସଙ୍ଗଠନର ସ୍ଥାପନା ।
୧୯୨୧: ପ୍ରଥମଥର ପାଇଁ ରେଡିଓରେ ଖେଳର ଲାଇଭ୍ କମେଣ୍ଟ୍ରି ପ୍ରସାରଣ ।
୧୯୩୦: ରିଷିକେଶରେ ସାଧାରଣ ଜନତାଙ୍କ ପାଇଁ ଖୋଲିଲା ଇସ୍ପାତ ତାରରେ ନିର୍ମିତ ୧୨୪ ମିଟରର ଝୁଲା (ଲକ୍ଷ୍ମଣ ଝୁଲା) ପୋଲ ।
୧୯୬୪: ଦୁଇ ଭାଗରେ ବିଭକ୍ତ ହେଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ।
୧୯୭୦: ଅପୋଲ ୧୩ ଚନ୍ଦ୍ର ଅଭିଯାନର ସଫଳ ପ୍ରକ୍ଷେପଣ କଲା ଆମେରିକା ।
୧୯୭୬: ଲଞ୍ଚ ହେଲା ଷ୍ଟିଭ୍ ବାଜନେକଙ୍କ ନିର୍ମିତ ପ୍ରଥମ ଏପଲ-୧ କମ୍ପ୍ୟୁଟର ।
୧୯୮୩: ବେନ୍ କିଙ୍ଗ୍ସଲେଙ୍କ ଫିଲ୍ମ 'ଗାନ୍ଧୀ'କୁ ଅସ୍କର ଆୱାର୍ଡ ।
୨୦୧୧: ଭାରତ-ଆମେରିକୀ ଲେଖିକା ଝୁମ୍ପା ଲାହିରୀଙ୍କୁ 'ଇଣ୍ଟରପ୍ରେଟର ଅଫ୍ ମେଲୋଡିଜ୍' ପାଇଁ ପୁଲିଜର ସମ୍ମାନ ।

## ସୋସିଆଲ କୋଟ୍ସ



ବାହାଘରକୁ ପ୍ରାଇଭେଟ ରଖିବା ମୋର ନିଷ୍ପତ୍ତି ଥିଲା । ଏଥିରେ ମୋର ପାର୍ଟନରଙ୍କର କୌଣସି ଭୂମିକା ନାହିଁ । ମୁଁ ପବ୍ଲିକ୍ ଫିଗର ହୋଇଥିବାରୁ ସିକ୍ୟୁରିଟି ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନେଇଥିଲି ।
**ତାପସୀ ପନ୍ନୁ, ଅଭିନେତ୍ରୀ**



ଶାହରୁଖଙ୍କ ସହ କାମ କରିବାକୁ ମୁଁ ସବୁବେଳେ ପ୍ରସ୍ତୁତ । ଯେତେବେଳେ ବି ସେ ମୋତେ ଫୋନ୍ କରି କହିବେ ଆସି କାମ କରିବାକୁ, ମୁଁ ସଙ୍ଗେସଙ୍ଗେ ହଁ କରିବି ।
**ପ୍ରିୟାମଣି, ଅଭିନେତ୍ରୀ**



ଆନନ୍ଦଙ୍କ ଭଳି ବ୍ରାଇଁ ପାଇ ମୁଁ ଖୁବ ଖୁସି । ମୋର ସୌଭାଗ୍ୟ ସେ ମୋ ପରିବାରର ସଦସ୍ୟ । ସେ ଜଣେ ଖୁବ ଭଲ ମଣିଷ ।
**ଅନିଲ କପୁର, ଅଭିନେତା**

# ଆକ୍ୟୁଟ୍ କିଡନୀ ଫେଲ୍ୟୁଅର



ଯେତେବେଳେ ଏହି ସମସ୍ୟା କୌଣସି ବ୍ୟକ୍ତିଙ୍କର ହୋଇଥାଏ, ତାଙ୍କର ହଠାତ୍ କୀଡନି କାମ କରିବା ବନ୍ଦ କରିଦେଇଥାଏ । ଏହି ସମସ୍ୟାରେ କୀଡନି ରକ୍ତରୁ ଆବର୍ଜନାକୁ ଛାଣିବାରେ ଅସକ୍ଷମ ହୋଇଥାଏ । ଯେତେବେଳେ ରକ୍ତ ଛାଣି ହୋଇପାରି ନଥାଏ, ସେତେବେଳେ ରକ୍ତର କେମିକାଲ ବାଲାନ୍ସ ନଷ୍ଟ ହୋଇଥାଏ । ତେବେ ଯେଉଁମାନେ ଅଧିକ ଗୁରୁତର ରୋଗରେ ପୀଡିତ ହୋଇଥାଆନ୍ତି ସେମାନଙ୍କୁ ଆକ୍ୟୁଟ୍ କିଡନୀ ଫେଲ୍ୟୁଅର ହେବାର ସମ୍ଭାବନା ରହିଥାଏ । ଏହି ରୋଗର ଲକ୍ଷଣ ଭାବେ ପରିସ୍ରାର ପରିମାଣରେ ହ୍ରାସ, ଗୋଡ ଓ ପାଦ ଫୁଲିବା, ନିଃଶ୍ୱାସ ନେବାରେ କଷ୍ଟ, ଫଟିଗୋ, ଦ୍ୱନ୍ଦ୍ୱ, ଦୁର୍ବଳତା, ଛାତିରେ ଯନ୍ତ୍ରଣା ଦେଖିବାକୁ ମିଳିଥାଏ । ତେଣୁ ଯଦି ଏଭଳି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

# ସବୁଠାରୁ ସାନ ଭାରଉତ୍ତୋଳକ

ବର୍ତ୍ତମାନ ଇଣ୍ଟରନେଟ୍‌ରେ ଜଣେ ୮ ବର୍ଷର ବାଳିକାର ଭିଡିଓ ଭାଇରାଲ ହେବାରେ ଲାଗିଛି । ତାଙ୍କର ଟାଲେଣ୍ଟ ପାଇଁ ସେ ଭାଇରାଲ ହେବାରେ ଲାଗିଛନ୍ତି । ପଞ୍ଚକୁଲାର ଅରିସା ଗୋସ୍ୱାମୀ ୭୫ କେଜିର ୱେଟ୍ ଲିଫ୍ଟିଂ କରି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛନ୍ତି । ଏହା ପୂର୍ବରୁ ୨୦୨୧ରେ ସେ ୪୫ କେଜିର ୱେଟ୍ ଲିଫ୍ଟିଂ କରି ସବୁଠାରୁ କମ ବୟସ୍କ ଭାରଉତ୍ତୋଳକ ଭାବେ ରେକର୍ଡ କରିଥିଲେ । ବର୍ତ୍ତମାନ ତାଙ୍କ ବୟସ ବଢିବା ସହିତ ସେ ଉଠାଉଥିବା ଓଜନ ମଧ୍ୟ ବଢିଛି । ଅନେକଙ୍କ ପାଇଁ ବର୍ତ୍ତମାନ ସେ ପ୍ରେରଣା ସାଜିଛନ୍ତି । ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ୟୁଜର୍ସମାନେ ତାଙ୍କ ସାହସକୁ ଢେର ପ୍ରଶଂସା କରିଛନ୍ତି । ଏତେ କମ ବୟସରେ ଏଭଳି ସାହସ କରିଥିବାରୁ ଆଗକୁ ସେ ଭାରଉତ୍ତୋଳନରେ ଖୁବ ଭଲ କ୍ୟାରିୟର କରିବେ ବୋଲି ସେମାନେ ମତ ଦେଇଛନ୍ତି ।



# ପ୍ଲମ୍ ପୁଡିଂ



**ସାମଗ୍ରୀ–** ବଟର ୨୫୦ ଗ୍ରାମ, ୧୫୦ ଗ୍ରାମ ଚିନି, ୧୦୦ ଗ୍ରାମ କଟା ସେଓ, ୬୦ ଗ୍ରାମ ମଇଦା, ଅଳ୍ପ ବେକିଂ ପାଉଡର, ୪ଟି ଅଣ୍ଡା, ୬୦ଗ୍ରାମ କ୍ରିମ୍, ୬୦୦ ଗ୍ରାମ ଭିଜା ଯାଇଥିବା ଡ୍ରାଏଫ୍ରୁଟସ୍, ୪୦ ଗ୍ରାମ କ୍ୟାରେମେଲ୍ କଲର ।

**ପ୍ରଣାଳୀ–**ପ୍ରଥମେ ଚିନି ଓ ବଟରକୁ ଭଲକରି ଗୋଳାଇ ନିଅନ୍ତୁ । ଏହା ହାଲୁକା ହେବା ଯାଏଁ ଏହି ମିଶ୍ରଣକୁ ଫେଣ୍ଟନ୍ତୁ । ଏହାପରେ ଏଥିରେ ଅଣ୍ଡାକୁ ଗୋଟିଏ ପରେ ଗୋଟିଏ ମିଶାନ୍ତୁ ଏବଂ ଭଲ କରି ଗୋଳାନ୍ତୁ । ମଇଦାରେ ବେକିଂ ପାଉଡର ମିଶାନ୍ତୁ, ପରେ ଏହାକୁ ଡ୍ରାଏଫ୍ରୁଟସରେ ମିଶାଇ ଗୋଳାଇ ନିଅନ୍ତୁ । ପ୍ରସ୍ତୁତ ମିଶ୍ରଣକୁ ପୂର୍ବ ବଟର ମିଶ୍ରଣରେ ପକାନ୍ତୁ । ପରେ ଏଥିରେ କ୍ରିମ୍ , କଟା ସେଉ ଓ କ୍ୟାରମେଲ୍ କଲର ମିଶାନ୍ତୁ । ବର୍ତ୍ତମାନ ସମସ୍ତ ମିଶ୍ରଣକୁ ଭଲ କରି ଗଳାଇ ନିଅନ୍ତୁ । ଏହାପରେ ଏହାକୁ ପୁଡ଼ିଂ ମୋଲ୍ଡରେ ରଖି ବେକ୍ କରି ନିଅନ୍ତୁ, ପ୍ରସ୍ତୁତ ହୋଇଗଲା ପ୍ଲମ୍ ପୁଡିଂ ।

# ସମ୍ପର୍କରେ ମୋହର



କିଛିଦିନ ହେବ ଜାହ୍ନବୀ କପୁର ନିଜ ଲଭ୍ ଲାଇଫ୍‌କୁ ନେଇ ଚର୍ଚ୍ଚାରେ ଅଛନ୍ତି । ସିଖର ପହରିଆଙ୍କୁ ସେ ଡେଟ କରୁଥିବା ନେଇ ଇଣ୍ଡଷ୍ଟ୍ରୀରେ ଖବର ବୁଲୁଛି । ତେବେ ବର୍ତ୍ତମାନ ଜାହ୍ନବୀଙ୍କର ଏକ ଫଟୋ ଏ ସମସ୍ତ ଚର୍ଚ୍ଚାରେ ବିରାମ ଲଗାଇଛି । ଜାହ୍ନବୀ ଯେପରି ତାଙ୍କର ଓ ସିଖରଙ୍କ ସମ୍ପର୍କକୁ ଏହି ଫଟୋ ସାହାଯ୍ୟରେ ସ୍ୱୀକାର କରିଛନ୍ତି । ନିକଟରେ ଜାହ୍ନବୀଙ୍କୁ ମୈଦାନର ସ୍କ୍ରିନିଂ ଫଙ୍କସନ୍‌ରେ ଦେଖିବାକୁ ମିଳିଥିଲା । ଏଠାରେ ସେ ଏକ ନେକ୍‌ଲେସ୍ ପିନ୍ଧିଥିଲେ, ଯେଉଁଥିରେ ଶିଖରଙ୍କର ନିକ୍‌ନେମ୍ 'ଶିଖୁ' ଲେଖା ଯାଇଛି । ଏହି ଫଟୋ ଭାଇରାଲ ହେବା ପରେ ଯେପରି ଜାହ୍ନବୀ ତାଙ୍କ ସମ୍ପର୍କ ଉପରେ ମୋହର ଲଗାଇଛନ୍ତି । ଏହାକୁ ନେଇ ସୋସିଆଲ ମିଡିଆରେ ମଧ୍ୟ ଖୁବ ଚର୍ଚ୍ଚା ଜାରି ରହିଛି । ସେହିଭଳି ପୂର୍ବରୁ ଜାହ୍ନବୀଙ୍କ ବାପା ବୋନି କପୁର ମଧ୍ୟ ଏନେଇ ମତ ଦେଇଛନ୍ତି । ଶିଖର ତାଙ୍କ ଝିଅଙ୍କର ଖୁବ ଧ୍ୟାନ ରଖିବେ ବୋଲି ସେ ନିଜ ଷ୍ଟେଟମେଣ୍ଟରେ କହିଥିଲେ । ପୂର୍ବରୁ କରଣଜୋହରଙ୍କ ଶୋ'ରେ ମଧ୍ୟ ଜାହ୍ନବୀ ନିଜ ଫୋନ୍‌ର ସ୍ପିଡ୍ ଡାଏଲ୍ ଲିଷ୍ଟରେ ଶିଖରଙ୍କ ନାଁ ଥିବା ରିଭିଲ୍ କରିଥିଲେ । ତେଣୁ ଆଗକୁ ବି ଟାଉନ୍‌ର କପଲ୍ ଭାବେ ଜାହ୍ନବୀ ଓ ଶିଖରଙ୍କୁ ଦେଖିବାକୁ ମିଳିବ ବୋଲି ମତ ପ୍ରକାଶ ପାଇଛି । ଶିଖର ପେଷାରେ ଜଣେ ବ୍ୟବସାୟୀ ହୋଇଥିବାବେଳେ ତାଙ୍କ ସମ୍ପର୍କ ରାଜନୈତିକ ପରିବାର ସହିତ ରହିଛି । ତାଙ୍କ ଅଜା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୁଶିଲ କୁମାର ସିନ୍ଦେ ।

# ଯନ୍ତ୍ରଣା କମାଇବ ଏଆଇ



କ୍ୟାନ୍ସର ଏକ ଯନ୍ତ୍ରଣା ଦାୟକ ରୋଗ, ଯାହାର ଉପଶମ ପାଇଁ ଡାକ୍ତରମାନେ ଅନେକ ଚେଷ୍ଟା କରୁଛନ୍ତି । ତେବେ ବର୍ତ୍ତମାନ କ୍ୟାନ୍ସର ରୋଗ ଯନ୍ତ୍ରଣାର ଉପଶମ ପାଇଁ ଡାକ୍ତରମାନେ ଏଆଇକୁ ବ୍ୟବହାର କରିବେ । ଏନେଇ ଆସିଥିବା ଏକ ରିପୋର୍ଟ ଅନୁସାରେ ଭର୍ଚୁଆଲ ରିଆଲିଟିକୁ ବ୍ୟବହାର କରି କ୍ୟାନ୍ସର ରୋଗୀଙ୍କର ଯନ୍ତ୍ରଣାକୁ କମାଇ ହେବ । ସାଧାରଣତଃ କ୍ୟାନ୍ସର ରୋଗୀଙ୍କୁ ବିଭିନ୍ନ ସମୟରେ ପେନ୍‌କିଲର ବ୍ୟବହାର କରିବାକୁ ହୋଇଥାଏ, ଯାହା ତାଙ୍କ ଶରୀର ପାଇଁ ଭଲ ହୋଇନଥାଏ । ତେବେ ବର୍ତ୍ତମାନ ଏଆଇକୁ ବ୍ୟବହାର କରି ପେନ୍‌କିଲରର ବ୍ୟବହାରକୁ କମାଇବା ପାଇଁ ଚେଷ୍ଟା ଆରମ୍ଭ ହୋଇଛି । ଜର୍ଜ ଟାଉନ୍ ୟୁନିଭର୍ସିଟିର କିଛି ଗବେଷକ ଗବେଷଣାରେ ଜାଣିବାକୁ ପାଇଛନ୍ତି କି, ୧୦ ମିନିଟ୍‌ର ଭର୍ଚୁଆଲ ରିଆଲିଟି ସେସନ୍ ଏହି ଯନ୍ତ୍ରଣା କମାଇପାରିବ । ସୂଚନା ଅନୁସାରେ ଯେଉଁମାନେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି ସେମାନଙ୍କ ପାଇଁ ଏହା ବେଶ୍ ଲାଭ ଦାୟକ ହେବ ବୋଲି ଗବେଷକମାନେ ମତ ଦେଇଛନ୍ତି । ଏହି ପରୀକ୍ଷାରେ ସେମାନେ ୧୨୮ ଜଣ କ୍ୟାନ୍ସର ରୋଗୀଙ୍କୁ ଅନ୍ତର୍ଭୁକ୍ତ କରିଥିଲେ । ଯେଉଁମାନେ ଏହି ଏଆଇ ସେସନ୍ ପରେ କିଛି ସମୟ ପାଇଁ ଯନ୍ତ୍ରଣା ମୁକ୍ତ ହୋଇଥିବା ପ୍ରକାଶ କରିଥିଲେ । ସେମାନଙ୍କୁ ୧୦ ମିନିଟ୍‌ର ଟୁଡାଇମେନ୍ସନାଲ ଗାଇଡେଡ୍ ଇମାଜେରି ସେସନ୍ ଦିଆଯାଇଥିଲା । ଏହାକୁ ସେମାନେ ଆଇପାଡ୍, ଟାବଲେଟ୍ ଭଳି ଯନ୍ତ୍ରରେ ନେଇଥିଲେ । ଏହାପରେ ସେମାନେ ନିଜର କମ୍ଫର୍ଟ ଲେଭଲର ରେଟିଂ କରିଥିଲେ, ଯାହା ଖୁବ ଭଲ ଥିଲା । ତେବେ ଆଗକୁ ଏହି ପ୍ରୋସେସ ଚିକିତ୍ସା ବିଜ୍ଞାନରେ ବେଶ୍ ଉପକାରୀ ହେବ ବୋଲି ଜଣା ପଡିଛି ।

# ରୋଷେଇ ରହସ୍ୟ



- ଯଦି ଚାଉଳ ବଢ଼ିଯାଇଛି, ତେବେ ସେଥିରେ ସୁଜି, ଲୁଣ, ଖଟା, ଦହି ଓ ଗରମ ପାଣି ମିଶାଇ ଇଡ୍‌ଲି ତିଆରି କରନ୍ତୁ ।
- ଜଳିଯାଇଥିବା ଚାଉଳରେ ଧଳା ତେଲ, ଧନିଆ, ଜିରା, ଚିନି, ଲାଲ ଲଙ୍କା ପାଉଡ଼ର, ହଳଦୀ ପାଉଡ଼ର, ବେସନ ଓ ଲୁଣ ମିଶାଇ ପକୁଡ଼ି କରନ୍ତୁ ।
- ଯଦି ସିଝା ନୁଡ଼ଲ୍ସ ବଳିଯାଇଛି ତେବେ ସଫା ପାଣିରେ ଧୋଇ ଛାଣି ସେଥିରେ ପରିବା ମିଶାଇ କଟଲେଟ ତିଆରି କରିପାରିବେ ।
- ରାତିର ଡାଲି ବଳିଯାଇଥିଲେ ସେଥିରୁ ପାଣି ବାହାର କରି ସେଥିରେ ଅଟା, ମସଲା, ଲୁଣ ପରଠା କରନ୍ତୁ, ଦେଖିବେ କେତେ ସୁଆଦିଆ ହେଉଛି ।
- ବାସିରୁଟି ଥିଲେ ତାକୁ ନଫିଙ୍ଗି ଗରମ ତେଲରେ ସେକି ଉପରେ ଗରମ ମସଲା ଓ ଦହି ଢ଼ାଳନ୍ତୁ । ଖାଆନ୍ତୁ ଗରମାଗରମ ଜଳଖିଆ ।
- ଯଦି ବହୁତ ମିଠା ବଳିଯାଇଛି ଓ ଖରାପ ହେବାର ଆଶଙ୍କା ରହିଛି, ତେବେ ସବୁକୁ ମିଶାଇ ଦିଅନ୍ତୁ ଓ ଘିଅରେ କିଛି ସମୟ ଭାଜନ୍ତୁ । ତାକୁ ମିଠା ପୁରିରେ ବ୍ୟବହାର କରିପାରିବେ ।
- ମୁଗଡ଼ାଲି ମିଶ୍ରଣରେ ଯଦି ୧ ପୂରାଚାମଚ ଚାଉଳ ଅଟା ମିଶାଇ ଦିଅନ୍ତି, ତେବେ ମୁଗର 'ଚିଲେ କରାରେ' ହୋଇଯିବ ।
- ଦହିକୁ ଗାଢ଼ ରଖି ଜମାଇବା ପାଇଁ କ୍ଷୀରରେ ମକାର କିଛି ଦାନା ପକାଇ ଦିଅନ୍ତୁ ।
- ଆଳୁକୁ ଯଦି କୁର୍‌କୁରେ କରିବାର ଅଛି, ତେବେ ତା ଉପରେ କିଛି ପରିମାଣର ଅଟା ଗୋଳାଇ ଦିଅନ୍ତୁ ଦେଖିବେ କେମିତି ଭଲ ହେବ ।
- ଅଣ୍ଡା ଭୁଜିଆ ବନାଇବା ସମୟରେ ସେଥିରେ କଟା ପାଳଙ୍ଗ ପକାନ୍ତୁ, ତାହା ଅଧିକ ସ୍ୱାଦିଷ୍ଟ ହେବ ।
- ଯଦି ବହୁଦିନ ଧରି ଫ୍ରିଜରେ ଲଡ୍ଡୁ ରଖିଛନ୍ତୁ, ତାହେଲେ ପରଷିବା ପୂର୍ବରୁ ତାକୁ ୧୫-୨୦ ସେକେଣ୍ଡ ପର୍ଯ୍ୟନ୍ତ ମାଇକ୍ରୋୱେଭ୍‌ରେ ରଖି ଦିଅନ୍ତୁ । ଏହାଦ୍ୱାରା କେବଳ ଲଡ୍ଡୁ ନରମ ହେବନାହିଁ, ତାଜା ମଧ୍ୟ ଦେଖାଯିବ ।
- ଦେଶୀ ଘିଅକୁ ଅଧିକ ସମୟ ପର୍ଯ୍ୟନ୍ତ ତାଜା ରଖିବା ପାଇଁ ସେଥିରେ କିଛି ଗୁଡ଼ ଓ ସୈନ୍ଧବ ଲବଣ ରଖନ୍ତୁ ।
- ପୁରି ତିଆରି କରାଯାଉଥିବା ଅଟାରେ କିଛି ଚାଉଳ ଅଟା ମିଶାଇ ଦିଆଯାଏ, ତେବେ ପୁରି ବଢ଼ିଆ ହୋଇଥାଏ ।
- ରସୁଣ, ଅଦା ଓ ଲାଲ ଲଙ୍କାର ପେଷ୍ଟ ଯଦି ବେଶିଦିନ ପର୍ଯ୍ୟନ୍ତ ରଖିବାକୁ ଚାହୁଁଥାନ୍ତି, ତେବେ ତାକୁ ତିଆରି କରିବା ସମୟରେ ସେଥିରେ କିଛି ଲୁଣ ଓ ଅଳ୍ପ ଗରମ ତେଲ ମିଶାଇ ଫ୍ରିଜ୍‌ରେ ରଖନ୍ତୁ ।
- ଯଦି ରାତିରେ ଚଣା ବତୁରାଇବାକୁ ଭୁଲିଯାଇଛନ୍ତି, ତେବେ ଚିନ୍ତା ନାହିଁ । ତାକୁ ୧ଘଣ୍ଟା ପାଣିରେ ଭିଜାଇ ଦିଅନ୍ତୁ ଏବଂ ରାନ୍ଧିବା ସମୟରେ କୁକର୍‌ରେ ଦୁଇଟି ସୁପାରି ପକାଇ ଦିଅନ୍ତୁ । ଦେଖିବେ ତାହା ଖୁବ୍ ଶୀଘ୍ର ସିଝିଯିବ ।
- ମେଥି ପରଟା କରିବା ପାଇଁ ଅଟା ଚକଟିବା ସମୟରେ ସେଥିରେ ୧ କପ୍ ଦହି ଓ ଅଧା କପ୍ ଘିଅ ମିଶାଇ ଗରମ ପାଣି ଛିଟା ଦିଅନ୍ତୁ । ପରଟା ସ୍ୱାଦିଷ୍ଟ ହେବାସହ କୋମଳ ହେବ ।

**ଜୟନ୍ତୀ ପଣ୍ଡା**
**ଫରିଦାବାଦ, ହରିଆନା**



## ବିଜେଡ଼ିରେ ଯୋଗ ଦେଲେ

# ଦଶପଲ୍ଲା ପୌରପାଳିକାର ଅଧ୍ୟକ୍ଷା ଇଂ.ପୁନମ ପ୍ରିୟଦର୍ଶୀନୀ



ଭୁବନେଶ୍ୱର,(ସବ୍ୟୁ): ଦଶପଲ୍ଲା ପୌରପାଳିକାର ଅଧ୍ୟକ୍ଷା ଇଂ ପୁନମ ପ୍ରିୟଦର୍ଶୀନୀ ଶଙ୍ଖଭବନ ଠାରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ ବିଧାୟକ ଅରୁଣ ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ୨୦୨୨ ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ ଇଂ.ପୁନମ ପ୍ରିୟଦର୍ଶୀନୀ । ଦଳରେ ସାମିଲ୍ ହୋଇଥିବା ଇଂ. ପୁନମ ପ୍ରିୟଦର୍ଶୀନୀଙ୍କୁ ଶ୍ରୀସାହୁ, ଶ୍ରୀବେହେରା ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଇଂ ପୁନମ ପ୍ରିୟଦର୍ଶୀନୀଙ୍କ ଯୋଗଦାନ ଫଳରେ ବିଶେଷକରି ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀସାହୁ, ଶ୍ରୀବେହେରା ଓ ଡକ୍ଟର ପାତ୍ର କହିଥିଲେ ।

ଏହି ଅବସରରେ ଇଂ. ପୁନମ ପ୍ରିୟଦର୍ଶୀନୀ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ସ୍ୱାଧୀନ ଭାବେ ଲଢ଼ି ମଧ ବିଜେଡ଼ିକୁକେବେବିରୋଧୀ କରିନାହିଁ । ନବୀନ ବାବୁଙ୍କ ହାତ ମୁଠା ଟାଣ କରିବି । ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ପ୍ରୟାସକରିବି । ଶେଷରେ ବିଜେଡ଼ି ମୁଖପାତ୍ର ଡଃ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟିକଟ ଖଣ୍ଡିଏ ପାଇବାକୁ ସ୍କ୍ରିପ୍ଟ ପଢୁଛନ୍ତି ଦେବାଶିଷ ନାୟକ : ବିଜେଡି

ଭୁବନେଶ୍ୱର,(ସବ୍ୟୁ): ଟିକେଟ ଖଣ୍ଡିଏ ପାଇବା ପାଇଁ ବଡବିକଳ ଅବସ୍ଥାରେ ଥିବା ଦେବାଶିଷ ନାୟକଙ୍କୁ ଯାହା ଲେଖି କି ଦିଆଗଲା, ସେତିକି ଆସି ଗଣମାଧମ ସାମ୍ନାରେ ପଢ଼ି ଦେଇ ଚାଲିଗଲେ । ଯଦି କାଲିତାଙ୍କୁ ଓଡିଶା ବିଜେପି ଟିକେଟ ନଦିଏ ତେବେ ତାଙ୍କୁ ସ୍କ୍ରିପ୍ଟ ଲେଖି ଦେଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗାଳି ଦେବାକୁ ମଧ ସେ ପଛାଇବେ ନାହିଁ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲୁମ୍ବନାଥ ପଣ୍ଡା ।

ଶ୍ରୀ ପଣ୍ଡା ଏଠାରେ ଗଣମାଧମକୁ କହିଛନ୍ତି ଯେ

**ବିଜେପିରୁ ଟିକଟ ନପାଇଲେ ଧର୍ମେନ୍ଦ୍ରଙ୍କୁ ଗାଳି ଦେବାକୁ ପଛାଇବେ ନାହିଁ**

**ସବୁବେଳେ ନିଜ ସ୍ୱାର୍ଥକୁ ଜଗୁଥିବା ଶ୍ରୀ ନାୟକଙ୍କ ସାର୍ଟିଫିକେଟର ଆବଶ୍ୟକତା ନାହିଁ**

ନିଜ ରାଜନୈତିକ କ୍ୟାରିୟରରେ କେବେ ମଧ ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟ କରିନଥିବା ତଥା ନିଜ ସ୍ୱାର୍ଥକୁ ସବୁ ବେଳେ ପ୍ରାଧାନ୍ୟ ଦେଉଥିବା ନାୟକଙ୍କର ସାର୍ଟିଫିକେଟର କୌଣସି ଆବଶ୍ୟକତା ନାହିଁ । ସାଢେ ୪ କୋଟି ଓଡ଼ିଶାବାସୀ ଜାଣିଛନ୍ତି କିଏ କଣ ।

# ବିଜେଡ଼ିରେ ମିଶିଲେ ପିସିସି ସମ୍ପାଦକ ପ୍ରଫୁଲ୍ଲ



ଭୁବନେଶ୍ୱର(ସବ୍ୟୁ): ସୁନ୍ଦରଗଡ ଜିଲ୍ଲା ଅନ୍ତର୍ଗତ ରଘୁନାଥପାଲ୍ଲି ନିର୍ବାଚନ ମଣ୍ଡଳୀର ପିସିସି ସମ୍ପାଦକ ତଥା ୨୦୦୯ ନିର୍ବାଚନରେ ରଘୁନାଥପାଲ୍ଲିର କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସୁନ୍ୟାନି ଆଜି ଶଙ୍ଖ ଧରିଛନ୍ତି ।

ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ମନ୍ତ୍ରୀ ତଥା ସୁନ୍ଦରଗଡ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରୀତିରଂଜନ ଘଡାଇ, ରଘୁନାଥପାଲ୍ଲିର ବିଧାୟକ ସୁବ୍ରତ ତରାଇ, ସୁନ୍ଦରଗଡର ପୂର୍ବତନ ବିଧାୟକ ଯୋଗେଶ ସିଂ ଓ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକଙ୍କ ଉପସ୍ଥିତିରେ ବିଜେଡିରେ ଶ୍ରୀ ସୁନ୍ୟାନି ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ପ୍ରଫୁଲ୍ଲ ସୁନ୍ୟାନିଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ସୁନ୍ଦରଗଡ ଜିଲ୍ଲାରେ ବିଜୁ ଜନତା ଦଳର ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ପ୍ରଫୁଲ୍ଲ ସୁନ୍ୟାନି ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## କଂଗ୍ରେସର ପ୍ରଚାର କମିଟି ଘୋଷଣା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଚାର କମିଟି ଘୋଷଣା କରାଯାଇଛି । ଏହି ପ୍ରଚାର କମିଟିର ଅଧକ୍ଷ ଭକ୍ତ ଚରଣ ଦାସ ହୋଇଥିବା ବେଳେ ଉପାଧକ୍ଷ ଭାବେ ନବଜ୍ୟୋତି ପଟ୍ଟନାୟକ ଓ ସଂଯୋଜକ ଭାବେ ସୁଧାଂଶୁ ଶେଖର ଦେଓକୁ ନିଯୁକ୍ତି ଦିଆଯାଇଛି ।

୨୦୨୪ ଲୋକସଭା ଓ ବିଧାନସଭା ଉଭୟ ନିର୍ବାଚନ ପ୍ରଚାର ପାଇଁ କମିଟି ଘୋଷଣା କରିଛି କଂଗ୍ରେସ । ଏହି ପ୍ରଚାର କମିଟରେ ଶରତ ପଟ୍ଟନାୟକ, ନରସିଂହ ମିଶ୍ର, କେପି ସିଂହଦେଓ, ନିରଞ୍ଜନ ପଟ୍ଟନାୟକ, କାହ୍ନୁ ଚରଣ ଲେଙ୍କା, ଶ୍ରୀକାନ୍ତ ଜେନା, ଗିରିଧର ଗମାଙ୍ଗ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦ୍ରନଙ୍କ ସମେତ ମୋଟ୍ ୫୯ ଜଣ ନାମ ପ୍ରକାଶ କରାଯାଇଛି । ଏହା ସହିତ କଂଗ୍ରେସର ସମସ୍ତ ବିଧାୟକଙ୍କ ସମେତ ପିସିସି ସାମୁଖ୍ୟ ସଂଗଠନର ମୁଖ୍ୟ ଏବଂ ଜିଲ୍ଲାର ସଭାପତିଙ୍କୁ ସାମିଲ କରାଯାଇଛି ।

# ବିଜେଡ଼ିରେ ପୂର୍ବତନ ବଲାଙ୍ଗିର ଜିଲ୍ଲା ବିଜେପି ସଭାପତି ପ୍ରଭାସ ପାଣିଗ୍ରାହୀ



ଭୁବନେଶ୍ୱର, (ସବ୍ୟୁ): ପୂର୍ବତନ ବଲାଙ୍ଗିର ଜିଲ୍ଲା ବିଜେପି ସଭାପତି ପ୍ରଭାସ ପାଣିଗ୍ରାହୀ ବୁଧବାର ଶଙ୍ଖଭବନରେ ଏକ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ବିଜେଡିରେ ଯୋଗଦେଇଛନ୍ତି । ପୂର୍ବତନ ବଲାଙ୍ଗିର ସାଂସଦ ତଥା ବଲାଙ୍ଗିର ବିଧାନସଭା ଆସନର ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ, ରାଜ୍ୟସଭା ସାଂସଦ ଡ.ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ଏହି ମିଶ୍ରଣ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀ ପାଣିଗ୍ରାହୀଙ୍କ ସହିତ ବରିଷ୍ଠ ନେତା ଯଥା ସୁରମ୍ୟ (ବବି) ମିଶ୍ର ଏବଂ ସଂଗଠକ ବିନୋଦ ବିହାରୀ ନାଗ ମଧ୍ୟ ବିଜେଡିରେ ଯୋଗ ଦେଇଛନ୍ତି । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ଶ୍ରୀ ପାଣିଗ୍ରାହୀ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ । ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ପ୍ରକାଶ ଥାଉକି ଶ୍ରୀ ପାଣିଗ୍ରାହୀ ଜଣେ ଛାତ୍ର ନେତା ଭାବେ ପଶ୍ଚିମ ଓଡ଼ିଶାରେ ବେଶ ପରିଚିତ ଥିବା ବେଳେ ଉଚ୍ଚତର ଶିକ୍ଷା ପରେ ଅଧ୍ୟାପକ ଥିଲେ । ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିବାବେଳେ ରାଜେନ୍ଦ୍ର କଲେଜ ଆଲୁମୁନିର ସଭାପତି ଅଛନ୍ତି । ସେହିପରି ସୁରମ୍ୟ (ବବି ) ମିଶ୍ର ବଲାଙ୍ଗିର ସାଂସଦଙ୍କ ପ୍ରତିନିଧି ଥିବା ସହ ବିଭିନ୍ନ ସଂଗଠନ ସହ ସାମିଲ ଅଛନ୍ତି । ବିନୋଦ ନାଗ (ନାଗା) ପୂର୍ବରୁ କାଉନସିଲର ଭାବେ ନିର୍ବାଚନ ଲଢ଼ିଥିବା ବେଳେ ସାଂଗଠନିକ କାର୍ଯ୍ୟରେ ପ୍ରମୁଖ ଭୂମିକା ନେଇଥାନ୍ତି । ଏହି ତିନି ବ୍ୟକ୍ତିଙ୍କ ଯୋଗଦାନରେ ବିଜେଡ଼ି ଜିଲ୍ଲାରେ ସୁଦୃଢ଼ ହେବ ବୋଲି ବିଧାୟକ ପ୍ରାର୍ଥି ଶ୍ରୀ ସଂହଦେଓ କହିଛନ୍ତି । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସିପିଆଇ ପୁରୀ ଜିଲ୍ଲାର ୪ଟି ଆସନ ପାଇଁ ଦେବ ପ୍ରାର୍ଥୀ

ନିମାପଡା,(ସବ୍ୟୁ): ପୁରୀ ଜିଲ୍ଲାର ୪ଟି ଆସନ ପାଇଁ ସିପିଆଇ ବିଧାୟକପ୍ରାର୍ଥୀ ଦେବ ବୋଲି ବୁଧବାର ଦଳର ପୁରୀ ଜିଲ୍ଲା କାର୍ଯ୍ୟକାରୀ କମିଟୀ ବୈଠକରେନିଷ୍ପତି ନିଆଯାଇଛି । ଏହି ୪ଟି ଆସନ ହେଉଛି ପୁରୀ,ନିମାପଡା,କାକଟପୁରଓ ବ୍ରହ୍ମଗିରି । ନିମାପଡା ଆସନ ପାଇଁ ଦଳର ବିଧାୟକ ପ୍ରାର୍ଥୀ ଭାବେ ମନୋରଞ୍ଜନପରିଡାଙ୍କ ନାମକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇ ସୁପାରିଶ ପାଇଁ ରାଜ୍ୟକମିଟୀକୁ ପଠାଯାଇଥିବା ଜଣାପଡିଛି । ନିମାପଡା ବ୍ଲକଚାରିଛକ ଠାରେ ଥିବା ଜ୍ୟୋତି ହୋଟେଲ ସଭାଗୃହରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟୀ ପୁରୀଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ।ରାଜ୍ୟ ସଭାପତି ସନାତନ ପାତ୍ରଙ୍କ ସଭାପତିତ୍ୱରେ ଅୟୋଜିତ ବୈଠକରେ ରାଜ୍ୟପରିଷଦ ସଭ୍ୟ ଦେବେନ୍ଦ୍ରନାଥ ସାହୁ,ରାଜ୍ୟ ପରିଷଦ ସଭ୍ୟ ପ୍ରଦୀପ୍ତ ମହାନ୍ତି,ପୁରୀଜିଲ୍ଲା କୃଷକସଭାର ସଭାପତି ମନୋରଞ୍ଜନ ପରିଡା ପ୍ରମୁଖ ଯୋଗଦେଇଥିଲେ ।

# ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା



ଠାକୁରଗଡ଼/ବଇଣ୍ଡା, (ସବ୍ୟୁ): ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀରେ ହେବ ହାଇଭୋଲଟେଜ୍ ପ୍ରଚାର । ଯାହାର ଆଭାସ ମିଳି ସାରିଲାଣି । ଏଠାରେ ବିଜେପିରୁ ହେଭିୱେଟ୍ ନେତା ଧର୍ମେନ୍ଦ୍ର ପ୍ରଧାନ ଓ ବିଜେଡି କ୍ଷମତା କେନ୍ଦ୍ରର ପ୍ରଭାବଶାଳୀ ନେତା ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା ବିକାଶ କରିଛନ୍ତି ଆଜି ତାହା ପ୍ରତ୍ୟେକ ଗ୍ରାମବାସୀଙ୍କ ମୁହଁରୁ ଶୁଣିବାକୁ ପଡୁଛ। ବିରୋଧିମାନେ ବଡ ବଡ କଥା କହିବା ସହ ସମାଲୋଚନା କରୁଛନ୍ତି । ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାହା ନକରି ଲୋକେ କିଭଳି ସବୁ ସୁବିଧା ପାଇବେ ସେନେଇ ଯୋଜନା ପରେ ଯୋଜନା କାର୍ଯକାରୀ କରନ୍ତି । ପ୍ରତ୍ୟେକ ଗ୍ରାମର ବିକାଶ ହେଲେ ରାଜ୍ୟର ବିକାଶ ହେବ ନାରା ଦେଇ କାମ କରୁଛନ୍ତି । ହେଲେ କେନ୍ଦ୍ର ସରକାର ୫୫ନମ୍ବର ଜାତୀୟ ରାଜପଥ କାମକୁ ଦୀର୍ଘ ୬ବର୍ଷ ହେଲା କରୁଛନ୍ତି ଯେ କରୁଛନ୍ତି ଯାହା ସମାପ୍ତ ହେବାର ନାଁ ଧରୁନି । ଫଳରେ ଅନେକ ଜୀବନ ଗଲାଣି । ଏହି ଜିଲ୍ଲାରୁ କେନ୍ଦ୍ର ସରକାରରେ ମନ୍ତ୍ରୀ ଥିଲେ ମଧ କାମ କରିପାରୁନାହାନ୍ତି। ଓଡ଼ିଶାରେ ପୁଣି ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ବୁଧବାର ଦିନ କିଶୋରନଗର ବ୍ଲକ ବଇଣ୍ଡା ଠାରେ ବିଜେଡ଼ି ସଂଗଠନ ସମ୍ପାଦକ ତଥା ସମ୍ବଲପୁର ଏମପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ (ବବି ) କର୍ମୀ ମାନଙ୍କୁ କହିଛନ୍ତି । ତାଙ୍କୁ ବିଜେଡ଼ି ପକ୍ଷରୁ ବଇଣ୍ଡା ଠାରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ବିଜେଡ଼ି ବିଧାୟକ ପ୍ରାର୍ଥୀ ନଳିନୀ କାନ୍ତ ପ୍ରଧାନ, ଅନୁଗୋଳ ଜିଲ୍ଲା ବିଜେଡ଼ି ସହ ପର୍ଯବେକ୍ଷକ କୁନୁ ବିହାରୀ ଦାସ, ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ପର୍ଯବେକ୍ଷକ ଚିନ୍ମୟ ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, କିଶୋରନଗର ବ୍ଲକ ଅଧକ୍ଷ୍ୟା ଶୈରେନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁ ପ୍ରିୟା ପ୍ରଧାନ, ଅନୁପମା ସାହୁ, ସରପଞ୍ଚ ଦୀପ୍ତିମୟୀ ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ସୁନିଲ କୁମାର ପ୍ରଧାନ, ବିଜେଡ଼ି ନେତା ସନ୍ତୋଷ କୁମାର ପ୍ରଧାନ, ମାନସ ସାହୁ, ତପନ ସାହୁ, ସୁନିଲ ବିଶ୍ୱାଳ, ଜିତେନ୍ଦ୍ର ବେହେରାଙ୍କ ସମେତ ବହୁ ବିଜେଡ଼ି ନେତା ମାନେ ଯୋଗ ଦେଇଥିଲେ ।

# ସିଇଓଙ୍କ ନିକଟରେ ବିଜେଡିର ଫେରାଦ
# ସରକାରୀ ଅଫିସରଙ୍କୁ ଧମକାଉଛନ୍ତି ପ୍ରଦୀପ ପାଣିଗ୍ରାହୀ




ଭୁବନେଶ୍ୱର, ୧୦।୪ (ସବ୍ୟୁ) : ବ୍ରହ୍ମପୁର ଲୋକସଭା ଆସନର ବିଜେପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ନିର୍ବାଚନ କମିଶନଙ୍କ ନାଁ ନେଇ ଅଫିସରଙ୍କୁ ଧମକ ଦେଉଛନ୍ତି ବୋଲି ବିଜେଡି ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି । ଅଭିଯୋଗ ଅନୁଯାୟୀ ନିର୍ବାଚନରେ ନିୟୋଜିତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଦୀପ ଧମକ ଦେଉଛନ୍ତି । କଥା ନମାନିଲେ ତାଙ୍କୁ ବଦଳି କରିବା ପାଇଁ ବ୍ରହ୍ମପୁରର ସରକାରୀ କର୍ମଚାରୀଙ୍କୁ ସେ ଧମକ ଦେଉଛନ୍ତି ନେଇ ବିଜେଡି ପକ୍ଷରୁ ଦର୍ଶାଯାଇଛି ।

ବିଜେଡି ପକ୍ଷରୁ ଦିଆଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ପ୍ରଦୀପ ପାଣିଗ୍ରାହୀ ନିର୍ବାଚନ କମିଶନଙ୍କ ନାମର ଅପବ୍ୟବହାର କରୁଛନ୍ତି । ସେ ନିରୀହ ସରକାରୀ କର୍ମଚାରୀଙ୍କୁ ଧମକ ଦେଉଛନ୍ତି ଓ କହୁଛନ୍ତି ଯେ ତାଙ୍କର ପ୍ରଚେଷ୍ଟା ଯୋଗୁ ନିର୍ବାଚନ କମିଶନ ବରିଷ୍ଠ ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କୁ ବଦଳି କରିଛନ୍ତି । ଯଦି କର୍ମଚାରୀମାନେ ବିଜେପିକୁ ସମର୍ଥନ ନକରନ୍ତି ତେବେ ସେମାନେ ସମାନ ଦଶା ଭୋଗିବେ । ଏହାକୁ ନେଇ ଆମେ ଗଭୀର ଆପତ୍ତି ଜଣାଉଛୁ ବୋଲି ବିଜେଡି କହିବା ସହ ଶ୍ରୀ ପାଣିଗ୍ରାହୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି । ସେମାନେ ଦର୍ଶାଇଛନ୍ତି ଯେ ପ୍ରଦୀପ ପାଣିଗ୍ରାହୀ ତହସିଲଦାର, ବିଡିଓ ଓ ଅନ୍ୟ ଅଧିକାରୀଙ୍କୁ ଧମକ ଦେଉଛନ୍ତି । ସେମାନେ ବିଜେପିକୁ ସମର୍ଥନ କରିବାକୁ ବାଧ କରୁଛନ୍ତି । ଏଭଳି ଆଚରଣ ବେଆଇନ୍ ଓ ନିର୍ବାଚନ ଆଚରଣ ବିରୋଧୀ । ମୁକ୍ତ ଓ ଅବାଧ ନିର୍ବାଚନର ସଜ୍ଞାକୁ ଏହା ଉଲ୍ଲଂଘନ କରୁଛି । ଶ୍ରୀ ପାଣିଗ୍ରାହୀଙ୍କର ଅପରାଧିକ ଇତିହାସ ରହିଛି । ଗୋପାଳପୁରର ନିରୀହ ଲୋକଙ୍କୁ ଠକିଥିବା ଅଭିଯୋଗରେ ସେ ଜେଲ୍ ଯାଇଛନ୍ତି । ଏବେ ସେ ଅଧିକାରୀମାନଙ୍କୁ ଧମକ ଦେଉଛନ୍ତି । ଆମେ ନିର୍ବାଚନ କମିଶନଙ୍କୁ ଅନୁରୋଧ କରୁଛୁ ଯେ ଏହାର ତଦନ୍ତ କରାଯାଉ ଓ ଶ୍ରୀ ପାଣିଗ୍ରାହୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହି ପ୍ରତିନିଧି ଦଳରେ ସାଂସଦ ସୁଲତା ଦେଓ, ସସ୍ମିତ୍ ପାତ୍ର, ଇପ୍ସିତା ସାହୁ, ଲୁମ୍ବନାଥ ପଣ୍ଡା, ମିହିର ରାୟ, ପ୍ରିୟବ୍ରତ ମାଝୀ ପ୍ରମୁଖ ସାମିଲ ହୋଇଥିଲେ ।

## The Odisha Gazette

D-5

**EXTRA ORDINARY**
**PUBLISHED BY AUTHORITY**

**No. 751, CUTTACK, SATURDAY, MARCH 30, 2024/CHAITRA 10, 1946**

**HOME (ELECTIONS) DEPARTMENT**

**DIRECTION**

**The 30th March, 2024**

NO.4097-EC-CON-EVM-0002/2023 /Elec— The following direction issued by Election Commission of India, New Delhi is hereby republished in the Extraordinary issue of *Odisha Gazette* for general information.

**NIKUNJA BIHARI DHAL**
**Chief Electoral Officer, Odisha**

**ELECTION COMMISSION OF INDIA**
**Nirvachan Sadan, Ashoka Road, New Delhi-110001**

**No.576/3/EVM/2024/SDR-Vol.-I**

**Dated: 20th March, 2024**
**Phalguna 30, 1945**

**DIRECTION**

No.576/3/EVM/2024/SDR-Vol.-I:- Whereas, Section 61A of the Representation of the People Act, 1951, provides that the giving and recording of votes by voting machines in such manner as may be prescribed, may be adopted in such constituency or constituencies as the Election Commission of India may, having regard to the circumstances of each case, specify ;

2. Whereas, as per the proviso to Rule 49A of the Conduct of Elections Rules, 1961, a printer with a drop box of such design, as may be approved by the Election Commission of India, may also be attached to voting machine for printing a paper trail of the vote, in such constituency or constituencies or parts thereof as the Election Commission of India may direct ;

3. Whereas, the Election Commission has considered the circumstances **in all the Parliamentary Constituencies of Lok Sabha, all the Assembly Constituencies of Andhra Pradesh, Arunachal Pradesh, Odisha & Sikkim at the current general elections, 2024 and in 26 Assembly Constituencies (as per Annexure-1) in 13 States at the current bye-elections, announced vide the Election Commission's Press Notes No. ECI/PN/23/2024 & ECI/PN/24/2024 both dated 16th, March 2024,** and is satisfied that sufficient number of Electronic Voting Machines (EVMs) and Printers for printing Paper Trail [Voter Verifiable Paper Audit Trail(VVPAT)] are available for taking the poll in all the Parliamentary Constituencies and all the Assembly Constituencies of Andhra Pradesh, Arunachal Pradesh, Odisha and Sikkim and in 26 Assembly Constituencies (as per Annexure-1) of 13 States. The polling personnel are well trained in efficient handling of EVMs and VVPAT Printers' and the electors are also fully conversant with the operation of the EVMs and the WPAT Printers;

4. Now, therefore, the Election Commission of India, in exercise of its powers under the said Section 61A of the Representation of the People Act, 1951, and Rule 49A of the Conduct of Elections Rules, 1961, hereby **specifies all the Parliamentary Constituencies of the Lok Sabha, all the Assembly Constituencies of the legislative assemblies of Andhra Pradesh, Arunachal Pradesh, Odisha & Sikkim at the current General Elections, 2024 and 26 Assembly Constituencies (as per Annexure-1) in 13 states at the current bye-election, as per the schedule announced by the Election Commission on 16th March, 2024,** as the constituencies in which the votes, shall be given and recorded by means of EVMs and VVPAT printers in the manner prescribed, under the Conduct of Elections Rules, 1961, and the supplementary instructions issued by the Election Commission from time to time on the subject.

5. The Election Commission also hereby approves the design of EVMs and VVPAT Printers as developed by the Bharat Electronics Ltd., Bangalore and Electronics Corporation of India Ltd., Hyderabad, which shall be attached to the said machines, to be used for the giving and recording of votes in all the Constituencies.

**By Order,**
**(S.B.JOSHI)**
**PRINCIPAL SECRETARY**

**Annexure-1**

| S. No. | Name of State | Assembly Constituency No. & Name |
|---|---|---|
| 1. | Bihar | 195-Agiaon(SC) |
| 2. | Gujarat | 26 - Vijapur |
| 3. | | 108-Khambhat |
| 4. | | 136 - Vaghodia |
| 5. | | 85 - Manavadar |
| 6. | | 83 - Porbandar |
| 7. | Haryana | 21-Karnal |
| 8. | Jharkhand | 31- Gandey |
| 9. | Maharashtra | 30 - Akola West |
| 10. | Tripura | 7- Ramnagar |
| 11. | Uttar Pradesh | 136-Dadraul |
| 12. | | 173 - Lucknow East |
| 13. | | 292 - Gainsari |
| 14. | | 403 - Duddhi (ST) |
| 15. | West Bengal | 62-Bhagawangola |
| 16. | | 113- Baranagar |
| 17. | Telangana | 71-Secunderabad Cantt.(SC) |
| 18. | Himachal Pradesh | 18 - Dharamshala |
| 19. | | 21 - Lahaul&Spiti (ST) |
| 20. | | 37 - Sujanpur |
| 21. | | 39 - Barsar |
| 22. | | 42 - Gagret |
| 23. | | 45 - Kutlehar |
| 24. | Rajasthan | 165- Bagidora (ST) |
| 25. | Karnataka | 36 - Shorapur (ST) |
| 26. | Tamil Nadu | 233 - Vilavancode |

OIPR : 12113/11/0001/2425

# ଚୌଦ୍ୱାର କଟକ ବିଧାନସଭା ନିର୍ବାଚନ
# ବିଜେଡି ବିଜେପି କର୍ମୀଙ୍କ ଉତ୍ସାହ ଗଗନ ଛୁଆଁ,ମନଉଣାରେ କଂଗ୍ରେସ

**କଟକ,( ପ୍ରଫୁଲ୍ଲ ମହାନ୍ତି):** ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ବିଜେପି ଦଳ ନିଜ ନିଜର ଦଳୀୟ ପ୍ରାର୍ଥୀ ଘୋଷଣା କରି ସାରି ପ୍ରଚାର ମୈଦାନ କୁ ଇତି ମଧ୍ୟରେ ଓହ୍ଲାଇ ସାରିଲେଣି । ବିଜୁ ଜନତା ଦଳରୁ ରାଜନିତୀର ଧୁରନ୍ଧର ବ୍ୟକ୍ତିତ୍ୱ ପ୍ରଭାତ ରଞ୍ଜନ ବିଶ୍ୱାଳ ତାଙ୍କର ସୁପୁତ୍ର ବିଧାୟକ ସୌଭିକ ବିଶ୍ୱାଳଙ୍କୁ ପୁନର୍ବାର ନିର୍ବାଚନ ମୈଦାନକୁ ଛାଡିଛନ୍ତି ।ରାଜନୀତିର ଗୋଟି ଚାଳନାରେ ପୋଖତ ଖେଳାଳୀ ପ୍ରଭାତ ବାବୁ ଦୁଇଦିନ ତଳେ ଲୋକସଭା ପ୍ରାର୍ଥୀ ହୋଇଥିବା ନିଜ ଦଳର ଡଃ ସନ୍ତୃପ୍ତ ମିଶ୍ରଙ୍କ ଏକ ସଭା କଟକ ସହରସ୍ଥ ପୋତାପୋଖରୀ ଠାରେ ଆୟୋଜନ କରି ପ୍ରଚାର କାର୍ଯ୍ୟର ଅଙ୍କୁରୋଦ୍ଗମ କରିଛନ୍ତି ।ଖାନ ନଗର କାଳୀମନ୍ଦିର ଠାରୁ ସଂନ୍ତୃପ୍ତ ମିଶ୍ର ଓ ତାଙ୍କ ପୁଅ ସୌଭିକ ଏକ ମଟର ସାଇକେଲ ରାଲିରେ ବାହାରି ରାଣୀହାଟ ଓଏମପି ଛକ ଦେଇ ପୋତାପୋଖରୀ ପଡିଆରେ ପହଞ୍ଚିଥିଲା । ଦଳ ଭିତରେ କେତେକ ଅସନ୍ତୋଷ ରହିଥିଲେ ବି ଏହାକୁ କୌଶଳ କ୍ରମେ ସମାଧାନ କରିବାରେ ସିଦ୍ଧହସ୍ତ ହେଉଛନ୍ତି ପ୍ରଭାତ ବାବୁ । ତାଙ୍କ ପୁଅଙ୍କ ବିରୋଧରେ ସେପରି କୌଣସି ଅଭିଯୋଗ ନ ଥିଲେ ବି ପ୍ରଭାତ ବାବୁଙ୍କ ନାମରେ ଚିଟଫଣ୍ଡର କଳଙ୍କ ଏବେ ବି ଅଦାଲତର ଫାଇଲରେ ବିଚାର ଅପେକ୍ଷାରେ । ସେହିପରି ବାପା ପ୍ରଭାତ ବିଶ୍ୱାଳ ଓ ପୁଅ ସୌଭିକଙ୍କ ଠାରୁ ତିନିଥର ହାରି ପୁଣି ବିଜେପି ଟିକେଟ ହାତେଇଛନ୍ତି ନୟନ ମହାନ୍ତି ।ରାଜ୍ୟ ନେତୃତ୍ୱ ନୟନ ବାବୁ ହାରୁଥିବା ଜାଣି ମଧ୍ୟ ପୁନର୍ବାର ତାଙ୍କ ଉପରେ ରଖିଛନ୍ତି ଭରସା । ସେ ଟିକଟ ପାଇବାପରେ ଆଶାୟୀ ଥିବା ଅନେକ ପ୍ରାର୍ଥୀ ତାଙ୍କୁ ଖୋଲା ବିରୋଧ କରି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଭିନ୍ନ ନାରାମାନ ଦେଇଛନ୍ତି । ଏ ସବୁକୁ ଖାତର ନକରି ନୟନ ବାବୁ ଦଳୀୟ କର୍ମୀ ମାନଙ୍କୁ ଏକତ୍ର କରି ତାଙ୍କର ପ୍ରଚାର କାର୍ଯ୍ୟକୁ ଆଗେଇ ନଉଛନ୍ତି । ସେ ବର୍ତ୍ତମାନ କର୍ମୀ ମାନଙ୍କୁ ଧରି ଘରକୁ ଘର ବୁଲି ପ୍ରଚାର ଚଲାଇଛନ୍ତି । ନରେନ୍ଦ୍ର ମୋଦିଙ୍କ ବିକଶିର ଭାରତ ନାରାକୁ ଘରେ ଘରେ ପହଞ୍ଚାଇବାକୁ ନୟନ ଅଣ୍ଟା ଭିଡିଥିଲା ବେଳେ ପ୍ରଭାତଙ୍କ କାଉଣ୍ଟର ନବୀନ ପଟ୍ଟନାୟକଙ୍କ ବିକଶିତ ଓଡିଶା କର୍ମୀଙ୍କ ମଧ୍ୟରେ ଜୋଶ ଭରିଦେଇଛି । ଗୋଟିଏ ପଟେ ସବୁଜ ପତାକାରେ ଶଙ୍ଖ ଚିହ୍ନ ଧରି ବିଜେଡି କର୍ମୀ ମାନେ ଉତ୍ସାହର ସହ ପ୍ରଚାର କରୁଥିବା ବେଳେ ଅନ୍ୟପଟେ ବିଜେପି କର୍ମୀ ଗେରୁଆ ପତାକା ଧରି ମୈଦାନରେ ପଇଁତରା ମାରୁଛନ୍ତି । ତେବେ ଏକଦା ଦୁଇ ଦଶନ୍ଧି ତଳେ ରାଜ କରୁଥିବା କଂଗ୍ରେସ ଦଳ ଏ ପର୍ଯ୍ୟନ୍ତ ଏହି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଘୋଷଣା କରିପାରିନାହିଁ । ଏକରେ ତ ଦଳ ଓଡିଶାରେ ଏକ ପ୍ରକାର ସତ୍ତା ଫେରି ପାଇବାକୁ କସରତ କରୁଛି ସେପଟେ ପ୍ରାର୍ଥୀ ଘୋଷଣାରେ ବିଳମ୍ବତା କର୍ମୀ ମାନଙ୍କ ମନକୁ ଉଣା କରି ଦେଇଛି । ତେଣୁ କଂଗ୍ରେସିଆ ମନ ମାରିଦେଇ ବସିଥିବା ଚର୍ଚ୍ଚା ହେଉଛି ।

## ବିଜେଡିର ଯୋଗଦେଲେ ଅନ୍ୟ ଦଳର କର୍ମୀ

ମୋରଡା,(ସବ୍ୟୁ) :ମୋରଡା ନିର୍ବାଚନ ମଣ୍ଡଳୀ ମୋରଡା ଜଗନ୍ନାଥ ମନ୍ଦିର ପଡିଆରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି । ବିଧାୟକ ରାଜକିଶୋର ଦାସ, ପ୍ରୀତିନନ୍ଦା କାନୁନଗୋ, ସୁଦାମ ମାରାଣ୍ଡି ପ୍ରଥମେ ମହାପ୍ରଭୁ ଜଗନ୍ନାଥ ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ସେଠାରୁ କର୍ମୀମାନେ ତାଙ୍କୁ ସଭା ସ୍ଥଳକୁ ପାଛୋଟି ନେଇଥିଲେ । ବାରିପଦା ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥି ଗଣକୁ ସରପଞ୍ଚ ସଙ୍ଘ,ଜିଲ୍ଲା ପରିଷଦ ସଭ୍ୟ ସମିତି ସଭ୍ୟଙ୍କ, ବିଜୁ ଛାତ୍ର ଜନତା ଦଳ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ ସଭାରେ ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କ ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ କୁହି ପଞ୍ଚାୟତ ଚଢେଇ ଗାଁ ପଂଚାୟତ, ଗଡିଆ ପଞ୍ଚଇଜାୟତ ର କଂଗ୍ରେସ, ବିଜେପି ଦଳର ବହୁ କର୍ମୀ ବିଜେଡି ଦଳରେ ଯୋଗ ଦେଇଥିଲେ ।



ଅଶୋକାଷ୍ଟମୀ ଉପଲକ୍ଷେ ଭୁବନେଶ୍ୱରରେ ନିର୍ମାଣ ଚାଲିଛି ରୁକୁଣା ରଥ

## ବ୍ରହ୍ମପୁର ସମ୍ ହସ୍ପିଟାଲରେ ସଂକ୍ରମଣ ପ୍ରତିହତ କରିବା ଉପରେ ଅଲୋଚନାଚକ୍ର




ବ୍ରହ୍ମପୁର,(ସବ୍ୟୁ): ହସ୍ପିଟାଲରେ ସଂକ୍ରମଣ ନିବାରଣ ନିମନ୍ତେ ବିଭିନ୍ନ ଆବଶ୍ୟକୀୟ ପଦକ୍ଷେପ ଉପରେ ଏଠାରେ ସିତଳାପଲ୍ଲୀ ସ୍ଥିତ ସମ୍ ହସ୍ପିଟାଲରେ ନିକଟରେ ଏକ କଂଟିନ୍ୟୁୟିଂ ମେଡିକାଲ୍ ଏଜୁକେସନ୍ (ସିଏମ୍ଇ) ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ହସ୍ପିଟାଲ୍ ପରିବେଶରେ ହାତ ପରିଷ୍କାର ରଖିବା, ନିଜର ସୁରକ୍ଷା ଉପକରଣର ବ୍ୟବହାର, ବାୟୋମେଡିକାଲ୍ ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣରୁ ପୃଥକ ରହିବା ଓ ବ୍ୟବହୃତ ହେଉଥିବା ଉପକରଣ ଗୁଡ଼ିକୁ ଜୀବାଣୁ ରହିତ କରିବା ଆଦି ପଦକ୍ଷେପ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଅତ୍ୟନ୍ତ ଆବଶ୍ୟକୀୟ ଅଟେ । ଏହି ଆଲୋଚନାଚକ୍ରରେ ପୁଡୁଚେରୀ ସ୍ଥିତ ଜବାହର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ୍ ଏଜୁକେସନ୍‌ର କ୍ଲିନିକାଲ୍ ମାଇକ୍ରୋବାୟୋଲଜିଷ୍ଟ ଡ଼.ଅପୂର୍ବ ଏସ୍. ଶାସ୍ତ୍ରୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ।

ଏହି କାର୍ଯ୍ୟକ୍ରମକୁ ହସ୍ପିଟାଲ୍‌ର ଡାଇରେକ୍ଟର ଶ୍ରୀ ଦେବ ପ୍ରସାଦ ଦାଶ ଆୟୋଜନ କରିଥିବା ବେଳେ ଏହାର ମେଡିକାଲ୍ ସୁପରିଟେଣ୍ଡେଂଟ ଡ଼. ଆନନ୍ଦ ଶାସ୍ତ୍ରୀ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତାଙ୍କୁ ଡ. ଇ. ସଞ୍ଜୀବ ରାଓ ସମ୍ବର୍ଦ୍ଧିତ କରିଥିଲେ ଏବଂ ଡ. ମନୋଜ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ପ୍ରଚାର ସମିତି ପକ୍ଷରୁ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମ ଜୁନ୍ ୧ରୁ

ଭୁବନେଶ୍ୱର,(ସବ୍ୟୁ): ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ପ୍ରଚାର ସମିତି ଭୁବନେଶ୍ର ପକ୍ଷରୁ ଦିବ୍ୟଧାମ ହରିଦ୍ୱାରର ଶ୍ରୀମଙ୍ଗଳ ଆଶ୍ରମ ଠାରେ ଜୁନ୍ ୧ ତାରିଖଠାରୁ ୫ ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହା ସହିତ ସହିଦନଗର ମା ଖଣ୍ଡୁଆଳି ମନ୍ଦିରରେ ଚଳିତ ମାସ ୧୨ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ମଧ୍ୟ ଆୟୋଜିତ ହେବ । ଦିବ୍ୟଆତ୍ମନ ! ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତାଙ୍କ ପ୍ରଚାର ଓ ପ୍ରସାର ନିମନ୍ତେ ଦିବ୍ୟଧାମ ହରିଦ୍ୱାର ଠାରେ ଅବସ୍ଥିତ ଶ୍ରୀ ମଙ୍ଗଳ ଆଶ୍ରମ ପବନ ଧାମ ଛକ(ସ୍ୱାମୀ ନାରାୟଣ ଆଶ୍ରମ ପାଖ) ଠାରେ ଅନୁଷ୍ଠିତ କରାଯିବ । ଏଥିପାଇଁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଅଧକ୍ଷ ମହନ୍ତ ରାମକୃଷ୍ଣ ଦାସ ମହାରାଜ ହରିଦ୍ୱାର ଯାତ୍ରା ବିଷୟରେ ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀ ରେ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ଉପ ସଭାପତି ବୈକୁଣ୍ଠ ମହା ପାତ୍ର ସଂଗଠନ ସମ୍ପାଦକ ଡ଼ ନାରାୟଣ ମହାପାତ୍ର ଉପସ୍ଥିତ ରହି ସମସ୍ତଙ୍କୁ ଏହି ହରିଦ୍ୱାର ଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇ ସହଯୋଗ କରିବାକୁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ପୁରୀ ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ ଓ ବ୍ରହ୍ମଚାରି ସତ୍ୟାନନ୍ଦ ଦାସ ଧାରାବାହିକ ପ୍ରବକ୍ତା ରୁପେ ଯୋଗଦାନ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି । ୯୪୩୮୭୩୧୬୩୯ ଗୌରାଙ୍ଗ ଚରଣ ନାୟକ ୯୪୩୭୬୩୫୧୭୭ କରିବାକୁ ବିନମ୍ର ଅନୁରୋଧ କରାଯାଇଛି ।

## ଇଣ୍ଡିଆନ୍ ବ୍ୟାଙ୍କ ସମ୍ବଲପୁର ମଣ୍ଡଳ ତରଫରୁ ବିସି ପ୍ରଶିକ୍ଷଣ



ସମ୍ବଲପୁର,(ସବ୍ୟୁ): ଇଣ୍ଡିଆନ୍ ବ୍ୟାଙ୍କ ଏବଂ ଡବ୍ଲୁଡବ୍ଲୁବି ( ୱାର୍ଲଡ ଓମେନ ବ୍ୟାଙ୍କିଙ୍ଗ୍ )ର ମିଳିତ ପ୍ରୟାସରେ ଚଳିତ ମାସ ୧୦ ତାରିଖରେ ସ୍ଥାନୀୟ ହୋଟେଲ ଅପ୍‌ସରାଠାରେ ବିସି ମାନଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା (ପିଏମ୍‌ଏସ୍ ବିୱାଇ, ପିଏମ୍‌ଜେଜେବିୱାଇ, ଏପିୱାଇ ଏବଂ ପିଏମ୍‌ଜେଡିୱାଇ) ଉପରେ ପ୍ରଶିକ୍ଷଣ ଦିଆଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଣ୍ଡଳ ପ୍ରବନ୍ଧକ ସଞ୍ଜିତ୍ କୁମାର, ଏଫ୍‌ଆଇ ମୁଖ୍ୟ ପ୍ରବନ୍ଧକ ସୁକଦେବ ସା, ଏଫ୍‌ଆଇ ପ୍ରବନ୍ଧକ ସୁବ୍ରତ କୁମାର ସାହୁ ଏବଂ ପ୍ରଶିକ୍ଷକ ରମେଶ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ ସିଆଇଜିଏସ୍, ଇଗ୍ରା, ଭିଜନ ଇଣ୍ଡିଆ ଇତ୍ୟାଦି ସଂସ୍ଥା ଗୁଡିକର ରାଜ୍ୟ ସଂଯୋଜକ, ସୁପରଭାଇଜର ଏବଂ ବିସି ମାନେ ଉପସ୍ଥିତ ଥିଲେ । ପ୍ରଶିକ୍ଷଣ ପରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ କୃତକାର୍ଯ୍ୟ ହାସଲ କରିଥିବା ବିସିମାନଙ୍କୁ ମଣ୍ଡଳ ପ୍ରବନ୍ଧକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ମାହାଙ୍ଗା ରାଜନୀତିରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଜୟନ୍ତ ଦାସଙ୍କୁ ନେଇ ଚର୍ଚ୍ଚା

ମାହାଙ୍ଗା (ସବ୍ୟୁ): ମାହାଙ୍ଗା ରାଜନୀତି ଏବେ ମାହାଙ୍ଗାବାସୀଙ୍କୁ ଅଣନିଶ୍ୱାସୀ କରୁଥିଲା ବେଳେ ଦୀର୍ଘ ଦିନର ନିରବତା ପରେ ଜୟନ୍ତ ଦାସଙ୍କ ଉପସ୍ଥିତି ଓ ତାଙ୍କ ପ୍ରତି ଜନସମର୍ଥନ ଦିନକୁ ଦିନ ବଢିବାକୁ ନେଇ ଏବେ ଭୋଟରଙ୍କ ମହଲରେ ଚର୍ଚ୍ଚା ହେଉଛି । ଆଗାମୀ ବିଧାନସଭା ନିର୍ବାଚନରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନପ୍ରାର୍ଥୀ ଭାବରେ ଜୟନ୍ତ ଦାସ ପ୍ରତିଦ୍ୱନ୍ଦିତା କରିବେ ବୋଲି ଏବେଠୁଁ ଆଲୋଚନା ଆରମ୍ଭ ହେଲାଣି । ସମାଜସେବୀଙ୍କଠାରୁ ଆରମ୍ଭ କରି ସାଂସ୍କୃତିକ, ସାମାଜିକ, ଧାର୍ମିକ ଏବଂ ବିଭିନ୍ନ ସାହିତ୍ୟ ଅନୁଷ୍ଠାନର କାର୍ଯ୍ୟକ୍ରମରେ ଜୟନ୍ତ କୁମାର ଦାସ ୨୦୦୦ ମସିହାଠାରୁ ଆଜିପର୍ଯ୍ୟନ୍ତ ମାହାଙ୍ଗା ଅଂଚଳର ସହିତ ଜଡିତ ଅଛନ୍ତି । ଜୟନ୍ତଙ୍କ ଜନସଂପର୍କ ଯାତ୍ରା ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଏକ ପ୍ରକାର ସଂପର୍କର ସେତୁ ସୃଷ୍ଟି କରିବାରେ ସକ୍ଷମ ହୋଇଛି । ବର୍ତ୍ତମାନ ସେ ଉତ୍କଳଗାନ୍ଧୀ ସ୍ମାରକ ନିଧିର ରାଜ୍ୟ ସଂପାଦକ ମାନବିକ ଅଧିକାର ମଞ୍ଚ ଭୁବନେଶ୍ୱରର ଉପଦେଷ୍ଟା, ଗଣକବି ଅଭ୍ୟର୍ଥନା କମିଟି କଟକର ପ୍ରାକ୍ତନ ସଭାପତି, ମହାଙ୍ଗା ସଂପର୍କ ମଞ୍ଚର ସଭାପତି, ସ୍ୱାଭିମାନ ମାହାଙ୍ଗାର ଅଧ୍ୟକ୍ଷ ଭାବେ ଗୁରୁଦାୟିତ୍ୱ ତୁଲାଉଛନ୍ତି । ବହୁ ଅନୁଷ୍ଠାନ ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି । ତାଙ୍କର ସରଳ ବ୍ୟକ୍ତିତ୍ୱ ମାହାଙ୍ଗବାସୀଙ୍କ ହୃଦୟକୁ ଜୟ କରିଛି । ମାହାଙ୍ଗା ରାଜନୀତିରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଯୋରଦାର ଧରିଛି ।

## ନିର୍ବାଚନ ପୂର୍ବରୁ ଷ୍ଟ୍ରଙ୍ଗ ରୁମକୁ ଆସିଲା ଇଭିଏମ



ଭୁବନେଶ୍ୱର (ସବ୍ୟୁ) : ନିର୍ବାଚନ ପୂର୍ବରୁ ଷ୍ଟ୍ରଙ୍ଗ ରୁମକୁ ଆସିଛି ଇଭିଏମ । କଡା ସୁରକ୍ଷା ବଳୟରେ ଖୋର୍ଦ୍ଧାସ୍ଥିତ ପଣ୍ୟଗାରରୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଆସିଛି ଇଭିଏମ । ଭୁବନେଶ୍ୱର ଲୋକସଭା କ୍ଷେତ୍ରର ୫ଟି ନିର୍ବାଚନମଣ୍ଡଳୀ ତଥା ଜଟଣୀ, ଉତ୍ତର, ମଧ୍ୟ, ଏକାମ୍ର ଓ ଜୟଦେବ ନିର୍ବାଚନ ଲାଗି ଇଭିଏମ ଆସି ପହଞ୍ଚିଛ । ପାଞ୍ଚଟି ଫ୍ଲୋରରେ ଉଭୟ ଲୋକସଭା ଓ ବିଧାନସଭା ଲାଗି ଇଭିଏମ ରହିବା ବ୍ୟବସ୍ଥା ହୋଇଛି । ମୋଟ ୨୩୩୨ଟି ଇଭିଏମ ଆସିଛି । ଏହାବାଦ ୨୫ ପ୍ରତିଶତ ଇଭିଏମ ସଂରକ୍ଷିତ ରହିବ । ଧଳା ରଙ୍ଗ ଗେଟ ଚିହ୍ନ ଥିବା ରୁମ ଗୁଡିକରେ ଲୋକସଭା କ୍ଷେତ୍ର ଲାଗି ଇଭିଏମ ରହିବ ଓ ଗୋଲାପୀ ରଙ୍ଗ ଗେଟ ରୁମରେ ବିଧାନସଭା କ୍ଷେତ୍ର ଲାଗି ଇଭିଏମ ରହିବ । ସିସିଟିଭି ବଳୟରେ ଷ୍ଟ୍ରଙ୍ଗ ରୁମ ରହିଛି । ଏନେଇ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

## କାନ୍ଦି ପକାଇଲେ ବିଧାୟକ

ଆଗରପଡ଼ା, (ସବ୍ୟୁ) :ବିଜେଡି କର୍ମୀ ସମ୍ମିଳନୀରେ ଭାବବିହ୍ୱଳ ହୋଇ କାନ୍ଦି ପକାଇଲେ ଭଣ୍ଡାରିପୋଖରୀ ବିଧାୟକ ତଥା ବର୍ତ୍ତମାନ ଭଦ୍ରକ ବିଧାନସଭା ପ୍ରାର୍ଥୀ ହୋଇଥିବା ପ୍ରଫୁଲ୍ଲ ସାମଲ । ବନ୍ତ ଠାରେ ଆୟୋଜିତ ହୋଇଥିଲା କର୍ମୀ ସମ୍ମିଳନୀ, ଏଥିରେ ଭଣ୍ଡାରିପୋଖରୀ ର୍ନିବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ, ଭଦ୍ରକ ସାଂସଦ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ,ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନାଙ୍କ ସମେତ ବରିଷ୍ଠ ଦଳୀୟ ନେତାମାନେ ଏହି ମଞ୍ଚରେ ମଧ୍ୟ ଉପସ୍ଥିତ ଥିଲେ। ଏହି ର୍ନିବାଚନମଣ୍ଡଳୀରୁ ଶ୍ରୀ ସାମଲ ଲଗାତରଭାବେ ତିନିଥର ବିଧାନସଭାକୁ ର୍ନିବାଚିତ ହୋଇଥିଲେ ।. ସେ ଦଳ ଓ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ବକ୍ତବ୍ୟ ଦେବାକୁ ଉଠିଥିବାବେଳେ ନିଜର କୋହକୁ ଚାପି ନ ପାରି ହଠାତ କାନ୍ଦିପକାଇ ବସିପଡ଼ିଥିଲେ ।ଅବଶ୍ୟ କିଛି ସମୟ ପରେ ତାଙ୍କ ଚିରାଚରିତ ଢଙ୍ଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀ ସାମଲ ଏହି ର୍ନିବାଚନମଣ୍ଡଳୀ ର ପ୍ରତି କୋଣଅନୁକୋଣରେ ଥିବା ଲୋକଙ୍କ ନିକଟରେ ପରିଚିତ ଥିଲେ ଓ ଏଥର ଏଠାରୁ ପ୍ରାର୍ଥୀ ହୋଇ ନ ଥିବାରୁ ପୂର୍ବ କଥା ମନେପକାଇ କାନ୍ଦି ପକାଇଲେ ବୋଲି କର୍ମୀମାନେ କୁହାକୁହି ହେଉଥିବାର ଶୁଣିବାକୁ ମିଳିଥିଲା ।

## ବିଜେଡି ପ୍ରାର୍ଥୀ ଡ.ରମାକାନ୍ତ ଭୋଇଙ୍କୁ ସମ୍ବର୍ଦ୍ଧନା



ତିର୍ତ୍ତୋଲ, (ସବ୍ୟୁ): ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଡ.ରମାକାନ୍ତ ଭୋଇଙ୍କୁ ଗୋବିନ୍ଦପୁର ପଞ୍ଚାୟତ ବିଜୁ ଜନତା ଦଳ ତରଫରୁ ଆଜି ସନ୍ଧ୍ୟାରେ ବିପୁଳ ସମ୍ବର୍ଦ୍ଧନାପ୍ରଦାନ କରାଯାଇଛି । ପଞ୍ଚାୟତର ସରପଞ୍ଚ ଙ୍କ ପ୍ରତିନିଧି ଭାସ୍କର ଚନ୍ଦ୍ର ନାୟକ, ବରିଷ୍ଠ ନେତା ଦେବମହାନ୍ତି, ଅଜିତ ପ୍ରଧାନ, ବାପି ନାୟକ, ରାଜା ତାରେଣିଆ, ମହିଳା ବିଜେଡି ନେତ୍ରୀସୁପ୍ରିୟା ନାୟକ, ୱାର୍ଡ ସଭ୍ୟା ମଞ୍ଜୁରୀ ବାଳା ସ୍ୱାଇଁ, ବିଜୟ କୁମାର ସ୍ୱାଇଁ, ବାଦଲମଲ୍ଲିକ, ଦିଲୁ ରାଉଳଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ । ପରେ ଡ.ଭୋଇଗୋବିନ୍ଦପୁର ଗ୍ରାମର ଅଗ୍ନିକାଣ୍ଡରେ ଗତକାଲି ରାତ୍ରୀରେ ଅଗ୍ନିକାଣ୍ଡ ଘଟିଗୃହଶୁନ୍ୟ ହୋଇଥିବା କାଦମ୍ବିନୀ ସେଠୀଙ୍କୁ ଭେଟି ସମବେଦନା ଜଣାଇଥିଲେ ।

## ବାଲେଶ୍ୱର ଲୋକସଭା କ୍ଷେତ୍ରରୁ ବିଜେଡ଼ି ପ୍ରାର୍ଥୀ କିଏ
## ରଘୁନାଥ ନା ଲେଖାଶ୍ରୀ,ଦ୍ୱନ୍ଦରେ କର୍ମୀ



ବାଲେଶ୍ୱର,(ସବ୍ୟୁ):ରାଜ୍ୟର ୨୧ଟି ଲୋକସଭା ଆସନ ମଧ୍ୟରୁ ୨୦ଟି ଆସନ ପାଇଁ ବିଜେଡ଼ି ତାର ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବାଲେଶ୍ୱର ଲୋକସଭା ଆସନ ପାଇଁ ଅଦ୍ୟାବଧି ପ୍ରାର୍ଥୀ ଘୋଷଣାକୁ ନେଇ ଦ୍ୱନ୍ଦ ସୃଷ୍ଟି ହୋଇଥିବାରୁ ପ୍ରାର୍ଥୀତ୍ୱକୁ ନେଇ ବିଭିନ୍ନ ପ୍ରକାର ଚର୍ଚ୍ଚା ଲାଗିରହିଛି । ତେବେ ବାଲେଶ୍ୱର ଲୋକସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଭାବରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଆପାତତଃ ପୁନର୍ବାର ପ୍ରାର୍ଥୀ କରିଛି । ଏହା ମଧ୍ୟରେ ଶ୍ରୀ ଷଡ଼ଙ୍ଗୀ ତାଙ୍କର ଲୋକସଭା କ୍ଷେତ୍ରରେ ପ୍ରଚାର ଅଭିଯାନ ଆରମ୍ଭ କରିଦେଇଛନ୍ତି । ସେହିଭଳି କଂଗ୍ରେସ ମଧ୍ୟ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ପ୍ରାର୍ଥୀଭାବେରେ ଘୋଷଣା କରିଛି । ଅପରପକ୍ଷରେ ବାଲେଶ୍ୱର ଲୋକସଭା କ୍ଷେତ୍ର ପାଇଁ ବିଜେଡ଼ିରୁ କିଏ ପ୍ରାର୍ଥୀ ହେବ ସେଥିନେଇ ପ୍ରତ୍ୟେକଦିନ ଜଣେଜଣେ ନେତା ଓ ନେତ୍ରୀଙ୍କର ନାମ ଚର୍ଚ୍ଚା ପରିସରକୁ ଆସୁଥିବାରୁ ଦଳୀୟ କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ନକାରତ୍ମକ ମନୋଭାବ ସୃଷ୍ଟି ହେଉଥିବା ଲକ୍ଷ୍ୟ କରାଯାଉଛି । ଏଠାରେ ସୂଚନା ଯୋଗ୍ୟ ପୂର୍ବତନ ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ରଘୁନାଥ ମହାନ୍ତି ବିଜେପିରୁ ଇସ୍ତଫା ଦେବାପରେ ସେ ବିଜେଡ଼ିରେ ମିଶିବାନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଥିଲା ଏବଂ ସେ ବିଜେଡ଼ିର ଲୋକସଭା ପ୍ରାର୍ଥୀ ହୋଇପାରନ୍ତି ବୋଲି ସମଗ୍ର ଲୋକସଭା ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା । ଏହାର ୨ଦିନପରେ ବିଜେପିର ଅନ୍ୟତମ ରାଜ୍ୟ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର ବିଜେପିରୁ ଇସ୍ତଫା ଦେଇ ବିଜେଡ଼ିରେ ମିଶିବା ପରେ ତାଙ୍କୁ ଥଇଥାନ କରିବା ପାଇଁ ବାଲେଶ୍ୱର ଲୋକସଭାରୁ ବିଜେଡ଼ି କୁଆଡ଼େ ଲେଖାଶ୍ରୀଙ୍କୁ ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ଜୋର ଧରିଛି । ବାଲେଶ୍ୱରର ପ୍ରାକ୍ତନ ସାଂସଦ ତଥା ଇଂଜିନିୟର ରବିନ୍ଦ୍ର ଜେନା କୌଣସି କାରଣରୁ ପ୍ରାର୍ଥୀ ହେବାପାଇଁ କୁଆଡ଼େ ମନା କରିଦେଇଥିବାରୁ ଦଳରେ ପ୍ରାର୍ଥୀତ୍ୱକୁ ନେଇ ଏଭଳି ସଙ୍କଟ ସୃଷ୍ଟି ହୋଇଥିବା କେତେକ ମତବ୍ୟକ୍ତ କରିଛନ୍ତି । ରଘୁନାଥ ମହାନ୍ତି ବସ୍ତା ନିର୍ବାଚନ ମଣ୍ଡଳୀରୁ ୫ଥର ଲଗାତର ବିଧାୟକ ହୋଇଥିବାବେଳେ ଜଳେଶ୍ୱର, ଭୋଗରାଇ ଏପରିକି ସମଗ୍ର ଉତ୍ତର ବାଲେଶ୍ୱରରେ ତାଙ୍କର ଦବ୍ଦବା ରହିଥିବାରୁ ସେ ବିଜେଡ଼ିରୁ ପ୍ରାର୍ଥୀ ହେଲେ ବିଜୟ ସମ୍ଭାବନା ଯଥେଷ୍ଟ ରହିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି । ଲେଖାଶ୍ରୀ ସାମନ୍ତ ସିଂହାର ସମ୍ପୂର୍ଣ୍ଣ ନବାଗତା ହୋଇଥିବାରୁ ରଘୁନାଥଙ୍କ ତୁଳନାରେ ତାଙ୍କୁ ଭୋଟରମାନେ କେତେଦୂର ଭରଷା କରିବେ ତା ଉପରେ ମଧ୍ୟ ସାଧାରଣରେ ଚର୍ଚ୍ଚା ଆଲୋଚନା ଚାଲିଛି । ରଘୁନାଥ କିମ୍ବା ଲେଖାଶ୍ରୀ ଏ ଦୁଇଜଣଙ୍କୁ ନେଇ କିଏ ପ୍ରାର୍ଥୀ ହେବ ସେଥିପାଇଁ ରାଜ୍ୟ ବିଜେଡ଼ିରେ ଅଙ୍କକଷା ଆରମ୍ଭ କରିଥିବା ବେଳେ ବିଜେପି ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ ଏବଂ କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ମୈଦାନରେ ବେଶ ଚଳଚଞ୍ଚଳ ହୋଇସାରିଥିବା ଲକ୍ଷ୍ୟ କରାଯାଇଛି । ଦଳରେ ଏହିଭଳି ଦ୍ୱନ୍ଦ ସୃଷ୍ଟି ହୋଇଥିବାରୁ ହାଇକମାଣ୍ଡ ଗୋଇନ୍ଦା ରିପୋର୍ଟକୁ ଅପେକ୍ଷା କରିଛି । ଶେଷରେ ରଘୁନାଥ ନା ଲେଖାଶ୍ରୀ କିଏ ବିଜେଡ଼ିର ମଙ୍ଗ ଧରିବେ ତାହା ଦେଖିବାକୁ ବାକି ରହିଲା ।

## ବିଜେଡିର ବିଶାଳ ଜନସମ୍ପର୍କ ଶୋଭାଯାତ୍ରା



ବାରଙ୍ଗ, (ସବ୍ୟୁ) :ବୁଧବାର ବିଜେଡି ପକ୍ଷରୁ ବାରଙ୍ଗ ଅଞ୍ଚଳ ରେ ଜନସମ୍ପର୍କ ଅଭିଯାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।ବାଙ୍କୀ ବିଜେଡି ବିଧାୟକ ପ୍ରାର୍ଥୀ ଦେବୀ ରଞ୍ଜନ ତ୍ରିପାଠୀ ଏବଂ କଟକ ଲୋକସଭା ର୍ନିବଚନମଣ୍ଡଳୀ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଏକ ବିଶାଳ ଶୋଭାଯାତ୍ରା ରେ ଅପରାହ୍ନ ୫ ଟା ସମୟରେ ବିଜେଡ଼ି କର୍ମୀ ମାନଙ୍କ ସହିତ ବିରାଟ ପଟୁଆରେ ରୋଡ ସୋ କରିଛନ୍ତି। ବାରଙ୍ଗ ତ୍ରିଶୁଳୀଆ ରୁ ବାହାରି ବାରଙ୍ଗ ସୀତାରାମ ବଜାର ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ସନ୍ଧ୍ୟା ସମୟରେ ଫୁଲପୋଖରି ନିକଟରେ ଥିବା ଏକ କଲ୍ୟାଣ ମଣ୍ଡପ ଠାରେ ଏକ ସଭା ର ଆୟୋଜନ କରାଯାଇଥିଲା ।ଉଭୟ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଡ଼ିଶା ର ବିକାଶ ଧାରାକୁ ଲୋକମାନଙ୍କୁ ବୁଝାଇବା ସହିତ ଭୋଟ ମାଗି ଆଶୀର୍ବାଦ ଗ୍ରହଣ କରିଥିଲେ । ବିଜୁ ଜନତା ଦଳ କୁ ନବୀନ ପଟ୍ଟନାୟକ ଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ନିଜର ନିଜର ମତଦାନ କରିବାକୁ ନିବେଦନ କରିଥିଲେ। ସେହିପରି ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ତ୍ରିପାଠୀ କହିଥିଲେ ମୁଖ୍ୟମନ୍ତ୍ରୀ ଙ୍କ ଓଡ଼ିଆ କୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ଯେଉଁ ସଂକଳ୍ପ ନେଇଛନ୍ତି ସେଥିଲାଗି ବାରଙ୍ଗ ର ଜନସାଧାରଣ ମାନଙ୍କୁ ଭୋଟ ଭିକ୍ଷା ମାଗିଥିଲେ। ସେହିପରି ବାଙ୍କୀ ଅଞ୍ଚଳ ର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦାନ କରି ବାରଙ୍ଗ ଅଞ୍ଚଳ ରେ ଏବେ ଯେଉଁ ଉନ୍ନତି ହୋଇଛି କେବଳ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏବଂ ବିଧାୟକ ଦେବୀ ରଞ୍ଜନ ଙ୍କ ପାଇଁ ଏଥର ପୁଣି ଡବଲ ଶଙ୍ଖ ଚିହ୍ନରେ ବିବୁଳ ସଂଖ୍ୟାରେ ସାଂସଦ ଓ ବିଧାୟକ ପ୍ରର୍ଥୀଙ୍କୁ ବହୁ ପରିମାଣରେ ଭୋଟ ଦେଇ ଜୟଯୁକ୍ତ କରାଇବେ ବୋଲି ନିବେଦନ କରିଥିଲେ ।ବିଜୟ ହେଲେ ବାରଙ୍ଗ ଅଞ୍ଚଳ ଏକ ବିକଶିତ ବାରଙ୍ଗ ରେ ପରିଣତ ହେବଛ ଓଡିଶାର ବିକାଶ ଘଟିବା ସହିତ ନୂତନ ପ୍ରଗତିଶୀଳ ଓଡିଶା ଗଠନ ହେବ ବୋଲି ନିଜର ବକ୍ତବ୍ୟ ରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସରପଞ୍ଚ , ସମିତି ସଭ୍ୟ , ବ୍ଲକ ଅଧକ୍ଷା ଓ ଅଧକ୍ଷ ସମେତ ଙ୍କ ସହିତ ସ୍ଥାନୀୟ ଅଂଚଳର ପ୍ରମୁଖ ସମସ୍ତ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

## ନିର୍ବାଚନ କାର୍ଯ୍ୟରେ ଅବହେଳା : ନିଲମ୍ବିତ ହେଲେ ଏଆରଆଇ. ରାମନାରାୟଣ ସାମଲ

ଭଦ୍ରକ,(ସବ୍ୟୁ): ନିର୍ବାଚନ କାର୍ଯ୍ୟରେ ଅବହେଳା ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶ ଅବମାନନା ପାଇଁ ସଂପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଚାକିରୀରୁ ନିଲମ୍ବନ କରାଯାଇଛି । ଭଦ୍ରକ ଜିଲ୍ଲାର ବନ୍ତ ତହସିଲରେ କାର୍ଯ୍ୟରତ ସହକାରୀ ରାଜସ୍ୱ ନିରୀକ୍ଷକ ରାମ ନାରାୟଣ ସାମଲ ନିର୍ବାଚନ କାର୍ଯ୍ୟରେ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବାରୁ ଓଡ଼ିଶା ସିଭିଲ ସର୍ଭିସ୍ ନିୟମାନୁଯାୟୀ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତାଙ୍କୁ ସରକାରୀ ଚାକିରୀରୁ ତୁରନ୍ତ ନିଲମ୍ବନ ଆଦେଶ ପ୍ରଦାନ କରିଛନ୍ତି । ନିଲମ୍ବନ ସମୟରେ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ତାଙ୍କ ପାଇଁ ସଦର ମହକୁମା ସ୍ଥିର କରାଯାଇଛି ଏବଂ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସଦର ମହକୁମା ନ ଛାଡ଼ିବାକୁ ଆଦେଶ ଦିଆଯାଇଛି । ନିର୍ବାଚନ କାର୍ଯ୍ୟରେ କୌଣସି କର୍ମଚାରୀଙ୍କ କ୍ଷେତ୍ରରେ ଆଗକୁ ଏଭଳି ଅବହେଳା ପରିଲକ୍ଷିତ ହେଲେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।

# ବ୍ରହ୍ମପୁର ଲୋକସଭା ଆସନରୁ ସ୍ୱାଧୀନ ଭାବେ ଲଢ଼ିବେ ଭି.ଚନ୍ଦ୍ରଶେଖର ନାଇଡୁ



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଲୋକସଭା ଆସନରୁ ସ୍ୱାଧୀନ ଭାବେ ଲଢ଼ିବେ ଭି.ଚନ୍ଦ୍ରଶେଖର ନାଇଡୁ । ଏନେଇ ବ୍ରହ୍ମପୁରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି। ଭି.ଚନ୍ଦ୍ରଶେଖର ନାଇଡୁ ଗତ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ପକ୍ଷରୁ ବ୍ରହ୍ମପୁର ଲୋକସଭା ଆସନରୁ ଲଢ଼ିଥିଲେ। ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭାବେ ୨୦୧୯ରେ ୧ ଲକ୍ଷ ୪୨ ହଜାର ୬୩୨ ଖଣ୍ଡି ଭୋଟ ପାଇଥିଲେ । ବର୍ତ୍ତମାନ ସେ କଂଗ୍ରେସରେ ରହିଥିବା ବେଳେ ମଧ୍ୟ ସ୍ୱାଧିନ ଭାବେ ବ୍ରହ୍ମପୁର ଲୋକସଭା ଆସନରୁ ଲଢ଼ିବା ନେଇ ନିଷ୍ପତ୍ତି ନେଇଛନ୍ତି । ବ୍ରହ୍ମପୁର ଲୋକସଭା ଅଧିନସ୍ଥ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଯାହା ବିକାଶ ହେବା କଥା ତାହା ହୋଇନାହିଁ । ଏପରିକି ଲୋକେ ନିଜର ମୌଳିକ ସୁବିଧା ମଧ୍ୟ ପାଇପାରୁନାହାନ୍ତି । ଆଉ ଏହି ଲୋକସଭା ନିର୍ବାଚନ ମଣ୍ଡଳୀରେ ରହିଥିବା ସମସ୍ୟା ଦିଲ୍ଲୀ ଦରବାରକୁ ପହଞ୍ଚି ପାରୁନାହିଁ। ତେଣୁ ମୁଁ ସ୍ୱାଧିନ ଭାବେ ବ୍ରହ୍ମପୁର ଲୋକସଭାରୁ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବି ଏବଂ ନିଶ୍ଚିତ ଭାବେ ବିଜୟ ଲାଭ କରିବି ବୋଲି କହିଛନ୍ତି ଚନ୍ଦ୍ରଶେଖର ନାଇଡୁ। ବର୍ତ୍ତମାନ ଜଣେ ସାଧାରଣ ଲୋକ ସାଂସଦଙ୍କୁ ଦେଖା କରିବା ଓ ନିଜର ସମସ୍ୟା ଜଣାଇବା କଷ୍ଟକର ହୋଇଥିବା ବେଳେ ଏହି ସମସ୍ୟାକୁ ଦୂରିଭୂତ କରି ସିଧାସଳଖ କିଭଳି ଲୋକଙ୍କ ସମସ୍ୟା ଦିଲ୍ଲୀ ଦରବାରରେ ଉପସ୍ଥାପିତ କରାଯାଇପାରିବ ସେ ନେଇ ପଦକ୍ଷେପ ନେବି ବୋଲି କହିଛନ୍ତି ସେ। ସେହିପରି ସେ ବିଜେଡ଼ି, ବିଜେପି ଓ କଂଗ୍ରେସ ସହିତ ଲଢ଼େଇ କରିବେ ନାହିଁ ବରଂ ନିଜେ ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରିବି ଓ ନିଶ୍ଚିତ ଭାବେ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭାବେ ବିଜୟ ଲାଭ କରିବି। ବ୍ରହ୍ମପୁର ଲୋକସଭାରୁ ନିର୍ବାଚିତ ହୋଇ ଆସିବା ପରେ ସବୁ କ୍ଷେତ୍ରରେ ୭ଟି ନିର୍ବାଚନ ମଣ୍ଡଳୀରେ ବିକାଶ କରାଇବି ବୋଲି ପ୍ରତିଶୃତି ମଧ୍ୟ ଦେଇଛନ୍ତି ଚନ୍ଦ୍ରଶେଖର ନାଇଡୁ। ଏହି ଅବସରରେ ଗତ ୨୦୧୯ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ କଣ ସବୁ କାର୍ଯ୍ୟ କରିଛନ୍ତି ସେ ନେଇ ଏକ ପୁସ୍ତକ ମଧ୍ୟ ପ୍ରସ୍ତୁତି କରି ସେଥିରେ ସମସ୍ତ ବିବରଣୀ ପ୍ରଦାନ କରିଛନ୍ତି ଚନ୍ଦ୍ରଶେଖର । ଏହି ଅବସରରେ ଚନ୍ଦ୍ରଶେଖର ନାଇଡୁଙ୍କ ସହ ତାଙ୍କ ସହଯୋଗୀ ଶିବ ପାତ୍ର ମଧ୍ୟ ଉପସ୍ଥିତ ଥିଲେ ।

# ବିଭିନ୍ନ ସମସ୍ୟା ପାଇଁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଲେତିଙ୍ଗିଆ ଗ୍ରାମବାସୀ



ବାଲିଗୁଡା, (ସବ୍ୟୁ): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ଲେତିଙ୍ଗିଆ ପଞ୍ଚାୟତବାସୀ ବ୍ଲକ ପ୍ରଶାସନ ନିକଟରେ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ବହୁବାର ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି। ଗ୍ରାମର ମୁଖ୍ୟ ସମସ୍ୟା ପଞ୍ଚାୟତ ଗୃହ ଦୀର୍ଘ ୭ ବର୍ଷ ହେବ ଅଧପନ୍ତରିଆ ହୋଇ ରହିଛି। ଉକ୍ତ ଘରକୁ ଠିକାଦାର ଜଣଙ୍କ ଗୋଦାମ ଘର କରି ନିଜ କବ୍ଜାରେ ରଖିଛନ୍ତ। ଫଳରେ ଗ୍ରାମବାସୀ ଏକ ଟଙ୍କିଆ ଚାଉଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଗ୍ରାମରେ ୫ଟି ସ୍କୁଲ ନିର୍ମାଣ ହୋଇଥିଲେ ସୁଦ୍ଧା ତାହା ଅତି ନିମ୍ନମାନର ହୋଇଥିବା ଯୋଗୁଁ କାନ୍ଥ ଗୁଡ଼ିକ ଫାଟିବା ଦେଖା ଗଲାଣି। ନେଟୱାର୍କ ଠିକ ଭାବରେ ଚାଲୁନଥିବା ଯୋଗୁଁ ଛାତ୍ରଛାତ୍ରୀ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷା ଅଧ୍ୟୟନ କରିବାରେ ବଞ୍ଚିତ ରହିଛନ୍ତି। ଏହା ସହ ପଂଚାୟତରେ ଏକ ଶିଶୁଙ୍କ ନିମନ୍ତେ ନିମ୍ନ ମାନର ପାର୍କ ନିର୍ମାଣ କରାଯାଇ ଉକ୍ତ ସମସ୍ୟା ବ୍ଲକ ପ୍ରଶାସନଙ୍କୁ ଜଣାଇ ଥିଲେ ମଧ୍ୟ ସମସ୍ତ ସମସ୍ୟାକୁ ଅଣଦେଖା କରାଯାଉଥିବା ସରପଞ୍ଚ କୁନାଲ ମଲିକ ଅଭିଯୋଗ କରିଛନ୍ତି । ଉକ୍ତ ସମସ୍ୟା ସମ୍ପର୍କରେ କ.ନୂଆଗାଁ ବିଡିଓଙ୍କୁ ଲିଖିତ ଭାବେ ଜଣାଇ ଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଗଲା ନାହିଁ । ଫଳରେ ବାଲିଗୁଡ଼ା ଉପଜିଲ୍ଲାପାଳ ଡ଼ଃ ରୀନା ପ୍ରଧାନଙ୍କୁ ସାକ୍ଷାତ କରି ପଂଚାୟତର ସମସ୍ତ ସମସ୍ୟା ସମ୍ପର୍କରେ ଜଣାଇ ଲିଖିତ ଅଭିଯୋଗ କରିଛନ୍ତି। ନିର୍ବାଚନ ପୂର୍ବରୁ ସମସ୍ତ ଦାବି ପୂରଣ କରାନଗଲେ ଭୋଟ ବର୍ଜନ କରାଯିବ ବୋଲି ସିମାଞ୍ଚଳ ପ୍ରଧାନ, ଥମାସ ପ୍ରଧାନ, ବଳରାମ ପ୍ରଧାନ, ପ୍ରିୟ ଦର୍ଶନୀ ପ୍ରଧାନ, ପ୍ରଭାକର ବିନ୍ଧାଣି, ଇସାକ ଡିଗାଲ ହାଡ଼ିପଛ ବିନ୍ଧାଣି, ତପରଛନଣି ମଲିକ, ସାରଙ୍ଗ ଧର ପ୍ରଧାନ, ସହଦେବ ମଲିକ ପ୍ରମୁଖ ପଂଚାୟତବାସୀ ଚେତାବନୀ ଦେଇଛନ୍ତି ।

# ଖାଦ୍ୟରେ ମିଶୁଛି ରାସାୟନିକ ଦ୍ରବ୍ୟ, ଯାଞ୍ଚ ହେଉନି ଖାଦ୍ୟର ମାନ

ବୁଗୁଡା, (ସବ୍ୟୁ): ଆରମ୍ଭ ହୋଇ ଗଲାଣି ଦଣ୍ଡଯାତ୍ରା ପର୍ବ । ଖୋଲା ମେଲାରେ ପଡିଲାଣି ମାଳମାଳ ଖାଦ୍ୟ ସାମଗ୍ରୀର ପସରା। କେବଳ ଗ୍ରାମାଞ୍ଚଳରେ ନୁହେଁ ,ବୁଗୁଡ଼ା ସହରରେ ମଧ୍ୟ ଠେଲା ଗାଡିଠାରୁ ଆରମ୍ଭ କରି ଅନେକ ଦୋକାନରେ ଫାଷ୍ଟଫୁଡ୍ ଓ ଦୂଷିତ ଜଳ ବିକ୍ରି ହେଉଛି। ବିନା ଲାଇସେନ୍ସରେ ରାସ୍ତା କଡରେ ବିକ୍ରି ହେଉଥିଲେ ବି ଖାଦ୍ୟର ମାନ ଯାଞ୍ଚ ହେଉନାହିଁ। ନାଳ ନର୍ଦ୍ଦମା କଡେ ଅସ୍ୱାସ୍ଥ୍ୟକର ପରିବେଶରେ ଏଗୁଡିକ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଦହିବରା, ଆଳୁଦମ୍, ଗୁପଚୁପ, ଚାଟ୍, ଦୋସା, ପକୁଡି ସମେତ ବିଭିନ୍ନ ରକମର ଫାଷ୍ଟଫୁଡ୍ ଖାଦ୍ୟକୁ ଘୋଡାଇ ରଖା ଯାଉନାହିଁ। ରାସ୍ତାରେ ଉଡୁଥିବା ଧୂଳି ଏହା ଉପରେ ପଡୁଛି। ତେଣୁ ଏସବୁ ଖାଦ୍ୟ ଏକ ପ୍ରକାର ବିଷାକ୍ତ ହୋଇପଡୁଛି । ଏହି ପଦାର୍ଥକୁ ଯାଞ୍ଚ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ଏମାନଙ୍କ କାରବାର ଏବେ ବ୍ୟାପକ ହୋଇଛି। ଆଗାମୀ ଦିନରେ ଏହା ଜଣ୍ଡିସ୍ ସାଙ୍ଗକୁ ଅନ୍ୟାନ୍ୟ ରୋଗକୁ ଆମନ୍ତ୍ରଣ କରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଆଖପାଖ ଅଞ୍ଚଳରୁ ମଧ୍ୟ ଅନେକ ଲୋକ ବୁଗୁଡ଼ା ସହରକୁ ବିଭିନ୍ନ କାମରେ ଆସୁଥିବା ବେଳେ ଏହି ଫାଷ୍ଟଫୁଡ୍ ଆଦରି ନେଉଛନ୍ତି। ଖାଲି ସେତିକି ନୁହେଁ ଖାଦ୍ୟ ପ୍ରସ୍ତୁତି ସମୟରେ ବ୍ୟବହାର କରାଯାଉଥିବା ବିଭିନ୍ନ କୃତିମ ରଙ୍ଗ ସାଙ୍ଗକୁ ଚାଇନା ସଲଟ୍, ଭିନେଗାର, ସୋୟାସସ୍ ଭଳି ବହୁ ରକମର ରାସାୟନିକ ଦ୍ରବ୍ୟ ଭକ୍ଷଣ କରିବା ଫଳରେ ନାନା ରୋଗର କାରଣ ପାଲଟିଛି । ତେଣୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିୟମିତ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି ।

# ଜେଏମ୍ଏମ୍‌ରେ ମିଶିଲେ କୃଷ୍ଣଚନ୍ଦ୍ର ଦାସ



ବାରିପଦା, (ସବ୍ୟୁ): ମୋରଡା ନିର୍ବାଚନ ମଣ୍ଡଳୀର ଟାଣୁଆ ନେତା କୃଷ୍ଣଚନ୍ଦ୍ର ଦାସ ବୁଧବାର ବିଧିବଦ୍ଧ ଭାବେ ଜେଏମଏମରେ ଯୋଗଦେଇଛନ୍ତି। ଜେଏମଏମ ରାଜ୍ୟ ସଭାପତି ଅଞ୍ଜନୀ ସୋରେନ୍, ଝାଡଖଣ୍ଡ ସରକାରଙ୍କ ମନ୍ତ୍ରୀ ଦୀପକ ବରୁଆ, ବହଡାଗୋଡା ବିଧାୟକ ସମୀର ମହାନ୍ତି ଏବଂ ରାଜ୍ୟ ଜେଏମଏମ ନେତୃବୃନ୍ଦଙ୍କ ଉପସ୍ଥିତିରେ କୃଷ୍ଣଚନ୍ଦ୍ର ବହୁ ସମର୍ଥକଙ୍କ ସହ ଜେଏମଏମରେ ଯୋଗଦେବା ସହ ଶଙ୍ଖ ଛାଡି ଧନୁ ଧରିଛନ୍ତି । ଆଗାମୀ ନିର୍ବାଚନରେ ମୋରଡା ନିର୍ବାଚନ ମଣ୍ଡଳୀରେ ଜେଏମଏମ ପ୍ରାର୍ଥୀ ଭାବେ କୃଷ୍ଣଚନ୍ଦ୍ର ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଜଣାଯାଇଛି । ଏହି ଅବସରରେ ଜେଏମଏମ ନେତୃବୃନ୍ଦ ମାନେ ପୁଷ୍ପଗୁଚ୍ଛ ଦେଇ କୃଷ୍ଣଚନ୍ଦ୍ର ଓ ତାଙ୍କ ସମର୍ଥକ ମାନଙ୍କୁ ଜେଏମଏମରେ ମିଶ୍ରଣ କରାଇଛନ୍ତି । ଫଳରେ ଆଗାମୀ ସାଧାରଣ ନିର୍ବାଚନରେ ମୋରଡା ନିର୍ବାଚନ ମଣ୍ଡଳୀରେ ରଚକ ଲଢେଇ ଦେଖିବାକୁ ମିଳିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏଠାରେ ସୂଚନାଯୋଗ୍ୟ ଯେ, ଗତ କିଛିଦିନ ତଳେ କୃଷ୍ଣଚନ୍ଦ୍ର ଦାସ ରାଜ୍ୟ ବିଜେଡି ସମ୍ପାଦକ ତଥା ବିଜେଡି ପ୍ରାଥମିକ ସଦସ୍ୟରୁ ଇସ୍ତଫା ପ୍ରଦାନ କରିଥିଲେ ।

## କେରଳରେ ପ୍ରେମିକାକୁ ହତ୍ୟା

# ଅଭିଯୁକ୍ତ ପ୍ରେମିକ କନ୍ଧମାଳରୁ ଗିରଫ

ବାଲିଗୁଡା, (ସବ୍ୟୁ): ଯୁବକ ଓ ଯୁବତୀ ଦୁହେଁ କନ୍ଧମାଳ ଜିଲାର। ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା । କାମଧନ୍ଦା ପାଇଁ କେରଳ ପଳାଇ ଗଲେ । ସେଠାରେ କୌଣସି କାରଣରୁ ପ୍ରେମିକାଙ୍କୁ ହତ୍ୟା କରିଥିଲା ପ୍ରେମିକ। ଏହି ଘଟଣାରେ କେରଳ ପୁଲିସ ଅଭିଯୁକ୍ତ ପ୍ରେମିକ ସାମୁଏଲ ବଡମାଝୀଙ୍କୁ କନ୍ଧମାଳ ଜିଲା ଅନ୍ତର୍ଗତ କୋଟଗଡ ଥାନାର ସୁବର୍ଣ୍ଣଗିରି ପଞ୍ଚାଯତ ରାମିନିଗୁଡାରୁ ଗିରଫ କରିଛି । ରୀତିକା ସାହୁଙ୍କ ଘର ରାଇକିଆ ଥାନା ଅନ୍ତର୍ଗତ ଛାଞ୍ଚେଡି ଗ୍ରାମରେ । ଦୁହେଁ କାମଧନ୍ଦା ପାଇଁ କେରଳ ଯାଇଥିଲେ । ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବାରୁ ସେଠାରେ ଦୁହେଁ କେରଳ ରାଜ୍ୟର ଆରପୁଜା ଜିଲା ପୁଚାକାରୁ ଗ୍ରାମରେ ରହୁଥିଲେ। ରୀତିକା କାହା ସହିତ ସବୁବେଳେ ଫୋନରେ କଥାବାର୍ତ୍ତା କରୁଥିବା ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏହାକୁ ନେଇ ଏପ୍ରିଲ ମାସ ୨ ତାରିଖରେ ସାମୁଏଲ ଏକ ଛୁରୀରେ ରୀତିକା ଉପରେ ମରାଣାତ୍ମକ ଆକ୍ରମଣ କରିଥିଲା। ରକ୍ତ ଜୁଡୁବୁଡ ଅବସ୍ଥାରେ ରୀତିକାଙ୍କ ଆଖପାଖଲୋକ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟକୁ ନେଇଥିଲେ । ଏହି ଘଟଣା ପରେ ସାମୁଏଲ ଫେରାର ହୋଇଯାଇଥିଲା। ଘଟଣା ସମ୍ପର୍କରେ ସେଠାକାର ଲୋକେ ରୀତିକାଙ୍କ ପରିବାର ଲୋକଙ୍କୁ ଫୋନ ଯୋଗେ ଘଟଣା ବିଷୟରେ କହିଥିଲେ। ପରେ ରୀତିକାଙ୍କ ବାପା ଶରତ ସାହୁ ଗାଁରୁ କେରଳକୁ ଯାଇଥିଲେ । ସେ ପହଞ୍ଚିବା ସମୟର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଝିଅର ମୃତ୍ୟୁ ହୋଇ ଯାଇଥିଲା। ଏହାକୁ ନେଇ ବାପା ଶରତ କେରଳର ପୁଚାକାରୁ ଥାନାରେ ଏକ ଲିଖିତ ଏତଲା କେଶ ନଂ.୨୬୮/୨୪ ରେ ରୁଜୁକରି ତଦନ୍ତ ଆରମ୍ଭ କରିଥିଲା କେରଳ ପୁଲିସ।

# କଂଗ୍ରେସର ବ୍ରହ୍ମପୁର ଲୋକସଭା ୱାର୍ ରୁମ୍ ଉଦ୍‌ଘାଟିତ




ବ୍ରହ୍ମପୁର, (ସବ୍ୟୁ): ଆଜି ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି (ପୂର୍ବ) ପକ୍ଷରୁ ବ୍ରହ୍ମପୁର ଲୋକସଭା ଆସନରେ କଂଗ୍ରେସରୁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ ମାନଙ୍କ ପ୍ରଚାର ପ୍ରସାର ସହିତ ଭୋଟର ତାଲିକା ଆଦି ବିଭିନ୍ନ ଦିଗ ଉପରେ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିବା ଆଜି ଏଆଇସିସି ବ୍ରହ୍ମପୁର ଲୋକସଭା ପର୍ଯ୍ୟବେକ୍ଷକ ଆରପିସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସଭପତି ଦୀପକ ସମେତ ଜିଲ୍ଲା କଂଗ୍ରେସ ମିଡ଼ିଆ ସେଲ୍ ଚେୟାରମେନ ଶ୍ରୀଯୁକ୍ତ ସୁବୁଦ୍ଧି, ବ୍ରହ୍ମପୁର ନଗର କଂଗ୍ରେସ ସଭାପତି ଅତୁଲ୍ୟ ପାଢ଼ୀ, ଗଞ୍ଜାମ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବିକାଶ ନାୟକ, ଜିଲ୍ଲା କଂଗ୍ରେସ ଉପ-ସଭାପତି ଆନନ୍ଦ ରାଓ ଆଚାରୀ, ତ୍ରିଲୋଚନ ରେଡ୍ଡି, ସିଦ୍ଧାନ୍ତ ସାହୁ ଓ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଛତ୍ରପୁରରେ ଉଗାଦି ପର୍ବ ପାଳିତ

ଛତ୍ରପୁର, (ସବ୍ୟୁ): ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମ ପରିସରରେ ତେଲୁଗୁ କଲଚର ସୋସାଇଟି ପକ୍ଷରୁ ଉଗାଦି -୨୦୨୪ ପର୍ବ ପାଳନ କରାଯାଇଛି । ଛତ୍ରପୁର ସହରର ବହୁ ତେଲୁଗୁ ସମ୍ପ୍ରଦାୟର ଲୋକେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ଏହି ପର୍ବକୁ ଧୂମଧାମ ରେ ପାଳନ କରିଛନ୍ତି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଟଣୀର ବେଦ ପଣ୍ଡିତ ଆର. ଧନଞ୍ଜୟ ଆଚାରୀଲୁ, ସମ୍ମାନିତ ଅତିଥି ଭାବେ ତେଲୁଗୁ କଲଚର ଆସୋସିଏସନର ଉପ ସଭାପତି ଡି. ରାମରାଓ, ସଦସ୍ୟ ବି.ରମଣି ଓ ମହିଳା ସଂଘର ପୂର୍ବତନ ସଭାନେତ୍ରୀ ଆର ସୁମତୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ। ଏହି ଅବସରରେ ସାନଆର୍ଯ୍ୟପଲ୍ଲୀର ଜି ପାପାଆମ୍ମା ଓ ନୋଳିଆନୂଆଗାଁ ରଡି. ତାମେୟାଙ୍କୁ ସମ୍ମାନିତ କରିଥିଲେ। ଶେଷରେ କୁନି କୁନି ନୃତ୍ୟ ଶିଳ୍ପୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମ କୁ ଶଙ୍କର ଚକ୍ଷୁ ଚିକିତ୍ସାଳୟର ଉପଦେଷ୍ଟା ତଥା ଆଇନଜୀବି ବି. ଶ୍ରୀନିବାସ ପରିଚାଳନା କରିଥିଲେ। ନୂଆ ପାଞ୍ଜି ପଣ୍ଡିତ ଜେ. ହରିଗୋପାଳ ଶାସ୍ତ୍ରୀ ପଠନ କରିଥିଲେ ।

# ମା' ଶୀତଳା ଚଣ୍ଡୀଙ୍କ ପୂଜା ଉତ୍ସବ

ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୨୬ ନଂ ୱାର୍ଡ ସ୍ଥିତ ଭୁଗୁଡ଼ାକଟାରେ ମା'ଶୀତଳା ଚଣ୍ଡୀ ମନ୍ଦିରରେ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ହଜାର ହଜାର ଭକ୍ତଙ୍କ ସମାବେଶରେ ୬ ଓ ୭ ତାରିଖ ଦୁଇଦିନ ଧରି ମା'ଙ୍କ ପୂଜାବିଧି ପାରମ୍ପାରିକ ରୀତିରେ ହୋଇଥିବା ବେଳେ ୮ ଓ ୯ ତାରିଖ ଦୁଇଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମା'ଶୀତଳା ଚଣ୍ଡୀ ଯୁବକ ସଙ୍ଘ, ଭୁଗୁଡ଼ାକଟାର ସମ୍ପାଦକ ଧରମଜୀତ ସିଂହ, ସଭାପତି ରବୀନ୍ଦ୍ର ମାହାନା ତଥା କର୍ମକର୍ତ୍ତା ମାନସିଂ ଟୁଡୁ, ଦେବ ନାରାୟଣ ଧଡ଼ା, ତପନ କୁମାର ମହାପାତ୍ର, ଭବାନୀ ଧଡ଼ା, କମଳ ଧଳ, ଗିବସ, ରାଜା ବାବୁ, ରାଜୁ ଓ କାଳିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ । ସଂଘର ଅଧ୍ୟକ୍ଷ ଚନ୍ଦନ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ୪ ଦିନିଆ ଉତ୍ସବରେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାଣ୍ଡି, ବିଧାୟକ ପ୍ରକାଶ ସୋରେନ, ୨୧ନଂ କାଉନସିଲର ଲକ୍ଷ୍ମୀଧର ହାବଡା, ୨ନଂ କାଉନସିଲର ଅନୁରାଧା ମହାନ୍ତି, ୧୮ନଂ କାଉନସିଲର ସବିତା ପାଲ ଓ ୨୬ନଂ କାଉନସିଲର ଭାଗ୍ୟଲକ୍ଷ୍ମୀ ନାଏକ, ପୂର୍ବତନ କାଉନସିଲର ଦର୍ପ ନାରାୟଣ ପାଲ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ସମୀକ୍ଷା ପାଢ଼ୀ ପ୍ରଥମ, ଅରିକା ମହାପାତ୍ର ଦ୍ୱିତୀୟ ଓ ନିତ୍ୟାଶା ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଗ୍ରୁପ ଡ୍ୟାନ୍ସରେ ଭୂମି ଗ୍ରୁପ ପ୍ରଥମ ଏବଂ ଲିଟିଲ ଷ୍ଟାର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଯୁଗ୍ମ ନୃତ୍ୟରେ ହରିହର ଓ ପ୍ରିୟାଂଶି ଯୋଡି ପ୍ରଥମ ଏବଂ ଜେରୀନା ଓ ଈଶ୍ୱରୀ ଯୋଡି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ସଂଜୀବ କୁମର ରଣଜିତ, ସାନିଜ କୁଁଅର ଓ ଆରୋହୀ ଅର୍ପିତା ଦେ ବିଚାରକ ଭାବେ ଯୋଗ ଦେଇଥିଲେ ଏବଂ ଆଲୋକ ବାରିକ ମଞ୍ଚ ପରିଚାଳନା କରିଥିବାବେଳେ ଫରେନ ଧଡ଼ା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ପୋଲିସ ପାଟ୍ରୋଲିଂ ବେଳେ ଦୁଇ ଫେରାର ଅଭିଯୁକ୍ତ ଗିରଫ

ବାଲିଗୁଡା, (ସବ୍ୟୁ) : କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ପକ୍ଷରୁ ଅବାଧ ଓ ମୁକ୍ତ ନିର୍ବାଚନ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଥାନା ଅଞ୍ଚଳରେ ପୋଲିସର ଉପସ୍ଥିତକୁ ଲୋକଙ୍କୁ ଜଣାଇବା ଓ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ସବୁ ସମୟରେ ଉପସ୍ଥିତ ରହିଥିବା ଲୋକଙ୍କୁ ସଚେତନ କରି ଜଣାଉଛି। ଏଥିପାଇଁ ପୋଲିସ ପୂର୍ବରୁ ନିୟମିତ ବ୍ରାହ୍ମଣୀଗାଁରେ ପାଟ୍ରୋଲିଂକୁ କଡାକଡି କରିବା ସହ ଗାଡିମୋଟର ଯାଞ୍ଚ କରାଯାଉଛି। ସେହିପରି ଫ୍ଲାଗମାର୍ଚ୍ଚ କରି ଲୋକଙ୍କୁ ସଚେତନ କରାଇଛି। ସେହିକ୍ରମରେ ଉକ୍ତ ଥାନା ଅଞ୍ଚଳ ଗଦାପୁରଠାରେ ଫ୍ଲାଗମାର୍ଚ୍ଚ କରାଯାଇଥିବା ଜଣାପଡିଛି। ସେହିପରି ୨୦୧୯ରେ ଏକ ମାମଲା ରେ ଫେରାର ହୋଇଥିବା ୨ ଜଣ ଫେରାର ଅଭିଯୁକ୍ତଙ୍କୁ ବ୍ରାହ୍ମଣୀଗାଁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା କିରାମାହା ଗ୍ରାମର କିଷାନ ବସ୍ତରାୟ ଏବଂ ଲକ୍ଷ୍ମୀକାନ୍ତ ବସ୍ତରାୟ। ସେମାନଙ୍କ ନାମରେ ପୂର୍ବରୁ ମାମଲା (୨୪/୧୯ ) ରହିଥିବା ବିଷୟ ଥାନା ଅଧିକାରୀ ଚିରଞ୍ଜୀବି ବେହେରା ସୂଚନା ଦେଇଛନ୍ତି ।

# ଦିଲେଶ୍ୱର ରେଡ୍ଡୀ ହେଲେ ଗଞ୍ଜାମ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି



ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗଞ୍ଜାମ ଜିଲ୍ଲା ବିଜେଡିରେ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ସମ୍ଭାଳୁ ଥିବା ଏବଂ ବିଜେଡିକୁ ମଜବୁତ କରିଥିବା ଦିଲେଶ୍ୱର ରେଡିଙ୍କୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଗଞ୍ଜାମ ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ରୂପେ ଦାୟିତ୍ୱ ଦେଇଛନ୍ତି। ଦିଲେଶ୍ୱର ରେଡି ପ୍ରଥମେ ୧୯୯୦ରେ ବିଜେଡିର ପ୍ରାଥମିକ ସଦସ୍ୟ ଗ୍ରହଣ କରିବା ପରେ ଆଉ ପଛକୁ ଫେରିନାହାନ୍ତି। ସେ ସମିତି ସଭ୍ୟ, ଜିଲ୍ଲା ପରିଷଦ ନିର୍ବାଚିତ ହେବା ସହିତ ବିଭିନ୍ନ ଦଳୀୟ ପଦପଦବୀରେ ରହି ଆସିଥିଲେ । ଏହା ସହ ସମାଜସେବା କ୍ଷେତ୍ରରେ ମଧ୍ୟ ଦିଲେଶ୍ୱର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ସେ ଏକାଧାରରେ ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତି, ବିଜେଡିର ଜଣେ ବିଚକ୍ଷଣ ସଂଗଠକ । ତାଙ୍କୁ ଏହି ନିଯୁକ୍ତି ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ରାମହରି ପାତ୍ର ଗଞ୍ଜାମ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଶିଷ୍ଟ ସମାଜସେବୀ ଏମ. ରାମହରି ପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଗଞ୍ଜାମ ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଉକ୍ତ ନିଯୁକ୍ତି ପରେ ନିର୍ବାଚନ ମଣ୍ଡଳୀରେ ଖୁସିର ଲହରୀ ଖେଳିଯିବା ସହ ନବ ନିଯୁକ୍ତ ସମ୍ପାଦକ ରାମହରି ପାତ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ର ସୁଅ ଛୁଟିବାରେ ଲାଗିଛି। ନିଜ ପ୍ରତିକ୍ରିୟା ରେ ରାମହରି କହିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ଏହି ଗୁରୁ ଦାୟିତ୍ୱ ଦେଇ ଥିବାରୁ ମୋର ଦାୟିତ୍ୱ ବଢ଼ିଯିବା ସହ ଦଳକୁ ଆହୁରି ସଶକ୍ତ କରିବି । ସେ ଏ ଅବସରରେ ବିଭିନ୍ନ ବରିଷ୍ଠ ନେତା ମାନଙ୍କୁ ନିଜର କୃତଜ୍ଞତା ଜ୍ଞାପନ କରିଥିଲେ ।

# ଜାତୀୟ ଯୁବ ଉତ୍ସବରେ ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ




ବାରିପଦା, (ସବ୍ୟୁ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ଛାତ୍ରୀ ସୁଶ୍ରୀ ବିଷ୍ଣୁପ୍ରିୟା ବେହେରା ଲୁଧିଆନା ସ୍ଥିତ ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ଉତ୍ସବ 'ହୁନର-୨୪ ରେ ମେହେନ୍ଦୀ କଳା ପ୍ରତିଯୋଗିତାରେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଫେରି ଆସିଛନ୍ତି। ଏହି କୃତିତ୍ୱ ପାଇଁ ଆଜି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିଷ୍ଣୁପ୍ରିୟାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଶୀର୍ବାଦ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, ଛାତ୍ର ମଙ୍ଗଳ ଅଧିକାରୀ ପ୍ରଫେସର ମିନତୀ ମଲ୍ଲିକ, କୁଳସଚିବ ସହଦେବ ସମାଧିଆ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ସେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଅଧ୍ୟାପିକା ଡଃ ଶର୍ମିଳା ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ ପୂର୍ବାଞ୍ଚଳ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତରକୁ ଯିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସର୍ବଭାରତୀୟ ସ୍ତରରେ ଭାଗ ନେବାପାଇଁ ବିଶ୍ୱବିଦ୍ୟାଳୟର ଅନ୍ୟ ଏକ ଛାତ୍ରୀ ସସ୍ମିତା ମହାନ୍ତ (ମଡେଲ୍ ପ୍ରତିଯୋଗିତା ନିମନ୍ତେ) ଓ ଅଧ୍ୟାପିକା ସୁଜାତା ମହାକୁଡ଼ଙ୍କ ସହ ଲୁଧିଆନା ଯାତ୍ରା କରିଥିଲେ। ବିଶ୍ୱବିଦ୍ୟାଳୟ ଛାତ୍ର ମଙ୍ଗଳ ଅଧିକାରୀ ପ୍ରଫେସର ମିନତୀ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ତିନି ସଦସ୍ୟ ବିଶିଷ୍ଟ କ୍ଷୁଦ୍ର ଦଳ ସାଂସ୍କୃତିକ ଶୋଭାଯାତ୍ରାରେ ଶ୍ରୀଜଗନ୍ନାଥଙ୍କ ପ୍ରତିମା ଧାରଣ କରି ଓଡ଼ିଶୀ ନୃତ୍ୟ ପରିବେଷଣ କରି ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଜାତୀୟ ସ୍ତରରେ ଏହି କୃତିତ୍ୱ ପାଇଁ ବିଶ୍ୱବିଦ୍ୟାଳୟରେ ଆନନ୍ଦର ଲହରୀ ଖେଳିଯାଇଛି। ଆରମ୍ଭରୁ ପଞ୍ଜିକରଣ, ଯାତାୟତ ବ୍ୟବସ୍ଥା ଆଦି କାର୍ଯ୍ୟରେ ସହାୟତା କରିଥିବାରୁ ଡଃ ମଲ୍ଲିକ ଅଧ୍ୟାପିକା ଶର୍ମିଳା ସୁବୁଦ୍ଧି ଓ ଅଣଶିକ୍ଷକ କର୍ମଚାରୀ ଶିଲୁ ମାରାଣ୍ଡିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଦଣ୍ଡମେରୁ ଯାତ୍ରା ଓ ନିର୍ବାଚନ ପାଇଁ ଗଞ୍ଜାମ ଦାଦନ ଶ୍ରମିକଙ୍କ ଘରବାହୁଡ଼ା

ରମ୍ଭା, (ସବ୍ୟୁ): ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଦଣ୍ଡ ଯାତ୍ରା ଓ ମେରୁ ଯାତ୍ରା ପାଇଁ ଗଞ୍ଜାମ ଶ୍ରମିକଙ୍କ ପ୍ରତିବର୍ଷ ଘରବାହୁଡା ହେଉଥିବା ବେଳେ ଚଳିତ ବର୍ଷ ସାଧାରଣ ନିର୍ବାଚନ -୨୦୨୪ କୁ ଦୃଷ୍ଟିରେ ରଖି ଶ୍ରମିକଙ୍କ ମାନଙ୍କ ଗଞ୍ଜାମ ଅଭିମୁଖେ ଫେରୁଥିବା ଲକ୍ଷ୍ୟ କରାଯାଇଛି। ପଲ୍ଲୀ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାର ଦଣ୍ଡ ପରିବେଷଣ ହେଉଥିବା ବେଳେ ଶହସ୍ରାଧିକ ଦଣ୍ଡୁଆ ଭକ୍ତ ସାଙ୍ଗକୁ କଳା ପ୍ରେମୀ ଦର୍ଶକ ମାନଙ୍କ ସଂଖ୍ୟାଧିକ ରୁଣ୍ଡ ହେଉଥିବା ଲକ୍ଷ୍ୟ କରାଯାଇଛି। ପିଲା ଦଣ୍ଡ ଏକ ପ୍ରକାର ଗଞ୍ଜାମର ମୁଖ୍ୟ ଆକର୍ଷଣ ହୋଇଛି। ୩ଦିନ ପରେ ଦଣ୍ଡଯାତ୍ରା ମେଷ ସଂକ୍ରାନ୍ତି ଦିନ ଉଦ୍‌ଯାପିତ ହୋଇଯାଉଛି । ଏହାପରେ ନିର୍ବାଚନ ପ୍ରଚାର ବର୍ତ୍ତମାନ ଉଷୁମ ରହିଥିବା ବେଳେ ପରବର୍ତ୍ତୀ ସମୟରେ ଧୂମଧାମରେ ଆରୋପ ଓ ପ୍ରତ୍ୟାରୋପ ନିର୍ବାଚନ ବାତାବରଣକୁ ସରଗରମ କରିବ ବୋଲି କୁହାଯାଉଛି। ରାଜ୍ୟ ତଥା ସୁରତ, ବାଙ୍ଗାଲୋର, ମୁମ୍ବାଇ କେରଳ, ତାମିଲନାଡୁ, ଚେନାଇ ରୁ ପ୍ରତ୍ୟେକ ଦିନ ହଜାର ହଜାର ଗଞ୍ଜାମର ଦାଦନ ଶ୍ରମିକ ଟ୍ରେନ ଓ ବସ୍ ଦ୍ୱାରା ଘରକୁ ଫେରୁଛନ୍ତି। ଖବର ନେବାରେ ଜଣାପଡୁଛି ଯେ ଆସନ୍ତା ୨ ମାସ ପର୍ଯ୍ୟନ୍ତ ସୁରତ ଓ ମୁମ୍ବାଇରୁ ଆସୁଥିବା ଟ୍ରେନରେ ସଂରକ୍ଷିତ ଟିକଟ ବୁକିଙ୍ଗ ନାହିଁ।

## କଡ଼ା ସୁରକ୍ଷା ବଳୟରେ ତାଳଚେରରେ ପହଞ୍ଚିଲା ଇଭିଏମ୍



ତାଳଚେର, (ସବ୍ୟୁ): ୨୦୨୪ ନିର୍ବାଚନ ନିକଟତର ହୋଇ ଆସୁଥିବା ବେଳେ ଗତକାଲି ଅନୁଗୋଳ ଓ୍ୱାର ହାଉସ୍‌ରୁ ଅଣାଯାଇ କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାଳଚେରରେ ରାତ୍ରୀ ୮ଟା ୩୦ମିନଟ୍ ସମୟରେ ସୁରକ୍ଷିତ ଭାବେ ତାଳଚେର ମହାବିଦ୍ୟାଳୟ ରଖାଯାଇଛି ଏବଂ ଏହାକୁ ଘେରି ରଖିଛନ୍ତି ସଶସ୍ତ୍ର ପୋଲିସ୍ ବାହିନୀ। ସର୍ବମୋଟ ତାଳଚେର ଅଂଚଳରେ ୨୦୨ଟି ବୁଥ ରହିଥିବା ବେଳେ ଏଥିନେଇ ସର୍ବମୋଟ ୨୫୫ଟି ଇଭିଏମ ମେସିନ୍ ଆସିଛି। ତାଳଚେର ଅଂଚଳ ୨୧ଟି ବ୍ଲକ ରହିଥିବା ବେଳେ କଣିହାଁ ଅଂଚଳରେ ୮ଟି ଓ ତାଳଚେର ପୌପରିଷଦ ୨୧ଟି ଓ୍ୱାର୍ଡ଼କୁ ନେଇ ତାଳଚେର ନିର୍ବାଚନ ମଣ୍ଡଳୀ ବିଧାନସଭା କ୍ଷେତ୍ର ପାଇଁ ୨୦୨୪ ନିର୍ବାଚନରେ ପ୍ରାୟ ଏକଲକ୍ଷ ୬୩ ହଜାର ୮୯୧ ଭୋଟର ଭୋଟଦାନ କରିବାର ବ୍ୟବସ୍ଥା କରାଯାଇଛି।ଏଥି ମଧ୍ୟରୁ ପୁରୁଷ ସଂଖ୍ୟା ୮୪ହଜାର ୯୩୩, ମହିଳା ୭୮ହଜାର ୯୨୬, ଯୁବକ ୩୯୭୨, ଭିନ୍ନ କ୍ଷମ ୧୬୮୧ଜଣ ଓ ତୃତୀୟ ଲିଙ୍ଗ ୩୨ଜଣ ରହିଥିବା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଜଣାପଡ଼ିଛି। ଗତକାଲି ଇଭିଏମ ମେସିନ୍ ଆସିବା ନେଇ ହାଣ୍ଡିଧୂଆଁ ଷ୍ଟେସନ ଗାନ୍ଧିଛକ ଠାରୁ ଶନିବାର ହାଟପର୍ଯ୍ୟନ୍ତ ରାସ୍ତାରେ ରହିଥିବା ସମସ୍ତ ହମ୍ପସ୍ ଗୁଡ଼ିକ ଇଭିଏମ ସୁରକ୍ଷାକୁ ନେଇ କାଟି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଉକ୍ତ ମେସିନ୍ ଗୁଡ଼ିକ ଯାଞ୍ଚ ପ୍ରକ୍ରିୟା ସରିବା ପରେ ତାଳଚେର ଏସଡ଼ିପିଓ ମାନସ ରଞ୍ଜନ ବାରିକ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉକ୍ତ ମେସିନ୍ ଗୁଡ଼ିକ ଅଣାଯାଇଥିବା କୁହାଯାଉଛି।

## ତାଳଚେର ପାଇଁ ଉଦ୍ଦିଷ୍ଟ କାର୍ଯ୍ୟାଳୟ ଅନୁଗୋଳରେ କାହା ସ୍ୱାର୍ଥରେ

# ସମସ୍ୟାର ସମାଧାନ ହେବ କିପରି ?

ତାଳଚେର, (ସବ୍ୟୁ): ଅନୁଗୋଳକୁ ଟ୍ୟୁନସିଟି କରାଯାଇ ଅନୁଗୋଳରେ ଯେଉଁ ପ୍ରକାର ସୁବିଧା ଉପଲବ୍ଧ ସେହିଭଳି ତାଳଚେର ଅଂଚଳରେ ମଧ୍ୟ କରିବାନେଇ ସ୍ଥିର କରାଯାଇଥିଲା ଓ ସେହି ଢାଚାଂରେ ମଧ୍ୟ କିଛି କାର୍ଯ୍ୟାଳୟ ତାଳଚେରବାସୀଙ୍କ ସୁବିଧା ନିମନ୍ତେ ଖୋଲା ଯାଇଥିଲା। ମାତ୍ର ଏପରି କ'ଣ ହେଲା ଯେ, ଏହି କାର୍ଯ୍ୟାଳୟ ଗୁଡ଼ିକ ଏଠାରୁ ଅନୁଗୋଳକୁ ସ୍ଥାନାନ୍ତରିତ କରି ଦିଆଗଲା । ରାଜ୍ୟ ସରକାର ତଥା ମୋ ସରକାର ଓ ୫-ଟି ମାଧ୍ୟମରେ ସାଧାରଣ ଲୋକଙ୍କ ନିକଟକୁ ପ୍ରଶାସନ କିପରି ପଂହଚି ପାରିବ ତାର ବିଧିବଦ୍ଧ ବ୍ୟବସ୍ଥା କରୁଥିବା ବେଳେ ତାଳଚେର ଅଂଚଳରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ତାଳଚେର ଅଂଚଳରେ ୧୦ଟି କୋଇଲା ଖଣି ସମେତ ଏନଟିପିସି ଭଳି ରାଷ୍ଟ୍ରଉଦ୍ୟୋଗୀ ସଂସ୍ଥା, ଟିଟିପିଏସ୍, ଭାରୀଜଳ କାରଖାନା, ଏକାଧିକ କୋଲଓ୍ୱାସେରୀ କୋଲପ୍ଲାଂଟ୍, ଏଫସିଆଇ ସାରକାରଖାନା, ସମଲ ବ୍ୟାରେଜ୍, ଡ଼େରେଙ୍ଗ ଜିନ୍ଦଲ ଓ ବହୁ ଛୋଟବଡ଼ କଳକାରଖାନା ମୁଣ୍ଡ ଟେକିଛି । ଏହି କଳକାରଖାନା ପାଇଁ ବିସ୍ଥାପନା ସମସ୍ୟା ଉତ୍କଟତର ହେଉଥିବା ବେଳେ ବିସ୍ଥାପିତ ଓ ପ୍ରଭାବିତଙ୍କ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ ତାଳଚେର ଅଂଚଳ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟାଳୟ ଗୁଡ଼ିକ ଅନୁଗୋଳରେ କାର୍ଯ୍ୟ କରୁଥିବାରୁ ଏଗୁଡ଼ିକ ସମସ୍ୟାର ସମାଧାନ ହେବ କିପରି ବୋଲି ଅଂଚଳବାସୀ ଏବେ ପଡ଼ିଛନ୍ତି ଦୋ'ଛକିରେ । ୨୧ଗୋଟି ପଂଚାୟତ କୁ ନେଇ ତାଳଚେର ବ୍ଲକ ହୋଇଥିବା ବେଳେ ସେହିଭଳି ୨୧ଟି ଓ୍ୱାର୍ଡ଼କୁ ନେଇ ତାଳଚେର ପୌରପରିଷଦ ଗଠିତ । ଏହି ଅଂଚଳରେ ଅଧିକ କୋଇଲା ଖଣି ରହିଥିବାରୁ ବିସ୍ଥାପିତଙ୍କ ସମସ୍ୟା କହିଲେ ନସରେ, ଏପରିକି ସେମାନଙ୍କର ନ୍ୟାର୍ଯ୍ୟଦାବି ପାଇଁ ରାଜରାସ୍ତାକୁ ଓହ୍ଲାଇ ସରକାରଙ୍କୁ କାଠଗୋଡ଼ାକୁ ଟାଣି ଆଣୁଥିବା ନଜିର ରହିଛି । ଏପରିସ୍ଥଳେ ଏହି ସମସ୍ୟା ଗୁଡ଼ିକୁ ହୃଦଗଂମ କରି ରାଜ୍ୟ ସରକାର ତାଳଚେର ପାଇଁ ଜଣେ ଅତିରିକ୍ତ ଜିଲ୍ଲାପାଳ ନିଯୁକ୍ତି ଦେଇଥିଲେ, ହେଲେ ତାଳଚେରରେ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ତାଳଚେରରେ ନହୋଇ ଅନୁଗୋଳ ସଦର ମହକୁମାରେ ହୋଇଛି। ସେହିଭଳି ତାଳଚେର ଏକ ଖଣିଖାଦାନ ବିଭିନ୍ନ ଶିଳ୍ପସଂସ୍ଥା ରହିଥିବାରୁ ଏଠାରେ ନୂତନ ଉତରାଅଂଚଳ ଡ଼ିଆଇଜି ପଦ ସୃଷ୍ଟି କରାଇ ତାଳଚେର ଠାରେ ଏହାର କାର୍ଯ୍ୟାଳୟ ଖୋଲିଥିଲା । ଢେଙ୍କାନାଳ, ଅନୁଗୋଳ ଓ ଦେବଗଡ଼ ଜିଲ୍ଲା ଏହି ଡ଼ିଆଇଜି ରେଞ୍ଜ ଅନ୍ତର୍ଭୁକ୍ତ କରାଯାଇଥିଲା । କେବଳ ଅରୁଣ ଷଡ଼ଙ୍ଗୀ ଡ଼ିଆଜି ଥିବା ବେଳେ ତାଙ୍କର ଆବାସିକ କାର୍ଯ୍ୟାଳୟ ତାଳଚେର ଠାରେ ହୋଇଥିବା ବେଳେ ତାଙ୍କ ପରଠାରୁ ଅବସ୍ଥାପିତ ଡ଼ିଆଜିମାନେ ସେମାନଙ୍କ ଆବାସିକ କାର୍ଯ୍ୟାଳୟ ଅନୁଗୋଳ ଠାରେ କରିଛନ୍ତି । ପୁନଶ୍ଚ ତାଳଚେରର ଆଇନ ଶୃଙ୍ଖଳା ଗୁରୁତ୍ୱଦେଇ ରାଜ୍ୟ ସରକାର ଏଠାରେ ଲକ୍ଷଲକ୍ଷ ଟଙ୍କା ବିନିମୟରେ ତାଳବେଡ଼ା ଠାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଏଏସପି) କାର୍ଯ୍ୟାଳୟ ଖୋଲିଥିଲେ ମଧ୍ୟ ଏହି ଅଧିକାରୀମାନେ କାଁଭାଁ ଏଠାରେ କାର୍ଯ୍ୟ କରୁଥିବା ବେଳେ ପ୍ରାୟ ସମୟରେ ଅନୁଗୋଳରେ ରହୁଛନ୍ତି। କୋଇଲା ଖଣି ପାଇଁ ତାଳଚେର ବହୁ ଜମି ଅଧିଗ୍ରହଣ ହେଉଛି, ମାତ୍ର ସେମାନଙ୍କ ନିଯୁକ୍ତି, ଥଇଥାନ, ବିଭିନ୍ନ ସମସ୍ୟାର ସମାଧାନ ଏବଂ ନ୍ୟାୟ ପାଇବା ପାଇଁ ଭୂଅର୍ଜନ କାର୍ଯ୍ୟାଳୟ ଏପର୍ଯ୍ୟନ୍ତ ଏଠାରେ ଖୋଲିପାରିଲା ନାହିଁ । ଏହା ମଧ୍ୟଅନୁଗୋଳ ଠାରେ ରହିଛି ଛ ଜମିହରା ପ୍ରଜାମାନେ ପ୍ରାୟ ଅନୁଗୋଳ ସଦର ମହକୁମା ଦୌଡ଼ିଦୌଡ଼ି ନୟାନ୍ତ ହେଉଛନ୍ତି ବୋଲି ଅଭିଯୋଗ ହେଉଛି । ସେହିଭଳି ଏଠାରେ ପୂର୍ବରୁ ଜିଲ୍ଲାଶ୍ରମ କାର୍ଯ୍ୟାଳୟ ରହିଥିଲା ଓ ଶ୍ରମିକ ମାନଙ୍କ ସମସ୍ୟା ସୁରୁଖୁରୁରେ ସମାଧାନ ହେଉଥିଲା । ଏବେ ଜିଲ୍ଲା ଶ୍ରମଅଧିକାରୀଙ୍କ କାର୍ଯ୍ୟାଳୟରେ କୌଣସି ଜିଲ୍ଲା ଶ୍ରମ ଅଧିକାରୀ ନିୟୋଜିତ ହୋଇ ନାହାନ୍ତି ଫଳରେ ଶ୍ରମିକମାନଙ୍କର ସମସ୍ୟା ନେଇ ଅନୁଗୋଳ ଜିଲ୍ଲା ଶ୍ରମ କାର୍ଯ୍ୟାଳୟକୁ ଯିବାକୁ ବାଧ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଏପରିକି, ବାଣିଜ୍ୟକର କାୟର୍ଯ୍ୟାଳୟ ଏଠାରୁ ସ୍ଥାନାନ୍ତରିତ କରି ଦେଇଥିବା ବେଳେ ଏପର୍ଯ୍ୟନ୍ତ ତାହା ଖୋଲାଯାଇ ପାରିଲା ନାହିଁ। ତାଳଚେର ଠାରେ ଥିବା ବିଭିନ୍ନ କାର୍ଯ୍ୟାଳୟ ଅନୁଗୋଳରେ ରହୁଥିବାରୁ ତାଳଚେର ଅଂଚଳବାସୀଙ୍କ ମାଳମାଳ ସମସ୍ୟା ସୁଧାର ଆସିବ କିପରି ବୋଲି ବୁଦ୍ଧିଜୀବ ମହଲରେ ଏହାକୁ ନେଇ ଉଠିଛି ପ୍ରଶ୍ନ?

## ତାଳଚେର ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ

ତାଳଚେର, (ସବ୍ୟୁ): ବହୁ ଉପେକ୍ଷିତ ତାଳଚେର ୨ୟ ବ୍ରାହ୍ମଣୀ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ଘଟଣାକୁ ନେଇ ତାଳଚେର ଅଂଚଳରେ ଖୁସିର ମାହୋଲ ଖେଳାଇ ଦେଇଛି। ତାଳଚେର ସହର ବାଇପାସ୍ ମଧ୍ୟରେ ଯାଇଥିବା ଏକମାତ୍ର ୧୪୯ନମ୍ବର ଜାତୀୟ ରାଜପଥ ଉପରେ ଦୈନନ୍ଦିନ ହଜାର ହଜାର ସଂଖ୍ୟକ ଅହରହ ଭାରୀଯାନ ଚଳାଚଳ ହେବା ଫଳରେ ପ୍ରଚୁର ଧୂଳିଧୂଆଁ ସମେତ ଦୁର୍ଘଟଣା ଘଟି ବହୁ ଜୀବନ ଯାଇଥିବା ବେଳେ ଆଉ କିଛି ଗୁରୁତର ଆହାତ ହୋଇ ମୃତ୍ୟୁ ସହ ସଂଗ୍ରାମ କରିଥିବା ନଜିର ରହିଛି। ଏହି ରାଜପଥକୁ ଛାଡ଼ି ଦେଲେ ଏହାର ଅନ୍ୟ ବିକଳ୍ପ ରାସ୍ତା ନଥିବାରୁ ଏହି ରାସ୍ତାରେ ଭାରୀଯାନ ସମେତ ବାଇକ, ସାଇକେଲ, ଓ ଛୋଟମୋଟ ଯାନ ଇତ୍ୟାଦି ନିର୍ଭର କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଦ୍ୱିତୀୟ ବ୍ରିଜ ନିର୍ମାଣ ନେଇ ପ୍ରାୟ ୫ବର୍ଷ ପୂର୍ବେ ତାଳଚେର ଉପଖଣ୍ଡ ପୌରପରିଷଦର ୧ନମ୍ବର ଓ୍ୱାର୍ଡ଼ର ରାଜପ୍ରସାଦ ନିକଟସ୍ଥ ମାଙ୍କଡ଼କେନ୍ଦା ଠାରେ ଦ୍ୱିତୀୟ ବ୍ରାହ୍ମଣୀବ୍ରିଜ୍ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେହି ସମୟରେ ଖଣି ଓ ଇସ୍ପାତମନ୍ତ୍ରୀ ପ୍ରଫୁଲ ମଲ୍ଲୀକ୍, ସାଂସଦ ଓ ପୂର୍ତ୍ତ ବିଭାଗୀୟ ଅଧିକାରୀମାନେ ଜମି ଚିହ୍ନଟ କରିବା ସହ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା। ବାଙ୍କା କନଷ୍ଟ୍ରକସନ୍ ଏହି ବ୍ରିଜ୍ ନିର୍ମାଣ କାର୍ଯ୍ୟ କରିବାକୁ ଆଗାମୀ ୭ଦିନ ମଧ୍ୟରେ ସରକାରଙ୍କ ସହ ଏକ ଚୁକ୍ତିନାମା ସ୍ୱାକ୍ଷର କରିବାର କୁହାଯାଉଛି।

## ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା

ତାଳଚେର, (ସବ୍ୟୁ): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଓ ୨୦ତମ ଲୋକ ମହୋତ୍ସବ ନିମନ୍ତେ ଦ୍ୱିତୀୟ ପ୍ରାକ୍-ପ୍ରସ୍ତୁତି ବୈଠକ ଗୁରୁବାର ଦିନ ୩:୩୦ ସମୟରେ ଗୋପାଳପ୍ରସାଦ ସ୍ଥିତ ମା' ହିଙ୍ଗୁଳା ପୀଠ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ତାଳଚେର ଉପଜିଲ୍ଲାପାଳ ତଥା ମା ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ମନୋଜ କୁମାର ତ୍ରିପାଠୀ ଏହି ବୈଠକରେ ଅଧକ୍ଷତା କରିଥିଲେ ବୈଠକ ଆରମ୍ଭରେ ମ୍ୟାନେଜିଂ ଟ୍ରଷ୍ଟି ଉପସ୍ଥିତ ସମସ୍ତ ସରକାରୀ ଅଧିକାରୀ ଓ ଟ୍ରଷ୍ଟ ବୋର୍ଡ ସଦସ୍ୟ ମନଙ୍କୁ ସ୍ୱାଗତ କରିଥିଲେ । ଚଳିତ ବର୍ଷ ପରି ସାଧାରଣ ର୍ନିବାଚନ ନିମନ୍ତେ ଅଦଶ ଆଚରଣ ବିଧି ଲାଗିଥିବାରୁ ଏହି ବୈଠକକୁ କଣସି ର୍ନିବାଚିତ ପ୍ରତିନିଧି ମାନଙ୍କୁ ବୈଠକ ଆସିବା ନିମନ୍ତେ ବରଣ କରାଯାଇଥିଲା ଚଳିତ ବର୍ଷ ଅପ୍ରିଲ ମାସ ୨୨/୪/୨୦୨୪ତାରିଖ ଠାରୁ ଆରମ୍ଭ ହୋଇ ୩୦/୪/୨୦୨୪ରିଖରେ ଶେଷ ହବ ବୋଲି ମନ୍ଦିର ରାଜା ଙ୍କ ପୂଜକ ପଞ୍ଜିକା ଗଣନା କରି କହିଥିଲି ଏହି ବୈଠକ ରେ ଟ୍ରଷ୍ଟ ବୋର୍ଡ ର ସମସ୍ତ ସଦସ୍ୟ, ଉପଖଣ୍ଡ ପ୍ରଶାସନ, ପୋଲିସ ପ୍ରଶାସନ, ଏମସିଏଲ ର ସମସ୍ତ ପଦାଧିକାରୀ ଉପସ୍ଥିତ ରହିଥିଲେ । ଏହା ପରେ ଉପଜିଲ୍ଲାପାଳ, ତଥାମ୍ୟାନେଜିଂ ଟ୍ରଷ୍ଟି ଆଲୋଚନା ରେ ଅଂଶଗ୍ରହଣ କରି ଗତ ତା ୧୨/୦୨/୨୦୨୪ ରିଖ ରେ ଆଲୋଚନା ହେଇଥିବା ବିଷୟ ଉପରେ ଆଲୋକ ପାତ କରି କୋଇଲା କ୍ଷେତ୍ରର ମହାପ୍ରବନ୍ଦ ମାନଙ୍କୁ ଦିଆଯାଇଥିବା କାର୍ଯ୍ୟଗୁଡିକର ଅଗ୍ରଗତି ବିଷୟ ରେ ଆଲୋକପାତ କରିଥିଲେ । ବିଶେଷ କରି ଏମସିଏଲ ହିଙ୍ଗୁଳା କ୍ଷେତ୍ର, ଜଗନ୍ନାଥ କ୍ଷେତ୍ର,ଭାରତ ପୁରୁ କ୍ଷେତ୍ର, ଲିଙ୍ଗରାଜ କ୍ଷେତ୍ର, କଣିହାଁ କ୍ଷେତ୍ର, ଏନ ଟି.ପି.ସି କଣିହାଁ ଏବଂ ଜିନ୍ଦଲ ଅନୁଗୁଳ କୁ ଦିଆଯାଇଥିବା କାଯ୍ୟ ସମୂହ ଅଗ୍ରଗତି ବିଷୟ ରେ ଅବଗତି ହୋଇଥିଲା ଏବଂ ଯାତ୍ରା ୨୨/୪/୨୪ ରିଖରେ ରେ ପଡୁଥିବାରୁ ତାହା ପୂର୍ବରୁ ସମସ୍ତ କାଯ୍ୟ କରିବାକୁ ଅନୁରୋଧ କରିଥିଲା । ଉପଜିଲ୍ଲାପାଳ ତାଳଚେର ମଧ୍ୟ ମହାପ୍ରବନ୍ଧକମାନଙ୍କୁ ଯାତ୍ରା ଯାତ୍ରା ଆରମ୍ଭର ଯଥେଷ୍ଟ ପୂର୍ବରୁ କାଯ୍ୟ ସବୁ ଶେଷ କରିବା କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ସମସ୍ତ ମହାପ୍ରବନ୍ଧକ ନିର୍ଦ୍ଧାରିତ ସମୟ ପୂର୍ବରୁ ସେମାନେ ସମସ୍ତ କାଯ୍ୟ ଶେଷ କରିବାକୁ ସମ୍ମତପ୍ରଦାନ କରିଥିଲେ ଶେଷରେ ମା ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ମନୋଜ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରକ୍ ଧକ୍କାରେ ଜଣେ ମୃତ

ବଅଁରପାଳ, (ସବ୍ୟୁ): ବଅଁରପାଳ ଥାନା ଅନ୍ତର୍ଗତ ନୂଆହତା ଗ୍ରାମ ଦେଇ ଯାଇଥିବା କଟକ, ସମ୍ବଲପୁର ୫୫ନଂ ଜାତୀୟ ରାଜପଥ ନୂଆହତା ଠାରେ ଟ୍ରକ ଧକ୍କାରେ ଜଣେ ସ୍କୁଟି ଆରୋହଙ୍କ ମୃତ୍ୟୁ ଘଟିଛି । ସୂଚନା ମୁତାବକ ମୃତବ୍ୟକ୍ତି ଜଣଙ୍କ ହେଲେ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ବିକଳ ନାଏକଙ୍କ ପୁଅ ଶିବୁ ନାଏକ। ଆଜି ସକାଳେ କୋଣସି ଏକ କାର୍ଯ୍ୟ ପାଇଁ ବଅଁରପାଳ ଆସିଥିଲେ କାର୍ଯ୍ୟ ସାରି ପ୍ରାୟ ୧୦ ଘଟିକା ସମୟରେ ନିଜ ଗ୍ରାମକୁ ଫେରୁଥିବା ସମୟରେ ନୂଆହତା ଗ୍ରାମ ନିକଟସ୍ଥ ଟେଲକୋ ଛକ ନିକଟରେ ତାଙ୍କ ସ୍କୁଟି ସହିତ ଟ୍ରକ୍ ଦୁର୍ଘଟଣା ଘଟିଥିଲା। ଫଳରେ ଶିବୁ ନାଏକ ଉପରେ ଟ୍ରକ୍ ଚଢ଼ି ଯାଇଥିଲା ଓ ଘଟଣା ସ୍ଥାନରେ ମୃତ୍ୟୁବରଣ କରିଥିଲେ। ତାଙ୍କ ସାଙ୍ଗରେ ଆସିଥିବା ଅନ୍ୟ ଜଣେ ବ୍ୟକ୍ତି ଛିଟିକି ପଡ଼ିବାରୁ ମୃତ୍ୟୁ ମୁଖରୁ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି । ଦୁର୍ଘଟଣା ପରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା ଘଟଣା ସ୍ଥାନରେ ବଅଁରପାଳ ଥା୨ନା ପୋଲିସ ପହଞ୍ଚି ପରିବାର ଲୋକ ଓ ଜନସାଧାରଣଙ୍କୁ ବୁଝାସୁଝା କରିବା ସହ ମୃତ ଦେହକୁ ବ୍ୟବଛଦ ପାଇଁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇ ଘଟଣାର ତଦନ୍ତ କରୁଛନ୍ତି। ଦୁଇ ଗାଡ଼ି ଚାଳଙ୍କର ବେପାରୁଆ ଗାଡ଼ି ଚାଳନା ଯୋଗୁଁ ଚାଲିଗଲା ଜଣେ ଯୁବକର ଅମୁଲ୍ୟ ଜିବନ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ଠାକୁରଗଡ଼, (ସବ୍ୟୁ): କିଶୋରନଗର ଉଚ୍ଚ ବିଦ୍ୟାଳୟର କନିଷ୍ଠ କିରାଣୀ ପ୍ରତାପ କୁମାର ପ୍ରଧାନ ମାର୍ଚ୍ଚ ୩୧ ତାରିଖ ଦିନ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିସରରେ ବୁଧବାର ଦିନ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ମିଶ୍ର ଯୋଗ ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ତାଙ୍କ ସହ ବିତାଇଥିବା ବିଗତ ଦିନର ସ୍ମୃତି ଚାରଣ କରିଥିଲେ । ଶ୍ରୀ ପ୍ରଧାନ ବିଦ୍ୟାଳୟର ଉନ୍ନତି ପାଇଁ ସାମୂହିକ ଉଦ୍ୟମ କରିବା ଏକାନ୍ତ ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦାୟୀ କର୍ମଚାରୀ ଶ୍ରୀ ପ୍ରଧାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ସଂଯୋଜନା କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ପିଲା ଚୋରି ନେଇ ଭାଗୀରଥୀପୁର ଅଞ୍ଚଳରେ ଉତ୍ତେଜନା

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳରେ ପିଲା ଚୋରୀ ଆତଙ୍କ ଦେଖାଦେଇଛି। ବୁଧବାର ଦିନ କୁର୍ତିବାସପୁର ପଂଚାୟତ ଭାଗିରଥିପୁର ଗ୍ରାମର ଜଣେ ନାବାଳିକା ଛାତ୍ର ଓ ଜଣେ ଛାତ୍ରୀ ଙ୍କୁ ବାଇକ ରେ ବସାଇ ନେଇଯାଉଥିବା ବେଳେ ଅଞ୍ଚଳବାସୀ ଚୋରକୁ କାବୁ କରିବା ସହ ପୋଲିସ ଜିମା ଦେଇଛନ୍ତି । ଘଟଣା ରୁ ଜଣାପଡିଛି ଯେ କିଛି ଦିନ ହେବ ଏହି ଅଞ୍ଚଳ ରେ ଚୋର ମାନଙ୍କର ସକ୍ରିୟ ହୋଇ ପଡିଛନ୍ତି। ବିଶେଷ କରି ଅନ୍ୟ ଜିଲ୍ଲାରୁ କିଛି ଅସମାଜିକ ଯୁବକ ମାନେ ବାଇକ ଜରିଆରେ ଆସି ଏହି ଅଞ୍ଚଳରେ ରହିବା ସହ ଚୋରୀ କରୁଥିବା ଅଭିଯୋଗ ହୋଇଛି । ବୁଧବାର ଦିନ ଭାଗିରଥିପୁର ଅଞ୍ଚଳର ୨ ଜଣ ଛାତ୍ରୀ ଓ ଛାତ୍ର ମାନେ ସ୍କୁଲୟରୁ ପାଠ ପଢି ଘର ଫେରୁଥିବା ବେଳେ ସୁନ୍ଦରଗଡ ଜିଲ୍ଲା ବଡଗାଁ ଥାନା ରତମା ଅଞ୍ଚଳର କୃଷ୍ଣ ଚନ୍ଦ୍ର ସାହୁ ନାମକ ଜଣେ ଯୁବକ ବାଇକ ଯୋଗେ ଆସି ଉକ୍ତ ୨ ଜଣଙ୍କୁ ଘରେ ଛାଡିଦେବାକୁ କହିବା ସହ ବସାଇ ନେଇଯାଉଥିଲେ । କୃଷ୍ଣ ଚନ୍ଦ୍ର ଉକ୍ତ ୨ ଜଣ ଛାତ୍ରୀ ଛାତ୍ରଙ୍କୁ ତାଙ୍କ ଘର ନିକଟରେ ନଛାଡି ଦ୍ରୁତଗତିରେ ସମ୍ବଲପୁର ଅଭିମୁଖେ ନେଇଯାଉଥିବା ବେଳେ ସେମାନେ ଜୋରରେ ପାଟି କରିଥିଲେ। ପରେ ଅଞ୍ଚଳର କିଛି ଯୁବକ ଦେଖିବା ପରେ କୃଷ୍ଣଙ୍କୁ ପିଛା କରି କାବୁ କରିଥିଲେ। ପରେ କାବୁ କରାଯାଇଥିବା କୃଷ୍ଣଙ୍କୁ ଗ୍ରାମକୁ ଆଣିବା ପରେ ପୋଲିସ ଜିମା ଦେଇଥିଲେ। ଏହି ଘଟଣାକୁ ନେଇ ଠାକୁରଗଡ଼ ଥାନା ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ଅନେକ ଅଭିଭାବକ ମାନେ ସେମାନଙ୍କର ଶିଶୁଙ୍କୁ ଘରେ ତାଲା ପକାଇ ରଖିଥିବା ଜଣାପଡିଛି। ଏନେଇ ଠାକୁରଗଡ଼ ଥାନା ନଟବର ନନ୍ଦ କୁହନ୍ତି କୃଷ୍ଣ ଚନ୍ଦ୍ର ପିଲା ମାନଙ୍କୁ ଅସଦାଚରଣ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଖବର ପାଇବା ପରେ ପୋଲିସ ଘଟଣା ସ୍ଥଳ କୁ ଯାଇ କୃଷ୍ଣ ଙ୍କୁ ଉଦ୍ଧାର କରିବା ସହ ଅଟକ ରଖି ପଚାରାଉଚରା କରାଯାଉଛି।

## ବାସନ୍ତିକ ନବରାତ୍ର ମହୋତ୍ସବ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ସହରସ୍ଥିତ କୈବଲ୍ୟ ବଜାର ଠାରେ ଅବସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଚଳିତ ବର୍ଷ ବାସନ୍ତିକ ନବରାତ୍ର ମହୋତ୍ସବ ୯ ତାରିଖ ମଙ୍ଗଳବାର ଠାରୁ ଆରମ୍ଭ ହୋଇ ଆସନ୍ତା ୧୭ ତାରିଖ ବୁଧବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ । ପ୍ରାୟ ପ୍ରତିଦିନ ଶହଶହ ଗାୟତ୍ରୀ ପରିବାର ଯଜ୍ଞାନୁଷ୍ଠାନରେ ଯୋଗଦାନ କରୁଛନ୍ତି । ସହରର ବହୁ ଶ୍ରଦ୍ଧାଳୁ ତଥା ଜନସାଧାରଣ ମଧ୍ୟ ଏଥିରେ ସାମିଲ୍ ହେଉଛନ୍ତି । ଆସନ୍ତା ୧୭ ତାରିଖ ପୂର୍ବାହ୍ନ ୮.୩୦ମି. ସମୟରେ ପୂର୍ଣ୍ଣାହୁତି ଯଜ୍ଞ ଆରମ୍ଭ ହୋଇ ଦିବା ୧୧.୩୦ ମି. ସମୟରେ ଶେଷ ହେବ ।

## କଳସ ଯାତ୍ରା

ଢେଙ୍କାନାଳ, (ସବ୍ୟୁ): ବାଜିଚୌକସ୍ଥିତ ଓଭର୍ ବ୍ରିଜ୍ ତଳେ ମା' ବାଟ ମଙ୍ଗଳାଙ୍କ ନୂତନ ମନ୍ଦିର ସ୍ଥାପନ ନିମନ୍ତେ ୧୫୧ ପୁରୁଷ ଓ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ସ୍ଥାନୀୟ ବ୍ରାହ୍ମଣୀ ନଦୀ କମଗରା ଘାଟ ଠାରୁ ପୂଜାର୍ଚ୍ଚନା କରାଯାଇ ସଂକୀର୍ତନ ସହ ଏବଂ ବାଦ୍ୟ ଦ୍ୱାରା ସହର ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ସ୍ଥାପନ ହୋଇ ଅଧିବାସ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ୧୦ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୨ ତାରିଖରେ ବିଗ୍ରହ ପ୍ରତିଷ୍ଠା ସହିତ ପୂର୍ଣ୍ଣହୁତି ଓ ପ୍ରସାଦସେବନ ଅନୁଷ୍ଠିତ ହେବ । ଅନୁଗୁଳର ମୁଖ୍ୟ ପୂଜକ ଅଶୋକ କର ଓ ତାଙ୍କ ସାଥୀମାନେ ସମସ୍ତ ପୁଜାକୁ ସୂଚାର ରୂପେ ପାଳନ କରୁଥିବାବେଳେ କର୍ତା ରୁନିଆ ସାହୁ, ସଭାପତି ଶ୍ରୀକାନ୍ତ ରଣା, ଉପସଭାପତି ନିର୍ମଳ ରାଉତ, କୋଷାଧକ୍ଷ ଜିତେନ୍ଦ୍ର ବେହେରା, କର୍ମକର୍ତା ଶଶି ପାଣ୍ଡେ, ଗୁଡୁ ସିଂ, ଶିବୁ ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରୁଛନ୍ତି।

## ବାଇକ ଜବତ, ଜଣେ ଗିରଫ

ଠାକୁରଗଡ଼, (ସବ୍ୟୁ): ହଣ୍ଡପା ପୋଲିସ ମଙ୍ଗଳବାର ଦିନ ଡେବେରାପାଲି ଗ୍ରାମରେ ମଦ୍ୟପାନ କରି ଗାଡି ଚଲାଉଥିବା ଅଭିଯୋଗରେ ଜରପଡା ଥାନା ଡୁକୁଡା ଗ୍ରାମର ଚକ୍ରଧର ମହରଙ୍କୁ ଗିରଫ କରିଛି । ଏଥିସହ ତାଙ୍କ ବାଇକକୁ ଜବତ କରିଛି। ସେ ମଦ୍ୟପାନ କରି ବାଇକ ଚଲାଉଥିବା ବେଳେ ପୋଲିସ ଯାଞ୍ଚ କରି ତାଙ୍କୁ ଗିରଫ କରିଥିଲା ।

## କୁସୁମଧରାରେ ଓ୍ୱାରେଣ୍ଟି ଗିରଫ

ଠାକୁରଗଡ଼, (ସବ୍ୟୁ): ଠାକୁରଗଡ଼ ଥାନା ପୋଲିସ କୁସୁମଧରା ଗ୍ରାମରେ ଚଢଉ କରି ପୁରୁଣା ଓ୍ୱାରେଣ୍ଟ ଥିବା ନିଲୁ ସାହୁଙ୍କୁ ଗିରଫ କରିଛି। ତାଙ୍କ ନାମରେ ୨୦୧୮ ମସିହାରୁ ଥାନାରେ ମାମଲା ଥିବା ବେଳେ ସେ ଦୀର୍ଘ ଦିନ ହେବ ଫେରାର ଥିଲେ ଘରେ ଥିବା ଖବର ପାଇ ତାକୁ ମଙ୍ଗଳବାର ଦିନ ଠାକୁରଗଡ଼ ପୋଲିସ ଗିରଫ କରି ଆଠମଲ୍ଲିକ କୋର୍ଟକୁ ଚାଲାଣ କରିଛି ।

## ମଦ ଜବତ, ୨ ଗିରଫ

ଠାକୁରଗଡ଼, (ସବ୍ୟୁ): ହଣ୍ଡପା ପୋଲିସ ମଙ୍ଗଳବାର ଦିନ ଧଉରାଗୋଠ ଗ୍ରାମରେ ଚଢଉ କରି ଜ୍ୟାତି ମାଝୀଙ୍କ ଘରୁ ୧୩ ଲିଟର ଚୋରା ମଦ ଜବତ କରିଛି । ଏଥିସହ ତାଙ୍କୁ ଗିରଫ କରାଯାଇଛି । ସେ ବେଆଇନ ଭାବରେ ମଦ ବିକ୍ରି କରୁଥିବା ଖବର ପାଇଁ ପୋଲିସ ଚଢଉ କରି ଗିରଫ କରିଥିଲା। ସେହି ପରି ଭେଜିଗୋଠ ଗ୍ରାମରେ ଚଢଉ କରି ମିନତୀ ପ୍ରଧାନଙ୍କ ଘରୁ ୧୨ ଲିଟର ଚୋରା ମଦ ଜବତ କରିଛି । ଏଥିସହ ତାଙ୍କୁ ଗିରଫ କରାଯାଇଛି।

## ଗୁଣଦେଇ ଗ୍ରାମପଞ୍ଚାୟତର ଜନମଞ୍ଚ ଦ୍ୱାରା 'ହାତୀ ଚଳାପଥ ଜୀବନ ବିପଥ'

# ହାତୀ ଯିବା ପାଇଁ ସୁଡଙ୍ଗ ନିର୍ମାଣ ଅନାବଶ୍ୟକ ଶିରୋନାମା ଦସ୍ତାବିଜ୍ ପୁସ୍ତକ ଲୋକାର୍ପିତ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ୍ ଅନ୍ତର୍ଗତ ମହାଦିଆ ଗ୍ରାମର ଆଶ୍ରମ ବିଦ୍ୟାଳୟ ଠାରେ ଗୁଣଦେଇ ଗ୍ରାମ ପଂଚାୟତର ଜନମଂଚ ଦ୍ୱାରା ବିରାଟ ଜନସଭା ଆୟୋଜନ କରାଯାଇଥିଲା । ଦୀର୍ଘ ୪ ବର୍ଷ ଧରି ଗଇଲୋ ବସ୍‌ଷ୍ଟାଣ୍ଡ ନିକଟରେ ଚଲାପଥ ସୁଡଙ୍ଗ ନିର୍ମାଣ ବିରୁଦ୍ଧରେ ପଂଚାୟତବାସୀ ଯେଉଁ ସଂଗ୍ରାମ ଜାରି ରଖିଥିଲେ, ତା'ର ସମାପ୍ତି ଘଟି ୨୦୨୪ ପ୍ରାରମ୍ଭରୁ ଜାତୀୟ ରାଜପଥ-୫୫ ଗୁଣଦେଇ ଗ୍ରାମପଂଚାୟତ ସରହଦରେ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ହୋଇଯାଇଛି । ଏହି ସଫଳତା ପାଇଁ ଜିଲଲାପାଳଙ୍କ ମହାମହିମ ରାଷ୍ଟ୍ରପତିଙ୍କ ପର୍ଯ୍ୟନ୍ତ କରାଯାଇଥିବା ପତ୍ରାଳାପ ଏବଂ ଯୋଗାଯୋଗ ସମସ୍ତ ଦସ୍ତାବିଜ୍‌ର ସମାହାରରେ ୪୦୦ ପୃଷ୍ଠା ବିଶିଷ୍ଟ ପୁସ୍ତକ ଜନମଂଚର ସଭାପତି ଅନ୍ତର୍ଯ୍ୟାମୀ ବରାଳଙ୍କ ଦ୍ୱାରା ଲୋକାର୍ପିତ କରାଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଢେଙ୍କାନାଳ ସାଂସଦ ମହେଶ ସାହୁ ଯୋଗଦେବାକୁ ସମ୍ମତି ଦେଇଥିଲେ ହେଁ ଅନିଶ୍ଚିତ କାରଣ ବସତଃ ଯୋଗଦେଇପାରିନଥିଲେ । ପୁସ୍ତକଟିର ମୁଖବନ୍ଧ ଏବଂ ୨କୃତଜ୍ଞତା ଜ୍ଞାପନ ପୃଷ୍ଠା ସଭାପତିଙ୍କ ଦ୍ୱାରା ଲେଖାଯାଇଥିବା ବେଳେ, ସାଂସଦଙ୍କର ଶୁଭେଚ୍ଛାବାର୍ତା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ସଫଳତାର ବାର୍ତା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କର ବାର୍ତା ଗୁଡିକ ପୁସ୍ତକରେ ସଂକଳିତ କରାଯାଇଛି ।ଜନମଂଚର ମୁଖ୍ୟ କର୍ମକର୍ତାଙ୍କର ଫଟୋଚିତ୍ର, ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଓ ଫଟୋଚିତ୍ର, ଗଣମାଧ୍ୟମର ପ୍ରକାଶିତ ଖବରଗୁଡିକ ପୁସ୍ତକଟିରେ ପ୍ରକାଶିତ ହୋଇଛି । ଜନପ୍ରତିନିଧି ସାଂସଦ ମହେଶ ସାହୁ, ବିଧାୟିକା ସୀମାରାଣୀ ନାୟକ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ବ୍ଲକ୍ ଅଧକ୍ଷା ସସ୍ମିତା ମହାନ୍ତି, ପ୍ରାକ୍ତନ ରାଜ୍ୟସଭା ସାଂସଦ ରୁଦ୍ରନାରାୟଣ ପାଣି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡକରୀ, ତତ୍କାଳୀନ ସରପଂଚ ଜ୍ୟୋତିର୍ମୟୀ ଲେଙ୍କା, ତତ୍କାଳୀନ ସମିତିସଭ୍ୟା ବାସନ୍ତୀ ଦେହୁରୀ ପ୍ରମୁଖ ସଫଳତା ପାଇବାରେ ସହଯୋଗ ଦେଇଥିବାରୁ ସଭାପତି କୃତଜ୍ଞତା ଜଣାଇଥିଲେ । ସର୍ବୋପରି ଜିଲ୍ଲା ଓ ରାଜ୍ୟ ପ୍ରଶାସନ- ଜିଲ୍ଲାପାଳ, ବନଖଣ୍ଡ ଅଧିକାରୀ, ଜାତୀୟ ରାଜପଥ ପ୍ରକଳ୍ପ ଅଧିକାରୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ), ଅତିରିକ୍ତ ମୁଖ୍ୟ ସଚିବ ବନବିଭାଗର ଅଧିକାରୀଗଣ ଅକୁଣ୍ଠିତ ସହଯୋଗ ଦେଇଥିବାରୁ ସଭାପତି ବଧେଇ ଜଣାଇଥିଲେ । ଏହି ଗଣତାନ୍ତ୍ରିକ ଆନ୍ଦୋଳନ ଦ୍ୱାରା ଅଂଚଳବାସୀଙ୍କର ଗମନାଗମନ, ଧନ ଜୀବନ, କୃଷି, ବାଣିଜ୍ୟ ବେପାର, ଶ୍ରମ ରୋଜଗାର, ଶିକ୍ଷା ସ୍ୱାସ୍ଥ୍ୟର ସ୍ଥିତି ଦୃଢ ହେବା ସହିତ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଗୁଡିକର ସଦ୍‌ବ୍ୟବହାର ହୋଇପାରିବ ବୋଲି ସଭାପତି ତାଙ୍କ ଅଭିଭାଷଣ ରଖିଥିଲେ ।

## ଆର୍ଯ୍ୟ ସମାଜ ବୈଦିକ ଯଜ୍ଞ କମିଟିର ରାଷ୍ଟ୍ରୀୟ ନବବର୍ଷ



ତାଳଚେର, (ସବ୍ୟୁ): ତାଳଚେର ଆର୍ଯ୍ୟ ସମାଜର ବୈଦିକ ଯଜ୍ଞ କମିଟି ତରଫରୁ ଫାଷ୍ଟଗେଟ୍ ସ୍ଥିତ ଚିତ୍ରକୂଟ ମନ୍ଦିର ପରିସରରେ ଚୈତ୍ର ଶୁକ୍ଲ ପ୍ରତିପଦା ତିଥିରେ ରାଷ୍ଟ୍ରୀୟ ନବବର୍ଷ ମହାସମାରୋହରେ ପାଳିତ ହୋଇଯାଇଛି ଛ ଆୟୋଜିତ ସଭାରେ ବିଭିନ୍ନ ବୁଦ୍ଧିଜୀବୀମାନେ ଯୋଗ ଦେଇ ନିଜର ମତପ୍ରକାଶ କରିଥିଲେ । ମେଘନାଦ ପରିଡା ସଭାପତିତ୍ୱ କରିଥିବାବେଳେ ସଂପାଦକ ହରେଶ ଚନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ । ଏହି ସଭାରେ ଭାରତୀୟ ପରମ୍ପରା ଏବଂ ସଭ୍ୟତାକୁ ଅକ୍ଷୁର୍ଣ୍ଣ ରଖିବାକୁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ ଛ ରଂଜିତ କୁମାର ମହାପାତ୍ର, ସୁଶାନ୍ତ ପାଲ୍, ପୂର୍ଣ୍ଣଚନ୍ଦ୍ର ମହାରଣା, ବ୍ର. ଆଶୁତୋଷ, ମହେନ୍ଦ୍ର କୁମାର ସେନ୍, ମଦନ କୁମାର ଅଗ୍ରଓ୍ୱାଲା, ସୁଧାକର ସାହୁ, ପୂର୍ବତନ ସରପଂଚ ନରୋତମ ସାମନ୍ତ ଓ ଆର୍ଯ୍ୟ ସମାଜର ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ। ପ୍ରତ୍ୟେକ ମାସରେ ସତ୍ସଙ୍ଗ କରିବାକୁ ସ୍ଥିର କରାଗଲା । ବେଦର ପ୍ରଚାର ପାଇଁ ବାର୍ଷିକ ଯଜ୍ଞ ଏବଂ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତି ନିଆଗଲା।

# ୧୦ହଜାର କିଲୋ ପୋଚ, ୮୦ ଲିଟର ଦେଶୀ ମଦ ଜବତ




କରଞ୍ଜିଆ , (ସବ୍ୟୁ) :ଅବକାରୀ ବିଭାଗର ସ୍ଥାଣୁତା ଯୋଗୁଁ କରଞ୍ଜିଆ ଓ ଏହାର ଆଖପାଖ ଅଞ୍ଚଳରେ ଦେଶୀ ମଦ କାରବାର ବୃଦ୍ଧି ପାଉଥିବା ଖବର ପୋଲିସ ପ୍ରଶାସନ ଶୁଣିବାକୁ ପାଇଥିଲା। ତେଣୁ କରଞ୍ଜିଆ ପୋଲିସ ପକ୍ଷରୁ ଏହି କାରବାରକୁ ବନ୍ଦ କରିବା ପାଇଁ ପଦକ୍ଷେପ ନେବାକୁ କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ନିରଜ କୁମାର ମଲ୍ଲିକ ଚେଷ୍ଟା ଆରମ୍ଭ କରିଛନ୍ତିଛକିଛି ଦିନ ହେବ କରଞ୍ଜିଆର ବିଭିନ୍ନ ସ୍ଥାନରେ ବ୍ୟାପକ ପରିମାଣରେ ଦେଶୀ ମଦ ପ୍ରସ୍ତୁତି ହେଉଥିବା ଖବର ବିଶେଷ ସୂତ୍ରରୁ ପାଇ ବୁଧବାର ଦିନ କରଞ୍ଜିଆ ବ୍ଲକ ବଳା ପଞ୍ଚାୟତ ଜରାସାହୀ ଜଙ୍ଗଲ ନିକଟରେ ଶ୍ରୀ ମଲ୍ଲିକଙ୍କ ନିର୍ଦ୍ଦେଶ ମତେ ସହକାରୀ ଇନ୍ସପେକ୍ଟର ବଳରାମ ମହାରଣାଙ୍କ ନେତୃତ୍ୱରେ ସହକାରୀ ଇନ୍ସପେକ୍ଟର କ୍ଷିତି ରଞ୍ଜନ ନାଏକ, ସହକାରୀ ସ୍ ଇନ୍ସପେକ୍ଟର ଗୁରୁବାରୀ ମୁଣ୍ଡା, ହାବିଲଦାର ଦୁର୍ଯୋଧନ ମହାନ୍ତ, ପ୍ରଭାକର ମହାନ୍ତ ତପସ୍ୱିନୀ ମହାନ୍ତ କଳାବତୀ ଗିରି ରାମ ଚନ୍ଦ୍ର ପୁର୍ତ୍ତି ଓ ଜଗନ୍ନାଥ ସିଂହଙ୍କ ସହ ୨ସେକ୍ସନ ପୋଲିସ ଫୋର୍ସ ଅତର୍କିତ ଚଢ଼ାଉ କରିଥିଲେ। ସେଠାରୁ ୧୦ ହଜାର କିଲୋ ମହୁଲ ପୋଚ ଓ ୮୦ ଲିଟର ଦେଶୀ ମଦ ଜବତ କରି ପୋଚ ଗୁଡ଼ିକୁ ସେହି ଜଙ୍ଗଲରେ ନଷ୍ଟ କରିଥିଲେ। ତେବେ ଏହି ଚଢ଼ାଉ ସମୟରେ ମଦ ତିଆରି କରୁଥିବା ଲୋକମାନେ ଜଙ୍ଗଲ ମଧ୍ୟକୁ ଦୌଡ଼ି ପଳାଇଥିଲେ। ତେବେ ସେଠାରୁ ଦେଶୀ ମଦ ତିଆରି ସାଜ ସରଞ୍ଜାମ ପୋଲିସ ଜବତ କରିଛି।ତେବେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୦-୧୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛିଛ ତେବେ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ତନଘନା ଚଢ଼ାଉ ଆବଶ୍ୟକ ହୋଇପଡିଛି ବୋଲି ଜନସାଧାରଣ ମତବ୍ୟକ୍ତ କରିଛନ୍ତି।

# ଦେଶୀମଦ ସହ ୨ଟି ଗାଡ଼ି ଜବତ : ୨ ଗିରଫ




ନୀଳଗିରି,(ସବ୍ୟୁ) :ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ବାଲେଶ୍ୱର ଅବକାରୀ ଅଧିକ୍ଷକ ସୁଶାନ୍ତ ପାଢୀଙ୍କ ନିର୍ଦ୍ଦେଶରେ ନୀଳଗିରି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା । ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ସ୍କ୍ୱାଡ, ଆରଟିଓ ବାଲେଶ୍ୱର ,ସାଟେଲାଇଟ୍ ୟୁନିଟ୍ ଜଳେଶ୍ୱର, ନୀଳଗିରି ଅବକାରୀ ବିଭାଗ ଏବଂ ନୀଳଗିରି ପୁଲିସ ପକ୍ଷରୁ ଏହି ଚଢାଉ କରାଯାଇଥିଲା । ଭ୍ରାମ୍ୟମାଣ ସ୍କ୍ୱାଡ ପୋଢ଼ାଶୂଳ ଛକ ନିକଟରୁ ଗୋଟିଏ ୪ ଚକିଆ ପିକ୍ଅପ୍‌କୁ ଧରିବା ସହ ସେଥିରେ ଥିବା ୧୧ଶହ ଲିଟର ଦେଶୀମଦ ଜବଦ କରି ପୋଢ଼ାଶୂଳ ଅଞ୍ଚଳର ବଳରାମ ବିଶ୍ୱାଳ ନାମକ ଜଣେ ଆସାମୀକୁ ଗିରଫ କରିଥିଲେ । ସେହିପରି ନୀଳଗିରି ଅବକାରୀ ବିଭାଗ ସିଆଡ଼ିମାଳ ଛକନିକଟରୁ ଗୋଟିଏ ଟାଟା ଇଣ୍ଡିଗୋ କାର ଧରିବା ସହ ସେଥିରେ ଥିବା ୫୫୦ଲିଟର ଦେଶୀ ମଦ ଜବଦ କରିଥିବା ବେଳେ ଆସାମୀ ଜଣଙ୍କ ଖସି ପଳାଇବାରେ ସଫଳ ହୋଇଛି । ଅନୁରୂପ ଭାବେ ଖନ୍ତାପଡ଼ା ଥାନା ଛତ୍ରପୁର ଅଞ୍ଚଳରୁ ୫୫୦ ଲିଟର ଦେଶୀମଦ ଜବଦ ହୋଇଥିବା ବେଳେ ଆସାମୀ ତୁଷାରକାନ୍ତ ବିଶ୍ୱାଳଙ୍କୁ ଗରିଫ କରାଯାଇଛି । ଗିରଫ ହୋଇଥିବା ୨ଜଣ ଆସାମୀଙ୍କ ବିରୋଧରେ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଛି । ଏହି ଚଡାଉରେ ଅବକାରୀ ଉପଅଧିକ୍ଷକ ସିଏଚ୍ ତିରୁପତି, ଅବକାରୀ ନିରୀକ୍ଷକ ସଂଜିତ ବାର୍ଲା, ନୀଳଗିରି ରେଞ୍ଜ ନିରୀକ୍ଷକ, କେଶବ ଚନ୍ଦ୍ର ଦାସ, ଏସ୍ଆଇ ଭକ୍ତ ଚରଣ ସ୍ୱାଇଁ, ନୀଳଗିରି ଅବକାରୀ ଓଆଇସି ଜଗବନ୍ଧୁ ବେହେରା, ମଙ୍ଗଲ ସିଂ, ଜୟମାଧବ ଦାସ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ ।

# ପୋଖରୀରେ ବୁଢ଼ି ମହିଳା ମୃତ

ଆନନ୍ଦପୁର , (ସବ୍ୟୁ) :କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ଶଙ୍ଖଣା ଗାଁରେ ପୋଖରୀରେ ବୁଢ଼ି ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ନାଁ ହେଉଛି ସାବିତ୍ରୀ ପହୀ(୫୦)। ତାଙ୍କ ଘର ହେଉଛି ଶଙ୍ଖଣା ଗାଁରେ। ସାବିତ୍ରୀ ବୁଧବାର ସକାଳେ ଘର ପାଖରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋବା ବେଳେ ତାଙ୍କର ଗୋଡ଼ ଖସିଯାଇଥିଲା। ସେ ପୋଖରୀରେ ବୁଡ଼ି ଯାଇଥିଲେଛ ଅନେକ ସମୟ ପର୍ଯ୍ୟନ୍ତ ସାବିତ୍ରୀ ଘରକୁ ନଆସିବାରୁ ପରିବାର ଲୋକ ଖୋଜାଖୋଜି କରି ଘର ପାଖରେ ଥିବା ପୋଖରୀରୁ ସାବିତ୍ରୀଙ୍କୁ ପାଇଥିଲେ। ପୋଖରୀରୁ ସାବିତ୍ରୀଙ୍କୁ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଫାଣ୍ଡି ଅଧିକାରୀଙ୍କୁ କାମୁଡ଼ି ମହିଳା ଗିରଫ

ଆନନ୍ଦପୁର, (ସବ୍ୟୁ) : ବୁଧବାର କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା କରଡ଼ାପାଳ ଗ୍ରାମରେ ଜଣେ ୱାରେଣ୍ଟିକୁ ଧରିବାକୁ ଯାଇଥିବାବେଳେ ପୁଲିସ ଉପରେ ଆକ୍ରମଣ ହୋଇଛି। ଆକ୍ରମଣରେ ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ ମାଝୀ ଆହତ ହୋଇଛନ୍ତି। ଅଭିଯୁକ୍ତର ମା' ଶ୍ରୀ ମାଝୀଙ୍କୁ କାମୁଡ଼ିବା ସହ ପଥର ମାଡ଼ କରିଥିବା ଅଭିଯୋଗ ହୋଇଛି। ପୁଲିସକୁ ଆକ୍ରମଣ ବେଳେ ଅଭିଯୁକ୍ତ ପ୍ରଦୋଷ ବରାଳ ଖସିଯାଇଛି।ଛ ଅନ୍ୟପକ୍ଷରେ ପୁଲିସ ଏକ ମାମଲା ରୁଜୁ କରି ପ୍ରଦୋଷର ମା' ଛବିଲତା ବରାଳକୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରଦୋଷ ନାମରେ ଏକାଧିକ ମାମଲା ରହିଛି। ୨୦୨୨ ମାର୍ଚ୍ଚ ୨୪ରେ ବାଡୋରେ ଦୋଳ ମେଲଣ ଚାଲିଥିବା ବେଳେ ପ୍ରଦୋଷ ସେଠାକାର ଯୁବକ ସମ୍ପିତ କୁମାର ସାହୁଙ୍କୁ ଆକ୍ରମଣ କରିଥିଲା।ଏନେଇ ରାମଚନ୍ଦ୍ରପୁର ଥାନାରେ କେସ୍ ନମ୍ବର ୬୪/୨୦୨୨ରେ ଏକ ମାମଲା ରୁଜୁ ହୋଇଥିଲା। ଗିରଫ ଭୟରେ ଅଭିଯୁକ୍ତ ରାଜ୍ୟ ବାହାରକୁ ଚାଲିଯାଇଥିଲା। ଗତ ସପ୍ତାହରେ ସେ ଘରକୁ ଫେରିଥିଲା। ୩ ଦିନ ତଳେ ଗୋଡ଼ିଉପର ଗ୍ରାମର ଜଣେ ଯୁବକଙ୍କୁ ପ୍ରଦୋଷ ମାଡ଼ ମାରିଥିଲା। ସେ ଗାଁକୁ ଆସିଥିବା ଖବର ପାଇ ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ତାକୁ ଧରିବାପାଇଁ ଯାଇଥିଲେ। ଦିନ ପ୍ରାୟ ୧୧ଟାବେଳେ ପ୍ରଦୋଷକୁ ପୁଲିସ ଟିମ୍ କାବୁ କରିଥିଲା। ଏହି ସମୟରେ ତାଙ୍କ ମା' ଶାନ୍ତିଲତା, ଭଉଣୀ ଓ ଅନ୍ୟମାନେ ପୁଲିସ ଉପରକୁ ଆକ୍ରମଣ କରିଥିଲେ। ଏସ୍ଆଇ ସୁରେଶ ମାଝୀଙ୍କୁ ଛବିଲତା କାମୁଡ଼ି ଦେବାରୁ ତାଙ୍କ ହାତରେ ଗଭୀର ଆଘାତ ଲାଗିଛି। ପୁଲିସ ଉପରେ ଆକ୍ରମଣ ସମୟରେ ଅଭିଯୁକ୍ତ ପ୍ରଦୋଷ ସେଠାରୁ ଖସିଯାଇଛି। ଶ୍ରୀ ମାଝୀଙ୍କ ଏତଲା ଆଧାରରେ ପୁଲିସ ନିଜଆଡ଼ୁ ଏକ ମାମଲା ରୁଜୁ କରି ଛବିଲତାକୁ ଗିରଫ କରିଥିବା ଆନନ୍ଦପୁର ଏସଡ଼ିପିଓ ପ୍ରଶାନ୍ତ କୁମାର ବେହେରା ପ୍ରକାଶ କରିଛନ୍ତି।

# ୫ ଟନ୍ କୋଇଲା ଜବତ, ଚାଳକ ଗିରଫ

ତିହିଡି, (ସବ୍ୟୁ): ଦୁର୍ଘଟଣାଗ୍ରସ୍ତ ହେଲା ଚୋରା କୋଇଲା ବୋଝେଇ ଗାଡି। ପୋଲିସ ପେଟ୍ରୋଲିଂ ଗାଡିକୁ ଦେଖି ଗାଡି ଚାଳକ ଛାନିଆ ଆଉ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିଲା। ଅତି ଚତୁରତାର ସହିତ ଚାଳକ ଖସି ପଳେଇ ଯିବାକୁ ଉଦ୍ୟମ କରିଥିବା ବେଳେ ପୋଲିସ ହାତରେ ଧରା ପଡିଛି। ତିହିଡି ବ୍ଲକ ପୀରହାଟ ଥାନାଧିନ ସନ୍ଥପୁରା ନିକଟସ୍ଥ ଓଡିଶା ଆଦର୍ଶ ବିଦ୍ୟାଳୟ ରାସ୍ତାରେ ଘଟିଛି ଏପରି ଅଘଟଣ। ମଙ୍ଗଳବାର ବିଳମ୍ବିତ ରାତିରେ ଚୋରା କୋଇଲା ଚାଲାଣ ହେଉଥିବା ନେଇ ପୋଲିସ ଖବର ପାଇଥିଲା। ରେଳ ଧାରଣା ଦେଇ ପୋଲିସ ଗାଡି ସେମାନଙ୍କୁ ଖୋଜୁଥିବା ବେଳେ ଗୁଆଲତି ପଦାରେ ଉକ୍ତ ଗାଡିଟି ଓଡିଶା ଆଦର୍ଶ ବିଦ୍ୟାଳୟ ଆଡକୁ ମାଡି ଚାଲିଥିଲା। ପୋଲିସ ପିଛା କରୁଥିବା ଦେଖି ଚାଳକ ଜଣକ ଭାରସାମ୍ୟ ହରାଇ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ପୂର୍ବରୁ ରାସ୍ତା ତଳକୁ ଖସି ପଡିଲା। ମେସିନ୍ ଲଗାଇ ଗାଡିକୁ ଉଦ୍ଧାର କରିବା ପରେ ଥାନାକୁ ନେଇ ଯାଇଥିଲେ ପୋଲିସ। ଗାଡିରେ ପ୍ରାୟ ୫ ନନ୍ ଓଜନର ଚୋରା କୋଇଲା ଜବତ୍ ହୋଇଥିଲା। ଏନେଇ ପୋଲିସ ଗାଡି ଓଡି-୨୧-ଏଚ୍-୪୦୩୧ ବିରୋଧରେ ଏକ ମାମଲା ୮୬/୨୪ରେ ରୁଜୁ କରିଛି। ଚାଳକ କଟକ ଜିଲ୍ଲା ଗୋବିନ୍ଦପୁର ଥାନାଧିନ ଆଲିଙ୍ଗ ଗାଁର ଭଗବାନ ମଳିକଙ୍କ ପୁଅ ନିରଞ୍ଜନ ମଳିକକୁ ପୋଲିସ ଗିରଫ୍ କରିଛି। ତେବେ ଚୋରା କୋଇଲା ଚାଲାଣ ଉପରେ ଅଙ୍କୁଶ ଲଗାଇବାକୁ ପୀରହାଟ ପୋଲିସ ଉଦ୍ୟମ ଜାରି ରଖିଛି। ଏଠାରେ ସୂଚନା ଥାଉକି, ରେଳପଥ ନିକଟବର୍ତ୍ତୀ ଗ୍ରାମଗୁଡିକରେ ଚଳନ୍ତା ରେଳରୁ ଅଙ୍କୁଡା ଲଗାଇ କୋଇଲା କାଢୁଛନ୍ତି ଏବଂ ୩ ରୁ ୪ ଟଙ୍କା ଦରରେ ମାଫିଆମାନଙ୍କୁ ବିକ୍ରି କରୁଛନ୍ତି। ଆଉ ମାଫିଆମାନେ ୪୦ରୁ ୫୦ ଟଙ୍କା ଦରରେ ବାହାରକୁ ଚାଲାଣ କରୁଛନ୍ତି। ଲାଭ ହାର ଅଧିକ ଥିବାନେଇ ମାଫିଆମାନେ ରାତିଅଧିଆ ଚାଲାଣ କରୁଛନ୍ତି। ଅଧିକାଂଶ ସ୍ଥଳରେ ଖସି ପଳେଇ ଯାଉଥିବା ବେଳେ କାଁଭାଁ ପୋଲିସ ହାତରେ ଧରା ପଡୁଛନ୍ତି।

# ପିକ୍ଅପ୍ ଭ୍ୟାନରେ ପିଟି ହେଲା ବାଇକ୍, ଯୁବକ ମୃତ

ବଲେଶ୍ୱର , (ସବ୍ୟୁ) :ପଶ୍ଚିମବଙ୍ଗରୁ ତେଲ ନେଇ ଆସୁଥିବା ଗୋଟିଏ ପିକଅପ ଭ୍ୟାନ ସହ ବାଇକର ମୁହାଁ ମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ହିଁ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତ ବାଇକ ଚାଳକ ଜଣଙ୍କ ହେଲେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଗୋବରଘଟା ଗାଁର ତ୍ରିଲୋଚନ ମହାନ୍ତି। ବୁଧବାର ଦିନ ସେ ଜଳେଶ୍ୱର ବଜାରକୁ କୌଣସି କାମରେ ଯାଇଥିଲେ। ସେଠାରୁ କାମ ସାରି ନିଜ ବାଇକରେ ଘରକୁ ଫେରୁଥିଲେ। କିନ୍ତୁ ଅଗ୍ରୱାଲା ଛକ ଠାରୁ କିଛି ଦୂରରେ ଥିବା ଚନ୍ଦନା ଠାରେ ଘଟିଥିଲା ଅଘଟଣ। ପଶ୍ଚିମବଙ୍ଗରୁ ତେଲ ନେଇ ଆସୁଥିବା ଗୋଟିଏ ପିକଅପ ଭ୍ୟାନ ସହ ବାଇକର ମୁହାଁ ମୁହିଁ ଧକ୍କା ହୋଇଥିଲା।ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣା ସ୍ଥଳରେ ହିଁ ବାଇକ ଆରୋହୀ ତ୍ରିଲୋଚନଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଜଳେଶ୍ୱର ପୁଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲାଛ ପୁଲିସ୍ ପିକଅପ ଭ୍ୟାନକୁ ଜବତ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ସେହିପରି ବ୍ୟବଚ୍ଛେଦ ପରେ ତ୍ରିଲୋଚନଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବାଲି ଟ୍ରକକୁ ପିଟିଲା କାର୍ : ୪ ଆହତ

ସୋମ, (ସବ୍ୟୁ) : ରାସ୍ତା କଡରେ ଛିଡ଼ା ହୋଇଥିବା ବାଲି ଟ୍ରକକୁ ଏକ କାର ଧକ୍କା ଦେବା ଫଳରେ କାରରେ ଥିବା ୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁସାରେ ବୁଧବାର ସକାଳେ ପଶ୍ଚିମବଙ୍ଗ କଣ୍ଟେଇ ଅଞ୍ଚଳର ଅବଦୁଲ କରିମ ଖାନ,ରହମାନ ଅଲି ଖାନ ଓ ଆଜାଦ ଅଲି ଖାନ ତାଙ୍କ ବାପା ରଫିତ ଅଲି ଖାନଙ୍କୁ କ୍ୟାନ୍ସର ହୋଇଥିବାରୁ ଚିକିତ୍ସା ପାଇଁ କଟକ ହରିହର ଆଚାର୍ଯ୍ୟ କ୍ୟାନ୍ସର ହସ୍ପିଟାଲକୁ ନିଜର ଡବ୍ଲୁ ୩୨ ଏପି ୨୮୩୭ ନମ୍ବର ବିଶିଷ୍ଟ ମାରୁତି ଅଲ୍ଟୋ କାରରେ ଯାଉଥିଲେ। ଏହି ସମୟରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ପାଇକାଳୀ ପୋଲ ନିକଟରେ ଛିଡ଼ା ହୋଇଥିବା ଏକ ଅଜଣା ବାଲି ଗାଡ଼ିକୁ କାରଟି ଧକ୍କା ଦେଇଥିଲେ। ପରେ ବାଲି ଗାଡ଼ିଟି ସେଠାରୁ ଫେରାର ହୋଇଥିବା ବେଳେ କାରରେ ଥିବା ସମସ୍ତ ଚାରିଜଣ ଆହତ ହୋଇଥିଲେ।ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ରଫିତ ଅଲି ଖାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି କାରଟିକୁ ଜବତ କରି ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଶ୍ରୀରାମ ନବମୀ ସମିତିର ବାଇକ୍ ଶୋଭାଯାତ୍ରା

ତିହିଡି, (ସବ୍ୟୁ) : ଆଗାମୀ ରାମନବମୀ ଉତ୍ସବକୁ ସଫଳ କରିବା ଲକ୍ଷ୍ୟରେ ତିହିଡି ଶ୍ରୀରାମ ନବମୀ ସମିତି ପକ୍ଷରୁ ମଙ୍ଗଳବାର ଅପରାହ୍ଣରେ ଏକ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାରେ ତିହିଡି ଅଞ୍ଚଳର ଶତାଧିକ ରାମଭକ୍ତ ଯୁବକ ସାମିଲ ହୋଇଥିଲେ । ତିହିଡି କଲେଜ ଛକ ଗଣେଶ ମନ୍ଦିର ନିକଟରୁ ଏହି ବାଇକ ଶୋଭାଯାତ୍ରା ଆରମ୍ଭ ହୋଇ ରାଣୀପୁର ହନୁମାନ ମନ୍ଦିର ଯାଏଁ ଯାଇଥିଲା । ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ବାଇକରେ ଯୁବକ ମାନେ ଜୟ ଶ୍ରୀରାମ ଧ୍ୱନି ଦେଇ ତିହିଡି ଓ ନନ୍ଦପୁର ବଜାର ପରିକ୍ରମା କରି ହନୁମାନ ମନ୍ଦିର ଯାଏଁ ଯାଇଥିଲେ । ଏହି ବାଇକ ଶୋଭାଯାତ୍ରାରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପ୍ରାକ୍ତନ ବରିଷ୍ଠ ନେତା ଦୀନବନ୍ଧୁ ପତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଳିକ, ରଘୁନାଥ ପାତ୍ର, ସୀତାକାନ୍ତ ନାୟକ, ଭାଟପଡା ସରପଞ୍ଚ ଶୁଭ୍ରନାରାୟଣ ସେଠୀ, କିଶୋର ନାୟକ, ବୁଦ୍ଧଦେବ ଜେନା, ପ୍ରତାପ ଜେନା, ଦେବବ୍ରତ ପାଢୀ, ଯଯାତି କେଶରୀ ଦାସ, କେଶବ ବେହେରା, ତପୁନ ପାଣି, ପ୍ରଦୀପ ଜେନା, ଜିତେନ୍ଦ୍ର ନାୟକ, ହରିଶ୍ଚନ୍ଦ୍ର ନାୟକ, ଶୁଭମ ସାର୍ଥକ ଜେନା ଓ କାଳିଆ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ହିନ୍ଦୁ ନବବର୍ଷ କମିଟି ପକ୍ଷରୁ ନବବର୍ଷ ପାଳନ

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଗୋପାଳଗାଁ ସ୍ଥିତ ଆୟୁଷ୍ମାନ କଲ୍ୟାଣମଣ୍ଡପ ଠାରେ ହିନ୍ଦୁ ନବବର୍ଷ ପାଳନ କରିଛି ହିନ୍ଦୁ ନବବର୍ଷ କମିଟି ପ୍ରଥମେ ପ୍ରାତଃ କାଳରେ ବେଦମନ୍ତ୍ର ପାଠ ଓ ଶଙ୍ଖଧ୍ୱନି କରାଯାଇ ନବବର୍ଷକୁ ସ୍ୱାଗତ କରାଯାଇଥିଲା । କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ପ୍ରାତଃ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ସନ୍ଧ୍ୟା କାର୍ଯ୍ୟକ୍ରମରେ ଇସ୍କନଦ୍ୱାରା ସଂକୀର୍ତ୍ତନ ପରିବେଷଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । କମିଟିର ଅଧକ୍ଷ ଆଲୋକ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜଗଦୀଶ ଖଣ୍ଡେଲୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତାଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ହିନ୍ଦୁଧର୍ମର ବିକାଶ ବିଷୟରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥିଭାବେ ସଂଜୟ ମହାପାତ୍ର ମଂଚାସୀନ ଥିବାବେଳେ ବିଭିନ୍ନ ଅନୁଷ୍ଠାନମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସଂଗଠନ ପକ୍ଷରୁ ସୁଧାକର ପାଢୀ, ରଜନୀକାନ୍ତ ଶତପଥି, ମଧୁସୂଦନ ହୋତା, ମନସ୍ୱିନୀ ପଣ୍ଡା, ଜଗବନ୍ଧୁ ପୃଷ୍ଟି, ଲକ୍ଷ୍ମୀଧର ପଣ୍ଡା, ନିମାଇଁ ଚରଣ ଅଧିକାରୀ,ସୂର୍ଯ୍ୟକାନ୍ତ ପଣ୍ଡା, ପ୍ରଶାନ୍ତ ନାୟକ, ଅଜୟ ପରିଡ଼ା, ହେମଲତା ସାହୁ, ଭାସ୍କର ମିଶ୍ର, ଭାଗ୍ୟରଞ୍ଜନ ନାୟକ, ଅରୁଣ ମିଶ୍ର, ମଳୟ ପଣ୍ଡାଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ହିନ୍ଦୁ ନୂଆବର୍ଷକୁ ଧୂମଧାମରେ ପାଳନ କରୁଥିଲେ ।

# ପୋଲିସକୁ ଚ୍ୟାଲେଞ୍ଜ : ୫ଶହ ବ୍ୟାଗ କୋଇଲା ଜବତ

ସିମୁଳିଆ,(ସବ୍ବ) : ଧାମରା ଓ ଭଦ୍ରକ ରେଳ ଲାଇନରେ ଚଳନ୍ତା ଟ୍ରେନରୁ କୋଇଲା ଚୋରୀ ହୋଇ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମଣ୍ଡି ଖୋଲାଯାଇ ଚୋରା କୋଇଲା ବିକ୍ରି ଚାଲିଛି । କୋଇଲା ମାଫିଆଙ୍କ ଚ୍ୟାଲେଞ୍ଜ ପୋଲିସକୁ ଚିନ୍ତାରେ ପକାଇଛି । ଏହା ଭିତରେ ପୋଲିସ-ମାଫିଆଙ୍କ ମଧୁଚନ୍ଦ୍ରିକା ସେଇ ପରିମାଣରେ ଚର୍ଚ୍ଚାର ବିଷୟ ପାଲଟିଛି ସିମୁଳିଆ ଅଞ୍ଚଳରେ । ବିବରଣୀରୁ ପ୍ରକାଶ ବିଦେଶରୁ ଧାମରାକୁ ଆସୁଥିବା ଉନ୍ନତମାନର କୋଇଲା ରେଳ ଯୋଗେ ପରିବହନ ସମୟରେ ବିଦ୍ୟୁତ ଖୁଣ୍ଟରେ ଚଢି ଆଙ୍କୁଡି ସାହାର୍ଯ୍ୟରେ କୋଇଲା ଖସାଇ ଦିଆଯାଇଥାଏ । ଆଉ ସେଇ କୋଇଲାକୁ କୋଇଲା ମାଫିଆମାନେ ସେମାନଙ୍କଠାରୁ କମ୍ ମୂଲ୍ୟରେ କ୍ରୟ କରି ବିଭିନ୍ନ କମ୍ପାନୀକୁ ବିକ୍ରି କରିଥାଏ । ଆଉ ଏହାକୁ ପୋଲିସକୁ ଚକମା ଦେଖାଇ ବାଲେଶ୍ୱର-ଭଦ୍ରକର ବିଭିନ୍ନ ଅଞ୍ଚଳରେ ଶାଖାମାନ ଖୋଲାଯାଇ ବାହାରକୁ ଚାଲାଣ କରୁଥିବାର ଜଣାଯାଇଛି । ଏହି ବେପାର ବାସୁଦେବପୁର-ସିମୁଳିଆ ଅଞ୍ଚଳରେ ଜାମ୍ବୁଝାଡି, ମଇତାପୁର, ଅଡା, ଶ୍ୟାମସୁନ୍ଦରପୁର, ବାଲିଖଣ୍ଡ ଓ ଭଦ୍ରକ ଜିଲ୍ଲାର ରାଣିତାଳ-ବରଦା କେନାଲ ବନ୍ଧର ଷ୍ଟକ ପଏଣ୍ଟ ଖୋଲାଯାଇ ବାହାରକୁ ଚାଲାଣ ହେଉଛି। ଏହାର ଟେର ସିମୁଳିଆ ପୋଲିସ ପାଉନଥିବାର ଜଣାଯାଏ । ସେହିପରି ବୁଧବାର ଜାମ୍ବୁଝାଡି ବଣପାରିଆଠାରେ ଜନୈକ ବ୍ୟକ୍ତିଙ୍କ ଯାଗାରେ ଏକ ଡିପୋ କରାଯାଇ ଖୁଲମ ଖୋଲା କୋଇଲା ବେପାର ହେଉଥିବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସିମୁଳିଆ ପୋଲିସ ଚଢାଉ କରିଥିଲା । ଏହି ଚଢାଉରେ ୫ଶହରୁ ଉର୍ଦ୍ଧ୍ୱ କୋଇଲା ବ୍ୟାଗ ଜବତ କରି ସିମୁଳିଆ ଥାନାକୁ ଆଣିଥିଲାବେଳେ କାହାରିକୁ ଗିରଫ କରି ନ ଥିବା ଜଣାଯାଇଛି । ଦୀର୍ଘଦିନ ଧରି ଏଅଞ୍ଚଳରେ କୋଇଲା ବେପାର ଚାଲୁଥିଲେବି କିପରି ପୋଲିସ ଏ ବିଷୟରେ ଜାଣି ପାରୁନାହିଁ ଯାହା ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ସାଧାରଣରେ ସନ୍ଦେହ ପ୍ରକଟ କରିଛି । ଏହି ଚଢାଉ ପରେ କୋଇଲା ମାଫିଆଙ୍କ ମଧ୍ୟରେ କୋକୁଆଭୟ ଖେଳିଯାଇଛି । ତେବେ କାହା ଯାଗାରେ,କିଏ ଏହି ବେଆଇନ କୋଇଲା ବ୍ୟାପାର କରୁଛି ତାହା ତଦନ୍ତ କଲେ ପ୍ରକୃତ ଆସାମୀ ଧରାପଡ଼ିବେ ।

# ବିଦ୍ୟାଳୟରେ ତାଲା ପକାଇଲେ ଠିକାଦାର



ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ ଦହପଡ଼ା ଚିନ୍ତାମଣୀ ଉଚ୍ଚ ବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟ କରିଥିବା ଠିକାଦାର ମାନେ ବକେୟା ଅର୍ଥରାଶି ପାଇବା ଦାବିରେ ବିଦ୍ୟାଳୟ ଶ୍ରେଣୀଗୃହଗୁଡ଼ିକରେ ତାଲା ପକାଇଦେବା ଯୋଗୁଁ ପିଲାମାନଙ୍କ ପାଠପଢା ବ୍ୟାହତ ହୋଇଛି । ତେବେ ଏହି ବିଦ୍ୟାଳୟ ୫ଟି ଯୋଜନାରେ ଅନ୍ତର୍ଭୁକ୍ତ ହେବାପରେ ସ୍ଥାନୀୟ ଗ୍ରାମର ୬ଜଣ ବ୍ୟକ୍ତିଙ୍କୁ ନିର୍ମାଣ କାର୍ଯ୍ୟ କରିବା ପାଇଁ ଦିଆଯାଇଥିଲା। ହେଲେ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ବର୍ଷେରୁ ଅଧିକ ସମୟ ବିତିଯାଇଥିଲେ ମଧ ଆଜିପର୍ଯ୍ୟନ୍ତ ସେମାନେ ତାଙ୍କର ବକେୟା ଅର୍ଥ ପାଇପାରି ନାହାଁନ୍ତି । ଫଳରେ ଠିକାଦାରୀ କରିଥିବା ବ୍ୟକ୍ତିମାନେ ଯେଉଁ ୫ଟି ଶ୍ରେଣୀ ଗୃହ ନିର୍ମାଣ କରିଥିଲେ ସେହି ଶ୍ରେଣୀଗୃହ ଗୁଡ଼ିକର ବାହାରୁ ତାଲା ପକାଇ ଦେଇଥିଲେ । ଯାହାଫଳରେ ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହକୁ ପ୍ରବେଶ କରିନପାରି ବାହାରେ ବୁଲୁଥିବା ବେଳେ ଶିକ୍ଷକମାନେ ମଧ ବାହାରେ ଛିଡ଼ା ହୋଇଥିଲେ । ଏବାବଦରେ ପ୍ରଧାନ ଶିକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ । ଶିକ୍ଷାଧିକାରୀଙ୍କ ପକ୍ଷରୁ ରେମୁଣା ବିଡ଼ିଓଙ୍କୁ ଏବାବଦରେ ବୁଝିବା ପାଇଁ କୁହାଯାଇଥିଲା । ରେମୁଣା ବିଡ଼ିଓ ଯଥାଶିଘ୍ର ଦହପଡ଼ା ବିଦ୍ୟାଳୟକୁ ଯାଇ ବକେୟା ଅର୍ଥରାଶି ପାଇନଥିବା ଠିକାଦାରମାନଙ୍କୁ ବୁଝାଇବା ସହିତ ସେମାନଙ୍କର ବକେୟା ଅର୍ଥରାଶି ଦିଆଯିବ ବୋଲି କହିବା ପରେ ବିଦ୍ୟାଳୟ ଶ୍ରେଣୀଗୃହର ତାଲା ଠିକାଦାର ଖୋଲିଦେଇଥିଲେ ।

# ସାବରପୁର ଇଫ୍ତାର ପାର୍ଟିରେ ବିଧାୟକ

ବାସୁଦେବପୁର, (ସବ୍ୟୁ) : ବାସୁଦେବପୁର ପୌରପାଳିକାର ସାବରପୁର ବଡିମସଜିଦ୍ ସ୍ଥିତ ଇଦ୍‌ଗା ମଇଦାନରେ ମୁସଲିମ୍ ଭାଇମାନଙ୍କର ଏକ ଇଫ୍ତାର ପାର୍ଟିରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇଥିଲେ । ମୁସଲିମ୍ ସମ୍ପ୍ରଦାୟର ପବିତ୍ର ରମଜାନ ମାସରେ ମାସକଯାକ ଉପାସ କରିଥାନ୍ତି । ଦିନ ଯାକ ଉପାସ ରହୁଥିବା ବେଳେ ସନ୍ଧ୍ୟାରେ ଉପାସ ଫିଟାଇଥାନ୍ତି । ଆୟୋଜିତ ଇଫ୍ତାର ପାର୍ଟିରେ ବହୁ ସଂଖ୍ୟାରେ ମୁସଲିମ୍ ଲୋକ ଏକତ୍ରିତ ହୋଇ ସନ୍ଧ୍ୟାରେ ଉପାସ ଫିଟାଇଥିଲେ । ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଯୁବନେତା ଅସିତ କୁମାର ଦାସ,ଦୀନବନ୍ଧୁ ଦାସ, କାଳନ୍ଦୀ ଚରଣ ସାହୁ,ଶ୍ୟାମସୁନ୍ଦର ମହାନ୍ତି,ସୁବାସ ଚନ୍ଦ୍ର ନାୟକ ଓ କାଉଁସିଲର ଅମିରୁଦ୍ଦିନ ଖାଁ ପ୍ରମୁଖ ଯୋଗଦେଇଥିଲେ । ବାସୁଦେବପୁରରେ ହିନ୍ଦୁ ମୁସଲମାନ ଭାଇଚାରା ବର୍ଷ ବର୍ଷ ଧରି ବଜାୟ ରହିଛି । ଉଭୟ ସମ୍ପ୍ରଦାୟର ଲୋକ ବିଭିନ୍ନ ପର୍ବ ପର୍ବାଣୀରେ ଏକାଠି ସାମିଲ ହୋଇ ଭାଇଚାରାର ସନ୍ଦେସ ଦେଇଥାନ୍ତି ।

# ଦମ୍ପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବାଲେଶ୍ୱର , (ସବ୍ୟୁ) :ଶ୍ରୀଜଙ୍ଗର ସ୍ୱର୍ଗତଃ ନାରାୟଣ ପ୍ରସାଦ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରୀଜଙ୍ଗସ୍ଥିତ ବାସଭବନରେ ପାଳିତ ହୋଇଯାଇଛି ।ଏହି ଅବସରରେ ଦମ୍ପତ୍ତି ସ୍ୱର୍ଗତଃ ନାରାୟଣ ପ୍ରସାଦ ଏବଂ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ଦାସଙ୍କ ପ୍ରତିମୂର୍ତ୍ତିକୁ ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉନ୍ମୋଚନ କରିଥିଲେ । ଏହି ଉନ୍ମୋଚନ ଉତ୍ସବରେ ସ୍ୱର୍ଗତଃ ଦାସଙ୍କ ପୁତ୍ର ଜିତେନ୍ଦ୍ର କୁମାର ଦାସ, ଜୀବନ ଦାସ, ହିତେଶ ଦାସ, ଗୌରହରି ଦାସ, ଗଣେଷ ଦାସ, ପୁତ୍ରବଧୂ ରିଆ ଦାସ, ମନୋରମା ଦାସ, ସୁନନ୍ଦା ଦାସ, ସଂଜୁଲତା ଦାସ, କବିତା ଦାସ, ଝିଅ ସରୋଜିନୀ ନାୟକ, ଲାବଣ୍ୟବତୀ ଦାସ, ରବିରାଣୀ ଦାସ, ହରପ୍ରିୟା ରାଉତ, ଜ୍ୱାଇଁ ଅନନ୍ତ ନାୟକ, କିଶୋର ପରିଡ଼ା, ମୋହନ ବିଶ୍ୱାଳ, ସନ୍ତୋଷ ରାଉତ, ଭଣଜା ମଣିଭଦ୍ର ସାମଲ, ଭାଣିଜୀ ବାସନ୍ତୀ ଦାସ, ଯମୁନା ସେନାପତି, କୁନି ଦାସ, ନାତୀ ବିଜୟ ନାୟକ, ରିଶବ ପରିଡ଼ାଙ୍କ ସମେତ ସନ୍ଧ୍ୟାରାଣୀ ଦାସ, ରିଙ୍କି, ପିଙ୍କି, ପର୍ଶୁରାମ ପରିଡ଼ା, ବିଭୁତି ରଂଜନ ସେନାପତି, ଅତନୁ ଫୌଜଦାର, ଅଶୋକ ଜେନା,ଆନନ୍ଦ ଗୋଚ୍ଛାୟତ, ରାଜେନ୍ଦ୍ର ଖଣ୍ଡେଲୱାଲ, ପ୍ରଫୁଲ ବାରିକ, ଦିଲ୍ଲୀପ ଶତପଥି, ଅରୁଣ କୁମାର ଦାସ, ସୁଜୟୀ ପଣ୍ଡା, ଓମ୍ ପ୍ରକାଶ ଖଣ୍ଡେଲୱାଲ, ପଦ୍ମଲୋଚନ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତି ଉନ୍ମୋଚନପରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ରାମ ନବମୀ ଓ ଇଦ ପାଳନ ଲାଗି ଶାନ୍ତି କମିଟି ବୈଠକ



ଯୋଡ଼ା,(ସବ୍ୟୁ) :ଆଗକୁ ଆସୁଛି ରାମନବମୀ ଏବଂ ଇଦ୍‌ଛ ଏଥିପାଇଁ ଉଭୟ ରାମ ନବମୀ କମିଟି ଏବଂ ଇଦ୍ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛିଛ ଏହା ସହ ଉଭୟ ଉତ୍ସବ ଶାନ୍ତି ଶୃଙ୍ଖଳା ସହ ପାଳନ ଲାଗି ପ୍ରଶାସନିକ ସ୍ତରରେ ମଧ ବିଭିନ୍ନ ପଦକ୍ଷେପ ନିଆଯାଉଛି। ରବିବାର ପୂର୍ବାହ୍ନରେ ଯୋଡ଼ା ପୌରପାଳିକା ସଭାଗୃହରେ ଏକ ଶାନ୍ତି କମିଟି ବୈଠକ ହୋଇଥିଲା। ବଡବିଲ ଏସଡିପିଓ ପ୍ରୀୟସ ରଞ୍ଜନ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯୋଡ଼ା ଥାନା ଆଇଆଇସି ଲୋକେଶ ସାହୁ, ଯୋଡ଼ା ପୌରାଧକ୍ଷ ଡ଼ ଜଗଦୀଶ ପ୍ରସାଦ ସାହୁ, ପୌର ପାଳିକା ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ, ଅତିରିକ୍ତ ତହସିଲଦାରଙ୍କ ସହ ଶାନ୍ତି କମିଟି ସଦସ୍ୟ ମାନେ ଯୋଗ ଦେଇଥିଲେ। ଯୋଡ଼ା ଥାନା ଆଇଆଇସି ବିଭିନ୍ନ କମିଟିର ସଦସ୍ୟ ମାନଙ୍କ ସହ ଆଲୋଚନା କରିଥିଲେଛ ବୈଠକରେ ରାମ ନବମୀ ସଂକ୍ରାନ୍ତରେ ବିଭିନ୍ନ କଥା ଆଲୋଚନା କରଯାଇଥିଲା। ଚଳିତ ବର୍ଷ କମିଟିର ଶୋଭାଯାତ୍ରା ସହରରେ ବାହାରିବାକୁ ଥିବା ବେଳେ ଇଦରେ ୩ଟି ସ୍ଥାନରେ ନମାଜ ପାଠ ହେବଛ ଶାନ୍ତି ଶୃଙ୍ଖଳା ସହ ଇଦ୍ ଏବଂ ରାମନବମୀ ପାଳନ ପାଇଁ ପ୍ରଶାସନ ଏବଂ ଶାନ୍ତି କମିଟି ପକ୍ଷରୁ ନିବେଦନ କରାଯାଇଛି।

(ଶ୍ରୀମଦ୍‌ଭଗବଦ୍ ଗୀତା ୫/୦୩)
–କର୍ମ୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ)

**ଜ୍ଞେୟଃ ସ ନିତ୍ୟସନ୍ୟାସୀ ଯୋ ନ ଦ୍ୱେଷ୍ଟି ନ କାଙ୍‌କ୍ଷତି ।**
**ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ ସୁଖଂ ବନ୍ଧାତ୍ ପ୍ରମୁଚ୍ୟତେ ।।୩।।**

ହେ ମହାବାହୋ– ଯେ ଦ୍ୱେଷ କରନ୍ତି ନାହିଁ, କି ଆକାଙ୍‌କ୍ଷା କରନ୍ତି ନାହିଁ (ଯେ ଆସକ୍ତି ଓ ଦ୍ୱେଷ କରିତ୍ୟାଗ କରି ଈଶ୍ୱର ଆରାଧନା ନିମିତ୍ତ କର୍ମ ଅନୁଷ୍ଠାନ କରନ୍ତି) ତାହାଙ୍କୁ ହିଁ ଚିର ସନ୍ୟାସୀ (କର୍ମାନୁଷ୍ଠାନ କାଳରେ ମଧ୍ୟ ସନ୍ୟାସୀ) ବୋଲି ଜାଣିବ, ଯେହେତୁ ସେ ରାଗଦ୍ୱେଷାଦି–ଦ୍ୱନ୍ଦ୍ୱଶୂନ୍ୟ ଓ ଶୁଦ୍ଧଚିତ୍ତ ହୋଇ (ତତ୍ତ୍ୱଜ୍ଞାନ ଦ୍ୱାରା)ଅକ୍ଳେଶରେ ସଂସାର ବନ୍ଧନରୁ ମୁକ୍ତି ଲାଭ କରନ୍ତି । ।।୩।।

## ସମ୍ପାଦକୀୟ

# ନିର୍ବାଚନ ଦୃଶ୍ୟ

୧୮ ତମ ଲୋକସଭା ପାଇଁ ଭୋଟ ଦେବେ ଭାରତର ଭୋଟଦାତା । ରାଜନୈତିକ ଦଳଗୁଡିକ ଏ ପର୍ଯ୍ୟନ୍ତ ବି ବ୍ୟସ୍ତ ଅଛନ୍ତି ପ୍ରାର୍ଥୀ ଚୟନ ଏବଂ ଇସ୍ତାହାରକୁ ନେଇ । ତେବେ ଏହି ପର୍ଯ୍ୟାୟ ଏବେ ସାରିବା ଉପରେ । ଯଦିଓ କିଛି କିଛି ସ୍ଥାନରେ ପ୍ରଚାର ମଧ୍ୟ ଜୋର୍ ଧରି ସାରିଛି । ବିଭିନ୍ନ ସ୍ତରରେ ହାରଜିତକୁ ନେଇ ଅଙ୍କକଷା ଚାଲିଛି । ତେବେ ସବୁଠାରୁ ଚର୍ଚ୍ଚାର ବିଷୟ ପାଲଟିଛି– ତାମିଲନାଡୁ ନିର୍ବାଚନ । ବିଗତ କିଛି ଦଶନ୍ଧି ଧରି ତାମିଲନାଡୁ ରାଜନୀତିରେ ପ୍ରାଧାନ୍ୟ ବିସ୍ତାର କରିଥିବା ତାମିଲନାଡୁର ବଡ ଆଞ୍ଚଳିକ ଦଳ ସହ ନିର୍ବାଚନ ବୁଝାମଣା ନ କରି, ବିଜେପି ନିର୍ବାଚନ ଲଢ଼ିବାକୁ ଯାଉଛି ଯାହା ଦଳ ପାଇଁ ଏବଂ ତାମିଲନାଡୁ ରାଜନୀତି ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ମୁଖ୍ୟତଃ ତାମିଲନାଡୁରେ ଡିଏମକେ ଏବଂ ଏଆଇଡିଏମକେ ମଧ୍ୟରେ ଆଜି ପର୍ଯ୍ୟନ୍ତ ଲଢେଇ ହେଇଆସିଛି ଏବଂ ଅତୀତର ନିର୍ବାଚନଗୁଡିକରେ ଏହି ଦୁଇ ଦଳ ମଧ୍ୟରେ ହିଁ ମୁଖ୍ୟତଃ ଲଢେଇ ହେବାର ନଜର ରହିଆସିଛି । ଏହାରି ଭିତରେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ନିଜର ସ୍ଥାନ ମଜଭୁତ କରିବାକୁ ଚେଷ୍ଟା ଚଳାଇଛି ଏବଂ ତୃତୀୟ ଶକ୍ତି ଭାବରେ ଉଭା ହେବାକୁ ଉଦ୍ୟମ ଜାରିରଖିଛି । କାଶୀ–ତାମିଲ ସଙ୍ଗମମ ପରି ସାଂସ୍କୃତିକ ସଂଯୋଗ କାର୍ଯ୍ୟକ୍ରମ ଏବଂ ସଂସଦରେ 'ସେନଗଲ' (ରାଜଦଣ୍ଡ)ର ପ୍ରତୀକାତ୍ମକ ସ୍ଥାପନ ସହ ବିଜେପି ଏହାର ରଣନୀତି ପ୍ରସ୍ତୁତ କରିଛି । ବିଜେପି ପିଏମକେ, ତାମିଲ ମାନିଲା କଂଗ୍ରେସ (ଟିଏମସି), ଆମ୍ମା ମକ୍କାଲ ମୁନ୍ନେତ୍ରା କାଜଗାମ (ଏଏମଏମକେ) ଏବଂ ଅନ୍ୟ କେତେକ ଆଞ୍ଚଳିକ ଦଳଙ୍କ ସହିତ ବୁଝାମଣା କରିଛି । କୌତୁହଳର ବିଷୟ, ଟିଏମସି ଏବଂ ପିଏମକେ ନେତା ଜି ଭାସାନ୍ ଏବଂ ଅନବୁମାନି ରାମାଡୋସ ମନମୋହନ ସିଂଙ୍କ ଅଧୀନରେ ୟୁପିଏ ସରକାରରେ କେନ୍ଦ୍ର ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ବିଜେପି ୨୩ ଟି ଆସନ, ପିଏମକେ ୧୦, ଟିଏମସି ତିନୋଟି ଏବଂ ଏଏମଏମକେ ଦୁଇଟିରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ.ପାନେରସେଲଭାମ ସ୍ୱାଧୀନ ଭାବରେ ବିଜେପି ସମର୍ଥନରେ ନିର୍ବାଚନ ଲଢ଼ିବେ । ଅତୀତରେ ଉଭୟ ଡିଏମକେ ଏବଂ ଏଆଇଏଡିଏମକେର ସହଯୋଗୀ ଭାବରେ ପିଏମକେ ନିର୍ବାଚନ ଲଢ଼ି ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛି ଯାହାର ପ୍ରଭାବ ଉତ୍ତର ତାମିଲନାଡୁରେ ରହିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ପାଲାନିସ୍ୱାମୀ ତାଙ୍କ ପୂର୍ବରୁ ମୁଖ୍ୟମନ୍ତ୍ରୀ ଥିବା ଓ.ପାନେରସେଲଭାମଙ୍କୁ ବହିଷ୍କାର କରି ବର୍ତ୍ତମାନ ଜୟଲଳିତାଙ୍କ ଉତ୍ତରାଧିକାରୀ ଭାବରେ ନିଜକୁ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରୁଛନ୍ତି । ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ଲୋକସଭା ନିର୍ବାଚନକୁ ଏକ ପରୀକ୍ଷା ଭାବରେ ଗ୍ରହଣ କରି ସେ ବିଜେପି ସହ ମେଣ୍ଟ ନକରିବାକୁ ନିଷ୍ପତ୍ତି ନେଇଛନ୍ତି । ରାଜନୈତିକ ସ୍ପେକ୍ଟ୍ରମର ବିପରୀତ ପାର୍ଶ୍ୱରେ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ନେତା ଷ୍ଟାଲିନଙ୍କ ନେତୃତ୍ୱରେ ଇ–ଣ୍ଡି–ଆ ବ୍ଲକ ନିର୍ବାଚନ ଲଢୁଛି । ପୁଡୁଚେରୀ ସମେତ ସମସ୍ତ ୪୦ ଟି ଆସନରେ ଜିତିବା ନେଇ ଇ–ଣ୍ଡି–ଆ ବ୍ଲକ ଦାବି କରୁଛି । ଶାସକ ଦ୍ରାବିଡା ମୁନ୍ନେତ୍ରା କାଜଗାମ (ଡିଏମକେ) ରାଜ୍ୟର ୩୯ ଟି ଆସନ ମଧ୍ୟରୁ ୨୧ ଟିରେ ଲଢ଼ିବାକୁ ଥିବାବେଳେ କଂଗ୍ରେସ ୯ ଟି ଆସନରେ ନିର୍ବାଚନ ଲଢ଼ିବ । ଭିସି କେ, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାର୍କ୍ସବାଦୀ) ଏବଂ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ ପ୍ରତ୍ୟେକ ଦୁଇଟି ଲେଖାଏଁ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ମାରୁମାଲାର୍କି ଦ୍ରାବିଡା ମୁନେତ୍ରା କାଜଗାମ (ଏମ୍‌ଡ଼ିଏମ୍‌କେ) ଏବଂ ଇଣ୍ଡିଆନ୍ ୟୁନିଅନ୍ ମୁସଲିମ୍ ଲିଗ୍ (ଆଇୟୁଏମ୍‌ଏଲ୍) ପ୍ରତ୍ୟେକ ଗୋଟିଏ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ । କଂଡକ ନାମକ ଦଳ ଡିଏମକେ ଚିହ୍ନରେ ପ୍ରତିଦ୍ୱନ୍ଦିତା କରିବେ । ଷ୍ଟାଲିନ ନିଶ୍ଚିତ ଯେ ତାଙ୍କ ସରକାରଙ୍କ କାର୍ଯ୍ୟ ପାଇଁ, ତାଙ୍କ ଦଳ ତଥା ମିଳିତ ମଞ୍ଚର ପ୍ରାର୍ଥୀମାନେ ଏହି ତ୍ରିସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ହେବେ । ଡିଏମକେର ମୂଲ୍ୟାଙ୍କନରେ, ପ୍ରାଥମିକ ଚ୍ୟାଲେଞ୍ଜ ଏଆଇଏଡ଼ିଏମ୍‌କେରୁ ଆସିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକାଧିକ ଗସ୍ତ ସମେତ ବିଜେପିର ଉଦ୍ୟମ ନିର୍ବାଚନ ଫଳାଫଳ ଉପରେ ବିଶେଷ ପ୍ରଭାବ ପକାଇବାର ସମ୍ଭାବନା ନାହିଁ ବୋଲି ଡିଏମକେ ବିଶ୍ୱାସ କରେ । ଯୁବ ବିଜେପି ରାଜ୍ୟ ସଭାପତି ତଥା ପୂର୍ବତନ ଆଇପିଏସ୍ ଅଧିକାରୀ କେ ଅନ୍ନମଲାଇ ଗତ ଏକ ବର୍ଷ ଧରି ସକ୍ରିୟ ରହି ନିଜର ଏବଂ ଦଳର ଲୋକପ୍ରିୟତା ବଢାଇବାକୁ ଚେଷ୍ଟା କରିଛନ୍ତି । କୋଏମ୍ବାଟୁର ଲୋକସଭା ନିର୍ବାଚନମଣ୍ଡଳୀରୁ ଅନାମଲାଇ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୧୯୯୮ରେ, ବିଜେପିର ସିପି ରାଧାକ୍ରିଷ୍ଣନ୍ ଏହି ଆସନରୁ ଜିତିଥିଲେ ଏବଂ ୧୯୯୯ ପର୍ଯ୍ୟନ୍ତ ଏହାକୁ ବଜାୟ ରଖିଥିଲେ । ୨୦୨୧ ମସିହାରେ ବିଜେପି ବିଧାନସଭା ଆସନ ମଧ୍ୟ ସୁରକ୍ଷିତ ରଖିଥିଲା । ତେଣୁ ଏଥର ମଧ୍ୟ ବିଜେପି ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତାକୁ ପାଥେୟ କରି ଏହିଠାରୁ ଜିତିବାର ଆଶା ରଖିଛି । ମୋଟାମୋଟି ଭାବରେ, ତାମିଲନାଡୁ ନିର୍ବାଚନ ବିଜେପି ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତେବେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ସାରା ଦେଶରେ ଭଲ କରିବା ନେଇ ଆକଳନ କରାଯାଉଥିବାବେଳେ ଏଠାରେ କି ପ୍ରଭାବ ପକାଇ ପାରୁଛି, ତାହା ଉପରେ ସମସ୍ତଙ୍କ ନଜର ।

# ମାନବିକତାର ହତ୍ୟା

ପ୍ରାୟ ୬ ମାସର ଯୁଦ୍ଧ ପରେ, ଇସ୍ରାଏଲ ସମର୍ଥକ ଆମେରିକା ଓ ଅନ୍ୟ ଦେଶଗୁଡିକ ବିବ୍ରତ ଥିବା ଦେଖାଯାଉଛି । ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ, ୭ ଜଣ ବିଦେଶୀ ସହାୟତା କର୍ମଚାରୀ ଏବଂ ସେମାନଙ୍କ ପାଲେଷ୍ଟାଇନ ଡ୍ରାଇଭରଙ୍କୁ ହତ୍ୟା କରିବା, ଆମେରିକା, ବ୍ରିଟେନ ଏବଂ ଅନ୍ୟ ୟୁରୋପୀୟ ଦେଶଗୁଡିକୁ ଇସ୍ରାଏଲକୁ ନିଜର ସହାୟତା ଓ ସମର୍ଥନ ନେଇ ଚିନ୍ତା କରିବାକୁ ବାଧ କରିଛି । ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ତୁରନ୍ତ ଅସ୍ତ୍ରବିରତି କରିବା ନେଇ ଆହ୍ୱାନ ଦେଇଛନ୍ତି ଏବଂ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ କହିଛନ୍ତି ଯେ' ସାଧାରଣ ନାଗରିକ ତଥା ରିଲିଫ କର୍ମଚାରୀଙ୍କ ସୁରକ୍ଷା ଉପରେ ଭବିଷ୍ୟତରେ ଆମେରିକା ଇସ୍ରାଏଲକୁ ସାହାଯ୍ୟ କରିବ କି ନାହିଁ ତାହା ନିର୍ଭର କରେ । ଆମେରିକାର ଏ ପ୍ରକାର ଚେତାବନୀ ହଜାର ହଜାର ପାଲେଷ୍ଟାଇନୀୟମାନଙ୍କ ପାଇଁ ଖୁସିର ବିଷୟ କିନ୍ତୁ ବହୁ ବିଳମ୍ବ ହେଇଯାଇଛି, ଯାହା ଆଗରୁ ଆସିଥିଲେ ହୁଏତ ବହୁ ମୂଲ୍ୟବାନ ସାଧାରଣ ନାଗରିକଙ୍କ ଜୀବନ ରକ୍ଷା କରାଯାଇ ପାରିଥାନ୍ତା– ମୁଖ୍ୟତଃ ମହିଳା ଓ ଶିଶୁଙ୍କ ଜୀବନ । ତେବେ ଆମେରିକାର ଏହି ଚେତାବନୀ କାର୍ଯ୍ୟକାରୀ ହେଲେ, ଏବେ ମଧ୍ୟ ସାଧାରଣ ଲୋକଙ୍କୁ ଆକ୍ରମଣରୁ ରକ୍ଷା କରାଯାଇ ପାରିବ... ଅନେକ ଲୋକଙ୍କୁ ଅନାହାରରୁ ରକ୍ଷା କରାଯାଇ ପାରିବ, ଲୋକଙ୍କ ପାଖରେ ମୌଳିକ ଆବଶ୍ୟକତା ପହଞ୍ଚା ଯାଇ ପାରିବ । ପ୍ରତିବନ୍ଧକ କିମ୍ବା ଅସ୍ତ୍ରଶସ୍ତ୍ର କାରବାର ବନ୍ଦ ହେବାର ଆଶଙ୍କା ଦୃଷ୍ଟିରୁ ନେତାନ୍ୟାହୁ ଏରେଜ କ୍ରସିଂ ଖୋଲିବା ଏବଂ ଦକ୍ଷିଣ ଇସ୍ରାଏଲର ଅସ୍ତୋଦ ବନ୍ଦରର ଅସ୍ଥାୟୀ ବ୍ୟବହାର ପାଇଁ ରାଜି ହେଇଛନ୍ତି । ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି ଯେ' ଏହା ବାସ୍ତବରେ ପାଳନ କରାଯିବା ଦରକାର । ୱାର୍ଲ୍ଡ ସେଣ୍ଟ୍ରାଲ୍ କିଚେନ୍ କର୍ମଚାରୀଙ୍କ ହତ୍ୟା ଘଟଣା ଆଇଡିଏଫ୍‌ର ଯୁଦ୍ଧର ଆଚରଣକୁ ଦର୍ଶାଇଛି । ଏହି ଭୁଲ ପାଇଁ ଇସ୍ରାଏଲ ବର୍ତ୍ତମାନ ଦୁଇଜଣ ବରିଷ୍ଠ ଅଧିକାରୀଙ୍କୁ ବରଖାସ୍ତ କରିଛି । କିନ୍ତୁ ଦୁଃଖର ବିଷୟ ଇସ୍ରାଏଲ ଏହି ଘଟଣାକୁ ଯେତିକି ଗୁରୁତର ସହ ନେବା କଥା, ସେମିତି ନେଇନାହିଁ । ଇସ୍ରାଏଲର ପ୍ରଧାନମନ୍ତ୍ରୀ ନିବେଦନ ଏବଂ ସମାଲୋଚନାକୁ ଅଣଦେଖା କରିଥିବାରୁ ଆମେରିକାର ରାଷ୍ଟ୍ରପତି କ୍ଷୁବ୍ଧ ହେଇଛନ୍ତି ଏବଂ ହେବା ମଧ୍ୟ ସ୍ୱାଭାବିକ । ମିଳିତ ଜାତିସଂଘ ମାନବ ଅଧିକାର ପରିଷଦ ଏକ ସଂକଳ୍ପ ଗ୍ରହଣ କରି ଇସ୍ରାଏଲ ସମ୍ଭାବ୍ୟ ଯୁଦ୍ଧ ଅପରାଧ ତଥା ମାନବିକତା ବିରୋଧରେ ଅପରାଧ ପାଇଁ ଦାୟୀ ରହିବ ବୋଲି କହିଛନ୍ତି । ୭ ଅକ୍ଟୋବରରେ ହାମାସର ଆକ୍ରମଣ ପାଇଁ, ଇସ୍ରାଏଲ ପ୍ରତି ଜନସାଧାରଣଙ୍କ ସହାନୁଭୂତି ଏବଂ ସମର୍ଥନ ଥିଲା । ଏବେ ଯୁକ୍ତରାଷ୍ଟ୍ରର ଅଧିକ ମତଦାତା ଯୁଦ୍ଧର ଆଚରଣକୁ ଅନୁମୋଦନ କରିବା ଅପେକ୍ଷା ନାପସନ୍ଦ କରିଛନ୍ତି । ଅଧିକାଂଶ ବ୍ରିଟେନ ମତଦାତା ଅସ୍ତ୍ର ବିକ୍ରୟ ବନ୍ଦ କରିବାକୁ ଚାହୁଁଛନ୍ତି । ଏହା କେବଳ ଏକ ନୈତିକ ପ୍ରସଙ୍ଗ ନୁହେଁ ବରଂ ଏକ ଆଇନଗତ ପ୍ରସଙ୍ଗ । ଗାଜାରେ ଯୁଦ୍ଧ ବନ୍ଦ ହୋଇଗଲେ ମଧ୍ୟ ମୃତ, ଆହତ, ଅନାଥ ଓ ଆଘାତପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା ନିଶ୍ଚିତ କରେ ଯେ ପାଲେଷ୍ଟାଇନୀୟମାନେ ସାରା ଜୀବନ ଯନ୍ତ୍ରଣା ମଧ୍ୟରେ ରହିବେ । ଗାଜାରେ ଇସ୍ରାଏଲର ବୋମା ବିସ୍ଫୋରଣ ଏବଂ ଆକ୍ରମଣରେ ଅତି କମରେ ୩୩,୩୬୦ ପାଲେଷ୍ଟାଇନର ମୃତ୍ୟୁ ଘଟିଛି ଏବଂ ୭୪,୯୯୩ ଜଣ ଆହତ ହୋଇଛନ୍ତି ବୋଲି ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଏବଂ ସେଥିମଧ୍ୟରୁ ଦୁଇ ତୃତୀୟାଂଶ ମହିଳା ଏବଂ ଶିଶୁ ବୋଲି କୁହାଯାଇଛି । ନେତାନ୍ୟାହୁ ଓ ବାଇଡେନ ଚାହିଁଥିଲେ ଏହି ବିବାଦ ନିୟନ୍ତ୍ରଣରେ ରହିଥାନ୍ତା । ହାମାସକୁ ଦଣ୍ଡ ଦେବା ସହ ସାଧାରଣ ଜୀବନକୁ ଅନେକ ମାତ୍ରାରେ ସୁରକ୍ଷିତ କରାଯାଇ ପାରିଥାନ୍ତା । କିନ୍ତୁ ଇସ୍ରାଏଲର ଯୁଦ୍ଧ ପରିଚାଳନା ଭୁଲ ରାସ୍ତାକୁ ଆପଣେଇଥିଲା ଏବଂ ଯେଉଁଥିପାଇଁ ଆଜି ହଜାର ହଜାର ବ୍ୟକ୍ତିଙ୍କର ମୃତ୍ୟୁ ହେଇସାରିଥିବା ବେଳେ, ହଜାର ହଜାର ଅନାହାର ଅନାଟନ ମଧ୍ୟରେ ଜୀବନ କଟାଉଛନ୍ତି । ଇସ୍ରାଏଲ ସମ୍ମୁଖରେ ମାନବିକତା ବୋଲି କିଛି ନାହିଁ । ସେ ସବୁ ମଧ୍ୟରେ ଖୁସିର କଥା, ବିଳମ୍ବରେ ହେଉ ମଧ୍ୟ,ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଭୁଲକୁ ସ୍ୱୀକାର କରିଛନ୍ତି ଏବଂ ହାମାସ ବିରୋଧରେ ଯୁଦ୍ଧ ପାଇଁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଆଭିମୁଖ୍ୟ ଭୁଲ ବୋଲି କହିଛନ୍ତି ।

# ନିରାପଦ ମାତୃତ୍ୱ

### ପ୍ରେମାନନ୍ଦ ପାଣିଗ୍ରାହୀ

ଭାରତ ଏକାଧାରରେ ତ୍ୟାଗଭୂମି, ଯୋଗଭୂମି,ପୂଣ୍ୟଭୂମି । ଏଠି ଭୂମିକୁ, ନଦୀକୁ, ବୃକ୍ଷକୁ, ପଶୁକୁ ମା' ଭାବରେ ସମ୍ବୋଧନ କରାଯାଇଥାଏ । ମା' ଶବ୍ଦକୁ ଛାଡିଦେଲେ ବୋଧହୁଏ ପୃଥିବୀରେ କୌଣସି ଦ୍ୱିତୀୟ ଶବ୍ଦ ନାହିଁ ଯାହା ପ୍ରାଣରେ ଶୀତଳତା ଭରିଦିଏ, ଛାତିରେ ଭରସାର ଢେଉ ଖେଳାଇ ଦିଏ । ମା' ଈଶ୍ୱରଙ୍କର ଏକ ଅମୂଲ୍ୟ ସୃଷ୍ଟି । ସାଧୁସନ୍ଥ, ରାଜାମହାରାଜା, ସୈନିକ ଏପରିକି ଭଗବାନ ମଧ୍ୟ ମାତୃଗର୍ଭରୁ ଜନ୍ମ ନେଇଛନ୍ତି । ମାତୃତ୍ୱ ନାରୀର ସହଜାତ ପ୍ରବୃତ୍ତି । ମାତୃତ୍ୱ ପ୍ରାପ୍ତି ବିବାହିତା ମହିଳା ପାଇଁ ଭଗବାନଙ୍କର ଏକ ବରଦାନ । ମାତୃତ୍ୱ ଜଣେ ନାରୀକୁ ପୂର୍ଣ୍ଣତା ପ୍ରଦାନ କରିବା ସହିତ ସୌଭାଗ୍ୟପ୍ରଦାୟିନୀ କରିଥାଏ ।

ଗର୍ଭଧାରଣ କରିବା ପର ଠାରୁ ନାରୀ ଅନ୍ତରରେ ଏକ ନୂତନ ଉନ୍ମାଦନା ସଂଚାରିତା ହୋଇଥାଏ । ମା' ବକ୍ଷରୁ ଝରୁଥିବା ଅମୃତଧାରା ପାନ କରି ଶିଶୁଟି ବଡ ହୁଏ । ବନବାସ ସମୟରେ ଯକ୍ଷ ଯୁଧିଷ୍ଠିରଙ୍କୁ କେତେଗୁଡିଏ ପ୍ରଶ୍ନ ପଚାରିଥିଲେ । ତା' ଭିତରୁ ଗୋଟିଏ ପ୍ରଶ୍ନ ଥିଲା –'ପୃଥିବୀ ଅପେକ୍ଷା କିଏ ଗୁରୁତ୍ୱପୂର୍ଣ୍ଣ ?' ଯୁଧିଷ୍ଠିରଙ୍କ ଉତ୍ତରଥିଲା 'ମାଆ' । ପ୍ରାଚୀନ କାଳରୁ ଏଯାବତ୍ ମାତାଙ୍କୁ ସର୍ବମାନ୍ୟ ପ୍ରଦାନ କରାଯାଇଛି । ସନ୍ତାନ ପ୍ରସବ କରିବାର ଆନନ୍ଦ ଅନେକ ସମୟରେ ନାରୀକୁ ମୃତ୍ୟୁ ମୁଖକୁ ଠେଲି ଦେଇଥାଏ । ସବୁ ମାଆ ସମାନ ଭାଗ୍ୟବତୀ ନୁହଁନ୍ତି । ସନ୍ତାନ ପ୍ରସବ ପୂର୍ବରୁ କିମ୍ବା ସନ୍ତାନ ପ୍ରସବ ପରେ ଯତ୍ନ ଅଭାବରୁ ଅନେକ ମାଆ ଆଖି ବୁଜିଦେଇଥାନ୍ତି । ଅସମୟରେ ଆଖି ବୁଜି ଦେଉଥିବା ମାଆମାନଙ୍କର ଦୁର୍ଭାଗ୍ୟ ଯେତିକି କରୁଣ, ମାଆ ଛେଉଣ୍ଡ ନବଜାତକମାନଙ୍କ ଭବିଷ୍ୟତ ମଧ୍ୟ ସେତିକି ଅନିଶ୍ଚିତ ।

ମହିଳା ସଶକ୍ତିକରଣରେ ମାଆମାନଙ୍କର ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ୨୦୦୩ ମସିହା ଠାରୁ ଏପ୍ରିଲ ୧୧ ତାରିଖକୁ ଜାତୀୟ ନିରାପଦ ମାତୃତ୍ୱ ଦିବସ ଭାବରେ ପାଳନ କରାଯାଉଛି । ଗର୍ଭାବସ୍ଥାରୁ ଆରମ୍ଭ କରି ପ୍ରସବ ଓ ପ୍ରସବ ପରବର୍ତ୍ତୀ ଚିକିତ୍ସା ସୁବିଧା ପାଇବା ସହିତ ଗର୍ଭବତୀ ନାରୀ ସୁସ୍ଥ ରହିବା ଅର୍ଥ ହେଉଛି ନିରାପଦ ମାତୃତ୍ୱ । ମାତୃତ୍ୱର ସୁରକ୍ଷା କହିଲେ ଆମେ ସାଧାରଣତଃ ଉଭୟ ମାଆ ଓ ଶିଶୁର ସୁରକ୍ଷାକୁ ବୁଝିଥାଉ । ସୁସ୍ଥ, ଶିକ୍ଷିତା ଓ ସଚେତନ ମାଆଟିଏ ହିଁ ସୁସ୍ଥ ଶିଶୁ ସୃଷ୍ଟି କରିବା ସହ ସମାଜର କର୍ଣ୍ଣଧାର ହୋଇପାରିବ । ଅନ୍ଧବିଶ୍ୱାସ, ସଚେତନତାର ଅଭାବ, ନିରକ୍ଷରତା, ଅଳ୍ପ ବୟସରେ ବିବାହ, ସାମାଜିକ ଓ ଆର୍ଥିକ ଅବସ୍ଥା, କମ୍ ବର୍ଷ ବ୍ୟବଧାନରେ ସନ୍ତାନ ପ୍ରସବ, ଶାରୀରିକ ତ୍ରୁଟି, ସୁଷମ ଓ ପୁଷ୍ଟିକର ଖାଦ୍ୟର ଅଭାବ, ଅସୁରକ୍ଷିତ ଗର୍ଭପାତ, ରକ୍ତହୀନତା, ପ୍ରସବ ସମୟରେ ଅଭିଜ୍ଞ ଚିକିତ୍ସକ ବା ଧାଇର ଅଭାବ ମାତୃ ମୃତ୍ୟୁର କାରଣ ହୋଇଥାଏ । ନିରାପଦ ମାତୃତ୍ୱ ନିମନ୍ତେ ଗର୍ଭବତୀ ମହିଳାଙ୍କ ଠାରୁ ଆରମ୍ଭ କରି ପରିବାରର ପ୍ରତ୍ୟେକ ସଦସ୍ୟ ସଚେତନ ହେବା ଆବଶ୍ୟକ ।

ଏକ ପରିସଂଖ୍ୟାନ ଅନୁଯାୟୀ ପ୍ରତିବର୍ଷ ବିଶ୍ୱରେ ସଂଘଟିତ ମୋଟ ମାତୃହାର ମୃତ୍ୟୁର ୧୫ ପ୍ରତିଶତ ଭାରତରେ ହିଁ ଘଟୁଛି । ବିଶ୍ୱରେ ପ୍ରତ୍ୟେକ ଦିନ ୮୦୦ ମହିଳାଙ୍କର ପ୍ରସବ ସମୟରେ ମୃତ୍ୟୁ ଘଟୁଛି । ବିନା ଚିକିତ୍ସାରେ ଗର୍ଭବାସ ଓ ପ୍ରସବ ଯୋଗୁଁ ଦେଶରେ ପ୍ରତ୍ୟହ ୮୩୦ ଜଣ ମହିଳାଙ୍କର ମୃତ୍ୟୁ ହେଉଥିବା ଜଣାପଡିଛି । ଅତୀତରେ ଆମ ଦେଶରେ ମାତୃ ମୃତ୍ୟୁହାର ପ୍ରତିଶତ ଆହୁରି ଅଧିକ ଥିଲା । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ହେବା ପରେ ବିଗତ ଏକ ଦଶକ ହେବ ଭାରତରେ ମାତୃ ମୃତ୍ୟୁହାର ଅପେକ୍ଷାକୃତ କମିଛି । ବର୍ତ୍ତମାନ ଆମ ରାଜ୍ୟରେ ମାତୃ ମୃତ୍ୟୁହାର ୧୧୯ ରହିଥିବା ବେଳେ ୨୦୩୦ ସୁଦ୍ଧା ଏହାକୁ ୭୦କୁ ହ୍ରାସ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଆମ ରାଜ୍ୟରେ ସଚେତନତା କାରଣରୁ ମାତୃମୃତ୍ୟୁ ହାର ହ୍ରାସ ପାଉଛି ।

କମ୍ ବୟସରେ ମାତୃତ୍ୱ ଓ ସନ୍ତାନ ପ୍ରସବରେ କମ୍ ସମୟ ବ୍ୟବଧାନ ହିଁ ମାତୃମୃତ୍ୟୁର ଅନ୍ୟତମ ପ୍ରମୁଖ କାରଣ । ଗର୍ଭସ୍ଥ ଶିଶୁ ନିଜର ବିକାଶ ପାଇଁ ମାଆ ଠାରୁ ସମସ୍ତ ପୋଷକ ପଦାର୍ଥ ଗ୍ରହଣ କରିଥାଏ । ତେଣୁ ଗର୍ଭଧାରଣ ସମୟରେ ମାଆ ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ଆବଶ୍ୟକ କରେ । ଗର୍ଭବତୀ ମାଆ ଓ ଗର୍ଭସ୍ଥ ଶିଶୁର ଅଭିବୃଦ୍ଧି ପାଇଁ ଆବଶ୍ୟକୀୟ ପୁଷ୍ଟିସାର, ଶ୍ୱେତସାର, ଭିଟାମିନ୍ ଓ ଧାତବଲବଣ ଆବଶ୍ୟକ ହୁଏ । ତେଣୁ ଗର୍ଭବତୀ ମହିଳା ଡାଲି ଜାତୀୟ ଖାଦ୍ୟ, କ୍ଷୀର, ଦହି, ମାଛ, ମାଂସ, ଭାତ, ରୁଟି, ଘିଅ, ଲହୁଣି, ଶାଗ, ସଜନା ଛୁଇଁ, କଞ୍ଚା କଦଳୀ, ସବୁଜ ପରିବା ଖାଇବା ଉଚିତ୍ । ଶରୀରରେ ଲୌହସାର ଠିକ୍ ରହିବାପାଇଁ ତଥା ଗର୍ଭାବସ୍ଥାରେ ରକ୍ତହୀନତା ନହେବାପାଇଁ ୧୦୦ଟି ଲୌହ ବଟିକା ୩ ମାସ ପାଇଁ ଗର୍ଭବତୀ ମହିଳା ବ୍ୟବହାର କରିବା ଉଚିତ୍ । ଗର୍ଭାବସ୍ଥା ସମୟରେ ମାଆ ଈଶ୍ୱର ଆରାଧନା, ଧର୍ମଗ୍ରନ୍ଥ ପଠନ କରିବା ଉଚିତ୍ । ଯାହା ଦ୍ୱାରା ଗର୍ଭସ୍ଥ ସନ୍ତାନ ସଦ୍‌ଗୁଣ ଓ ଈଶ୍ୱର ବିଶ୍ୱାସୀ ହୋଇ ଜନ୍ମ ନେବ ।

ନିରାପଦ ମାତୃତ୍ୱ କହିଲେ ଉଭୟ ମାଆ ଓ ଶିଶୁର ସୁରକ୍ଷାକୁ ବୁଝାଏ । ନିରାପଦ ମାତୃତ୍ୱ ଓ ଶିଶୁ ମାତୃ ହାର ହ୍ରାସ ପାଇଁ ୟୁନିସେଫ୍ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି । ୨୦୧୧ ମସିହାରେ ରାଜ୍ୟ ସରକାର ମମତା ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଗର୍ଭବତୀ ମହିଳାମାନଙ୍କ ପାଇଁ ସରକାରୀ ସ୍ତରରେ ପୁଷ୍ଟିକର ଖାଦ୍ୟ ଯୋଗାଣ ଓ ଔଷଧ ବଣ୍ଟନ କରାଯାଉଛି । ଏସବୁର ସଦୁପଯୋଗ କରାଯିବା ଆବଶ୍ୟକ ।

ନିରାପଦ ମାତୃତ୍ୱ ପାଇଁ ଜନନୀ ସୁରକ୍ଷା ଯୋଜନା ,ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଓ ନିରାମୟ ଆଦି ଏକାଧିକ ଯୋଜନାରୁ ଗର୍ଭବତୀ ମହିଳାଙ୍କୁ ସହଯୋଗ କରାଯାଉଛି । ଯାହା ଫଳରେ ରାଜ୍ୟରେ ଏବେ ଡାକ୍ତରଖାନାରେ ପ୍ରସବ କରାଇବାକୁ ଲୋକମାନେ ଆଗ୍ରହୀ ହେଉଛନ୍ତି । ସରକାରୀ ଓ ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ମହିଳାଙ୍କୁ ମାତୃତ୍ୱକାଳୀନ ଛୁଟି ତିନି ମାସରୁ ଛଅ ମାସକୁ ବୃଦ୍ଧି କରାଯାଇଛି । ସବୁ ଯୋଜନାର ମୂଳ ଲକ୍ଷ୍ୟ ଗର୍ଭବତୀ ମାଆ ତାର ପ୍ରସବ କିପରି ଡାକ୍ତରଖାନାରେ ନିରାପଦରେ କରିବ ଓ ମାତୃ ମୃତ୍ୟୁହାର ହ୍ରାସପାଇବ ।

**ଭୁବନ, ଢେଙ୍କାନାଳ**
**ମୋ– ୯୪୩୭୭୨୯୩୮୪**

# ଶ୍ରବଣ ଶକ୍ତି ହ୍ରାସ କରେ ଇୟର ଫୋନ

### ନାରାୟଣ ଚନ୍ଦ୍ର ବିଶ୍ୱାଳ

ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଟି କ'ଣ ? ଅନେକ ଏହାକୁ ଭିନ୍ନ ଭିନ୍ନ ଭାବରେ ଉତ୍ତର ଦେଇପାରନ୍ତି । ତେବେ କାନଟି ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଏହା ପ୍ରାୟ ସମସ୍ତେ ଜାଣନ୍ତି । ତେବେ ବର୍ତ୍ତମାନ ସମୟର ଜୀବନଶୈଳୀକୁ ଦେଖିଲେ ଯାହା ଜଣାପଡୁଛି ଅନେକଙ୍କର ଶ୍ରବଣ ଶକ୍ତି କମିବାର ପ୍ରମୁଖ କାରଣ ହେଉଛି ଇୟର ଫୋନର ମାତ୍ରାଧିକ ବ୍ୟବହାର । ମୋବାଇଲରେ କଥା ଓ ମନୋରଞ୍ଜନ ଲାଗି ଅତି କର୍କଶ ଶବ୍ଦର ପରିବେଷିତ ସଙ୍ଗୀତ ବିଶେଷକରି ଡିଜେର ପ୍ରଚଣ୍ଡ ଶବ୍ଦ କାନକୁ ବଧିରା କରିଦେବା ପାଇଁ ଯଥେଷ୍ଟ । ଆଜିର ସମୟରେ କେବଳ ଯୁବପିଢ଼ି ନୁହଁନ୍ତି ଅଧିକାଂଶ ମୋବାଇଲରେ ନିଜକୁ ବ୍ୟସ୍ତ ରଖୁଥିବାବେଳେ ହେଡଫୋନ ଓ ଇୟର ଫୋନ ଘଣ୍ଟା ଘଣ୍ଟା ଧରି ସେମାନଙ୍କ କାନରେ ରହୁଛି ଯାହା ଶୁଣିବା ଶକ୍ତିକୁ ଉଦ୍‌ବେଗଜନକ ଭାବେ ହ୍ରାସ କରିବାର କାରଣ ତ ସାଜିଛି ଏହାର ଅନ୍ୟ ପ୍ରମୁଖ ପରିପାର୍ଶ୍ୱିକ କାରଣ ମଧ୍ୟ ରହିଛି । ପାଠପଢ଼ା ହେଉ ବା ଅନ୍ୟାନ୍ୟ ବୃତ୍ତିଗତ କାର୍ଯ୍ୟ, ହେଡ଼ଫୋନ ଦିନକୁ ଦିନ କେତେ ଯେ ଘାତକ ହେଉଛି ତାହା କଳ୍ପନାର ବାହାରେ । ଏକ ପ୍ରମୁଖ ସ୍ୱାସ୍ଥ୍ୟଭିତ୍ତିକ ପତ୍ରିକାର ରିପୋର୍ଟ ଅନୁଯାୟୀ ଭାରତରେ ସାଢ଼େ ଛଅକୋଟିରୁ ଊର୍ଦ୍ଧ୍ୱ ଓ ପୃଥିବୀରେ ଦେଢ଼ଶହ କୋଟିରୁ ଊର୍ଦ୍ଧ୍ୱ ଲୋକ ନିଜର ଶ୍ରବଣ ଶକ୍ତି ହରାଇବାକୁ ଯାଉଛନ୍ତି ବୋଲି ଖବର ପ୍ରକାଶ ପାଇଛି । ଆଗାମୀ ୨୦୫୦ ବେଳକୁ ପୃଥିବୀରେ ୨୫୦ କୋଟି କିମ୍ବ ପ୍ରତି ୧୦ଜଣଙ୍କ ଭିତରୁ ଜଣେ ନିଜ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ରହିଛି ।

ସାଧାରଣତଃ ବଧିର ହେବାର ତ ଅନେକ କାରଣ ରହିଛି। ସେଗୁଡ଼ିକ ବଂଶାନୁକ୍ରମିକ ହୋଇପାରେ, ପ୍ରଦୂଷଣର କାରଣ ହୋଇପାରେ ଆଉ ରୋଗଜନିତ କାରଣ ମଧ୍ୟ ହୋଇପାରେ । କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ପ୍ରତିବର୍ଷ ଆମ ଦେଶରେ ୨୭୦୦୦ରୁ ଊର୍ଦ୍ଧ୍ୱ ପିଲାଙ୍କର କାନ ସମସ୍ୟା ରହିଛି । ପ୍ରାଥମିକ ସମୟରୁ ସଚେତନ ରହିଲେ ଓ ପରୀକ୍ଷା ନିରୀକ୍ଷା ସଠିକ୍ ସମୟରେ ହୋଇପାରିଲେ ଏବଂ ପ୍ରାରମ୍ଭରୁ ସମସ୍ୟାକୁ ଅଣଦେଖା ନକରି ଗୁରୁତ୍ୱ ଦେଲେ ଏହା ଆରୋଗ୍ୟସାଧ ନିଶ୍ଚିତ । ପ୍ରତିବର୍ଷ ବିଶ୍ୱ କର୍ଣ୍ଣଯତ୍ନ ଦିବସ ପାଳନ ହୋଇଥାଏ । ପ୍ରତିବର୍ଷ ଏକ ଏକ ସଚେତନଭିତ୍ତିକ ବାର୍ତ୍ତାକୁ ଉଲ୍ଲେଖକରି ଏହି ଦିବସଟି ପାଳନ ହୁଏ । ଚଳିତ ବର୍ଷର ବାର୍ତ୍ତା ରହିଛି 'ଚାଲନ୍ତୁ ସମସ୍ତଙ୍କ ପାଇଁ କର୍ଣ୍ଣ ଓ ଶ୍ରବଣ ରୋଗର ପ୍ରତିରୋଧ ଓ ପ୍ରତିକାର ସାକାର କରିବା'।

ପ୍ରାଥମିକ ଚିକିତ୍ସାରେ କର୍ଣ୍ଣ, ଶ୍ରବଣ ଶକ୍ତି ପରୀକ୍ଷା ଓ ଯତ୍ନ ଦ୍ୱାରା ଶ୍ରବଣ ଶକ୍ତି ସମସ୍ୟା ନିର୍ଣ୍ଣୟ କରିବା ଲୋକମାନଙ୍କ ପାଇଁ ଲାଭଦାୟକ ହୋଇପାରେ । ଏହା ସାଧାରଣ କଥା ଶ୍ରବଣ ଶକ୍ତି ହ୍ରାସ ପାଇବାର ପ୍ରମୁଖ କାରଣ ହେଉଛି ଶବ୍ଦ ପ୍ରଦୂଷଣ । ସେହିପରି ଯୁବପିଢ଼ି ସର୍ବଦା ଇୟର ଫୋନକୁ କାନରେ ଗେଞ୍ଜି ଘଣ୍ଟା ଘଣ୍ଟା ଧରି ବ୍ୟବହାର କରୁଥିବାରୁ ଏହା କେବଳ ଯେ କାନରେ ସଂକ୍ରମଣ ବଢ଼ାଇବ ତାହା ନୁହେଁ ବରଂ ଆଗାମୀ ଦିନରେ ଖୁବ୍ କମ୍ ବର୍ଷ ବୟସରୁ ଜଣଙ୍କର ଶ୍ରବଣ ଶକ୍ତିକୁ ନଷ୍ଟ କରିପାରେ। ସେହିପରି ଯେଉଁମାନଙ୍କର ଡାଇବେଟିସ ଓ ଉଚ୍ଚରକ୍ତଚାପ ସମସ୍ୟା ରହିଛି ସେମାନଙ୍କର ଶ୍ରବଣ ଶକ୍ତି କମ୍ ହୋଇଯିବାର ଆଶଙ୍କା ବଢ଼ିଯାଏ ।

ଏହାସହ ଅନ୍ୟ ପ୍ରମୁଖ କାରଣ ମଧ୍ୟ ରହିଛି । ଶବ୍ଦ ପ୍ରଦୂଷଣ, ଅଟୋ ଟକ୍ସିକ ଡ୍ରଗସ ଓ ଅଟୋ ଟକ୍ସିକ କେମିକାଲ ବ୍ୟବହାର ଦ୍ୱାରା ବୃଦ୍ଧାବସ୍ଥାରେ ବଧିରତା ସମସ୍ୟା ବୃଦ୍ଧି ପାଉଛି । ଆଜିକାଲି ଜନ୍ମ ହେବା ପରେ ପରେ ଓ.ଏ.ଇ. ଟେଷ୍ଟ କରାଯାଉଛି । ଯଦି ଛୁଆଟିଏ କଥା କହିବାକୁ ଡେରି କରେ କିମ୍ବା ପଛରୁ ଡାକିଲେ ଶୁଣିପାରେ ନାହିଁ, ଆମେ ଜାଣିଯିବା ଯେ ତାକୁ ଶୁଭୁ ନାହିଁ । ସେଥିପାଇଁ ଆମେ ଯଥାଶୀଘ୍ର ତାର ପରୀକ୍ଷା କରିନେବା ଜରୁରୀ । ତେବେ କୋକଲିୟର ଇମପ୍ଲା ଡିଭାଇସ ଦ୍ୱାରା ଆମେ କିଛି ମାତ୍ରାରେ ଶ୍ରବଣ ଶକ୍ତି ଫେରି ପାଉଛେ । ଏହାର ଦାମ ୬.୫ ଲକ୍ଷରୁ ଆରମ୍ଭ ହେଉଛି ।

କାନକୁ ନେଇ ଅନେକଙ୍କ ଭିତରେ ଆଦୌ ସଚେତନତା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ଜଣଙ୍କର ଶ୍ରବଣ ଶକ୍ତି ହରାଇବାର କୌଣସି ବୟସ ନଥାଏ ।

ବୟସ୍କ ଲୋକମାନଙ୍କର ଯେ କେବଳ ଶ୍ରବଣଶକ୍ତି ହ୍ରାସ ହୋଇଥାଏ ଏହା ଭାବିବା ଆଦୌ ଠିକ ନୁହେଁ । ସେହିପରି ଥରେ ଶ୍ରବଣ ଶକ୍ତି କମିଗଲେ ଏହା ଆଉ ଫେରିବାର ସମ୍ଭବ ହୋଇପାରିନଥାଏ । ଅନେକ ହୁଏତ ଜାଣିନଥାନ୍ତି ପିଲାଟି ଜନ୍ମ ହେବାର ପ୍ରାଥମିକ ୪୮ ଘଣ୍ଟା ଭିତରେ ତାର ଶ୍ରବଣ ଶକ୍ତି ପରୀକ୍ଷା କରିବା ଜରୁରୀ ହୋଇଥାଏ । ଅନ୍ୟ କେତେକଙ୍କ କ୍ଷେତ୍ରରେ ପିଲାଟି ମାଆର ଗର୍ଭରେ ଥିବା ସମୟରୁ ହିଁ ଏହି ସମସ୍ୟା ରହିଯାଇଥାଏ । ତେଣୁ ପରବର୍ତ୍ତୀ ତିନିମାସ ପରେ କାନ ପରୀକ୍ଷା କରିବା ପ୍ରୟୋଜନୀୟ ହୋଇଥାଏ । ନେଗେଟିଭ ବାହାରିଲେ ଅନ୍ୟ ଏକ ପରୀକ୍ଷା ଯାହାକୁ ବେରା ଟେଷ୍ଟ କୁହାଯାଏ । ଏହି ପରୀକ୍ଷାଟି କରାଯାଏ । ପିଲାମାନଙ୍କ ଠାରେ ଭାଇରାଲ ଫିଭର ଦେଖାଦେଇଥାଏ ତେବେ କେତେକ କ୍ଷେତ୍ରରେ ଭାଇରାଲ ଫିଭରର କାରଣ ପାଇଁ ଅନେକ ଶିଶୁ ନିଜର ଶ୍ରବଣ ଶକ୍ତି ହରାଇଥାନ୍ତି । ସେହିପରି ଏକ ବର୍ଷରୁ ପନ୍ଦର ବର୍ଷ ବୟସର ପିଲାମାନଙ୍କ କ୍ଷେତ୍ରରେ ସେମାନଙ୍କ କାନରେ ଯେ କୌଣସି କାରଣ ଜନିତ ସଂକ୍ରମଣ ରହିଲେ ଏହା ସେମାନଙ୍କ କର୍ଣ୍ଣ ଗହ୍ୱରକୁ ପ୍ରଭାବିତ କରିଥାଏ ଓ ଏହା ବଧିରତା ସୃଷ୍ଟି କରେ । ସେହିପରି କାନରେ ହାଡ଼ ଖାଇ ଯାଇଥିଲେ କିମ୍ବା କୌଣସି ଦୁର୍ଘଟଣାଜନିତ କାରଣରୁ ପରଦା ଆଘାତପ୍ରାପ୍ତ ହୋଇ ଫାଟିଗଲେ ଜଣକୁ ଶୁଣାଯାଏ ନାହିଁ ସେହିପରି ବୟସ ବଢ଼ିଲେ କାନ ସହ ସଂଲଗ୍ନ ହୋଇଥିବା ସ୍ନାୟୁଟି ଦୁର୍ବଳ ହୋଇ ନଷ୍ଟ ହେବା କାରଣରୁ ବଧିର ହେବାର ସମ୍ଭାବନା ରହିଥାଏ । ପିଲାଟି ମାତୃଗର୍ଭରେ ଥିବା ସମୟରେ ଆସନ୍ନପ୍ରସବା ମାଆଟିର ରୁବେଲା, ମିଳିମିଳା କିମ୍ବା ସିଫଲିସ ଭଳି ରୋଗର ଶିକାର ହେଲେ ଏହା ପିଲାଟିର ଶ୍ରବଣ ଶକ୍ତି ଉପରେ ପ୍ରଭାବ ପକାଇଥାଏ । ତେଣୁ ଏ କ୍ଷେତ୍ରରେ ପ୍ରାଥମିକ ଅବସ୍ଥାରୁ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ଜରୁରୀ।

ଠିକ୍ ସମୟରେ ଡାକ୍ତରୀ ପରାମର୍ଶ ସହ ସଚେତନ ରହିଲେ ଶ୍ରବଣ ଜନିତ ସମସ୍ୟା ପରବର୍ତ୍ତୀ ସମୟରେ ଘାତକ ସାବ୍ୟସ୍ତ ହୋଇପାରନ୍ତା ନାହିଁ। ସେହିପରି ପ୍ରଥମରୁ ସମସ୍ୟାକୁ ଚିହ୍ନଟ କରି ବିଶେଷଜ୍ଞଙ୍କ ସହାୟତା ନେଲେ ଆଜିକାଲି ଉନ୍ନତ ଶ୍ରବଣ ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ ଏହି ସବୁ ସମସ୍ୟାରୁ ମୁକ୍ତି ମିଳିପାରିବ । ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଏହି ଅଙ୍ଗର ଯତ୍ନ ନେବା ଯେତିକି ଜରୁରୀ ଏ ନେଇ ଅନ୍ୟମାନଙ୍କ ଭିତରେ ସଚେତନତାକୁ ବ୍ୟାପକ କରିବା ମଧ୍ୟ ପ୍ରମୁଖ ସେତିକି ଗୁରୁତ୍ୱପୂର୍ଣ୍ଣ । ତେବେ ସର୍ବପ୍ରଥମେ ଘଣ୍ଟା ଘଣ୍ଟା ଧରି ଇୟର ଫୋନ ଓ ହେଡ଼ ଫୋନ ଠାରୁ ଦୂରେଇବା ଅଭ୍ୟାସ ଆପଣାନ୍ତୁ । କାନ ଆପଣଙ୍କ ଶରୀର ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ନିଜେ ଅନୁଭବ କରି ଏହାର ଯତ୍ନ ନିଅନ୍ତୁ, ନଚେତ୍ ବଧିରତା ଆପଣଙ୍କୁ ନିଶ୍ଚିନ୍ତ ଗ୍ରାସ କରିବ ।

**ବାକ୍ ଶ୍ରବଣ ବିଶେଷଜ୍ଞ,**
**କାଠଗୋଲା ରୋଡ଼, ମଙ୍ଗଳାବାଗ,**
**କଟକ, ମୋ–୯୪୩୮୨୭୬୭୬୦**

## ଅମୃତବାଣୀ

# କର୍ମ ବନ୍ଧନ...

ପ୍ରାୟତଃ ଆମେମାନେ ଲୋକମାନଙ୍କଠୁ ଶୁଣିଛେ କି ଈଶ୍ୱରଙ୍କ ଇଚ୍ଛା ବିନା କୌଣସି ଗୋଟିଏ ପତ୍ର ମଧ୍ୟ ହଲେ ନାହିଁ । ଏହା ଉପରେ ପ୍ରଶ୍ନଉଠେ କି ଏହିଭଳି ତ ସବୁ ପ୍ରକାରର ଶୁଭ ଆଉ ଅଶୁଭକର୍ମ ଈଶ୍ୱରଙ୍କ ଅଧୀନରେ ଥାଏ । ଆମେ ତ କାଠର ଖେଳନା ଭ୍ରାନ୍ତି ମାତ୍ର ଅଭିନୟ କରି ଦିଅନ୍ତି । ତା'ହେଲେ ଫଳ ଆମର ଭାଗରେ କେମିତି ଆସେ? ବସ୍ତୁତଃ ସମସ୍ତକର୍ମ ପ୍ରକୃତିର ଅଧୀନ ହୋଇକରି ଯାଇଥାଏ । ପ୍ରକୃତିର ତାତ୍ପର୍ଯ୍ୟ ହେଲା ସ୍ୱଭାବ ଯେମିତି ଜୀବ ନିଜେହିଁ ରଚିଛି । ଈଶ୍ୱର ନା' ତ କାହାକୁ ଶୁଭକର୍ମ କରେଇ କରି ତାହାକୁ ଉନ୍ନତି ଦେଇଥାନ୍ତି, ନା'ହିଁ କୌଣସି ଅଶୁଭ କର୍ମ କରେଇ କରି ତାକୁ ଅବନତି ଦେଇଥାନ୍ତି । ତାହା ପୂର୍ଣ୍ଣତଃ ନିଃସ୍ପୃହ ଅଟେ ।

ଯେ ପର୍ଯ୍ୟନ୍ତ ସ୍ୱଭାବ ଶୁଦ୍ଧ ହେବନି, ସେ ପର୍ଯ୍ୟନ୍ତ ଜୀବ ପ୍ରକୃତିର ଅଧୀନରେ ରହିଥାଏ । ପ୍ରାରବ୍ଧର ଅନୁସାରେ କର୍ମର ଫଳ ଭୋଗିକରି ଶୁଦ୍ଧ ହୋଇହେବ । ସେଥିରେ ନିଜର ଇଚ୍ଛା କିମ୍ବା ଅନିଚ୍ଛାର କୌଣସି ଅର୍ଥ ହୋଇ ନଥାଏ । ଏହା ଅପରିହାର୍ଯ୍ୟ ଅଟେ । ଜ୍ଞାନୀ ବ୍ୟକ୍ତି ମଧ୍ୟ ବିନା କର୍ମଫଳ ଭୋଗି କରି ମୁକ୍ତ ହୋଇ ପାରିବନି । କାହାକୁ ପର ସନ୍ତାପରେ ସୁଖ ମିଳୁଛି ଏହା ତାହାର ପ୍ରକୃତି ଅଟେ । ଏହି ଅଶୁଭକର୍ମର ଫଳରୁ ସେ ରକ୍ଷା ପାଇ ପାରିବନି । କାହାକୁ ସେହି ଯନ୍ତ୍ରଣାକୁ ସହିକରି ଅସୀମିତ କଷ୍ଟ ମିଳିଛି, ଏହା ତାହାର କର୍ମଫଳ ହୋଇପାରେ ।



ଈଶ୍ୱର ନିଜର ସବୁ ସନ୍ତାନକୁ ଶୁଦ୍ଧ କରିବାକୁ ଚାହିଁଥାନ୍ତି । ସେ ଶାସକ ମଧ୍ୟ ଆଉ ନିୟାମକ ମଧ୍ୟ ଅଟନ୍ତି । ଯଦି ଏହି ଜନ୍ମରେ ଆମର ଭାଗ୍ୟରେ ଦୁଃଖ ଭୋଗିବାର ଲେଖା ଅଛି,ତା'ହେଲେ ଆମକୁ ଭଲ ଲୋକ କାହିଁକି ମିଳିବେ ? ମନୁଷ୍ୟ ଯେଉଁ ପ୍ରକାରରେ ନିଜର ଶୁଭ ଅଥବା ଅଶୁଭକର୍ମର ଫଳ ଭୋଗି ପାରିବ, ସେମିତିହିଁ ପରିସ୍ଥିତି ଆଉ ବୁଦ୍ଧି ତିଆରି ହୋଇଯାଏ ।

ସୂର୍ଯ୍ୟର ଉର୍ଜାରେ ପୃଥିବୀ ଉପରେ ସମସ୍ତ କ୍ରିୟାକଳାପ ସଂପାଦିତ ହୋଇଥାଏ । କିନ୍ତୁ ଏହି କାର୍ଯ୍ୟରେ ସୂର୍ଯ୍ୟ ନିର୍ଲିପ୍ତ ଥାନ୍ତି । ସେହି ପ୍ରକାର ମାନବ ଶରୀରରେ ହେଉଥିବା ପାପ–ପୁଣ୍ୟରେ ଈଶ୍ୱରଙ୍କର କୌଣସି ସମ୍ବନ୍ଧ ନାହିଁ ।

ନିଜ ଜୀବନର ପୂର୍ବାର୍ଦ୍ଧରେ କରାଯାଇଥିବାକର୍ମ ଫଳ ଜୀବନର ଉତ୍ତରାର୍ଦ୍ଧରେ ଦେଖା ଯିବାର ଆରମ୍ଭ ହୋଇଯାଏ । ବିତି ଯାଇଥିବା ଜନ୍ମରେ ସ୍ୱୟଂ କରିଥିବା କର୍ମକୁ ଦେଖିବା ପାଇଁ ଆଜି ମିଳୁଥିବା ଫଳକୁ ବୁଝିବାକୁ ହେବ । ଯଦି ଏହାର ସୂତ୍ର ମିଳିଯିବ ତା ହେଲେ କର୍ମର ଦିଗ ସୁଧରିବାର ମାର୍ଗ ମଧ୍ୟ ମିଳିଯିବ । ଯେଉଁଥିରୁ ଜୀବନର ଅବସ୍ଥା ବହୁତ ସୁନ୍ଦର ହୋଇଯିବ ।

**ମୂଳହିନ୍ଦୀ–ଟ୍ୱିଙ୍କିଲ୍‌ତୋମରସିଂହ**
**ଅନୁବାଦ–ମନୋଜକୁମାରବେହେରା**
**ବାୟାବାବା ମଠ ଲେନ୍,**
**ୟୁନିଟ୍–୯, ଭୁବନେଶ୍ୱର–**
**ମୋ୍–୭୯୭୮୮୩୦୬୧୧**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କ୍ଷମା...

ରାଜ୍ୟ ଅଧିକାରୀମାନେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ । ଆମେ ଏଥିରେ ଗଭୀର ଆପତ୍ତି ଜଣାଇବା ସହ ନ୍ୟସ୍ତ ସ୍ୱାର୍ଥ ଥିବା ଶବ୍ଦକୁ ଉଲ୍ଲେଖ କରୁଛୁ । ଏହାକୁ ହାଲୁକା ଭାବେ ଆମେ ନେଉନାହୁଁ । ୨୦୨୧ରେ ଉତ୍ତରାଖଣ୍ଡ ଲାଇସେନ୍ସ କର୍ତ୍ତୃପକ୍ଷଙ୍କୁ ବିଭ୍ରାନ୍ତିକର ବିଜ୍ଞାପନ ନେଇ ଚିଠି ଲେଖାଯାଇଥିଲା । ମାତ୍ର ତାର କୌଣସି ପଦକ୍ଷେପ ନିଆଗଲାନାହିଁ । ଏଭଳି ଘଟଣା ୬ ଥର ଘଟିଛି । ମାତ୍ର ଲାଇସେନ୍ସ ଦେଇଥିବା ଇନ୍ସପେକ୍ଟର ନୀରବ ବସିଛନ୍ତି । ସୁପ୍ରିମ୍‌କୋର୍ଟ ଏଭଳି ଉପହାସକୁ ସହ୍ୟ କରିବନାହିଁ ।

## ପୁଣି...

ବୃଦ୍ଧି ପାଇବ । ଏହି ତାପମାତ୍ରା ୧୭ରୁ ଅଧିକ ବୃଦ୍ଧି ପାଇବା ଫଳରେ ୧୮ରୁ ଓଡ଼ିଶାର ଅଧିକାଂଶ ସ୍ଥାନରେ ୪୨ରୁ ୪୪ ଡିଗ୍ରୀ ସେଲସିଅସ୍ ଉତ୍ତାପ ଅନୁଭୂତ ହେବ। ଏପରିକି ଆଭ୍ୟନ୍ତରୀଣ ଓଡ଼ିଶା ଅପେକ୍ଷା ଉପକୂଳ ଅଞ୍ଚଳର କେତେକ ସ୍ଥାନରେ ଅଧିକ ତାପମାତ୍ରା ଅନୁଭୂତ ହୋଇପାରେ ବୋଲି ଡ. ସାହୁ କହିଛନ୍ତି।

## ଭିଜିଲାନ୍ସ...

ପତିଆରାରେ ଏହାର କୌଣସି ପ୍ରଭାବ ପଡ଼ିପାରି ନାହିଁ। କାରଣ ଯେଉଁ ସମୟରେ ରାୟ ଆସିଲା ସେତେବେଳେକୁ ବିଧାୟକ ହିସାବରେ ଏକପ୍ରକାର ତାଙ୍କ ଚଳିତ କାର୍ଯ୍ୟକାଳ ଶେଷ ହୋଇ ସାରିଥିଲା। ସେ ମଧ୍ୟ ସୁପ୍ରିମ କୋର୍ଟରୁ ଆଶ୍ୱସ୍ତି ପାଇଥିଲେ ।

କିନ୍ତୁ ମୋକିମ୍‌ଙ୍କ ସମସ୍ୟା ଏତିକିରେ ଶେଷ ହୋଇଯାଇନଥିଲା ଆଜିର ରାୟ ଆସିବାପରେ ତାଙ୍କ ଅଡୁଆ ବଢ଼ିଛି । ତେଣୁ ମୋକିମ୍‌ଙ୍କ ସମ୍ପୂର୍ଣ୍ଣ ରାଜନୈତିକ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯିବ। ସେ ପ୍ରାର୍ଥୀ ହେବା ବାଟ ମଧ୍ୟ ବନ୍ଦ ହୋଇଯିବ ବୋଲି ସମ୍ବିଧାନ ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ବିଜେଡିର...

ସ୍ନେହାଙ୍ଗିନୀ ଛୁରୀଆ, ସୁଶାନ୍ତ ସିଂ, ଦିବ୍ୟଶଙ୍କର ମିଶ୍ର, ଚିରଞ୍ଜୀବ ବିଶ୍ୱାଳ, ଚିନ୍ମୟ ସାହୁ, ଶ୍ରୀମୟୀ ମିଶ୍ର, ଦେବୀ ତ୍ରିପାଠୀ, କିଶୋର ଦେବତା ଆଦି ପ୍ରମୁଖଙ୍କୁ ସଭ୍ୟ କରାଯାଇଛି । ଏହି କମିଟି ସମାଜର ବିଭିନ୍ନ ବର୍ଗଙ୍କ ସହ ଆଲୋଚନା କରିବେ । ଏହାଛଡା ବିଭିନ୍ନ ଅଞ୍ଚଳ ସମ୍ପର୍କରେ ବିଚାର ବିମର୍ଷ କରିବା ସହ ଭିନ୍ନ ଭିନ୍ନ ବୟସ୍କ ଲୋକଙ୍କ ସହ କଥାବାର୍ତ୍ତା କରି ଦଳର ଇସ୍ତାହାର ପ୍ରସ୍ତୁତ କରିବେ । ଯାହା ନବୀନ ଓଡ଼ିଶା ଓ ସଶକ୍ତ ଓଡ଼ିଶାର ରୂପାନ୍ତିକରଣରେ ସହାୟକ ହେବ ବୋଲି ଉଲ୍ଲେଖ କରାଯାଇଛି । ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଏହି କମିଟି ଗଠନ କରିଛନ୍ତି ।

## ଦୁଇ...

ବାଇକ ଧନପୁରରୁ ଜୟପୁର ପଟକୁ ଆସୁଥିବା ବେଳେ ଅନ୍ୟ ବାଇକଟି ଯାଉଥିଲା। ଡୁମୁରୀଗୁଡ଼ା ନିକଟରେ ଅନ୍ଧାର ଥିବା ବେଳେ ଦୁଇ ବାଇକ ମୁହାଁମୁହିଁ ହେବା ପରେ ୭ଜଣ ବାଇକରୁ ଛିଟକି ପଡ଼ିଥିଲେ। ସମସ୍ତଙ୍କୁ ଗୁରୁତର ମାଡ଼ ବାଜିଥିଲା। ଜୟପୁର ସଦରଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଗାଗନାପୁର ପାଣ୍ଡି ଅଧିକାରୀ ସବଇନିସପେକ୍ଟର ରାଜକିଶୋର ବାରିକ, ଏଏସଆଇ ସୁଶାନ୍ତ ଦଳପତି ସଦଳବଳ ସହ ଧନପୁର ବାଲିଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଯାଉଥିଲେ। ରାସ୍ତାରେ ଛିନଛତ୍ର ହୋଇ ଦୁର୍ଘଟଣା ପରେ ପଡ଼ିଥିବା ସମସ୍ତଙ୍କୁ ପୁଲିସ ଗାଡ଼ିରେ ଉଦ୍ଧାର କରି ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏଥିରେ ଜୟପୁରର ଆଶିଷ କୁମାର ପାଣିଗ୍ରାହୀ ଓ ଅନ୍ୟ ସହଯୋଗୀମାନେ ଗୁରୁତରମାନଙ୍କୁ ଉଠାଇବାରେ ପୁଲିସକୁ ସହାୟତା କରିଥିବା କହିଛନ୍ତି ସଦର ଥାନା ଅଧିକାରୀ। ସମସ୍ତଙ୍କୁ ଜୟପୁର ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତରଖାନା ପହଞ୍ଚିବା ବେଳକୁ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ।

ମୃତକମାନେ ହେଲେ ଧନପୁରର ପଦ୍ମନ ହରିଜନ(୨୪), ଜୟନ୍ତଗିରିର ଗୋପାଳ ହରିଜନ(୨୨), ସାନମଣ୍ଡାପଦର (ଆମ୍ବାଗୁଡା)ର ଧନଂଜୟ ହରିଜନ ବୋଲି ସଦରଥାନା ଅଧିକାରୀ କହିଛନ୍ତି। ଅନ୍ୟ ୪ଗୁରୁତରଙ୍କ ମଧ୍ୟରେ ଦୁଇ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଅର୍ଦ୍ଧରାତ୍ରରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ତିନି ଜଣଙ୍କର ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି ସଦରଥାନା ଅଧିକାରୀ। ଡିଏଚଏଚରେ ଚିକିତ୍ସାଧୀନ ଥିବା ଦୁଇ ଜଣଙ୍କୁ ପଚରାଉଚରା କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ସଦରଥାନା ଅଧିକାରୀ। ଏବେ ଡିଏଚଏଚରେ ୩ ମୃତକଙ୍କ ପରିବାରବର୍ଗ ପହଞ୍ଚିବା ପରେ କାନ୍ଦବୋବାଳିରେ ଫାଟି ପଡ଼ିବା ସହ ଶୋକର ଛାୟା ଖେଳି ଯାଇଛି।

## ସୈନିକ...

କରିବା ପାଇଁ ଦାବି କରୁଛି ଓ ସମସ୍ତ ଏମ୍‌ଓୟୁକୁ ବାତିଲ୍ କରାଯାଉ ବୋଲି ଅନୁରୋଧ କରୁଛୁ । ଯେଉଁ ପିଲାମାନେ ସେନାବାହିନୀ ସ୍କୁଲରେ ପଢୁଛନ୍ତି ସେମାନଙ୍କର ଚରିତ୍ର, ଦୂରଦୃଷ୍ଟି ଓ ସମ୍ମାନ ଆଶା କରିଥାଏ । ଦେଶରେ ୩୩ ସୈନିକ ସ୍କୁଲ ରହିଛି ଯାହା ସରକାରୀ ଫଣ୍ଡ ଦ୍ୱାରା ପରିଚାଳିତ ହେଉଛି । ୨୦୨୧ରେ କେନ୍ଦ୍ର ସରକାର ସୈନିକ ସ୍କୁଲକୁ ଘରୋଇ କରଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ୧୦୦ ନୂଆ ସ୍କୁଲରୁ ୪୦ ଲାଗି ଏମ୍‌ଓୟୁ ସାଇନ୍ ହୋଇଥିଲା । ଏଥିରେ କେନ୍ଦ୍ର ସରକାରଙ୍କର ବାର୍ଷିକ ଦେୟ ସହାୟତା ୫୦% ରହିବ । ଅର୍ଥାତ୍ ଏହାର ସର୍ବାଧିକ ୪୦ ହଜାର ଟଙ୍କା ହେବ । ୬ ରୁ ୧୨ ଶ୍ରେଣୀ ଯାଏ ଏହି ପାଠ୍ୟକ୍ରମ ରହିବ । ଦ୍ୱାଦଶ ପାସ୍ କରିଥିବା ଛାତ୍ରମାନେ ଏସ୍‌ଏସ୍‌ଏସ୍‌ରେ ଚାକିରୀ ପାଆନ୍ତି ଓ ବାର୍ଷିକ ୧.୨ କୋଟି ଟଙ୍କା ରୋଜଗାର କରନ୍ତି । ତେବେ ରିପୋର୍ଟରୁ ଜଣାପଡିଛି ଯେ ୪୦ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି । ୬୨% ହେଉଛି ଆର୍‌ଏସ୍‌ଏସ୍ ଓ ବିଜେପି ଓ ସଂଘ ପରିବାରର ବିଭିନ୍ନ ସଂସ୍ଥା ଦ୍ୱାରା ଏହି ଏମ୍‌ଓୟୁ ହୋଇଛି । ଏଥିରେ ଅଧିକାଂଶ ମୁଖ୍ୟମନ୍ତ୍ରୀଙ୍କ ପରିବାର, ବିଧାୟକ, ବିଜେପି, ବିଜେପିର କାର୍ଯ୍ୟକର୍ତ୍ତା ଓ ଆରଏସ୍‌ଏସ୍ ନେତା ରହିଛନ୍ତି । ସ୍ୱାଧୀନ ଥିବା ସୈନିକ ସ୍କୁଲକୁ ଏବେ ରାଜନୀତିକରଣ କରିବାକୁ ଚେଷ୍ଟା କରାଯାଉଛି । ଏଠାରେ ପଢୁଥିବା ଛାତ୍ରମାନେ ଏନ୍‌ଡିଏ ଓ ଇଣ୍ଡିଆନ୍ ନାଭାଲ ଏକାଡେମୀରେ ସ୍ଥାନ ପାଇଥାନ୍ତି । କୌଣସି ରାଜନୈତିକ ଦଳ ଏଭଳି କରିନଥିଲେ । ତେଣୁ ଏହାକୁ ରାଜନୀତି ମୁକ୍ତ ରଖିବା ପାଇଁ ସେ ଅନୁରୋଧ କରିଛନ୍ତି ।

### ଚଡ଼କ ମେଳା : ଚନ୍ଦନେଶ୍ୱର ମହାଦେବ ଲୌକିକ ବିବାହ

# ଦର୍ଶନ କଲେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ



ଭୋଗରାଇ, (ସବ୍ୟୁ) : ବିଶ୍ୱପ୍ରସିଦ୍ଧ୍ ଏହି ଚଡକ ମେଳାର ବୁଧବାର ଥିଲା ଜୀଉଙ୍କ ୩ ୟ ଅର୍ଘ୍ୟ ।ଏହି ତୃତୀୟ ଅର୍ଘ୍ୟରେ ଉପବିତ ଧାରୀ ଭକ୍ତଙ୍କ ସଂଖ୍ୟା ୧ ଲକ୍ଷରୁ ଉର୍ଦ୍ଧ ଥିଲାବେଳେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୩ ଲକ୍ଷରୁ ଉର୍ଦ୍ଧ ଥିବାର ଆକଳନ କରାଯାଇଥିଲା। ।ଏଥିସହିତ ଦେବଦେବ ମହାଦେବ ଚନ୍ଦନେଶ୍ୱର ଜୀଉଙ୍କ କାମିନୀ ବିବାହ ସନ୍ଦର୍ଶନ ଲାଗି ଚନ୍ଦନେଶ୍ୱର ପୀଠ ହୋଇଥିଲା ଭକ୍ତମୟ । ପ୍ରତ୍ୟୁଷରୁ ଭଟ୍ଟପୁର ଗ୍ରାମର ମଳାକାର ଘରେ ଜନ୍ମିତ କାମିନୀ ଠାକୁରାଣୀ ଚନ୍ଦନେଶ୍ୱର ମହାଦେବଙ୍କୁ ବରଣମାଳା ପ୍ରଦାନ କରିଥିଲେ । ସେଠାରେ ଓଡ଼ିଆ ରୀତିନୀତି ଅନୁଯାୟୀ ଚନ୍ଦନେଶ୍ୱର ଜୀଉ ଓ କାମିନୀ ଠାକୁରାଣୀ ଘଟକୁ ଏକ ସଙ୍ଗେରଖି ପୁଷ୍ପ ମାଲ୍ୟରେ ଭୂଷିତ କରି ସେବାୟତ ଓ ପଣ୍ଡାମାନେ ପୂଜାର୍ଚ୍ଚନା କରିଥିଲେ । ପରେ ଚନ୍ଦନେଶ୍ୱର ଜୀଉ ଓ କାମିନୀ ଠାକୁରାଣୀଙ୍କ ଘଟ ଦ୍ୱୟ କୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନିଆଯାଇଥିଲା । ବାଟସାରା ଢାକ, ଢୋଲ, ମହୁରୀ, ସାହାନାଇ, ବାଦ୍ୟ ସଂଖ୍ୟଧ୍ୱନି ଓ ଡାକବାଜିଯନ୍ତ୍ରରେ ରାସ୍ତା ଘାଟ ଉଚ୍ଛୁଳି ପଡିଥିଲା ।ବାଣ, ରୋଷଣୀ, ରଙ୍ଗ ବୋଳାର ଚମକ ଅସଂଖ୍ୟ ଭକ୍ତଙ୍କୁ ବିମୋହିତ କରିଥିଲା ।

ଭଟ୍ଟପୁର ଗ୍ରାମରୁ ଚନ୍ଦନେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଏହି ଅଲୌକିକ ଠକୁରାଣୀ ଓ ଠାକୁରଙ୍କ ବିରଳ ଦର୍ଶନ ନିମନ୍ତେ ପ୍ରବଳ ଭିଡ ଲାଗିଥିଲା । ଜୀଉଙ୍କ ଶ୍ରେଷ୍ଠ ଭକ୍ତ ପାଟଭକ୍ତ, ଦେଉଳିଆ, ଶ୍ରୀବେକିଡ଼ି, ସେବାୟତ, ପଣ୍ଡା, ପ୍ରଶାସନ ଓ ଅସଂଖ୍ୟ ଶୈବଭକ୍ତ ମାନେ ଉଭୟ ମୂର୍ତ୍ତି ଠାକୁରଙ୍କୁ ପାଲିଙ୍କିରେ ବସାଇ ମନ୍ଦିରକୁ ଆଣିଥିଲେ। ସେଠାରେ ମନ୍ଦିର ଗର୍ଭଗୃହରେ ରୁଦ୍ଧ ଦ୍ୱାର ମଧ୍ୟରେ କାମିନୀଠାକୁରାଣୀ ଓ ଚନ୍ଦନେଶ୍ୱର ମହାଦେବଙ୍କ ବିବାହ ସମ୍ପନ୍ନ ହୋଇଥିଲା । ମହାଦେବଙ୍କ ମୁଖ୍ୟ ସେବାୟତ ତଥା ମୌରସୀ ତପନ କୁମାର ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡା ସମେତ ବହୁ ସେବାୟତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଜଳେଶ୍ୱର ଏସଡିପିଓ ଦିଲ୍ଲୀପ କୁମାର ସାହୁ ଓ ଅନ୍ୟ ପଦାଧିକାରୀ ସହିତ ତହସିଲଦାର ହିମାଂଶୁ ଶେଖର ଗିରି ମେଳା ପରିଚାଳନାରେ ତୀକ୍ଷ୍ଣ ନଜର ରଖିଥିଲେ ।କାମିନୀ ଠାକୁରାଣୀଙ୍କ ବିବାହ ଶୋଭାଯାତ୍ରାରେ ସାମାଜିକ କର୍ମୀ ବିଶ୍ୱଜିତ ଦାସ, ଗଣପତି ଗିରି, ଗୀତାବିତ କାନ୍ହୁ ଚରଣ ଶତପଥୀ ପ୍ରମୁଖ ସାମିଲଥିଲେ । ୧୦ ଦିନ ଧରି ଚାଲି ଆସୁଥିବା ପ୍ରସିଦ୍ଧ ଏହି ଚଡକ ମେଳାରେ ସ୍ୱଛତା ପ୍ରତି ଗୁରୁତ୍ୱ ଦିଆଯାଉନଥିବାରୁ ସବୁଠି ପ୍ଲାଷ୍ଟିକ ଜରିପେପର ପଡି ମେଳା ପରିବେଶ ଦୂଷିତ ହେବାକୁ ଲାଗିଛି। ମେଳାରେ ଦୈନିକ ୧୦ ହଜାର ଜଳବୋତଲ, ୫ଟି ଭ୍ରାମ୍ୟମାଣ ଜଳ ଟାଙ୍କିରୁ ଯାତ୍ରୀମାନଙ୍କୁ ଜଳଯୋଗାଇ ଦିଆଯାଉଥିବାର ଏକ୍ସକୁଟିଭ ସମୀର ଚନ୍ଦ୍ର ଜେନା ଓ ଏସଡିଓ ଶେଷନାଗ ପ୍ରଧାନ ସୂଚନା ଦେଇଛନ୍ତି।

### ଛିଣ୍ଡୁନି ଅଙ୍କ, ଝୁଲିଛି ପ୍ରାର୍ଥୀଙ୍କ ନାମ

# ଛକାପଞ୍ଝାରେ ବିଜେଡି-କଂଗ୍ରେସ

ସମ୍ବଲପୁର (ସବ୍ୟୁ) : ସାଧାରଣ ନିର୍ବାଚନର ବିଗୁଲ ବାଜିଲାଣି । ନିର୍ବାଚନୀ ମଇଦାନ ପ୍ରସ୍ତୁତ ରହିଛି । କର୍ମୀଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହେଉଛି । ପ୍ରଶାସନ ସ୍ତରରେ ପ୍ରସ୍ତୁତି ଚୂଡାନ୍ତ । ତେବେ ସବୁ ମହଲରେ ରାଜନୈତିକ ଚର୍ଚ୍ଚା ଓ ଆଲୋଚନା ଯୋର ଧରିଥିବା ବେଳେ ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର ସମ୍ବଲପୁରକୁ ନେଇ ରାଜନୀତି ଛକାପଞ୍ଝା ଲାଗି ରହିଛି । ବିଶେଷ କରି ଜାତୀୟ ଦଳ କଂଗ୍ରେସ ଓ ଆଞ୍ଚଳିକ ଦଳ ବିଜେଡି ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। ବିଜେଡିର ପ୍ରାର୍ଥୀ ଚୟନ ନେଇ ଗୋଷ୍ଠୀ ବିବାଦ ବାଧକ ସାଜିଥିବା ବେଳେ କଂଗ୍ରେସ ଦଳ ଉପଯୁକ୍ତ ପ୍ରାର୍ଥୀ ଅପେକ୍ଷାରେ ରହିଛି । କେବଳ ବିଜେପି ସମ୍ବଲପୁର ଲୋକସଭା ସମେତ ଜିଲ୍ଲାର ୪ଟି ବିଧାନସଭାରେ ତାହାର ପ୍ରାର୍ଥୀ ଘୋଷଣା କରି ଦେଇଛି । ସମ୍ବଲପୁର ଲୋକସଭା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ଘୋଷଣା କରିଥିବା ବେଳେ ବାକି ୪ଟି ବିଧାନସଭାରେ ପୁରୁଣା ମୁହଁକୁ ଦୋହରାଇଛି । ସେହିପରି ବିଜେଡି ତିନିଥରର ବିଧାୟକ ତଥା ସାଙ୍ଗଠାନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନାମ ଲୋକସଭା ପ୍ରାର୍ଥୀ ଭାବେ ଘୋଷଣା କରିଛି । ଏଥିସହ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ସୁଦର୍ଶନ ହରିପାଲଙ୍କୁ ପ୍ରାର୍ଥୀ କରି ଦଳ ଅନ୍ୟ ଆଶାୟୀଙ୍କୁ ଚକ୍‌ମା ଦେଇଛି। ବାକି ସମ୍ବଲପୁର, ରେଢ଼ାଖୋଲ, ଓ କୁଚିଣ୍ଡାରେ ବିଜେଡ଼ି ପ୍ରାର୍ଥୀତ୍ୱ ନେଇ ସସ୍‌ପେନ୍ସ ଜାରି ରହିଛି। ଅନ୍ୟପଟେ କଂଗ୍ରେସ ଏହି ଲୋକସଭା ଓ ୪ଟି ବିଧାନସଭାରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରିନାହିଁ ।

ସମ୍ବଲପୁର ଜିଲ୍ଲାର ୪ଟି ବିଧାନସଭାରେ ବିଜେପି ପ୍ରାର୍ଥୀ ଘୋଷଣା କରିଛି । କଂଗ୍ରେସ ଓ ବିଜେଡି ନିଜର ପ୍ରାର୍ଥୀ ଘୋଷଣାରେ ବିଳମ୍ବ କରୁଛନ୍ତି । ଏଭଳିସ୍ଥଳେ ବିଜେପିର ପ୍ରାର୍ଥୀ ମାନେ ନିଜନିଜ ମଇଦାନରେ ପ୍ରଚାର ଆରମ୍ଭ କଲେଣି । ବିଜେଡି ଦଳରେ ବହୁ ଆଶାୟୀ ଥିବାରୁ ପ୍ରାର୍ଥୀ ଘୋଷଣା ଅଟକି ରହିଛି । ଦଳ ପକ୍ଷରୁ ସର୍ଭେ କରାଯାଉଛି । ବିଗତ ୫ବର୍ଷରେ ପ୍ରାର୍ଥୀଙ୍କ ରାଜନୀତିରେ ସକ୍ରୀୟତା ଓ ଅଞ୍ଚଳରେ ଲୋକପ୍ରିୟତା ଆଦି ଦେଖାଯାଉଛି । ଅନ୍ୟପଟେ ବାକି ଆଶାୟୀଙ୍କୁ କିଭଳି ହ୍ୟାଣ୍ଡେଲ କରିବେ ସେ ନେଇ ମଧ୍ୟ ରଣନୀତି ପ୍ରସ୍ତୁତ କରାଯାଉଛି । ଯେଭଳି ଦଳ ପାଇଁ ଏହା ବୁମେରାଂ ନହୁଏ ନେଇ ବିଚାର ବିମର୍ଷ ଜାରି ରହିଛି । ଫଳରେ ଅଙ୍କକଷା ଛିଣ୍ଡୁନଥିବା ବେଳେ ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଛି । ସମ୍ବଲପୁର ଠାରୁ ଆରମ୍ଭ କରି ଭୁବନେଶ୍ୱର ପର୍ଯ୍ୟନ୍ତ ଘନ ଘନ ଆଲୋଚନା ଓ ବୈଠକ ଚାଲୁ ରହିଛି । ଏହାସତ୍ତ୍ୱେ ଏହି ଆସନ ଗୁଡିକ ପାଇଁ ବିଜୁ ଜନତା ଦଳର ପ୍ରାର୍ଥୀଙ୍କ ନାମ ଚୂଡାନ୍ତ କରାଯାଇ ପାରି ନାହିଁ। ଆଶାୟୀମାନେ ଆଶା ବାନ୍ଧି ରହିଥିବା ବେଳେ ସେମାନଙ୍କ ସମର୍ଥକମାନେ ଦୋଦୁଲ୍ୟମାନ୍ ସ୍ଥିତିରେ ରହିଛନ୍ତି। ଅନ୍ୟ ପକ୍ଷରେ ରେସ୍‌ରେ ଥିବା ବିଜେଡ଼ି ଆଶାୟୀମାନେ ଦଳର ଉଚ୍ଚ ନେତୃବୃନ୍ଦଙ୍କୁ ସେମାନଙ୍କ ବାର୍ତ୍ତାକୁ ପହଞ୍ଚାଇବା ପାଇଁ ସବୁ ପ୍ରକାରର ଉଦ୍ୟମ କରୁଛନ୍ତି। କଂଗ୍ରେସ ଦଳ ଷ୍ଟେ ଏଣ୍ଡ ୱାଚ୍ ପଲସି ଅବଲମ୍ବନ କରିଛି ।

ସମ୍ବଲପୁରରେ ଦୁଇ ପ୍ରମୁଖ ଦଳ ବିଜେପି ଓ ବିଜେଡି ମଧ୍ୟରେ କଡା ଟକ୍କର ହେବ ବୋଲି ଭୋଟର ମାନେ ଆଶା କରୁଛନ୍ତି । ଦଳ ଡିଆଁକୁ ଦୃଷ୍ଟିରେ ରଖି ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣାରେ ବିଳମ୍ବ କରୁଥିବା ଆଲୋଚନା ହେଉଛି । ରେଢ଼ାଖୋଲ ଓ କୁଚିଣ୍ଡାରେ ବିଜେଡ଼ିର ରୋହିତ ପୂଜାରୀ ଏବଂ କିଶୋରଚନ୍ଦ୍ର ନାୟକ ବିଧାୟକ ଅଛନ୍ତି। ସେମାନଙ୍କୁ ଦଳ ଅସନ୍ତୋଷ ନକରି ଯେକୌଣସି ବିଧାନସଭା ଆସନରେ ଟିକେଟ୍ ଦେବ ବୋଲି ରାଜନୈତିକ ବିଶେଷଜ୍ଞ ମାନେ ମତ ରଖିଛନ୍ତି । ତେବେ ନିଜନିଜ ଅଞ୍ଚଳରେ ମଧ୍ୟ ବହୁ ଆଶାୟୀ ମାନେ ଶକ୍ତି ପ୍ରଦର୍ଶନ କରୁଥିବା ବେଳେ ଏହା ଦଳର ସୁପ୍ରିମୋଙ୍କୁ ଚିନ୍ତାର କାରଣ ପାଲଟିଛି । ଏହି ପରିପ୍ରେକ୍ଷୀରେ ବିଜେଡ଼ି ନିର୍ଭୁଲ ଗଣନା କରି ବିଧାନସଭା ଆସନରେ ପ୍ରାର୍ଥୀ ଦେବାକୁ ମନସ୍ଥ କରିଛି । ଏପରିକି ରେସ୍‌ରେ ନଥିବା ବ୍ୟକ୍ତିଭଙ୍କୁ ବିଜେଡ଼ି ପ୍ରାର୍ଥୀ କରିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଆଲୋଚନା ହେଉଛି।

**AFFIDAVIT**

I, Sadashiv Nayak, S/O- Late Debaraj Nayak resident of ward No.8, Kumundi, Po- Badabanapur, PS- Khandapada, Dist- Nayagarh, PIN-752078 Odisha declare by this affidavit NO. 80 dtd. 18.03.2024 that now onwards I shall be known as Sadasiv Nayak for all future purposes.

**IN MEMORIAM**



Sep Narahari Mahanta

In memory of Brave Hearts

120 Inf Bn (TA) BIHAR

You will always be part of us in our heart & Prayers. We all fondly remember you for your Supreme Sacrifice for the Nation on 11 Apr 1990 at Alfa Det Srinagar, Jammu & Kashmir during Operational duties. No words are enough to express our gratitude to you. You are the real hero of the nation.

Fondly Remembered by

Team Kalinga Terriers

# କରଞ୍ଜିଆ ଷ୍ଟ୍ରଙ୍ଗ ରୁମରେ ପହଞ୍ଚିଲା ଇଭିଏମ୍ ଓ ଭିଭିପାଟ୍ ମେସିନ

ପାଞ୍ଚପୀଢ (ସବ୍ୟୁ) :୨୬ ଯଶିପୁର ଓ ୩୦ କରଞ୍ଜିଆ ର୍ନିବାଚନ ମଣ୍ଡଳୀ ପାଇଁ ଆବଶ୍ୟକ ଥିବା ଇଭିଏମ୍ ଓ ଭିଭିପାଟ୍ ମେସିନ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା କରଞ୍ଜିଆ ଷ୍ଟ୍ରଙ୍ଗ ରୁମରେ ଦେବେନ୍ଦ୍ରପୁର ବାରିପଦା ଗୋଦାମରୁ ବୁଧବାର ସକାଳେ ପହଞ୍ଚିଛି। ଏହି ସମୟରେ ପାଞ୍ଚପୀଢ଼ ଉପଖଣ୍ଡ ମୁଖ୍ୟ ର୍ନିବାଚନ ପଞ୍ଜୀକରଣ ଅଧିକାରୀ ତଥା ପାଞ୍ଚପୀଢ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ସହକାରୀ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାଶ ସେକ୍ସନ ଅଫିସର ଧିରେନ କୁମାର ଭୋଇ ଓ ଦିନେଶ ସାହୁ ତଥା ଅନ୍ୟାନ୍ୟ କର୍ମଚାରୀ ମାନଙ୍କ ସହ କଂଗ୍ରେସ ଦଳର ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁ,ସହର କଂଗ୍ରେସ ସଭାପତି ଲାଲନ ବିହାରୀ ସିଂ, ଧରଣୀଧର ମହାନ୍ତଙ୍କ ସହ ସାମ୍ବାଦିକ ବି ଦିବ୍ୟେନ୍ଦୁ ଶେଖର ମଧ ଉପସ୍ଥିତ ଥିଲେ। ତେବେ ବୁଧବାର ପୂର୍ବାହ୍ନରେ ମୟୂରଭଞ୍ଜ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେ ସିନ୍ଦେ ମଧ କରଞ୍ଜିଆ ଷ୍ଟ୍ରଙ୍ଗ ରୁମ ପରିଦର୍ଶନରେ ଆସି ସୁରକ୍ଷା, ସମସ୍ତ ସୁବିଧା ଅସୁବିଧା ବୁଲି ତଦାରଖ କରିଥିଲେ। କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ହେବାକୁ ଥିବା ଗଣତି କେନ୍ଦ୍ର,ଦୁଇ ବିଧାନସଭା ପାଇଁ ପୃଥକ୍ ପୃଥକ୍ କରାଯାଇଥିବା ଇଭିଏମ୍ ଓ ଭିଭିପାଟ୍ ଷ୍ଟ୍ରଙ୍ଗ ରୁମ ସୁରକ୍ଷା ଦେଖିଥିଲେ। ଏହି ମେସିନ ସୁରକ୍ଷିତ ଭାବେ ରଖିବାକୁ ବିଭିନ୍ନ କୋଠରୀରେ ସାଙ୍କେତିକ ଚିହ୍ନ ଓ କ୍ରମିକ ସଂଖ୍ୟା ଦିଆଯିବାର ବ୍ୟବସ୍ଥା କରାଯାଇଛି କି ନାହିଁ ସେ ବିଷୟରେ ମଧ ଦେଖିଥିଲେ।ତେବେ କରଞ୍ଜିଆ ବିଧାନସଭା ପାଇଁ ୨୪୧ ବୁଥ କରାଯାଇଥିବା ବେଳେ ଯଶିପୁର ପାଇଁ ୨୯୨ ଟି ବୁଥ କରାଯାଇଛିଛ ସୂଚନାଯୋଗ୍ୟ ଯେ କରଞ୍ଜିଆ ର୍ନିବାଚନ ମଣ୍ଡଳୀରେ ମୋଟ୍ ଭୋଟରଙ୍କ ସଂଖ୍ୟା ୧,୯୯,୨୩୭ ରହିଥିବା ବେଳେ ଯଶିପୁର ପାଇଁ ୨,୧୭,୦୯୫ ଭୋଟର ଚଳିତ ର୍ନିବାଚନରେ ମତ ସାବ୍ୟସ୍ତ କରିବେ ।

# ବରଣ୍ଡୁଆ ପଞ୍ଚାୟତର ବିଜେଡି କର୍ମୀ ସମ୍ମିଳନୀ

ବାସୁଦେବପୁର,(ସବ୍ୟୁ) : ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି କର୍ମୀ ଓ ନେତାଙ୍କ ମହଲରେ ସେତିକି ତତ୍ପରତା ଦେଖା ଦେଇଛି । ବାସୁଦେବପୁର ବ୍ଲକର ବରଣ୍ଡୁଆ ପଞ୍ଚାୟତର ବେତଡା ଠାରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ସୂର୍ଯ୍ୟକାନ୍ତ ସେଠୀ ସଭାପତିତ୍ୱ କରିଥିଲେ । ବିଧାୟକ ବିଷ୍ଣୁବ୍ରତ ରାଉତରାୟ,ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ,ବିଜେଡିର ବ୍ଲକ ସଭାପତି ଦୀନବନ୍ଧୁ ଦାସ,ବରଣ୍ଡୁଆ ପଞ୍ଚାୟତର ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ପଣ୍ଡା,ପ୍ରାକ୍ତନ ସମିତି ସଭ୍ୟ ସୁରେନ୍ଦ୍ର ପାତ୍ର,ପୂର୍ବତନ ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ,ସୌଭାଗ୍ୟ ବିଶ୍ୱାଳ,ଅନୀଲ କୁମାର ସେଠୀ ଯୋଗଦେଇ କହିଥିଲେ ନବୀନ ସରକାରଙ୍କ ଜନକଲ୍ୟାଣ ଯୋଜନା ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନ ଓ ଧର୍ମାନୁଷ୍ଠାନ ଆଦି ସବୁକ୍ଷେତ୍ରକୁ ଅଗ୍ରାଧିକାର ପ୍ରଦାନ କରାଯାଇଛି । ଆଗମୀ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ସମର୍ଥନ କରିବାକୁ ବ୍ଲକ ଅଧକ୍ଷ ଆହ୍ୱାନ ଦେଇଥିଲେ । ଅନୀତା ପଣ୍ଡା,ମମତା ମଣୀ ବେହେରା ଉପସ୍ଥିତ ଥିଲେ ।

# କଇଥଗଡିଆରେ ଦୁଇଦିନିଆ ଡାଳପର୍ବ ଉଦ୍‌ଯାପିତ

ଖଇରା, (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ କଇଥଗଡିଆ ଆଦିବାସୀ ସମ୍ପ୍ରଦାୟର ପକ୍ଷରୁ ପାଳିତ ହୋଇଆସୁଥିବା ଡାଳପର୍ବ ଚଳୀଥ ଥର ଶନିବାର ଓ ରବିବାର ୨ଦିନ ଧରି ଜାକଜମକରେ ପାଳିତ ହୋଇ ଯାଇଛି । ଆଦିବାସୀ ସମ୍ପଦାୟର ଯୁବତୀଯୁବକ ମାନେ ନିକଟସ୍ଥ ପାହାଡକୁ ଯାଇ ଡାଳକାଟି ଆଣିବା ପରେ ଥାନପତି ଶାଣଦେଇ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ମାଦଳବାଜା କୁ ନାଚଗୀତ ମାଧ୍ୟମରେ ଖୁସି ମନାଇଥିଲେ । ଶନିବାର ଦିନ ସ୍ଥାନୀୟ ସରପଞ୍ଚ ଅନିତା ପାଇକରାୟ ଓ ସମିତି ସଭ୍ୟା ନରୋତ୍ତମ ମହିମାଜେନା ଏହାକୁ ଉଦ୍ଘାଟନ କରିଥିଲେ । ସେହିଭଳି ଉଦ୍‌ଯାପନୀ ସଭାରେ ବିଶିଷ୍ଟ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା,ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ,ଯୁବନେତା ନିରଞ୍ଜନ ପରିଡା ଓ ଗଜେନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇ ପରମ୍ପରା ଓ ଉତ୍ସବ ସଂସ୍କୃତି କୁ ଉଦ୍‌ଜୀବିତ କରିଥାଏ ବୋଲି କହିଥିଲେ । ଶୂନ୍ୟବାସୀ ଜେନା,ରତ୍ନାକର ପାଇକରାୟ,ବସନ୍ତ ପରିଡା,କୈଳାସ ରାଉତ,ବୁଦ୍ଧଦେବ ସାହୁ,ଅଲେଖ ନାଇକ,ମଧୁସୁଦନ ନାଇକ,ଭଗିରଥ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ବେଗୁନିଆ ପଞ୍ଚାୟତରେ ବିଜେଡ଼ିର କର୍ମୀ ସମ୍ମିଳନୀ

ନୀଳଗିରି,(ସବ୍ୟୁ) : ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ବିଜେପି ଦଳଛାଡ଼ି ବିଜେଡ଼ିରେ ଯୋଗଦାନ ପରେ ବିଭିନ୍ନ ପଞ୍ଚାୟତର ବିଜେଡ଼ି କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ବୁଧବାର ଦିନ ନୀଳଗିରି ବ୍ଲକ ଅନ୍ତର୍ଗତ ବେଗୁନିଆ ପଞ୍ଚାୟତରେ ନୀଳଗିରି ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ବିଜେଡ଼ିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଉକ୍ତ ପଞ୍ଚାୟତରେ ଯୁବନେତା ସତ୍ୟ ବାରିକଙ୍କ ସହଯୋଗରେ ବହୁ କର୍ମୀ ଉପସ୍ଥିତ ଥିଲେ । ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬ଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ବେଳେ ନବୀନ ପଟ୍ଟନାୟକଙ୍କ ଜନହୀତକର ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଛି।

# କାମିନୀ ବିବାହ ନେଇ ରୋଚକ କିମ୍ବଦନ୍ତୀ

ଭୋଗରାଇ (ସବ୍ୟୁ) : ନ୍ଦନେଶ୍ୱର ମହାଦେବଙ୍କ କାମିନୀ ବିବାହକୁ ନେଇଁ ରୋଚକ କିମ୍ବଦନ୍ତୀ ରହିଛି । ଚୈତ୍ର ମାସର ହିନ୍ଦୁଙ୍କ ବିବାହ ହେଉନଥିବାବେଳେ ଶିବଙ୍କ ବିବାହ ହେବା ଏକ ବୈଚିତ୍ରମୟ ଆଧାତ୍ମିକ ଆକର୍ଷଣ ସୃଷ୍ଟି ହୋଇଥାଏ। ସ୍ୱର୍ଗପୁରୀରେ କାମିନୀ ନାମକ ସୁନ୍ଦରୀ ଅସୁରୁଣୀ ଶିବଙ୍କୁ ସ୍ୱାମୀଭାବେ ଗ୍ରହଣ କରିବା ନିମନ୍ତେ କଠୋର ତପସ୍ୟା କରିଥିଲେ।ଭୋଳାନାଥ କାମିନୀଙ୍କ ତପସ୍ୟାରେ ପ୍ରୀତହୋଇ ତାଙ୍କୁ ବରଦାନ କରିଥିଲେ । ଦୁର୍ଗା ଓ କାଳୀଙ୍କ ଅଜାଣତରେ ତାଙ୍କୁ ପତ୍ନୀ ରୂପେ ଗ୍ରହଣ ଅସମ୍ଭବ ବୋଲି ଭୋଳାଶଙ୍କର ଜାଣିବାପରେ ମର୍ତ୍ତ୍ୟପୁରୀରେ କାମିନୀକୁ ଭଟ୍ଟପୁର ଗ୍ରାମ ରେ ତାଙ୍କୁ ମାଳାକାରଘରେ ଜନ୍ମନେଇ ତାଙ୍କୁ ବିବାହ କରିବାର ବରଦାନ କରିଥିବାର ଏହି କିମ୍ବଦନ୍ତୀ ରହିଆସିଛି ।

# ଟ୍ରେନ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ସୋର,(ସବ୍ୟୁ) : ସୋର ରେଳ ଷ୍ଟେସନରେ ଆଜି ଅପରାହ୍ନରେ ଜଣେ ବୃଦ୍ଧା ଟ୍ରେନରେ କଟି ମୃତ୍ୟୁବରଣ କରିଛନ୍ତି। ବୃଦ୍ଧାଙ୍କର ପରିଚୟ ମିଳିପାରିନଥିବା ବେଳେ ସେ ଆଜି ଅପରାହ୍ନରେ ଷ୍ଟେସନର ଦୁଇନମ୍ବର ଡାଉନ ଲାଇନରେ କୋଇଲା ଗୋଟାଉଥିବା ବେଳେ ଯଶ୍ୱନ୍ତପୁର ହାଓଡା ଏକ୍ସପ୍ରେସ ତାଙ୍କୁ ଧକା ଦେଇଥିଲା। ତାଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ବିଭିନ୍ନ ସ୍ଥାନରେ ପଡିଥିବାରୁ ତାଙ୍କୁ ଚିହ୍ନିବା ସମ୍ଭବ ହୋଇପାରିନାହିଁ। ତେବେ ସ୍ଥାନୀୟ ଲୋକେ ତାଙ୍କ ଘର ସୋର ବ୍ଲକ ବେଲଦା ଗ୍ରାମର ବୋଲି ଶୁଣିବାକୁ ମିଳୁଛି। ଖବର ପାଇ ରେଳବାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିବା ଜଣାପଡ଼ିଛି।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଡାକ୍ତରଙ୍କ ମାଗଣା ରୋଗୀ ଚିକିତ୍ସା

ସୋର (ସବ୍ୟୁ) : ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସୁସ୍ଥ ଏବଂ ନିରାମୟ ଜୀବନଯାପନ କରିବା ପାଇଁ ସୋରର କିଡ଼ନୀ ରୋଗ ବିଶେଷଜ୍ଞ ଡାକ୍ତର ଭାସ୍କର ଚନ୍ଦ୍ର ସାହୁଙ୍କ ପରାମର୍ଶ ଏବଂ ମାଗଣା ରୋଗୀ ଚିକିତ୍ସା ସେବା। କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋର ଉତ୍ତରେଶ୍ୱରସ୍ଥିତ ଜୟ ମା ଦୁର୍ଗା ମେଡିସିନ ଷ୍ଟୋର ନିକଟରେ ଡା. ସାହୁ ପ୍ରତିବର୍ଷ ପରି ଚଳିତ ବର୍ଷ ଏହି ଦିବସରେ ପାଖପାଖି ୭୫ ଜଣଙ୍କୁ ମାଗଣାରେ ଚିକିତ୍ସା କରିବା ସହିତ ଗରିବ ଲୋକଙ୍କୁ ଔଷଧ ପ୍ରଦାନ କରିଥିଲେ। ମଣିଷର ସ୍ୱାସ୍ଥ୍ୟ ହେଉଛି ସବୁଠାରୁ ବଡ଼ ସଂପଦ, ଏହାକୁ ଧରି ରଖିବା ସହିତ ସୁସ୍ଥ ଏବଂ ନିରାମୟ ଜୀବନଯାପନ କରିବା ପାଇଁ ଲୋକମାନଙ୍କ ସ୍ୱାସ୍ଥ୍ୟ ସଚେତନତା କରିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ।

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 01-SBP-TRD-OT-2024-25, ତା.04.04.2024ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ଟିଟିଲାଗଡ଼ (TIG) ଷ୍ଟେସନ ଠାରେ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB) ର ବ୍ୟବସ୍ଥା ନିମନ୍ତେ ଇଲେକ୍ଟ୍ରିକାଲ TRD କାର୍ଯ୍ୟ ସମୂହ ।

ଆନୁମାନିକ ମୂଲ୍ୟ (₹): 30,74,518.98, EMD (₹) : 61,500.00 ।

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 02-SBP-TRD-OT-2024-25, ତା.05.04.2024ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ବୃନ୍ଦାମାଳ(BXQ)-ଲପଙ୍ଗା(LPG) ସେକ୍ସନ ମଧ୍ୟରେ ପୋଲ ନଂ. 7UP ଠାରେ ଉଚ୍ଚତର MMD ପରିବହନର ଚଳାଚଳ ସମ୍ବନ୍ଧୀୟ ରୂପାନ୍ତରଣ କାର୍ଯ୍ୟ ନିମନ୍ତେ TRD ସମ୍ପର୍କିତ କାର୍ଯ୍ୟ ।

ଆନୁମାନିକ ମୂଲ୍ୟ (₹) : 18,79,105.45, EMD (₹) : 37,600.00 ।

ଶେଷ ହେବା ଅବଧି : 08 ମାସ (ଉଭୟ ଟେଣ୍ଡର ନିମନ୍ତେ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.04.2024 ରିଖ 1530 ଘଟିକା (କ୍ରମ ସଂ. 1 ପାଇଁ) ଏବଂ ତା.29.04.2024ରିଖ 1530 ଘଟିକା (କ୍ରମ ସଂ. 2 ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm's)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-14/P/24-25

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୬୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୬୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।



୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ବିଜେଡି ନେତାମାନେ ସାକ୍ଷାତ କରୁଛନ୍ତି ।

# ମୀରା ଜେନାଙ୍କ 'ଶ୍ରାବଣୀ' ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର,(ସବ୍ୟୁ): ଜଣେ କୁଆଁରୀ କନ୍ୟା ଦେଖେ ବିବାହର ସ୍ୱପ୍ନ । ଜୀବନ ସାଥୀକୁ ନେଇ ତା ମନ ଭିତରେ ଉଙ୍କିମାରେ ଅନେକ ଆଶା ଓ ଆଶଙ୍କା । ପରବର୍ତ୍ତୀ ସମୟରେ ଜଣେ ଶିକ୍ଷକଙ୍କ ସଂସ୍ପର୍ଶରେ ଆସନ୍ତି । ସମ୍ପୃକ୍ତ ଶିକ୍ଷକଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଦ୍ୱାରା ସେ ପ୍ରଭାବିତ ହୁଅନ୍ତି ଏବଂ ଶେଷରେ ନିଜର ସ୍ୱପ୍ନର ମଣିଷକୁ ଜୀବନସାଥୀ ଭାବେ ପାଇ ସଂସାର କରନ୍ତି । ଏଭଳି ଏକ ରୋଚକ କାହାଣୀକୁ ନେଇ ଗାଳ୍ପିକା ମୀରା ଜେନାଙ୍କ ଶ୍ରାବଣୀ ପୁସ୍ତକର ପ୍ରଥମ ଗଳ୍ପ କଥା ଟିକେରେ ଜଣେ ନିଛକ ଓଡ଼ିଆ ଗୃହିଣୀ, ବୋହୂ, ମାଆ, ଶାଶୁ ଏବଂ ଜେଜେମାଆ ହେବାର ଚରିତ୍ରକୁ ବେଶ ସୁନ୍ଦର ଭାବରେ ଉପସ୍ଥାପିତ କରିଛନ୍ତି । ଆଧୁନିକତାର ବଶବର୍ତ୍ତୀ ହୋଇ ମଧ୍ୟ ଆମେରିକାରେ, ଓଡ଼ିଆଣୀ ଶାଢ଼ି ପିନ୍ଧା ଶୈଳୀର ପ୍ରଶଂସା ଆଦି ପ୍ରସଙ୍ଗ ବେଶ୍ ସ୍ପଷ୍ଟ କରୁଛି, ଲେଖିକାଙ୍କ ଆତ୍ମ କଥା ସବୁ । ନିଜ ବ୍ୟକ୍ତିଗତ ଜୀବନରେ ଘଟିଥିବା ଅନେକ ଛୋଟ ବଡ଼ ଘଟଣାକୁ ନେଇ ଲେଖିକାଙ୍କ କାହାଣୀ ବନ୍ଧୁ, ଆଖି ଲୁହ, ମୋ ଘର, ମୋ ଜେଜେମାଆ, କ୍ଷମା, ମୋ ବାପା, ପରଶ ଓ ଶୁଭ ଆଦିରେ ଉପସ୍ଥାପନା ବେଶ ହୃଦୟ ସ୍ପର୍ଶୀ ହୋଇପାରିଛି । ଶ୍ରାବଣୀରେ ଆତ୍ମା ଗଳ୍ପର ଦୁଇଟି ଅଧ୍ୟାୟ ସହିତ ମୋଟ୍ ୨୦ଟି ଗଳ୍ପ ସ୍ଥାନ ପାଇଛି। କାହାଣୀ ଛଳରେ ଗାଳ୍ପିକା ସାମାଜିକ ବାସ୍ତବତାର ଅନେକ ଚିତ୍ରକୁ ଏଥିରେ ନିଆରା ଢଙ୍ଗରେ ଉପସ୍ଥାପନା କରିଛନ୍ତି। ଗାଳ୍ପିକା: ମୀରା ଜେନା, ପ୍ରକାଶକ: ଆଦିକନ୍ଦ ଜେନା, ଚୁନି କୁଟୀର, ବ୍ଲକ୍-ଏ (ହାଟ ପଡ଼ିଆ ପାଖ) ଶାଳପଡ଼ା, ଆନନ୍ଦପୁର, କେନ୍ଦୁଝର ପ୍ରଥମ ସଂସ୍କରଣ: ୨୦୨୩ରେ ପ୍ରକାଶିତ ହୋଇଥିବା ବେଳେ ପୃଷ୍ଠା: ୯୨ରହିଛି ଓ ମୂଲ୍ୟ ୧୦୦ ଟଙ୍କା ରହିଛି ।

# ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ବାରମ୍ବାର ପ୍ରାର୍ଥୀ ବଦଳାଉଛନ୍ତି ବିଜେଡି ଓ କଂଗ୍ରେସ

ଧାମନଗର, (ସବ୍ୟୁ) :ସବୁବେଳେ ଚର୍ଚ୍ଚାରେ ରହି ଆସିଥିବା ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନେକ ରାଜନୈତିକ ହଟଚମଟ ଦେଖିବାକୁ ମିଳିଥାଏ । ମାତ୍ର ଧାମନଗରର ସଚେତନ ଭୋଟର ଅନେକ ସମୟରେ ନେତା ମାନଙ୍କର ସବୁ ଅଙ୍କ କଷାକୁ ଗୋଳମାଳ କରିଦେଇଥାନ୍ତି । ସେଇଥିପାଇଁ ଏଠାରେ ପ୍ରମୁଖ ରାଜନୈତିକ ଦଳ ସେମାନଙ୍କର ପ୍ରାର୍ଥୀଙ୍କୁ ବାରମ୍ବାର ବଦଳାଇବାକୁ ବାଧ୍ୟ ହୋଇଥାନ୍ତି । ବିଶେଷକରି କଂଗ୍ରେସ ଓ ବିଜୁଜନତାଦଳ ଧାମନଗର ବିଧାନସଭା ଆସନରେ ବାରମ୍ବାର ସେମାନଙ୍କର ପ୍ରାର୍ଥୀଙ୍କୁ ବଦଳାଉଛନ୍ତି । ଫଳରେ କଂଗ୍ରେସ ବାରମ୍ବାର ହାରୁଥିବାବେଳେ ବିଜେଡି ଅଧିକାଂଶ ସମୟରେ ପରାଜୟ ବରଣ କରୁଛି । ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ୨୦୦୯ ରେ ଅନୁସୂଚିତ ଜାତିର ପ୍ରାର୍ଥୀଙ୍କ ନିମନ୍ତେ ସଂରକ୍ଷିତ ହେବାପରେ କଂଗ୍ରେସରୁ ନେତ୍ରାନନ୍ଦ ମଲ୍ଲିକ,ବିଜୁଜନତାଦଳରୁ ରାଜେନ୍ଦ୍ର କୁମାର ଦାସ ଓ ବିଜେପିରୁ ବିଷ୍ଣୁ ସେଠୀ ପ୍ରାର୍ଥୀ ହୋଇଥିଲେ ଏବଂ ବିଜେଡିର ରାଜେନ୍ଦ୍ର ଦାସ ବିଜୟୀ ହୋଇଥିଲେ । ଏହାପରେ ୨୦୧୪ ସାଧାରଣ ନିର୍ବାଚନରେ ବିଜେପି ପୁନର୍ବାର ବିଷ୍ଣୁ ସେଠୀଙ୍କୁ ପ୍ରାର୍ଥୀ କରିଥିବାବେଳେ କଂଗ୍ରେସ ତା'ର ପ୍ରାର୍ଥୀ ବଦଳାଇ ହୃଦାନନ୍ଦ ସେଠୀଙ୍କୁ ଟିକେଟ ଦେଇଥିଲା । ବିଧାୟକ ରାଜେନ୍ଦ୍ର କୁମାର ଦାସଙ୍କୁ ବଦଳାଇ ବିଜେଡି ମୁକ୍ତିକାନ୍ତ ମଣ୍ଡଳଙ୍କୁ ପ୍ରାର୍ଥୀ କରିଥିବାବେଳେ ମୁକ୍ତିକାନ୍ତ ବାବୁ ବିଜୟୀ ହୋଇଥିଲେ ।

# ପାନୀୟ ଜଳ ସଙ୍କଟ: ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହେଲେ ସୁନାମାଲ ଗ୍ରାମର ମହିଳା




କୋକସରା,(ସବ୍ୟୁ): କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମାଲ ଗ୍ରାମର ଜଳ ଯୋଗାଣ ପ୍ରକଳ୍ପ ଦୀର୍ଘ ୨ ମାସ ହେବ ଅଚଳ ହୋଇ ପଡିଛି। ଫଳରେ ଗ୍ରୀଷ୍ମପ୍ରବାହରେ ପାନୀୟ ଜଳ ପାଇଁ ଡ଼ହକ ବିକଳ ହେଉଛନ୍ତି ସ୍ଥାନୀୟ ସୁନାମାଲ ଗ୍ରାମବାସୀ। ଦୁଇ ମାସ ମଧ୍ୟରେ ଲଡୁଗାଁ ପଞ୍ଚାୟତ ସମେତ ବ୍ଲକ ପ୍ରଶାସନ, ଜଳ ଯୋଗାଣ ବିଭାଗ ଓ ଜନ ପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି ହେଲେ ପାନୀୟ ଜଳ ଯୋଗାଣ ନେଇ କୌଣସି ପଦକ୍ଷେପ ନେଇ ନାହାଁନ୍ତି ବ୍ଲକ ପ୍ରଶାସନ କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷ। ଡହଡହ ଖରାରେ ନଦୀରେ ବାଲିଚୁଆ ଖୋଲି ଓ ଦୀର୍ଘ ରାସ୍ତା ଚାଲି ଚାଲି ପାନୀୟ ଜଳ ସଂଗ୍ରହ କରୁଥିବା ନେଇ ଅଭିଯୋଗ କରିଛନ୍ତି ମହିଳା । ସୋମବାର ସୁନାମାଲ ଗ୍ରାମର ଶତାଧିକ ମହିଳା ମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପାନୀୟ ଜଳ ଯୋଗାଣ ପାଇଁ ବିଡ଼ିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବେଳେ ବିଡ଼ିଓ ଅନୁପସ୍ଥିତ କାରଣରୁ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଯଶୋବନ୍ତି ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ସପ୍ତାହେ ମଧ୍ୟରେ ଜଳ ଯୋଗାଣ ନହୁଏ ତାହେଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ଏନେଇ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଯଶୋବନ୍ତି ଭୋଇଙ୍କ ପ୍ରତିକ୍ରିୟା ନେବାରୁ ମୋଟର ଅଚଳ ଥିବା କାରଣରୁ ପାଣି ଯୋଗାଣ ହୋଇ ପାରୁନାହିଁ ମୁଁ ସହକାରୀ ଯନ୍ତ୍ରୀ ଙ୍କ ସହ ଏ ବିଷୟରେ କଥା ହୋଇଛି ଆସନ୍ତା ୩/୪ ଦିନ ମଧ୍ୟରେ ମୋଟର ଲଗାଯାଇ ଜଳ ଯୋଗାଣ ସ୍ୱାଭାବିକ କରାଯିବ ବୋଲି କହିଛନ୍ତି।

# ଗିଫ୍ଟରେ ଆଇଡିଇର ବୁଟ୍ କ୍ୟାମ୍ପ୍



ଭୁବନେଶ୍ୱର, (ସବ୍ୟୁ): ଗିଫ୍ଟ ସ୍ୱୟଂଶାସିତ କଲେଜରେ ଏଆଇସିଟିଇ, ଏମ୍ଆଇସି ମିଳିତ ଭାବେ ସିବିଏସ୍ଇ ଓ ଏନ୍ଏସିଇଆର୍‌ଟିର ପ୍ରସ୍ତାବିତ ଇନୋଭେସନ, ଡ଼ିଜାଇନ୍ ଆଣ୍ଡ ଇଂଟରପ୍ରିନିୟରସିପ୍ (ଆଇଡ଼ିଇ) ଉପରେ ଏକ ଦୁଇ ଦିନିଆ ବୁଟ୍ କ୍ୟାମ୍ପ୍ ଅନୁଷ୍ଠିତ ହୋଇଯାଇଛି। ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୨୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଉଦଘାଟନ ଉତ୍ସବରେ ଗିଫ୍ଟର ଅଧ୍ୟକ୍ଷ ଡଃ. ଶରତ କୁମାର ମହାରଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏମ୍ଆଇସି / ଏଆଇସିଟିଇର ଦୀପନ ସାହୁ ନୋଡ଼ାଲ ସେଣ୍ଟର ମୁଖ୍ୟଭାବେ ଯୋଗ ଦେଇଥିଲେ ଏବଂ ବୁଟ୍ କ୍ୟାମ୍ପ୍‌ର ସଫଳତାକୁ ସମସ୍ତଙ୍କ ଆଗରେ ରଖିଥିଲେ। ସମ୍ମାନୀୟ ଅତିଥି ଭାବେ ଆଇଆଇଟି ଭୁବନେଶ୍ୱରର ଡଃ. ଶୁଭଙ୍କର ପତି, ଓଡ଼ିଶା ଷ୍ଟାର୍ଟ ଅପ୍‌ର ଇତିଶ୍ରୀ ପାଣିଗ୍ରାହୀ ଯୋଗଦେଇ କ୍ୟାମ୍ପ୍‌ର ଉପାଦେୟତା ଉପରେ ସମସ୍ତଙ୍କୁ ବୁଝାଇଥିଲେ। ମୁଖ୍ୟଅତିଥିଭାବେ ଖଲ୍ଲିକୋଟ ୟୁନିଟାରୀ ୟୁନିଭରସିଟିର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇଥିଲେ ଏବଂ ଶେଷରେ ପିଲାମାନଙ୍କୁ ବିଭିନ୍ନ ଡେମୋ ପ୍ରକଳ୍ପ ଦେଖାଇଥିଲେ। ଶେଷରେ ଏସ୍‌ପିଓସି ଡଃ. ଅମର କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସହଯୋଗୀ ପ୍ରଫେସର ଅମ୍ରିତ ଚୌଧୁରୀ, ମିନତୀ ପ୍ରଧାନ ଓ ଅଭିଜିତ୍ ମଙ୍ଗରାଜ ପ୍ରମୁଖ ଏ ସମସ୍ତ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ ।

# ଓଡ଼ିଶା ଘରୋଇ ହୋମିଓପ୍ୟାଥିକ ଚିକିତ୍ସକ ସଂଘର ୯ମ ବାର୍ଷିକ ସମ୍ମିଳନୀ




ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ଘରୋଇ ହୋମିଓପ୍ୟାଥିକ ଚିକିତ୍ସକ ସଂଘର ୯ମ ବାର୍ଷିକ ସମ୍ମିଳନୀ ତଥା ହୋମିଓପ୍ୟାଥିକର ଜନକ ସାମୁଏଲ ହ୍ୟାନିମାନଙ୍କ ୨୭୦ତମ ଜନ୍ମ ଜୟନ୍ତୀ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଲୱେ ଅଡିଟୋରିୟମରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସ୍ୱାସ୍ଥ୍ୟସେବାର ନିର୍ଦ୍ଦେଶକ ଡ. ବିଜୟ କୁମାର ମହାପାତ୍ର, ମୁଖ୍ୟ ବକ୍ତା ଭାବରେ ଅଭିନ ଚନ୍ଦ୍ର ହୋମିଓପ୍ୟାଥିକ ମେଡ଼ିକାଲ କଲେଜର ପୂର୍ବତନ ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫେସର ସୁଧାଂଶୁ ଶେଖର ସିଂ, ସମ୍ମାନିତ ଅତିଥି ଭାବରେ ଏସିଆନ ଏଜ୍ ଏବଂ ଡିନ୍ କ୍ରୋନିକିଲ୍‌ର ସମ୍ପାଦକ ଅକ୍ଷୟ କୁମାର ସାହୁ, ଡିଏମ୍ଏସ୍‌ର ପୂର୍ବତନ ମନ୍ତ୍ରୀ ଡ. ଦେବେନ୍ଦ୍ର ମାନସିଂହ, ଓଡ଼ିଶା ଡ୍ରଗ୍ସ କଣ୍ଟ୍ରୋଲର ଅଶୋକ କୁମାର ପାତ୍ର, ଭାରତ ସରକାରଙ୍କ ଇପିଏଫ୍‌ର ସଦସ୍ୟ ଇଂ ଶ୍ରୀକାନ୍ତ କୁମାର ବ୍ରହ୍ମା, ୱେଲସନ ପରିଚାଳନା ନିର୍ଦ୍ଦେଶକ ଅନୁପ କୁମାର ସିଂ, ୱେଲସନ ପରିଚାଳନା ନିର୍ଦ୍ଦେଶକ ଡ. ସୁଧାଂଶୁ ଭୂଷଣ ସିଂ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ହ୍ୟାନିମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଏପ୍ରିଲ ୧୦ ତାରିଖ ହେଉଛି ହୋମିଓପ୍ୟାଥିକର ଜନକ ହ୍ୟାନିମାନଙ୍କର ମାନବ ସମାଜ ପାଇଁ ଅବଦାନ ବିଷୟରେ ବକ୍ତାମାନେ ନିଜ ନିଜ ଅଭିଭାଷଣ ରଖିଥିଲେ।

ସଂଘର ସଭାପତି ନେତ୍ରାନନ୍ଦ ଭୋଇ ସଭାପତିତ୍ୱ କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ । ବହୁଦିନ ଧରି ଅପାନ୍ତର ଅଞ୍ଚଳରେ ବହୁ କମ୍ ପଇସାରେ ହୋମିଓପ୍ୟାଥିକ ଚିକିତ୍ସାକୁ ଆୟୁଧ କରି ପାରମ୍ପରିକ ପଦ୍ଧତିରେ ଲୋକମାନଙ୍କର ସେବା ଯୋଗାଇ ଆସୁଥିବା ଘରୋଇ ହୋମିଓପ୍ୟାଥିକ ଚିକିତ୍ସକମାନେ ବହୁ ସେବା ଦେଇ ଆସୁଛନ୍ତି । କୌଣସି ଆର୍ଥିକ ବୋଝ ନ ରଖି ସଂଘର ସଦସ୍ୟମାନଙ୍କୁ ପଞ୍ଜିକୃତ କରି ସେବା ଯୋଗାଇ ଦେବା ପାଇଁ ସଂଘ ତରଫରୁ ସରକାରଙ୍କ ନିକଟରେ ବହୁଦିନ ଧରି ଦାବି ହେଇ ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିହାର ବିଶ୍ୱାଳ, ଅନନ୍ତ ନାରାୟଣ ସାହୁ, ଅଶୋକ କୁମାର ଆଚାର୍ଯ୍ୟ, କାଳିପ୍ରସନ୍ନ ରାଉତ, ବିକାଶ ମହାନ୍ତି, ଶର୍ମିଷ୍ଠା ମହାପାତ୍ର, କୃତିବାସ ପ୍ରଧାନ, ରାଜେନ୍ଦ୍ର ଆଚାର୍ଯ୍ୟ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ନାରାୟଣ ବିଶୋୟୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଭିନ୍ନ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଦାଦନ ଯାଇ ବନ୍ଧା ପଡ଼ିଲେ ଶ୍ରମିକ, ମୁକ୍ତି ପାଇଁ ନିବେଦନ

କଣ୍ଟାମାଳ,(ସବ୍ୟୁ): କଣ୍ଟାମାଳ ବ୍ଲକ ଅନ୍ତର୍ଗତ ବରଗାଁ ପଞ୍ଚାୟତ ଅନ୍ତର୍ଗତ ଲୁଇସିଂ ଗ୍ରାମରୁ ପ୍ରାୟ ୧୮ଜଣ ଶ୍ରମିକ ଦାଦନ ଖଟିବାକୁ ଯାଇ ବନ୍ଧା ପଡ଼ିଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁସାରେ,କଣ୍ଟାବାଞ୍ଜି ଅଞ୍ଚଳର ଜଣେ ଶ୍ରମିକ ଦଲାଲଙ୍କ ପ୍ରଲୋଭନରେ ପଡ଼ି ଲୁଇସିଂ ଅଞ୍ଚଳର ୩ଗୋଟି ପରିବାରର ୧୮ଜଣ ସଦସ୍ୟ ସୁଦୂର ଆନ୍ଧ୍ରପ୍ରଦେଶ ରାଜ୍ୟର ନାଦୁପେଟା ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରେ ସେମାନଙ୍କୁ ମାଲିକ ବିଭିନ୍ନ କାମରେ ନିୟୋଜିତ କରିଥିଲେ । ପରବର୍ତ୍ତୀ ସମୟରେ ମାଲିକ ସେମାନଙ୍କୁ ପାରିଶ୍ରମିକ ନ ଦେଇ କେବଳ ଖାଇବାକୁ ଦେଇଥିବା ବେଳେ ଅନେକ ସମୟରେ କାମ ନ ହେଲେ ଖାଇବାକୁ ମଧ୍ୟ ଦେବାକୁ ମନା କରୁଥିଲେ । ଏପରିକି ମାଲିକ ଏହି ଶ୍ରମିକମାନଙ୍କୁ ଅନେକ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି । ଭୋକ ଉପାସରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ତାଙ୍କ ଦୁଃଖ ଶୁଣିବାକୁ କେହିନାହାନ୍ତି । ୫ମାସ କାମର ପାରିଶ୍ରମୀକ ମାଗିବାରୁ ଦଲାଲକୁ ଡାକ ପରେ ଯାଇ ଟଙ୍କା ଦେବି ବୋଲି କହିବା ସହ ଗାଡ଼ି ଲଗାଇ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଶ୍ରମିକ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ଶ୍ରମିକ ମାନେ ମାଲିକ ପାଖରେ ବନ୍ଧା ପଡ଼ିଥିବା ବେଳେ ଭୋକ ଉପାସରେ ଅତି ଦୟନୀୟ ଜୀବନ କାଟୁଥିବା କହିଛନ୍ତି । ଏ ନେଇ ବନ୍ଧା ପଡ଼ିଥିବା ଶ୍ରମିକ ମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଥିବା ମଧ୍ୟ ଜଣାପଡ଼ିଛି । ଘଟଣା ସମ୍ପର୍କରେ ବୌଦ୍ଧ ଜିଲ୍ଲା ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟଙ୍କୁ ପଚାରିବାରୁ ସୋମବାର ମାଲିକ ସହ ଯୋଗାଯୋଗ କରାଯାଇଛି। ଅତି ଶିଘ୍ର ଉଦ୍ଧାର କରାଯିବ ବୋଲି କହିଛନ୍ତି ।

# ଜାଗମରାରେ ଅଙ୍କି ଓଡ଼ିଶାର ଏକ୍ସକ୍ଲୁସିଭ ଷ୍ଟୋର



ଭୁବନେଶ୍ୱର,(ସବ୍ୟୁ): ଅଙ୍କି ଓଡ଼ିଶାର ଏକ ୭ ବର୍ଷ ପୁରୁଣା ଘରୋଇ ବ୍ରାଣ୍ଡ ଯାହା ଓଡ଼ିଶାର ପ୍ରସିଦ୍ଧ ଅଭିନେତ୍ରୀ ତଥା ଆଙ୍କର ଅଙ୍କିତା ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ । ୨୦୧୭ ମସିହାରୁ ଏହାର ଯାତ୍ରା ଆରମ୍ଭ ହୋଇଥିଲା । ଆଗକୁ ଦେଖିଲେ ଆମେ ସବୁବେଳେ ପାରମ୍ପରିକ ଫ୍ୟାସନ ଏବଂ ଏହାର ଐତିହ୍ୟ ପ୍ରତି ଆମର ଉତ୍ସାହକୁ ଅନୁସରଣ କରିଆସିଛୁ । ଅନେକ ସରକାରୀ ଏବଂ ବେସରକାରୀ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଏବଂ ଆମର ସୃଜନଶୀଳ କାର୍ଯ୍ୟ ଏବଂ ସଚେତନ ତାଲିମରେ ବିଶ୍ୱାସ କରୁଥିବା ଅନେକ ସ୍ୱତନ୍ତ୍ର ଗ୍ରାହକ ପାଇଛୁ ଏଥର ଆମେ କିଛି ନୂଆ ଭାବୁଥିଲୁ । ସଂସ୍ଥାର ୱେବସାଇଟ୍ ଆରମ୍ଭ କରିବା ପରେ ଯେଉଁଥିରେ ପୂର୍ବରୁ ଏକ ସର୍ବଭାରତୀୟ ପହଞ୍ଚ ଅଛି ବର୍ତ୍ତମାନ ସ୍ଥାନୀୟ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ଉପରେ ନଜର ରଖିଛନ୍ତି ।

ସେଥିପାଇଁ ଭୁବନେଶ୍ୱର ଜାଗମରା ଟ୍ରାଫିକ୍ ଛକରେ ଏକ ଏକ୍ସକ୍ଲୁସିଭ୍ ଷ୍ଟୋର ଖୋଲାଯାଇଛି । ଏହା ହେଉଛି ଆମର ୧ଏସଟି ୱାକିନ୍ ଷ୍ଟୋର୍ ଯେଉଁଠାରେ ଗ୍ରାହକମାନେ ଆସି ସ୍ୱତନ୍ତ୍ର ଏବଂ ଏକ୍ସକ୍ୟୁସାଇଟ୍ ସଂଗ୍ରହ କିଣିପାରିବେ । ଆମେ ଗୁଣାତ୍ମକ ଉତ୍ପାଦ ଏବଂ ସୁଲଭ ମୂଲ୍ୟରେ କାରବାର କରୁ । ଆମେ ହସ୍ତତନ୍ତ ଶାଢ଼ୀ, କୁର୍ତ୍ତା ସେଟ୍ ସହିତ ହାତରେ ଚିତ୍ରାଙ୍କନ, ଏମ୍ବୋରୋଇଡରିଡ୍ ଇଣ୍ଟକାସି, ଟ୍ରେଣ୍ଡି କୋ-ଓର୍ଡ ସେଟ୍, ହାତତିଆରି ପିତ୍ତଳ, ଜର୍ମାନ ସିଲଭର, ଟେରାକୋଟା ଜୁଏଲାରୀ ସହିତ କାରବାର କରିଥାଉ । ଦର ସର୍ବନିମ୍ନ ୩୦ ଟଙ୍କାରୁ ଆରମ୍ଭ ହୋଇ ହଜାର ହଜାର ଟଙ୍କା ପର୍ଯ୍ୟନ୍ତ ଚାଲିଥାଏ ।

ଏହି ପଦକ୍ଷେପ ପ୍ରକୃତରେ ଆମକୁ ଅଧିକ ଫ୍ୟାଶନ ପ୍ରେମୀଙ୍କ ନିକଟରେ ଆମର ସ୍ୱାଦ ପହଞ୍ଚାଇବାରେ ସାହାଯ୍ୟ କରେ ଯେଉଁମାନେ ସେମାନଙ୍କର ଶୈଳୀକୁ ସର୍ବନିମ୍ନ ତଥା ସ୍ଥାୟୀ ଉପାୟରେ ବଢ଼ାଇବାକୁ ଜାଣନ୍ତି ।

# ଏକାମ୍ରରେ ବାବୁ ସିଂଙ୍କ ମାରାଥନ ପ୍ରଚାର



ଭୁବନେଶ୍ୱର(ସବ୍ୟୁ): ଏକାମ୍ର ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ବିଜେପିର ଶକ୍ତି ବୃଦ୍ଧି ପାଇବାରେ ଲାଗିଛି । ବୁଧବାର ପ୍ରଥମେ ସକାଳୁ ଘାଟିକିଆ ଅଞ୍ଚଳର ବଗ ପାର୍କରେ ବିଜେପି ବିଧାୟକ ପ୍ରାର୍ଥୀ ବାବୁ ସିଂ ଲୋକଙ୍କ ସହ ମତବିନିମୟ କରିଥିଲେ । ତାପରେ ଘାଟିକିଆ ଚାଳ ସାହି, ବରଗଡ ଓ ବରମୁଣ୍ଡା ଗ୍ରାମ, ଭୀମପୁର ଅଞ୍ଚଳରେ ପଦଯାତ୍ରା କରି ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ବିଜେପିକୁ ଭୋଟ୍ ଦେଇ ଜିତେଇବାକୁ ଅନୁରୋଧ କରିଥିଲେ । ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଜେପି ତାର ଶକ୍ତି ବୃଦ୍ଧି କରିବାରେ ଲାଗିପଡିଛି । ପଦଯାତ୍ରା ସମୟରେ ବିଜେପିକୁ ବିପୁଳ ଜନସମର୍ଥନ ଦେଖିବାକୁ ମିଳୁଛି ।

# ଜଗନ୍ନାଥ ସଂସ୍କୃତି, ଶକ୍ତି ତତ୍ତ୍ୱ ଉପରେ ଜାତୀୟ ଆଲୋଚନାଚକ୍ର

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କନ୍ଧରା ଗ୍ରାମ ସ୍ଥିତ ଭୀମ ଭୋଇ ସ୍ମୃତି ପୀଠରେ ମଙ୍ଗଳବାର ରାଉରକେଲା ମହର୍ଷି ବ୍ୟାସଦେବ ରାଷ୍ଟ୍ରୀୟ ପ୍ରାଚ୍ୟ ବିଦ୍ୟା ପ୍ରତିଷ୍ଠାନ ଦ୍ୱାରା ଉତ୍କଳ ପୀଠ, ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ଅର୍ଜୁନ ସ୍ନାତକ ମହାବିଦ୍ୟାଳୟ କଦଳିଗଡର ମିଳିତ ସହଯୋଗରେ ଜଗନ୍ନାଥ ସଂସ୍କୃତି ଏବଂ ପଶ୍ଚିମ ଓଡ଼ିଶାର ଶକ୍ତି ତତ୍ତ୍ୱ ବିଷୟରେ ଏକ ଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଅର୍ଜୁନ ଡିଗ୍ରୀ କଲେଜ୍‌ର ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ମାନଙ୍କୁ ଛାତ୍ରଛାତ୍ରୀ ମାନେ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ । ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ କିସ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଯୋଗଦାନ କରି ପଶ୍ଚିମ ଓଡ଼ିଶାର ଦୈବୀ ଶକ୍ତି ତତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଫେସର୍ ଶତପଥୀ କହିଥିଲେ ଯେ ଦୈବୀ ଶକ୍ତି ବିନା ଜଗନ୍ନାଥ ସଂସ୍କୃତି ଅସମ୍ପୂର୍ଣ୍ଣ । ପଶ୍ଚିମ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ଲୋକ ଦୈବୀ ଶକ୍ତିଙ୍କୁ ଆରାଧନା କରି ତାଙ୍କର ଜୀବନଚର୍ଯ୍ୟା ପରି ପାଳନ କରୁଥିଲେ। ପଶ୍ଚିମ ଓଡ଼ିଶାରେ ଶକ୍ତି ତତ୍ତ୍ୱ ବିଷୟରେ ଅଧିକ ଗବେଷଣା କରି ଏହାର ପ୍ରଚାର ପ୍ରସାର ନିମନ୍ତେ ପୁସ୍ତକ ପ୍ରକାଶନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିରେ ସ୍ଥାପିତ ଉତ୍କଳ ପୀଠର ନିର୍ଦ୍ଦେଶକ ପ୍ରଫେସର୍ ଜ୍ଞାନରଞ୍ଜନ ପଣ୍ଡା ଆଲୋଚନାଚକ୍ରର ବୈଶିଷ୍ଟ ଏବଂ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ବକ୍ତା ଭାବରେ ଭୀମଭୋଇ ଡିଗ୍ରୀ କଲେଜ୍ ର ଅଧ୍ୟାପକ ଡଃ ଭୋଜରାଜ୍ ଏବଂ ବୌଦ୍ଧ ପଞ୍ଚାୟତ କଲେଜ୍ ର ପ୍ରାଧ୍ୟାପକ ଡଃ ପ୍ରତାପ ରଥ ସ୍ଥାନୀୟ ଦୈବୀ ପୀଠ ସହ ଜଗନ୍ନାଥ ସଂସ୍କୃତି ବିଷୟରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ଶିକ୍ଷକ ଜୟନ୍ତ ମାହାର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ବୈନେତେୟ ସାହୁ ଧନ୍ୟବାଦ୍ ଦେଇଥିଲେ ।

# ଦୁଷ୍କର୍ମ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ,୧୪ବର୍ଷ ସଶ୍ରମ କାରାଦଣ୍ଡ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲାର କୋକସରା ଥାନା ଅଧିନରେ ୨୦୧୭ ମସିହାରେ ଜଣେ ନାବାଳିକାକୁ ବାରମ୍ବାର ଦୁଷ୍କର୍ମ କରିବା ମାମଲାର ବିଚାର କରି ସ୍ୱତନ୍ତ୍ର ଜଜ ପୋକ୍ସୋ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହିତ ୧୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୬୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି । ଘଟଣାର ବିବରଣୀରୁ ପ୍ରକାଶ ଯେ , କୋକସରା ଥାନା ଅଧିନର ଧଅଁରପୁର ଗ୍ରାମର ଦୀନବନ୍ଧୁ ନାଏକ (୪୦) ସେହି ଗ୍ରାମର ଜୈନିକା ନାବାଳିକାକୁ ତାଙ୍କ ଘର ପଛପଟ ପଡିଆରେ ଏକୁଟିଆ ପାଇ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା । ପରେ ଉକ୍ତ ନାବାଳିକା ଆନ୍ଧ୍ରପ୍ରଦେଶ ଚାଲିଯିବା ପରେ ମଧ୍ୟ ଦୀନବନ୍ଧୁ ସେଠାକୁ ଯାଇ ଉକ୍ତ ନାବାଳିକାକୁ ବରମ୍ବାର ଜୋରଜବରଦସ୍ତି ଦୁଷ୍କର୍ମ କରିଥିଲେ । ଏ ସମ୍ପର୍କରେ ଧର୍ଷିତାର ବାପା କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ କୋକସରା ଥାନା ପୋଲିସ ତଦନ୍ତ କରି ଦୀନବନ୍ଧୁକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଉକ୍ତ ମାମଲାର ବିଚାର କରି ସ୍ୱତନ୍ତ୍ର ଜଜ୍ ପୋକ୍ସୋ ଶୁଭଞ୍ଜନ ମହାନ୍ତି ଅଭିଯୁକ୍ତ ଦୀନବନ୍ଧୁକୁ ଦୋଷୀ ସାବ୍ୟସ୍ତ କରିବା ସହିତ ୧୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୬୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେବାସହିତ ସରକାର ପିଡିତାକୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ତରଫରୁ ସରକାରୀ ଓକିଲ ରୋହିତ କୁମାର ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ ।

## ଏପ୍ରିଲ ୧୭ରେ ରାମଲାଲାଙ୍କ ହେବ ସୂର୍ଯ୍ୟାଭିଷେକ
# ମୂର୍ତ୍ତିର ମଥାରେ ସିଧାପଡିବ ସୂର୍ଯ୍ୟଙ୍କ କିରଣ



ନୂଆଦିଲ୍ଲୀ: ପବିତ୍ର ରାମନବମୀ ଅବସରରେ ରାମ ଲାଲାଙ୍କର ହେବ ସୂର୍ଯ୍ୟତିଳକ । ଅପ୍ଟି ମେକାନିକାଲ ସିଷ୍ଟମ ଜରିଆରେ ପ୍ରଭୁ ରାମଲାଲାଙ୍କ ମସ୍ତକରେ ୪ ମିନିଟ୍ ଧରି ଶୋଭାବର୍ଦ୍ଧନ କରିବ ସୂର୍ଯ୍ୟ ଆଲୋକ । ୧୭ ତାରିଖ ଦିନ ୧୨ଟାରେ ଏଭଳି ଅଲୌକିକ ଦୃଶ୍ୟ ଦେଖିବାର ସୁଯୋଗ ପାଇବେ ରାମ ଭକ୍ତ । ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଆଜି ଟ୍ରାଏଲ ରନ୍ କରାଯାଇଛି । ବେଙ୍ଗାଲୁରୁର ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଆଷ୍ଟ୍ରୋଫିଜିକ୍ସ ଏବଂ ରୁରକିର ସିଏସଆଇଆର-ସିବିଆରଅଙ୍କ ସହଯୋଗରେ ଏହି ପ୍ରୋଜେକ୍ଟ ପ୍ରସ୍ତୁତ କରାଯାଇଛି ।

ଉନ୍ନତ ଧରଣର ଦର୍ପଣ, ଲେନ୍ସ ଏବଂ ଅଷ୍ଟଧାତୁରେ ନିର୍ମିତ ପାଇପ ମାଧ୍ୟମରେ ସୂର୍ଯ୍ୟ ଆଲୋକ ରାମ ଲାଲାଙ୍କ ମସ୍ତକ ଉପରେ ପଡିବା ସହ ମୁଖମଣ୍ଡଳର ସୌନ୍ଦର୍ଯ୍ୟ ବଢାଇବାକୁ ବ୍ୟବସ୍ଥା କରାଯାଇଛି । ଏହି ଦୃଶ୍ୟକୁ ଦେଖିବାରୁ ଶ୍ରଦ୍ଧାଳୁମାନେ ଯେପରି ବଞ୍ଚିତ ନହୁଅନ୍ତି ସେଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପୁରା ଅଯୋଧ୍ୟା ସହରରେ ଏଲଇଡି ସ୍କ୍ରିନର ବ୍ୟବସ୍ଥା କରାଯାଇଛି ।

# ଆପ୍‌ରୁ ଇସ୍ତଫା ଦେଲେ ରାଜକୁମାର ଆନନ୍ଦ



ନୂଆଦିଲ୍ଲୀ : ଦିଲ୍ଲୀରେ କେଜ୍ରିୱାଲ ସରକାରରେ ମନ୍ତ୍ରୀ ଥିବା ରାଜକୁମାର ଆନନ୍ଦ ଆଜି ମନ୍ତ୍ରୀ ପଦ ସହ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ରାଜକୁମାର ଆନନ୍ଦ କେଜ୍ରିୱାଲ ସରକାରରେ ସମାଜ କଲ୍ୟାଣ ମନ୍ତ୍ରଣାଳୟ ସମ୍ଭାଳୁଥିଲେ । ଦଳ ଛାଡିବା ପରେ ରାଜକୁମାର କହିଛନ୍ତି କି, ଆମ୍ ଆଦମୀ ପାର୍ଟି ଦଳିତ ବିଧାୟକମାନଙ୍କୁ ସମ୍ମାନ ଦେଉନାହିଁ । ଏହାସହ ଦଳିତ ନେତାମାନଙ୍କୁ ପ୍ରମୁଖ ପଦ ମିଳୁନାହିଁ । ମୁଁ ବାବା ସାହେବ ଆମ୍ବେଦକରଙ୍କ ପଥ ଅନୁସରଣ କରେ, ହେଲେ ଦଳ ଭିତରେ ରହି ଯଦି ଦଳିତମାନଙ୍କ ବିକାଶ ପାଇଁ କାମ କରିବାର ସୁଯୋଗ ପାଇଲି ନାହିଁ ତେବେ ସେ ଦଳରେ ରହି ଲାଭ କଣ ବୋଲି ରାଜକୁମାର ଆନନ୍ଦ ଗଣମାଧ୍ୟମକୁ କହିଛନ୍ତି ।

ସେପଟେ ଆମ୍ ଆଦମୀ ପାର୍ଟି ତରଫରୁ କୁହାଯାଇଛି କି, ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରି ବିଜେପି ଆମ୍ ଆଦମୀ ପାର୍ଟିକୁ ଭାଙ୍ଗିବାକୁ ଚେଷ୍ଟା କରୁଛି । ଦିଲ୍ଲୀ ଅବକାରୀ ନୀତି ମାମଲାରେ ଇଡି ଏପର୍ଯ୍ୟନ୍ତ କୌଣସି ପ୍ରମାଣ ଯୋଗାଡ କରିପାରି ନାହିଁ । ଏସବୁ କାର୍ଯ୍ୟକଳାପ ଦେଖିବା ପରେ ବିଜେପି ଏକ ଅପରାଧୀକ ପାର୍ଟି ବୋଲି ଆପ୍ ପକ୍ଷରୁ କୁହାଯାଇଛି ।

ସୂଚନା ଥାଉ କି, କେଜ୍ରିୱାଲ ସରକାରରେ ମନ୍ତ୍ରୀ ଥିବା ରାଜେନ୍ଦ୍ର ପାଲ ଗୌତମଙ୍କ ଇସ୍ତଫା ପରେ ୨୦୨୨ ମସିହାରେ ରାଜକୁମାର ଆନନ୍ଦଙ୍କୁ ମନ୍ତ୍ରୀପଦ ମିଳିଥିଲା । ସେତେବେଳେ ସମାଜ କଲ୍ୟାଣ ବିଭାଗ ମନ୍ତ୍ରୀ ଥିବା ରାଜେନ୍ଦ୍ର ପାଲଙ୍କ ଉପରେ ଧାର୍ମିକ ଭାବନା ଉପରେ ଆଘାତ ଲାଗିବା ଭଳି ଅଭିଯୋଗ ଆସିବା ପରେ ସେ ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ ।

## ଚର୍ଚ୍ଚାରେ ସମାଜବାଦୀ ପାର୍ଟିର ଇସ୍ତାହାର
## କ୍ଷମତାକୁ ଆସିଲେ ଦଳ ଦେବ ମାଗଣା ଅଟା ସହ ମୋବାଇଲ ଡାଟା



ନୂଆଦିଲ୍ଲୀ: ଲୋକସଭା ନିର୍ବାଚନ ପାଇଁ ସମାଜବାଦୀ ପାର୍ଟି ଇସ୍ତାହାର ପତ୍ର ଜାରି କରିଛି । ଦଳ ଘୋଷଣାପତ୍ରର ନାଁ ଦେଇଛି ଭିଜନ ଡକ୍ୟୁମେଣ୍ଟ । ଦଳ ଶାସନ କ୍ଷମତାକୁ ଆସିଲେ ମାଗଣା ଗହମ ବଦଳରେ ଏଣିକି ଅଟା ଦେବ ଦଳ । ଏଥିସହ ରାସନକାର୍ଡଧାରୀଙ୍କୁ ମାସକୁ ୫ଶହ ଟଙ୍କା ମାଗଣା ମୋବାଇଲ ଡାଟା ମିଳିବ । କେଜିରୁ ପିଜି ଝିଅଙ୍କୁ ମାଗଣା ଶିକ୍ଷା, ଶ୍ରମିକଙ୍କ ଦୈନିକ ପାରିଶ୍ରମିକ ୪୫୦ ଟଙ୍କା ଦିଆଯିବ, ଖାଲି ପଡିଥବା ସରକାରୀ ପଦବୀ ପୂରା କରାଯିବ । ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ, ସରକାରୀ ଚାକିରରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ,ବିପିଏଲ ଶ୍ରେଣୀ ମହିଳାଙ୍କୁ ମାସିକ ୩ହଜାର ଭତା , ୨୦୨୫ ସୁଦ୍ଧା ଜାତିଭିତିକ ଜନଗଣନା କରିବ ବୋଲି ଦଳ ପ୍ରତିଶ୍ରୁତି ଦେଇଛି।

# ଏନଡିଏକୁ ସମର୍ଥନ ଦେଲେ ରାଜ୍ ଠାକରେ
## ପ୍ରଧାନମନ୍ତ୍ରୀ ମୋଦିଙ୍କର କଲେ ପ୍ରଂଶସା



ମୁମ୍ବାଇ: ପ୍ରଧାନମନ୍ତ୍ରୀଙ୍କ ସମର୍ଥନରେ ବାହାରିଲେ ରାଜ୍ ଠାକରେ । ମଙ୍ଗଳବାର ମହାରାଷ୍ଟ୍ର ନବ ନିର୍ମାଣ ସେନାର ମୁଖ୍ୟ ରାଜ୍ ଠାକରେ ମୁମ୍ବାଇର ଶିବାଜୀ ପାର୍କରେ ଏକ ରାଲିକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ସେ କହିଛନ୍ତି ଯେ, ମହାରାଷ୍ଟ୍ର ନବ ନିର୍ମାଣ ସେନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିନା କୌଣସି ସର୍ତ୍ତରେ ସମର୍ଥନ ଦେବ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏକି ନରେନ୍ଦ୍ର ମୋଦୀ ପିଏମ୍ ହେବା ଉଚିତ ବୋଲି କହିଥିଲେ । ତା ସହିତ ଧାରା ୩୭୦ ଉଚ୍ଛେଦକୁ ମଧ୍ୟ ସେ ସମର୍ଥନ କରିଥିଲେ ବୋଲି ନିଜର ସମ୍ବୋଧନରେ ଉଲ୍ଲେଖ କରିଛନ୍ତି ।

ରାଜ ଠାକରେ କହିଛନ୍ତି ଯେ, ବର୍ଷେରୁ ଅଧିକ ସମୟ ଧରି ମୋ ସହ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଧେ ସମ୍ପର୍କରେ ରହିଥିଲେ । ଦେବେନ୍ଦ୍ର ଫଡନାବିସ୍ ମଧ୍ୟ ତାଙ୍କ ସହ ସମ୍ପର୍କରେ ରହିଥିଲେ । ତେଣୁ ମୁଁ ଅମିତ ଶାହାଙ୍କୁ ଫୋନ୍ କରିଥିଲି, ଏବଂ ତାଙ୍କୁ ଦେଖି କରିଥିଲି । ତେବେ ସିଟ୍ ଭାଗବଣ୍ଟା ବିବାଦରେ ମୁଁ ପଡିବାକୁ ଚାହୁଁନି । ତେଣୁ କାହା ସହ ମେଣ୍ଟ କରିବିନି । ହେଲେ ମୁଁ ନରେନ୍ଦ୍ର ମୋଦୀଙ୍କୁ ବିନା ସର୍ତ୍ତରେ ସମର୍ଥନ ଦେଉଛି ।

ରାଜ୍ ଠାକରେ ଆହୁରି ମଧ୍ୟ କହିଛନ୍ତି, ସଞ୍ଜୟ ରାଉତ ଏବଂ ଉଦ୍ଧବ ଠାକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ କଥା କହୁଛନ୍ତି । ସେମାନେ କେବଳ ମୁଖ୍ୟମନ୍ତ୍ରୀ ପଦ ଚାହୁଁଛନ୍ତି । ସେଥିପାଇଁ ସେ ଏପରି କରୁଛନ୍ତି ବୋଲି ରାଜ୍ ଠାକରେ କହିଛନ୍ତି । ମନସେ ପ୍ରମୁଖଙ୍କ କହିବା କଥା, ମହାରାଷ୍ଟ୍ରରେ ୫ ବର୍ଷ ପରେ ନିର୍ବାଚନ ହେବାକୁ ଯାଉଛି । ଏବେ ନଗର ନିଗମ ର୍ନିବାଚନ ମଧ୍ୟ ବାକି ଅଛି ।

## ୧୨ଟି ଭାଷାରେ ରିଲିଜ ହେଲା
## ବିଜେପିର ନିର୍ବାଚନୀ ଗୀତ

ନୁଆଦିଲ୍ଲୀ: ଲୋକସଭା ନିର୍ବାଚନ ପାଇଁ ମତଦାତାଙ୍କ ପାଖରେ ନିଜର ବାର୍ତ୍ତା ପହଞ୍ଚାଇବା ପାଇଁ ରାଜନୈତୀକ ଦଳ ମାନେ ଭିନ୍ନ ଭିନ୍ନ ପନ୍ଥା ଆପଣେଇଛନ୍ତି । ଏହାରି ଭିତରେ ଦେଶର ସର୍ବବୃହତ ରାଜନୈତିକ ଦଳ ବିଜେପି 'ତଭି ତୋ ସବ ମୋଦୀ କୋ ଚୁନତେ ହୈ' ଥିମରେ ୧୨ ଟି ଭାଷାରେ ଏକ ନୂଆ ଗୀତ ରିଲିଜ କରିଛି । ଏହି ଗୀତ ମାଧ୍ୟମରେ ବିଜେପି ମୋଦୀ ସରକାରଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ଏବଂ ପ୍ରତିଶ୍ରୁତିକୁ ପୂରଣ କରିଥିବା ଦାବି କରିଛି । 'ସପନେ ନେହିଁ ହକିକତ ବୁନତେ ହୈ, ତଭି ତୋ ସବ୍ ମୋଦୀ କୋ ଚୁନତେ ହୈ' ଗୀତ ଆଧାରରେ ଦଳ ଜୋରଦାର ପ୍ରଚାର ଅଭିଯାନ ଚଳାଉଛି ।

ନିର୍ବାଚନ ପ୍ରଚାର ଅଭିଯାନ ସମୟରେ ବିଜେପି ଏକ ନୂତନ ଗୀତ ରିଲିଜ କରିଛି । ଏହି ଗୀତକୁ ନେଇ ବିଜେପି ଏହା ମଧ୍ୟ ଦାବି କରିଛି ଯେ, ଏହି ନୂତନ ଗୀତ ସମଗ୍ର ଦେଶର ଜନତାଙ୍କ ଭାବନାକୁ ପ୍ରତିଫଳିତ କରୁଛି । ରିଲିଜ ହୋଇଥିବା ଏହି ନୂତନ ଗୀତରେ ୨୦୧୪ ପୂର୍ବରୁ ପରିସ୍ଥିତି ଏବଂ ୨୦୧୪ରେ ନରେନ୍ଦ୍ର ମୋଦୀ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ଭାରତର ପରିବର୍ତ୍ତିତ ଚିତ୍ର ଦର୍ଶାଯାଇଛି । ବିଜେପି ଦ୍ୱାରା ମୁକ୍ତିଲାଭ କରିଥିବା ୩ ମିନିଟ୍ ୧୯ ସେକେଣ୍ଡର ଏହି ନୂତନ ଗୀତ ଦେଶର ବିଭିନ୍ନ କୋଣ ଅନୁକୋଣରେ ପୁରା ୧୨ଟି ଭାଷାରେ ରିଲିଜ କରାଯାଇଛି । ଯାହା ଦ୍ୱାରା ଏହି ଗୀତକୁ ଲୋକେ ନିଜ ଭାଷାରେ ଶୁଣିବେ ଏବଂ ବୁଝି ପାରିବେ ।

## ଡାଲିର ସାପ୍ତାହିକ ଷ୍ଟକ ଘୋଷଣା କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ : ଡାଲିର ସାପ୍ତାହିକ ଷ୍ଟକ୍ ପରିପ୍ରକାଶକୁ ସମସ୍ତ ଷ୍ଟକ ହୋଲ୍ଡିଂ ସଂସ୍ଥା କାର୍ଯ୍ୟକାରୀ କରିବା ଏବଂ ସେମାନଙ୍କ ଦ୍ୱାରା ଘୋଷିତ ଷ୍ଟକ ଯାଞ୍ଚ କରିବାକୁ କେନ୍ଦ୍ର ସରକାର ବୁଧବାର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରମୁଖ ବନ୍ଦର ଓ ଡାଲି ଶିଳ୍ପ କେନ୍ଦ୍ରରେ ଥିବା ଗୋଦାମଗୁଡ଼ିକରେ ଷ୍ଟକ୍ ସମୟ ସମୟରେ ଯାଞ୍ଚ କରାଯିବ ଏବଂ ଷ୍ଟକ ସୂଚନା ପୋଷ୍ଟାଲରେ ମିଥ୍ୟା ସୂଚନା ପ୍ରଦାନ କରୁଥିବା ଷ୍ଟକ ହୋଲ୍ଡିଂ ସଂସ୍ଥାଗୁଡ଼ିକରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଷ୍ଟକ ହୋଲ୍ଡିଂ ସଂସ୍ଥାଗୁଡ଼ିକ ଦ୍ୱାରା ଡାଲି ଷ୍ଟକ ପ୍ରକାଶନକୁ ଲାଗୁ କରିବା ପାଇଁ ଏପ୍ରିଲ ୫ ତାରିଖରେ ଦିଆଯାଇଥିବା ନିର୍ଦ୍ଦେଶରେ ଖାଉଟି ବ୍ୟାପାର ବିଭାଗ ସଚିବ ନିଧି ଖାରେ ସମସ୍ତ ରାଜ୍ୟ ଖାଉଟି ବ୍ୟାବାର, ଖାଦ୍ୟ ଓ ଯୋଗାଣ ବିଭାଗର ପ୍ରମୁଖ ସଚିବ ତଥା ଅନ୍ୟ ସଚିବମାନଙ୍କ ସହ ବୈଠକ କରିଛନ୍ତି । ବେଆଇନ ଭାବେ ଡାଲି ମହଜୁଦ୍ ରଖିବା ଏବଂ କଳାବଜାରକୁ ରୋକିବା ପାଇଁ ଡାଲି ସମ୍ପର୍କରେ ଷ୍ଟକ ସ୍ଥିତି ଏବଂ ମୂଲ୍ୟଧାରା ଉପରେ ଅଧିକ ଶତର୍କତା ଅବଲମ୍ବନ କରିବାର ଆବଶ୍ୟକତା ବିଷୟରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ଅବଗତ କରାଯାଇଥିଲା ।

## ରାମ ମନ୍ଦିରରେ ପୂଜା ପାଇବ ସୁନାର ରାମାୟଣ



ଅଯୋଧ୍ୟା: ମଧ୍ୟପ୍ରଦେଶ କ୍ୟାଡରର ପୂର୍ବତନ ଆଇଏଏସ୍ ସୁବ୍ରମଣ୍ୟମ୍ ଲକ୍ଷ୍ମୀନାରାୟଣନ୍ ଏବଂ ତାଙ୍କ ପତ୍ନୀ ସରସ୍ୱତୀ ପ୍ରଭୁ ରାମଲାଲାଙ୍କ ପାଇଁ ୪କିଲୋ ସୁନାରେ ନିର୍ମିତ ଏକ ରାମାୟଣ ପୁସ୍ତକ ରାମ ମନ୍ଦିର ଟ୍ରଷ୍ଟକୁ ପ୍ରଦାନ କରିଛନ୍ତି । ଏହି ସୁବର୍ଣ୍ଣ ରାମାୟଣକୁ ଅଯୋଧ୍ୟାରେ ରାମ ମନ୍ଦିରର ଗର୍ଭଗୃହରେ ସ୍ଥାପନ କରାଯାଇଛି । ଏହି ସୁନାର ରାମାୟଣର ପ୍ରତ୍ୟେକ ପୃଷ୍ଠା ତମ୍ବାରେ ନିର୍ମିତ, ଯେଉଁଥିରେ ରାମଚରିତ ମାନସର ସମସ୍ତ ଶ୍ଳୋକ ବର୍ଣ୍ଣନା କରାଯାଇଛି । ୧୦,୯୦୨ ଛନ୍ଦର ଏହି ମହାକାବ୍ୟର ପ୍ରତ୍ୟକ ପୃଷ୍ଠା ଉପରେ ୨୪ କ୍ୟାରେଟ୍ ସୁନା ଆବୃତ ହୋଇଛି । ଏହି ଅନନ୍ୟ ରାମାୟଣ ପ୍ରାୟ ୪୮୦ ରୁ ୫୦୦ ପୃଷ୍ଠାର ଅଟେ । ଏହାକୁ ତିଆରି କରିବାରେ ପ୍ରାୟ ୪ କିଲୋଗ୍ରାମ ସୁନା ସହିତ ତମ୍ବା ମଧ୍ୟ ବ୍ୟବହାର କରାଯାଇଛି । ଏହାର ଓଜନ ପ୍ରାୟ ଦେଢ କ୍ୱିଣ୍ଟାଲ ହେବ ।

ବାସ୍ତବରେ ପୂର୍ବତନ ଆଇପିଏସ୍ ସୁବ୍ରମଣ୍ୟମ୍ ଲକ୍ଷ୍ମୀ ନାରାୟଣ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପରେ ହିଁ ତାଙ୍କ ଜୀବନର ସମସ୍ତ ରୋଜଗାର ରାମଲାଲାଙ୍କୁ ଅର୍ପଣ କରିବାର ଘୋଷଣା କରିଥିଲେ । ଏହା ପରେ ସେ ୫କୋଟି ମୂଲ୍ୟର ଏହି ଏହି ଅନନ୍ୟ ରାମାୟଣକୁ ପ୍ରସ୍ତୁତ କରିଥିଲେ ଯାହାର ଓଜନ ୧୫୧ କିଲୋଗ୍ରାମ ହେବ । ଏହି ରାମାୟଣ ପ୍ରସ୍ତୁତିରେ ୪ କିଲୋଗ୍ରାମରୁ ଅଧିକ ସୁନା ଏବଂ ୧୪୦ କିଲୋଗ୍ରାମର ତମ୍ବା ବ୍ୟବହାର କରାଯାଇଛି । ଏବେ ରାମଲାଲାଙ୍କ ଗର୍ଭଗୃହରେ ଭକ୍ତମାନେ ଏହି ଅନନ୍ୟ ରାମାୟଣର ଦର୍ଶନ କରିପାରିବେ ।

ଏହି ପ୍ରସିଦ୍ଧ ରାମାୟଣ ଚେନ୍ନାଇର ପ୍ରସିଦ୍ଧ ବୁମମିଡି ବଙ୍ଗାରୁ ଜୁଏଲର୍ସ ଦ୍ୱାରା ପ୍ରସ୍ତୁତ । ରାମଲାଲା ଆସନଠାରୁ ପ୍ରାୟ ୧୫ ଫୁଟ ଦୂରରେ ମନ୍ଦିରର ଗର୍ଭଗୃହରେ ଏହି ଗ୍ରନ୍ଥ ସ୍ଥାପିତ ହୋଇଛି । ଏହି ରାମାୟଣରେ ଲିଖିତ ଶ୍ଳୋକଗୁଡ଼ିକ ୧୪/୧୨ ଇଞ୍ଚ ଆକାରରେ । ସୂଚନାଯୋଗ୍ୟ ଯେ, ରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା ପରଠାରୁ ମନ୍ଦିରକୁ ଲଗାତାର ଭାବରେ କିଛି ନା କିଛି ଜିନିଷ ଦାନ କରାଯାଉଛି ।

ଗତକାଲି ନବରାତ୍ରୀର ପ୍ରଥମ ଦିନରେ ଏହି ରାମାୟଣ ଗ୍ରନ୍ଥକୁ ସ୍ଥାପନ କରାଯାଇଥିଲା । ସ୍ଥାପନ ସମୟରେ ଲକ୍ଷ୍ମୀ ନାରାୟଣନଙ୍କ ସହ ତାଙ୍କ ପତ୍ନୀ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ରାମ ମନ୍ଦିର ନିର୍ମାଣ ଦାୟିତ୍ୱରେ ଥିବା ଗୋପାଳ ରାଓ, ପୂଜକ ପ୍ରେମଚନ୍ଦ ତ୍ରିପାଠୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସନ୍ଦେଶଖାଲି ଯୌନ ନିର୍ଯାତନା ମାମଲାର ତଦନ୍ତ କରିବ ସିବିଆଇ




କୋଲକାତା: ପଶ୍ଚିମବଙ୍ଗର ବହୁ ଚର୍ଚ୍ଚିତ ସନ୍ଦେଶଖାଲି ମାମଲାର ଏବେ ତଦନ୍ତ କରିବ ସିବିଆଇ । ସନ୍ଦେଶଖାଲିର ଦୁଷ୍କର୍ମ, ଯୌନ ନିର୍ଯାତନା ଓ ଜମି ହଡପ ମାମଲାର ସିବିଆଇକୁ ତଦନ୍ତ କରିବାକୁ କଲିକତା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟଙ୍କ ଏହି ନିର୍ଦ୍ଦେଶ ଆସିବା ପରେ ପଶ୍ଚିମବଙ୍ଗର ଟିଏମ୍ସି ସରକାରକୁ ଏକ ଝଟ୍କା ଲାଗିଛି ।

ବୁଧବାର ମାମଲାର ଶୁଣାଣି କରି କୋର୍ଟ କହିଛନ୍ତି, ଲୋକସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ଜୋର ଜବରଦସ୍ତି ବଟି ଆଦାୟ, ଜମି ହଡପ ଓ ଯୌନ ଉତ୍ପୀଡନ ମାମଲାର ତଦନ୍ତ ସିବିଆଇ କରିବେ । ସନ୍ଦେଶଖାଲି ମାମଲାର ଜଟିଳତାକୁ ବିଚାରକୁ ନେଇ ନିରପେକ୍ଷ ତଦନ୍ତ କରାଯିବାରେ କେଣସି ସନ୍ଦେହ ନାହିଁ । ଯେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଉଛି ତାଙ୍କୁ ରାଜ୍ୟ ତଦନ୍ତ ପାଇଁ ଉଚିତ ସମର୍ଥନ ଦେବ । ଅଭିଯୋଗ ଗ୍ରହଣ ପାଇଁ ଏକ ପୋର୍ଟାଲ୍/ ଇମେଲ୍ ଆଇଡି ଉନ୍ମୋଚନ କରାଯିବ ।

ମାମଲାର ତଦନ୍ତ କରି ସିବିଆଇ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବ । ଏହି ରିପୋର୍ଟରେ ଉଭୟ ଜମିର ଜବରଦଖଲ ଉଚ୍ଛେଦ ଏବଂ ଯେନ ମାମଲା ସଂପର୍କରେ ଉଲ୍ଲେଖ ରହିବ । ସାଧାରଣ ଲୋକ, ସରକାରୀ ବିଭାଗ, ଅଣ-ସରକାରୀ ସଂଗଠନ (ଏନଜିଓ)ଙ୍କ ସମେତ ଯେକେଣସି ବ୍ୟକ୍ତିଙ୍କୁ ପଚାରିବାର ଏଜେନ୍ସି ପାଖରେ କ୍ଷମତା ରହିବ ବୋଲି କୋର୍ଟ କହିଛନ୍ତି ।

କୋର୍ଟ କହିଛନ୍ତି ଯେ, 'କୋର୍ଟ ଏହି ଘଟଣା ଉପରେ ତୀକ୍ଷ୍ଣ ନଜର ରଖିବେ । ୧୫ ଦିନ ମଧ୍ୟରେ ସିସିଟିଭି କ୍ୟାମେରା ସ୍ଥାପନ କରାଯିବ । ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ମଧ୍ୟ ଲାଗଯିବ । ଆବଶ୍ୟକ ଅନୁଯାୟୀ ରାଜ୍ୟ ପାଣ୍ଠି ପ୍ରଦାନ କରିବେ । ଏହାପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଟିମ୍ ଉପରେ ହୋଇଥିବା ଆକ୍ରମଣର ତଦନ୍ତ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା । ଏହାକୁ ନେଇ କୋର୍ଟ କହିଛନ୍ତି, ଜାନୁଆରୀ ୫ ତାରିଖରେ ସନ୍ଦେଶଖାଲିରେ ଇଡି ଅଧିକାରୀଙ୍କ ଉପରେ ହୋଇଥିବା ଆକ୍ରମଣର ଯାଞ୍ଚ ଉପରେ କୋର୍ଟ ତଦାରଖ କରିବେ ।

## ସୁପ୍ରିମକୋର୍ଟରେ କେଜ୍ରିୱାଲ ନିରାଶ, ଜେଲ୍‌ରେ ରହିବେ



ନୂଆଦିଲ୍ଲୀ: ପୁଣି ନିରାଶ ହେଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ଦିଲ୍ଲୀ ମଦ ଦୁର୍ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ଫସି ରହିଥିବା ଅରବିନ୍ଦ କେଜ୍ରିୱାଲ ଗତ ୨୪ ଘଣ୍ଟା ମଧ୍ୟରେ ତିନୋଟି ବଡ଼ ଝଟ୍କା ଲାଗିଛି ।

ମଙ୍ଗଳବାର ଦିନ ନିଜର ଗିରଫଦାରୀକୁ ବିରୋଧ କରି ଓ ନ୍ୟାୟିକ ହେପାଜତକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନରୁ ଦିଲ୍ଲୀ ହାଇକୋର୍ଟ ଓ ବୁଧବାର ଦିନ ଓକିଲଙ୍କୁ ଭେଟିବା ଦାବିରେ ରାଉସ୍ ଆଭେନ୍ୟୁ କୋର୍ଟରୁ ସେ ନିରାଶ ହୋଇଥିଲେ । ଏବେ ସୁପ୍ରିମକୋର୍ଟରୁ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡିଛି । ଫଳରେ ସେ ଜେଲରୁ ବାହାରିବା ମୁସକିଲ ହୋଇପଡିଛି ।

ଗତକାଲି କେଜ୍ରିୱାଲ ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ତେବେ କେଜ୍ରିୱାଲଙ୍କ ଏହି ଆବେଦନର ତୁରନ୍ତ ଶୁଣାଣି ସୁପ୍ରିମକୋର୍ଟରେ ହୋଇପାରିବ ନାହିଁ । ଏବେ କେଜ୍ରିୱାଲଙ୍କୁ ଶୁଣାଣି ପାଇଁ ଏକ ସପ୍ତାହେ ଅପେକ୍ଷା କରିବାକୁ ପଡିବ ।

ପ୍ରକୃତରେ, ଗୁରୁବାର ଦିନ ଇଦ୍, ଶୁକ୍ରବାର ଦିନ ସ୍ଥାନୀୟ ଛୁଟି ଏବଂ ତା'ପରେ ଶନିବାର-ରବିବାର ଛୁଟି । ଏଭଳି ପରିସ୍ଥିତିରେ ବର୍ତ୍ତମାନ ସୁପ୍ରିମକୋର୍ଟରେ କୌଣସି ସ୍ୱତନ୍ତ୍ର ବେଞ୍ଚ ଗଠନ ହେବ ନାହିଁ କିମ୍ବା ସୋମବାର ପୂର୍ବରୁ ଶୁଣାଣି ହେବାର କୌଣସି ସମ୍ଭାବନା ନାହିଁ । ବର୍ତ୍ତମାନ ସୋମବାର ଦିନ ଶୁଣାଣି ହେବ ବୋଲି ଆଶା କରାଯାଉଛି ।

ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ କେଜ୍ରିୱାଲଙ୍କ ଗିରଫଦାରୀକୁ ଓ ନ୍ୟାୟିକ ହେପାଜତକୁ ବୈଧ ବୋଲି ରୁଲିଂ ଦେଇଥିଲେ । ଏଥିସହ ତାଙ୍କ ଦଲିଲଗୁଡିକୁ ପ୍ରତ୍ୟାଖ୍ୟାନ କରି ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ । ଏହା ପରେ ବୁଧବାର ସକାଳେ ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ମଧ୍ୟ କେଜ୍ରିୱାଲଙ୍କ ଓକିଲଙ୍କ ସମ୍ବନ୍ଧୀୟ ଦ୍ୱିତୀୟ ଆବେଦନକୁ ଖାରଜ କରିଛନ୍ତି । ଏହି ଆବେଦନରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ସପ୍ତାହରେ ୫ଥର ନିଜ ଓକିଲଙ୍କୁ ଭେଟିବାକୁ ଦାବି କରିଥିଲେ । ଏହା ଖାରଜ ହେବା ପରେ ବର୍ତ୍ତମାନ କେଜ୍ରିୱାଲ ସପ୍ତାହରେ ଦୁଇଥର ତାଙ୍କ ଓକିଲଙ୍କୁ ଭେଟି ପାରିବେ ।

## ୨୦୨୪ ନିର୍ବାଚନରେ ଷ୍ଟାର ପାୱାର
# ମଇଦାନରେ କଳାକାର ଆଉ କ୍ରିକେଟର



ନୂଆଦିଲ୍ଲୀ : ପାଖେଇ ଆସିଲାଣି ୨୦୨୪ ନିର୍ବାଚନ । କିଛି ଦିନ ପରେ ପଡିବ ଭୋଟ । ଦଳଗୁଡିକ ବାଛି ସାରିଛନ୍ତି ଉପଯୁକ୍ତ ପ୍ରାର୍ଥୀ । ଏଥରକ ନିର୍ବାଚନରେ ଏମିତି କିଛି ଚର୍ଚ୍ଚିତ ବ୍ୟକ୍ତି ଦେଖିବାକୁ ମିଳିବେ ଯେଉଁମାନେ ସିଲଭର ସ୍କ୍ରିନରେ କମାଲ କରି ଦର୍ଶକଙ୍କ ନିକଟରେ ଚିହ୍ନା ଚେହେରା ପାଲଟିଛନ୍ତି ଆଉ ଏବେ ଭୋଟ ମାଗୁଛନ୍ତି ।

ଯଦି ତାଲିକା ଉପରେ ନଜର ପକାଇବା ତେବେ ସବୁଠୁ ଅଧିକ ଧ୍ୟାନ ଆକର୍ଷଣ କରିଛନ୍ତି ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ । ହିମାଚଳ ପ୍ରଦେଶ ମଣ୍ଡି ଆସନ ପାଇଁ ପାଇଛନ୍ତି ବିଜେପି ଟିକେଟ । ପ୍ରାର୍ଥୀ ହେବା ପରେ ଜୋରଦାର ପ୍ରଚାର ଆରମ୍ଭ କରିସାରିଲେଣି । ଏଥିସହ ପୌରାଣିକ ଧାରାବାହିକ ରାମାୟଣରେ ପ୍ରଭୁ ରାମଙ୍କ ଚରିତ୍ରରେ ଅଭିନୟ କରି ସବୁ ବର୍ଗର ଦର୍ଶକଙ୍କ ହୃଦୟରେ ରାଜୁତି କରନ୍ତି ବରିଷ୍ଠ କଳାକାର ଅରୁଣ ଗୋଭିଲ । ବର୍ଷ ଆରମ୍ଭରୁ ଅରୁଣଙ୍କ ନାଁ ଚର୍ଚ୍ଚା ହେଉଥିବାବେଳେ ବିଜେପି ତାଙ୍କୁ ଉତ୍ତରପ୍ରଦେଶ ମେରଠରୁ ପ୍ରାର୍ଥୀ କରିଛି ।

ଚଳିତ ନିର୍ବାଚନରେ ଉଭୟ କଙ୍ଗନା ଓ ଅରୁଣ ଚର୍ଚ୍ଚିତ ଚେହେରା ରହିଛନ୍ତି । ତେବେ ବିଜେପି କିଛି ପୁରୁଣା ସେଲିବ୍ରେଟିଙ୍କ ଟିକେଟ ପୁଣି ଥରେ ଦେଇଛି ଯେଉଁମାନେ ପ୍ରଥମ ଇନିଂସରେ ସଫଳତା ପାଇଛନ୍ତି । ତାଲିକାରେ ସବୁଠୁ ଆଗରେ ରହିଛନ୍ତି କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ । ଆମେଠିରୁ ପୁଣି ଲିଢେ ସ୍ମୃତି ।

ଗତଥର ରାହୁଲ ଗାନ୍ଧୀଙ୍କୁ ହରାଇଥିଲେ ବିଜେପିର ଏହି ହେଭିୱେଟ ନେତ୍ରୀ । ଟିଭି ଦୁନିଆର ଜଣେ ଲୋକପ୍ରିୟ କଳାକାର ଥିଲେ ସ୍ମୃତି ଇରାନୀ ଛ ସେହିପରି ନିଜ କଥା କୁହା ଶୈଳୀ ପାଇଁ ଜଣାଶୁଣା ମନୋଜ ତିୱାରୀଙ୍କୁ ମିଳିଛି ଉତ୍ତର-ପୂର୍ବ ଦିଲ୍ଲୀ ଟିକେଟ । ବଲିଉଡ ଓ ଭୋଜପୁରୀ ଅଭିନେତା ରବି କିଶନ ମଧ୍ୟ ଆସ୍ଥା ଜିତି ପୁଣି ଥରେ ଟିକେଟ ହାତେଇଛନ୍ତି । ଗୋରଖପୁରରୁ ଲଢିବେ ରବି କିଶନ । ମଥୁରା ଆସନରେ ପୁଣି ଥରେ ଲଢିବେ ଡ୍ରିମଗର୍ଲ ହେମାମାଳୀନୀ ଛଜୋରଦାର ପ୍ରଚାର ସହ ହେମା ନିର୍ବାଚନ ମଇଦାନକୁ ଓହ୍ଲାଇସାରିଲେଣି ।

### ସେଲିବ୍ରେଟିଙ୍କୁ ବିଜେପି ଟିକେଟ

- ଆଜମଗଡ଼ରୁ ଦିନେଶଲାଲ ଯାଦବ ଉର୍ଫ ନିରୁହା
- ତ୍ରିଶରରୁ ସୁରେଶ ଗୋପୀ
- ବିରୁଧନଗରରୁ ରାଧିକ ଶରତକୁମାର
- ହୁଗୁଳିରୁ ଲକେଟ ଚାର୍ଟାଜୀ
- ମେଦିନିପୁରରୁ ଅଗ୍ନୀମିତ୍ର ପଲ
- ଆସନସୋଲରୁ ପବନ ସିଂ

ବିଜେପି ସହ ପ୍ରତିଦ୍ୱନ୍ଦ୍ୱିତା କରୁଛି ତୃଣମୂଳ କଂଗ୍ରେସ । ତାରକା ଓ ପୂର୍ବତନ କ୍ରିକେଟରୁ ବିଭିନ୍ନ ଆସନ ପାଇଁ ପ୍ରାର୍ଥୀ କରିଛି ଟିଏମସି । ତାଲିକାରେ ଅଛନ୍ତି ଅନେକ ଲୋକପ୍ରିୟ ଚେହେରା ।

### ସେଲିବ୍ରେଟିଙ୍କୁ ଟିଏମସି ଟିକେଟ

- ହୁଗୁଳିରୁ ରଚନା ବାର୍ନାଜୀ
- ଆସନସୋଲରୁ ଶତ୍ରୁଘ୍ନ ସିହ୍ନା
- ବହରମପୁର ପୂର୍ବତନ କ୍ରିକେଟର ୟୁସୁଫ ପଠାନ
- ଦୁର୍ଗାପୁରରୁ କ୍ରୀତି ଆଜାଦ
- ଯାଧବପୁରରୁ ସାୟୋନୀ ଘୋଷ
- ବୀରଭୂମରୁ ଶତାବ୍ଦୀ ରୟ

କଳେ ବଳେ କୌଶଳେ ନିର୍ବାଚନରେ ଜିତ୍ ପାଇଁ ଦଳଗୁଡିକ ବଳ ଲଗାଇଛନ୍ତି । ନିଜ ନିଜର ରଣନୀତି ସହ ୨୦୨୪ ମହାଲଢେଇକୁ ଓହ୍ଲାଇବେ ରାଜନୈତିକ ଦଳ । ତେବେ କଳାକାର, କ୍ରିକେଟ କିମ୍ବା ଅନ୍ୟ ଲୋକପ୍ରିୟ ଚେହେରାଙ୍କ ପ୍ରାର୍ଥୀ କରିବା ଏକାଧିକ ଫାଇଦା ରହିଛି । ପ୍ରଚାର ଦମଦାର ହେବ, ଜନତାଙ୍କ ନିକଟରେ ପହଁଚି ସହଜ ମଧ୍ୟ ହେବ । ତେବେ ଦେଖିବାକୁ ଅପେକ୍ଷା ରହିଲା ଦଳଗୁଡିକ ତାରକାଙ୍କ ଉପରେ ବିଶ୍ୱାସ ରଖି ଟିକେଟ ଦେବା ନିଷ୍ପତି ଆଗାମୀ ଦିନରେ କେତେ ସଫଳ ହେଉଛି ।

## କ୍ୟାପଟେନ ଭାବେ ହାରିଛନ୍ତି ଅଧିକ ମ୍ୟାଚ୍



ନୂଆଦିଲ୍ଲୀ, ୧୦।୪ (ଏଜେନ୍ସି) : ବିଶ୍ୱ କ୍ରିକେଟରେ ଏଭଳି କିଛି ଖେଳାଳି ଅଛନ୍ତି, ଯେଉଁମାନେ ନିଜ ପ୍ରତିଭା ବଳରେ ଚର୍ଚ୍ଚିତ ତଥା ପ୍ରତିଷ୍ଠିତ ହୋଇପାରିଛନ୍ତି । କିନ୍ତୁ ନେତୃତ୍ୱ କଥା ଆଲୋଚନା ବେଳେ ଏମାନେ ସର୍ବାଧିକ ମ୍ୟାଚ୍‌ରେ ପରାଜିତ ହୋଇ ଅଲୋଡ଼ା ରେକର୍ଡ଼ ମଧ୍ୟ ପରିଛନ୍ତି । ଆଇପିଏଲ୍ ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଅତିପ୍ରିୟ ପ୍ରତିଯୋଗିତା ଆଇପିଏଲ୍ ଟାଇଟଲ ହାତେଇବାକୁ ସବୁ ଦଳ ନିଜନିଜର ଦମ ବି ଦେଖାଉଛନ୍ତି । ପ୍ରତି ମ୍ୟାଚ୍‌ରେ କିଛି ନା କିଛି ରେକର୍ଡ଼ ଭାଙ୍ଗୁଛି, ଆଉ କିଛି ନୂଆ ରେକର୍ଡ଼ ହେଉଛି । କିନ୍ତୁ ଆଇିଏଲ୍ ଇତିହାସରେ ସବୁଠାରୁ ଅଧିକ ମ୍ୟାଚ୍ ହାରିଥିବା ଅଧିନାୟକ କିଏ ? ଏହି ତାଲିକାର ପ୍ରଥମେ ଅଛନ୍ତି ମହେନ୍ଦ୍ର ସିଂ ଧୋନୀ । ଶାନ୍ତ ସ୍ୱଭାବର ଧୋନୀଙ୍କୁ ଆଇପିଏଲ୍ ଇତିହାସର ସବୁଠୁ ସଫଳ ଅଧିନାୟକଙ୍କ ମଧ୍ୟରେ ଗଣାଯାଏ । ଧୋନୀ ଆଇପିଏଲ୍‌ରେ ବର୍ତ୍ତମାନ ଯାଏ ଅଧିନାୟକ ଭାବେ ହାରିଛନ୍ତି ୯୧ଟି ମ୍ୟାଚ୍ । ତାଙ୍କ ପଛକୁ ଅଛନ୍ତି ବିରାଟ କୋହଲି । କିଙ୍ଗ୍ କୋହଲି ଆଇପିଏଲ୍ ଖେଳିବାଠାରୁ ହିଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଇଁ ଖେଳିଆସୁଛନ୍ତି । ଆର୍‌ସିବିର ପୂର୍ବ ଅଧିନାୟକ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ଅଛନ୍ତି । କୋହଲିଙ୍କ ନେତୃତ୍ୱରେ ଆର୍‌ସିବି ୭୦ଟି ମ୍ୟାଚ ହାରିଛି । ରୋହିତ ଶର୍ମାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ୫ ଥର ଆଇପିଏଲ୍ ଜିତିଛି । କିନ୍ତୁ ଅଧିନାୟକ ଭାବେ ମ୍ୟାଚ୍ ହାରିଥିବା ତାଲିକାରେ ତୃତୀୟ ସ୍ଥାନରେ ଅଛନ୍ତି । ରୋହିତ ଶର୍ମାଙ୍କ ନେତୃତ୍ୱରେ ମୁମ୍ବାଇ ୬୭ଟି ମ୍ୟାଚ୍‌ରେ ପରାଜିତ ହୋଇଥିଲା । ଚଳିତ ସଂସ୍କରଣରେ ରୋହିତଙ୍କ ପରିବର୍ତ୍ତେ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ଅଛନ୍ତି । ଆଇପିଏଲ୍ ଇତିହାସରେ ସର୍ବାଧିକ ମ୍ୟାଚ୍ ହରାଇଥିବା ଅଧିନାୟକଙ୍କ ତାଲିକାରେ ଗୌତମ ଗମ୍ଭୀରଙ୍କ ନାଁ ରହିଛି । ଗମ୍ଭୀର ୪ର୍ଥ ସ୍ଥାନରେ ଅଛନ୍ତି । ଗମ୍ଭୀରଙ୍କ ନେତୃତ୍ୱରେ ଦଳ ୪୭ଟି ମ୍ୟାଚ ହାରିଥିଲା । ଗମ୍ଭୀରଙ୍କ ପଛକୁ ଅଛନ୍ତି ଡେଭିଡ ୱାର୍ଣ୍ଣର । ତାଙ୍କ ନେତୃତ୍ୱରେ ୪୧ଟି ମ୍ୟାଚ୍‌ରେ ଦଳ ପରାଜିତ ହୋଇଥିଲା । ଚଳିତ ସଂସ୍କରଣରେ ବହୁ ନୂଆ ଅଧିନାୟକ ଦାୟିତ୍ୱ ନେଇଛନ୍ତି । ସେମାନେ ମଧ୍ୟ ଖୁବ୍‌ଶୀଘ୍ର ଏହି ରେକର୍ଡ଼ ତାଲିକାରେ ଯୋଡ଼ି ହେବେ ।

## ଆଇପିଏଲ୍ ନିଲାମ
## ବଦଳିପାରେ ଖେଳାଳି ରିଟେନ୍ ନିୟମ

ନୂଆଦିଲ୍ଲୀ, ୧୦।୪ (ଏଜେନ୍ସି) : ଆଇପିଏଲ୍ ୨୦୨୫ ପାଇଁ ଚଳିତବର୍ଷ ଶେଷଭାଗରେ ଖେଳାଳି ନିଲାମ ହେବ । ଏହି ନିଲାମ ପ୍ରକ୍ରିୟା ପୂର୍ବରୁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ରିଟେନ୍ ନିୟମରେ ପରିବର୍ତ୍ତନ ଚାହୁଁଛନ୍ତି । ୨୦୨୨ରେ ଆଇପିଏଲ୍ ମେଗା ନିଲାମ ହୋଇଥିଲା । ସେ ସମୟରେ ଗୁଜରାଟ ଟାଇଟନ୍ସ ଓ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ଦୁଇଟି ନୂଆ ଦଳ ଆଇପିଏଲ୍‌ରେ ପ୍ରବେଶ କରିଥିଲେ । ଗୋଟିଏ ଦଳ ୪ ଜଣ ଖେଳାଳି ରିଟେନ ରଖିବାର ନିୟମ ରହିଛି । ଏହି ସଂଖ୍ୟାକୁ ୮କୁ ବଢ଼ାଇବା ପାଇଁ ଫ୍ରାଞ୍ଚାଇଜମାନେ ଚାହୁଁଛନ୍ତି । ଏ ସମ୍ପର୍କରେ ଆୟୋଜନ କମିଟିକୁ ଜଣାଯାଇଛି । ରାଇଟ-ଟୁ ମ୍ୟାଚ୍ କାର୍ଡ଼ର ଉପଯୋଗ କରି ଜଣେ ଖେଳାଳିଙ୍କୁ ପୁନର୍ବାର ଟିମ୍‌କୁ ଅଣାଯାଇ ପାରିବ । ଭାରତର ୩ ଜଣ ଓ ଦୁଇଜଣ ବିଦେଶୀ ଖେଳାଳିଙ୍କୁ ଫ୍ରାଞ୍ଚାଇଜ ରିଟେନ ରଖିପାରୁ ଥିଲେ । ବିସିସିଆଇ ଓ ଆଇପିଏଲ୍ ଆୟୋଜନ କମିଟି ଖେଳାଳିଙ୍କ ମତ ସଂଗ୍ରହ କରୁଛନ୍ତି । ଏଥର ମେଗା ନିଲାମରେ ବହୁ ପୁରୁଣା ଖେଳାଳି ବିଦାୟ ନେବାର ସମ୍ଭାବନା ରହିଛି ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

**ଆଇପିଏଲ୍ ମହାସମର**

# ରାଜସ୍ଥାନ ବିଜୟରେ ବ୍ରେକ୍



ଜୟପୁର, ୯।୪ (ଏଜେନ୍ସି) : ଆଇପିଏଲ୍‌ର ୨୪ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ପରାଜିତ ହେବା ସହ ବିଜୟରେ ବ୍ରେକ୍ ଲାଗିଛି । ଗୁଜରାଟ ଟାଇଟନ୍ସ ନିକଟରୁ ୩ ୱିକେଟରେ ହାରିଯାଇଛି ରାଜସ୍ଥାନ । କ୍ରମାଗତ ୪ଟି ବିଜୟ ପରେ ଏହା ରାଜସ୍ଥାନର ପ୍ରଥମ ପରାଜୟ ତଥା ଗୁଜରାଟ ଟାଇଟନ୍ସର ତୃତୀୟ ବିଜୟ । ଅଧିନାୟକ ସଞ୍ଜୁ ସାମସନଙ୍କ ୬୮ ଓ ରିଆନ ପରାଗଙ୍କ ୭୬ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୧୯୬ ରନ କରିଥିଲା । ଏହି ବିଜୟଲକ୍ଷ୍ୟକୁ ପିଛା କରିଥିବା ଗୁଜରାଟ ଟାଇଟନ୍ସ ଶୁଭମନ ଗିଲ୍‌ଙ୍କ ୭୨ ରନ ସହାୟତାରେ ୨୦ ଓଭରରେ ୭ ୱିକେଟ ହରାଇ ୧୯୯ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା ।

ଗୁଜରାଟ ଟାଇଟନ୍ସ ଟସ ଜିତି ଘରୋଇ ରାଜସ୍ଥାନ ରୟାଲ୍ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଗୁଜରାଟର ଏହି ନିଷ୍ପତ୍ତିକୁ ବୁମେରାଂ ସାବ୍ୟସ୍ତ କରିଥିଲା ରାଜସ୍ଥାନ । ଓପନର ଯଶସ୍ୱୀ ଜୟସ୍ୱାଲ ଓ ଜୋସ ବଟଲର ଇନିଂସ ଓପନ କରିଥିଲେ । ଖରାପ ଫର୍ମ ଦେଇ ଗତି କରୁଥିବା ଜଶସ୍ୱୀ ୧୯ ବଲରୁ ୨୪ ରନ କରି ଆଉଟ ହୋଇଥିବାବେଳେ ଜୋସ ବଟଲର ୧୦ ବଲରୁ ୮ ରନ କରିଥିଲେ । ତେଣୁ ଦଳୀୟ ସ୍କୋର ୪୨ ରନ ବେଳେ ରାଜସ୍ଥାନ ୨ ପ୍ରାରମ୍ଭିକ ବ୍ୟାଟରଙ୍କୁ ହରାଇଥିଲା । କିନ୍ତୁ ମଧ୍ୟମକ୍ରମରେ ଅଧିନାୟକ ସଞ୍ଜୁ ସାମସନଙ୍କ ସହ ରିଆନ ପରାଗ ଆଉ ୱିକେଟ ଝଡ଼ିବାକୁ ଦେଇ ନଥିଲେ । ତୃତୀୟ ୱିକେଟ ପାଇଁ ଉଭୟଙ୍କ ମଧ୍ୟରେ ୧୩୦ ରନର ପାର୍ଟନରସିପ୍ ହୋଇଥିଲା । ରିଆନ ପରାଗ ୪୮ ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୫ ଛକା ସହାୟତାରେ ୭୬ ରନ କରିଥିବାବେଳେ ସଞ୍ଜୁ ସାମସନ ୭ଟି ଚୌକା ଓ ଦୁଇଟି ଛକା ସହାୟତାରେ ଅପରାଜିତ ୬୮ ରନ ସଂଗ୍ରହ କରିଥିଲେ । ୱେଷ୍ଟଇଣ୍ଡିଜର ଦ୍ରୁତ ବୋଲର ସିମରନ ହେଟମେୟାର ୫ ବଲରୁ ୧୩ ରନ କରିବାରୁ ଦଳୀୟ ସ୍କୋର ୩ ୱିକେଟ ବିନିମୟରେ ୧୯୬ ରନରେ ପହଞ୍ଚିଥିଲା । ବୋଲିଂରେ ଗୁଜରାଟର ଉମେଶ ଯାଦବ, ରସିଦ ଖାନ ଓ ମୋହିତ ଶର୍ମା ଗୋଟିଏ କରି ୱିକେସ ସଫଳତା ହାସଲ କରିଥିଲେ ।

୧୯୭ ରନର ବିଜୟଲକ୍ଷ୍ୟ ଗୁଜରାଟ ପାଇଁ କଠିନ ଥିଲା । ସାଇ ସୁଦର୍ଶନଙ୍କ ସହ ଶୁଭମନ ଗିଲ ବଡ଼ ଲକ୍ଷ୍ୟରେ ଆଗେଇ ଥିଲେ । ଦୁହେଁ ପ୍ରଥମ ୱିକେଟ ପାଇଁ ୮.୨ ଓଭରେ ୬୪ ରନ ସଂଗ୍ରହ କରିଥିଲେ । ସାଇ ସୁଦର୍ଶନ ୨୯ ବଲରୁ ୩୫ ରନ କରି ପାଭିଲିଅନ ଫେରିଥିଲେ । ଏହି ୱିକେଟ ପତନ ପରେପରେ ମାଥ୍ୟୁ ୱେଡ ୪ ଓ ଅଭିନବ ମନୋହର ୧ ରନ କରି ପାଭିଲିଅନ ଫେରିଥିଲେ । କିନ୍ତୁ ଶୁଭମନ ଗିଲ୍‌ଙ୍କ ଲଢ଼େଇ ଜାରି ରହିଥିଲା । ବିଜୟ ଶଙ୍କର ୧୬ ରନ, ରାହୁଲ ତେୱାତିଆ ୨୨ ରନ, ଶାହାରୁଖ ଖାନ୍ ୧୪ ରନ କରି ଆଉଟ ହୋଇଥିଲେ । ଶେଷ ଦୁଇ ଓଭରରେ ୩୯ ରନର ଆବଶ୍ୟକତା ଥିବାବେଳେ ରସିଦ ଖାନ୍ ୧୧ ବଲରୁ ୨୪ ରନ ସଂଗ୍ରହ କରି ବିଜୟ ମୁଣ୍ଡି ମାରିଥିଲେ ।

**ଆଜିର ମ୍ୟାଚ**
ମୁମ୍ବାଇ – ବେଙ୍ଗାଲୁରୁ
ସମୟ: ରାତି ୭.୩୦
ସ୍ଥାନ: ୱାଙ୍ଖେଡ଼େ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୫ | ୪ | ୧ | ୮ |
| କୋଲକାତା | ୪ | ୩ | ୧ | ୬ |
| ଲକ୍ଷ୍ନୌ | ୪ | ୩ | ୧ | ୬ |
| ଚେନ୍ନାଇ | ୫ | ୩ | ୨ | ୬ |
| ସନ୍‌ରାଇଜର୍ସ | ୫ | ୩ | ୨ | ୬ |
| ପଞ୍ଜାବ | ୫ | ୨ | ୩ | ୪ |
| ଗୁଜରାଟ | ୬ | ୩ | ୩ | ୬ |
| ମୁମ୍ବାଇ | ୪ | ୧ | ୩ | ୨ |
| ବେଙ୍ଗାଲୁରୁ | ୫ | ୧ | ୪ | ୨ |
| ଦିଲ୍ଲୀ | ୫ | ୧ | ୪ | ୨ |

## ରୋନାଲ୍ଡୋ ଦଣ୍ଡିତ

ଆବୁଧାବୀ, ୧୦।୪ (ଏଜେନ୍ସି) : ସାଉଦୀ ସୁପର କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରି ତାରକା ଫୁଟବଲ ଖେଳାଳି



କ୍ରିଷ୍ଟିଆନ ରୋନାଲ୍ଡୋ ଦଣ୍ଡିତ ହୋଇଛନ୍ତି । ଅଲ ନାସର ଓ ଅଲ ହିଲାଲ ମଧ୍ୟରେ ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍ ବେଳେ ରୋନାଲ୍ଡୋ ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରିଥିଲେ । ଅଲ ନାସର ପକ୍ଷରୁ ଖେଳୁଥିବା ୫ଥର ବାଲନ ଡି ଅର ପୁରସ୍କାର ବିଜେତା ରୋନାଲ୍ଡୋ ବିପକ୍ଷ ଦଳର ଡିଫେଣ୍ଡର ଅଲ୍ଲୀ ଅଲ ବୁଲାହିମଙ୍କୁ କହୁଣୀ ମାରିଥିଲେ । ରେଫରୀ ତାଙ୍କୁ ରେଡ୍ କାର୍ଡ଼ ଦେଖାଇଥିଲେ । ସେ ପଡ଼ିଆ ଛାଡ଼ି ଯିବାବେଳେ ରେଫରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିବା ରିପୋର୍ଟ ପ୍ରକାଶ ପାଇଥିଲା । ଅବଶ୍ୟ ଏସମ୍ପର୍କରେ ସଠିକ ଭାବେ କିଛି କୁହାଯାଇ ନାହିଁ । ଯଦି ଏହା ସତ୍ୟ ହୋଇଥାଏ, ତେବେ ରୋନାଲ୍ଡୋ ଦଣ୍ଡିତ ହେବେ । ଏହି ମ୍ୟାଚ୍‌ରେ ଅଲ୍ ନାସରଠାରୁ ୨-୧ ଗୋଲରେ ଅଲ ହିଲାଲ ପରାଜିତ ହୋଇଥିଲା । ଅଲ ହିଲାଲ ଗୁରୁବାର ଅଲ ଇତିହାଦ ସହ ଫାଇନାଲ ଖେଳିବା ଚୂଡ଼ାନ୍ତ ହୋଇଛି । ବିଶ୍ୱର ମହାନ ଖେଳାଳି ରୋନାଲ୍ଡୋ ଏଭଳି ଅଶୋଭନୀୟ ଆଚରଣ ପାଇଁ ବାରମ୍ବାର ଦଣ୍ଡିତ ହେବା ତାଙ୍କ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିଛି ।

## ୨୦୨୭ ଦିନିକିଆ ବିଶ୍ୱକପ ଭେନ୍ୟୁ ଘୋଷଣା

କେପଟାଉନ, ୧୦।୪ (ଏଜେନ୍ସି) : ୨୦୨୭ ଆଇସିସି ଦିନିକିଆ ବିଶ୍ୱକପ କ୍ରିକେଟକୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମ୍ବିଆ ମିଳିତ ଭାବେ ଆୟୋଜନ କରିବେ । ବିଶ୍ୱ ମହାକୁମ୍ଭ ଅକ୍ଟୋବରରୁ ଆରମ୍ଭ ହେବ । ଚୂଡ଼ାନ୍ତ ସୂଚୀ ଘୋଷଣା ହୋଇ ନଥିବାବେଳେ ଏବେ କିନ୍ତୁ କେଉଁ ଭେନ୍ୟୁଗୁଡ଼ିକରେ ଖେଳାଯିବ ତାହା ସ୍ପଷ୍ଟ ହୋଇଛି । ୧୪ଟି ଟିମ୍‌କୁ ନେଇ ବିଶ୍ୱକପ ଆୟୋଜିତ ହେବ । ଜୋହାନ୍ସବର୍ଗର ୱାଣ୍ଡରର୍ସ, ପ୍ରିଟୋରିଆର ସେଞ୍ଚୁରିଆନ ପାର୍କ, ଡର୍ବାନର କିଙ୍ଗସ ମେଡ୍, କ୍ୱେବେରହା'ର ସେଣ୍ଟ ଜର୍ଜ ପାର୍କ, ପର୍ଲର ବୋଲାଣ୍ଡ ପାର୍କ, କେପଟାଉନର ନ୍ୟୁଲାଣ୍ଡ । ଏହାବ୍ୟତୀତ ମାଙ୍ଗୁଙ୍ଗ ଓଭାଲ, ଇଷ୍ଟ ଲଣ୍ଡନର ବୁଫାଲୋ ପାର୍କରେ ମଧ୍ୟ କିଛି ମ୍ୟାଚ ଖେଳାଯାଇପାରେ । ଏହି ପିଚ୍‌ଗୁଡ଼ିକ ଉଭୟ ବ୍ୟାଟର ଓ ବୋଲରଙ୍କୁ ସୁହାଉଥିବାରୁ ସଫଳ ବିଶ୍ୱକପ ଆୟୋଜନ କରିବୁ ବୋଲି କ୍ରିକେଟ ଦ.ଆଫ୍ରିକା ସିଇଓ ଫୋଲେଟିସ ମୋସେକି କହିଛନ୍ତି । ଆୟୋଜକ ଭାବେ ଦ.ଆଫ୍ରିକା ଓ ଜିମ୍ବାୱେ ବିଶ୍ୱକପ ଯୋଗ୍ୟତା ହାସଲ କରିଛନ୍ତି । ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ୮ଟି ଦଳ ଓ ଅନ୍ୟ ୪ଟି ଦଳ ଯୋଗ୍ୟତା ପର୍ଯ୍ୟାୟ ମାଧ୍ୟମରେ ଯୋଗ୍ୟତା ହାସଲ କରିବେ ।

## ଜାତୀୟସ୍ତରୀୟ ଯୁବ ବାସ୍କେଟବଲ୍
## ଆୟୁଷ୍ମାନ ମନୋନୀତ

ଭଦ୍ରକ, (ସବ୍ୟୁ): ପୁଡୁଚେରୀର ରାଜୀବ ଗାନ୍ଧି ଷ୍ଟାଡ଼ିୟମ୍‌ରେ ୩୮ ତମ ଜାତୀୟ ଯୁବ (୧୬ ବର୍ଷରୁ କମ୍) ବାସ୍କେଟବଲ୍ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହୋଇ ୧୫ ଏପ୍ରିଲ୍‌ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ତାର ୧୨ ଜଣ ବାସ୍କେଟବଲ୍ ଖେଳାଳୀଙ୍କ ନାମ ଘୋଷଣା କରିଛି। ଓଡ଼ିଶା ବାଳକ ଦଳରେ ଭଦ୍ରକ ଜିଲ୍ଲାରୁ ଆୟୁଷ୍ମାନ ନାୟକ ସ୍ଥାନ ପାଇଛନ୍ତି। ତାଙ୍କର ମନୋନୟନ ନେଇ ଜିଲ୍ଲା ଆଥଲେଟିକ୍ ସଂଘର ସଂପାଦକ ଧିରେନ୍ ପଲାଇ, ବାସ୍କେଟବଲ୍ କୋଚ୍ ମନୋଜ କୁମାର ସାହୁ ଓ ସମସ୍ତ ବରିଷ୍ଠ ଖେଳାଳୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରିବେ, ତାଙ୍କର ଶୁଭକାମନା କରିଛନ୍ତି। ଆୟୁଷ୍ମାନ ମଧ୍ୟ ବିଦ୍ୟାଳୟ ସ୍ତରରେ, ଜାତୀୟ ସ୍ତରୀୟ ସ୍କୁଲ୍ ବାସ୍କେଟବଲ୍ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି, ଆସନ୍ତା ୨୪ ଏପ୍ରିଲ୍‌ରୁ ହରିୟାନାରେ ଆରମ୍ଭ ହେବାକୁ ଥିବା ପ୍ରତିଯୋଗିତାରେ ସେ ଅଂଶ ଗ୍ରହଣ କରିବେ। ଆୟୁଷ୍ମାନଙ୍କ ଘର ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ପିରାହାଟ୍ ସ୍ଥିତ ଛତ୍ରପୁର ଗ୍ରାମରେ, ତାଙ୍କ ବାପାଙ୍କ ନାମ ପ୍ରଶାନ୍ତ କୁମାର ନାୟକ ଓ ମାତାଙ୍କ ନାମ ବିଳାସିନି ନାୟକ, ଆୟୁଷ୍ମମାନ୍ ଅଧୁନା ଓଡିଏମ୍ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଆୟୁଷ୍ମାନ୍ ଭଦ୍ରକ ଶିଶୁମନ୍ଦିରରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କର ବାସ୍କେଟ୍‌ବଲ ଖେଳ କୋଚ୍ ମନୋଜ କୁମାର ସାହୁ ଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରିଥିଲେ, ମନୋଜ କୁମାର ସାହୁ ବର୍ତ୍ତମାନ ଏସ ବି ଡି ଇରନେସନାଲ୍ ସ୍କୁଲରେ କ୍ରିଡା ଶିକ୍ଷକ ରୂପେ କାର୍ଯ୍ୟରତ ଅଛନ୍ତି।

## ଆନ୍ତର୍ବିଭାଗୀୟ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୪ (ସବ୍ୟୁ) : ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ୍, ଦ୍ୱାରା, ରେଲୱେ ଷ୍ଟାଡିୟମ୍ ଠାରେ ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ୨୧ ଏପ୍ରିଲ୍ ୨୦୨୪ ପର୍ଯ୍ୟନ୍ତ ଜାରି ରହିବ । ଖୋର୍ଦ୍ଧା ରୋଡ୍ ମଣ୍ଡଳର ୧୨ଟି ବିଭାଗର ରେଳ କର୍ମଚାରୀ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଛନ୍ତି ।

ଆନ୍ତର୍ବିଭାଗୀୟ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟକୁ ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ, ଶ୍ରୀ ଏଚ୍ ଏସ ବାଜ୍ୱା ଏବଂ ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ଼ର ସଭାନେତ୍ରୀ ଗୁର୍ ସିମ୍ରନ୍ କୌର, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) କଲ୍ୟାଣ ପଟ୍ଟନାୟକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଛନ୍ତି ।

ଏହି ଅବସରରେ ଉଦବୋଧନ ଦେଇ ଏଚ୍ ଏସ ବାଜ୍ୱା, ଅଂଶଗ୍ରହଣକାରୀ ଦଳମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କୁ କ୍ରୀଡ଼ାବିତ ଏବଂ ଦଳଗତ ମନୋଭାବ ବଜାୟ ରଖିବା ପରାମର୍ଶ ଦେଇଥିଲେ ।

ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ବିଭାଗ ହେଉଛି, ବିଦ୍ୟୁତ ବିଭାଗ, ରେଳ ସୁରକ୍ଷା ବଳ, ବିତ୍ତ ବିଭାଗ, ଅପରେଟିଂ, ମେଡିକାଲ, ଇଞ୍ଜିନିୟରିଂ, ଇଲେକ୍‌ଟ୍ରିକାଲ ଲୋକୋ ସେଡ୍/ଅନୁଗୋଳ, ଇଲେକ୍‌ଟ୍ରିକାଲ (ଓପି), ବାଣିଜ୍ୟ ବିଭାଗ, ଦୂର ସଂଚାର ଏାଂ ସଙ୍କେତ, କାର୍ମିକ ବିଭାଗ, ଏଂ ମେକାନିକାଲ ବିଭାଗ । ସମସ୍ତ ବିଭାଗ ମଧ୍ୟରେ ସମୁଦାୟ ୩୦ଟି ଲିଗ୍ ମ୍ୟାଚ୍ ହେବ । ପ୍ରଥମ ଦିନରେ ପ୍ରଥମ ମ୍ୟାଚ ବିଦ୍ୟୁତ ବିଭାଗ ଏଂ ଇଞ୍ଜିନିୟରିଂ ବିଭାଗ ମଧ୍ୟରେ ଅନୁଷ୍ଠିତ ହେବ ।

ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼, ହିମାଦ୍ରି ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜନ କରାଯାଉଛି । ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ, କ୍ରୀଡ଼ା ସଚିବ ଏମ. ଡି. ଜାକିରୁଦ୍ଦିନ ଏବଂ ତାଙ୍କ ଟିମ୍ ଦ୍ୱାରା ଆୟୋଜନ କରାଯାଇଛି ।








Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking.
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076





## ବଡି ବିଲଡିଂରେ ବିନ୍ଦୁସାଗର ପାଇଲେ ବ୍ରୋଞ୍ଜ

ନିରାକାରପୁର, ୧୦।୪ (ସବ୍ୟୁ) : ରବୀନ୍ଦ୍ର ଭବନ, ଭାସ୍କୋ – ଗୋଆଠାରେ, ଦି ସ୍ପୋର୍ଟ୍ସ ଅଥରିଟି ଅଫ ଗୋଆ ସହଯୋଗିତାରେ, ଗୋଆ ବଡି ବିଲଡର ଆସୋସିଏସନ ଦ୍ୱାରା ପ୍ରାୟୋଜିତ, ତ୍ରୟୋଦଶ ଫେଡେରେସନ କପ ୨୦୨୪ (ଏପ୍ରିଲ ୬-୭)ରେ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ମଳିପଡ଼ା ଗ୍ରାମର ପୂର୍ବତନ ସମିତି ସଭ୍ୟ ଜୟକୃଷ୍ଣ କଳସଙ୍କର କନିଷ୍ଠ ପୁତ୍ର ବିନ୍ଦୁସାଗର କଳସ ୬୫ କେଜି ବର୍ଗର ବଡି ବିଲଡିଂ ଇଭେଣ୍ଟରେ ତୃତୀୟ (ବ୍ରୋଞ୍ଜ ପଦକ ) ସ୍ଥାନ ହାସଲ କରି, ଆମ ଓଡିଶା ମାଟିକୁ ଗୌରବାନିତ୍ୟ କରିଛନ୍ତି । ୬ ଦିନ ପୂର୍ବରୁ ପୁରୀ ଠାରେ ବୀର କଳିଙ୍ଗ ପୁତ୍ର ଆୱାର୍ଡ ପାଇଥିଲେ । ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିଶେଷଙ୍କ ତରଫରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି । ଏହି ଅବସରରେ ନିଜ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି ।

**କଳାହାଣ୍ଡି କପ**

## ସମ୍ବଲପୁର-ବି ବିଜୟୀ

ଭୁବନେଶ୍ୱର, ୧୦।୪ (ସବ୍ୟୁ) : ଓଡ଼ିଶା କ୍ରିକେଟ ଆସୋସିଏସନର ଘରୋଇ ପ୍ରତିଯୋଗିତା କଳାହାଣ୍ଡି କପ ସିନିଅର ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ପ୍ରିଲିମିନାରୀ ଲିଗ୍ ଯୋଗ୍ୟତା ପର୍ଯ୍ୟାୟ ଓ ଏଲିମିନେସନ ମ୍ୟାଚ୍‌ରେ ବୁଧବାର ସମ୍ବଲପୁର-ବି ବିଜୟୀ ହୋଇଛି । ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ତୀବ୍ର ସଂଘର୍ଷପୂର୍ଣ୍ଣ ମୁକାବିଲାରେ ସମ୍ବଲପୁର-ବି ଦଳ ୮୮ ରନ ବ୍ୟବଧାନରେ କେନ୍ଦ୍ରାପଡ଼ାକୁ ହରାଇଥିଲା । ଏହି ମ୍ୟାଚ୍‌ରେ ସମ୍ବଲପୁର-ବି ୪୪.୨ ଓଭରରେ ସମସ୍ତ ୱିକେଟ ହରାଇ ୧୮୨ ରନ କରିଥିଲା । ଶ୍ରେୟାଂଶ ପଣ୍ଡା ୬୨ ଓ ଅମର ଭୋଇ ୩୩ ରନ କରିଥିଲେ । କେନ୍ଦ୍ରାପଡ଼ାର ଗୌରବ ଚୌଧୁରୀ ଓ ବିମଲ କୁମାରଙ୍କୁ ୩ଟି ଲେଖାଏଁ ୱିକେଟ ସଫଳତା ମିଳିଥିଲା । ୧୮୩ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା କେନ୍ଦ୍ରାପଡ଼ା ୩୬.୨ ଓଭରରେ ୯୪ ରନ କରି ଅଲଆଉଟ ହୋଇଥିଲା । ରାଜକିଶୋର ଦଳେଇ ସର୍ବାଧିକ ୨୫ ରନ ସଂଗ୍ରହ କରିଥିଲେ । ସମ୍ବଲପୁର-ବି'ର ପ୍ରଶାନ୍ତ ଥାକର ଓ ଅଭିନବ ନନ୍ଦ ୩ଟି କରି ୱିକେଟ ସଫଳତା ପାଇଥିଲେ । ଭଲ ପ୍ରଦର୍ଶନ ପାଇଁ ଅଭିନବ ନନ୍ଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲା ।



ସୂଚନା
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି

# ସୁରକ୍ଷା ଢିଲା ଯୋଗୁଁ ଠିକା କର୍ମଚାରୀ ମୃତ୍ୟୁ : କମ୍ପାନୀ ଆଗରେ ଧାରଣା



ଆଠଗଡ଼ ,(ସବ୍ୟୁ) : ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଗରିଆପାଟ ଠାରେ ଥିବା ଶ୍ରୀ ସିମେଣ୍ଟ କମ୍ପାନୀ ରେ ଠିକା କର୍ମଚାରୀ ମାନଙ୍କ ସୁରକ୍ଷା ନାହିଁ କହିଲେ ଚଳେ। କମ୍ପାନୀ ଭିତରେ ଉଡୁଥିବା ପାଉଁଶ ଧୂଳି ଧୂଆଁ ଯୋଗୁଁ କାମ କରୁଥିବା ଠିକା ଶ୍ରମିକ ମାନେ ଶ୍ୱାସରୁଦ୍ଧ ଭଳି ଅବସ୍ଥା ରେ ଆକ୍ରାମାକ୍ରା ହୋଇ କାମ କରୁଥିବା ଯୋଗୁଁ ଅଧିକାଂଶ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। କିଛି ଘଟଣା ବାହାରକୁ ଆସୁଥିବା ବେଳେ ଅଧିକାଂଶ ଘଟଣା କୁ କମ୍ପାନୀ କର୍ତ୍ତୃପକ୍ଷ ତାରି ଭିତରେ ଚପାଇ ଦେଉଛନ୍ତି। ମଙ୍ଗଳବାର ଅପରାହ୍ନ ରେ କମ୍ପାନୀରେ ଗତ ପାଞ୍ଚ ବର୍ଷ ଧରି ଠିକା ଶ୍ରମିକ ଭାବରେ କାମ କରୁଥିବା ଡାଳଭାଗ ଗ୍ରାମର ଦିବାକର ପ୍ରଧାନ (୪୮) ଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣା ପଡ଼ିବା ପରେ ଜିଲ୍ଲା ସୁରକ୍ଷା ବ୍ୟବସ୍ଥା କୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀ ସିମେଣ୍ଟ କମ୍ପାନୀ କୁ ସିମେଣ୍ଟ ର କଞ୍ଚାମାଲ ନେଇ ଆସିଥିବା ଏକ ଟ୍ରକ ମାଲ ଖଲାସ କରି ପଛକୁ ଫେରୁଥିବା ସମୟରେ ଅତ୍ୟଧିକ ଧୂଳି ଧୂଆଁ ଯୋଗୁଁ ଗାଡ଼ି ର ଡ୍ରାଇଭର ପଛରେ ଥିବା ଦିବାକର ଙ୍କ ଉପରେ ଚଢ଼ାଇ ଦେଇଥିଲାଛ ଫଳରେ ଘଟଣାସ୍ଥଳରେ ଗୁରୁତର ଆହତ ହୋଇ ଥିବା ଦିବାକରଙ୍କୁ କମ୍ପାନୀ ର ଆମ୍ବୁଲାନ୍ସ ରେ ଡ୍ରାଇଭର ନ ଥିବା ରୁ ସୁରକ୍ଷା କର୍ମୀ କଟକର ଏକ ଘରୋଇ ଡ଼ାକ୍ତରଖାନାକୁ ନେଇ ଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିବା ଜଣାପଡିଛିଛ ଆଜି ସକାଳୁ ମୃତକଙ୍କ ପରିବାର ସହିତ ଗ୍ରାମବାସୀ ଏବଂ କମ୍ପାନୀ ର କର୍ମଚାରୀ ମାନେ କ୍ଷତିପୂରଣ ଦାବି ରେ କମ୍ପାନୀ ଫାଟକ ଆଗରେ ଧାରଣା ଦେଇଥିଲେ। ଖବର ପାଇ ଖୁଣ୍ଟୁଣୀ ପୋଲିସ ସ୍ଥାନୀୟ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ଲୋକ ମାନଙ୍କୁ ବୁଝାସୁଝା କରିବା ପାଇଁ ଚେଷ୍ଟା କରିଥିଲେ। ଶେଷ ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଠଗଡ଼ ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରା ଶ୍ରମିକ ସଙ୍ଗଠନ ର କର୍ମକର୍ତ୍ତା, ପୋଲିସ ପ୍ରଶାସନ ଏବଂ କମ୍ପାନୀ କର୍ତ୍ତୃପକ୍ଷ ଏଜିଏମ ପ୍ରଦୀପ କୁମାର ଭୋଇ ଠିକା ସଂସ୍ଥା ଜୟମା ଦୁର୍ଗା ଇଞ୍ଜିନିୟରିଂ କର୍ମକର୍ତ୍ତାଙ୍କ ମଧ୍ୟରେ ଦୀର୍ଘ ସମୟଧରି ଆଲୋଚନା ପରେ କ୍ଷତି ପୁରଣ ବାବଦକୁ।ଶବଦାହ ପାଇଁ ତୁରନ୍ତ ୫୦ ହଜାର ଟଙ୍କା,ଠିକା ସଂସ୍ଥା ପକ୍ଷରୁ ଏକ ସପ୍ତାହ ମଧ୍ୟରେ ୧୦ ଲକ୍ଷ, କମ୍ପାନୀ ପକ୍ଷରୁ ତିନି ମାସ ମଧ୍ୟରେ ୫ ଲକ୍ଷ ଟଙ୍କା ର ସାଧାରଣ ବୀମା, ଏବଂ ଇପିଏଫ ବାବଦକୁ ୪ ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ। ଏହାଛଡା ସେହି କମ୍ପାନୀ ରେ କାମ କରୁଥିବା ମୃତକଙ୍କ ପୁଅକୁ ସ୍ଥାୟୀ ନିଯୁକ୍ତି ଦେବାକୁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ତେବେ କମ୍ପାନୀ ର ସର୍ବେସର୍ବା କୁହା ଯାଉଥିବା ଏଜିଏମ ପ୍ରଦୀପ କୁମାର ଭୋଇ ଙ୍କ ବିରୁଦ୍ଧରେ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ସ୍ଥାନୀୟ ଲୋକଙ୍କ ସହିତ କମ୍ପାନୀ ମଧ ରେ ଠିକା ଶ୍ରମିକ ଭାବରେ କାମ କରୁଥିବା ଲୋକ ମାନଙ୍କୁ ଦୁର୍ବ୍ୟବହାର କରୁଥିବା ଏବଂ ପ୍ରତିବାଦ କଲେ ଛଟେଇ କରିଦେବାକୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଦିନ ଗୁରୁତର ଆହତ ଦିବାକରଙ୍କୁ ଆମ୍ବୁଲାନ୍ସରେ ନେବା ପାଇଁ ଗାଡ଼ି ଡ୍ରାଇଭର ନ ଥିବା ଏବଂ ଧବଳେଶ୍ବର ପାଖରେ ଆମ୍ବୁଲାନ୍ସରୁ ତେଲ ସରିଯିବା ଭଳି ଅଭାବନୀୟ ଘଟଣା କେବଳ ଶ୍ରୀ ଭୋଇଙ୍କ ପରିଚାଳନା ଗତ ଅପାରଗତା ଯୋଗୁଁ ହୋଇ ଥିବା କମ୍ପାନୀ ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଠିକା ସଂସ୍ଥା ଗୁଡ଼ିକ ର ଲାଇସେନ ଥିବା ଏବଂ ଶ୍ରମିକମାନଙ୍କୁ ମଜୁରୀ ଦେବାକୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଯୋଗୁଁ କମ୍ପାନୀ ଭିତରେ ଶ୍ରମିକ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ଦାଦା ବଟିକୁ ନେଇ ଗୁଳିକାଣ୍ଡ
# ଗୁରୁତରଙ୍କୁ କଟକ ସ୍ଥାନାନ୍ତର



ଆଠଗଡ଼ ,(ସବ୍ୟୁ) : ବୁଧବାର ଅପରାହ୍ନରେ ଆଠଗଡ଼ ଥାନା ଅନ୍ତର୍ଗତ ମହୀଧରପୁର ଗ୍ରାମ ରେ ଗୁଳିକାଣ୍ଡ କରି ଦୁର୍ବୃତ ଫେରାର ହୋଇଛନ୍ତି।ଏଭଳି ଏକ ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛ। ଘଟଣାରୁ ପ୍ରକାଶ ମହୀଧରପୁର ଗ୍ରାମ ବୀରବର ପଲେଇଙ୍କ ପୁଅ ବିଶ୍ୱଜିତ ପଲେଇ (୨୬) ଙ୍କୁ ସେହି ଗ୍ରାମର ମେଘନାଦ ପଲେଇଙ୍କ ପୁଅ ଦିଲୁ ପଲେଇ (୩୦) ଦାଦା ବଟି କୁ ନେଇ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ବିଶ୍ୱଜିତ ବୁଧବାର ଅପରାହ୍ନରେ ନିଜର ଟ୍ରାକ୍ଟରରେ ମାଟି ଉଠାଇ ଜଣଙ୍କ ବିଲରେ ପାଉଥିବା ବେଳେ ଦିଲୁ ଏକ କାରରେ ନିଜର ସହଯୋଗୀଙ୍କ ସହିତ ସେଠାରେ ପହଞ୍ଚି ବଟି ମାଗିଥିଲା।ବଚସା ହେବା ପରେ ଦିଲୁ ଏକ ବନ୍ଧୁକ ବାହାର କରି ବିଶ୍ୱଜିତ ଉପରକୁ ଗୁଳି ଚଳାଇଥିବା ବେଳେ ଗୁଳିଟି ବିଶ୍ୱଜିତ ର ଡାହାଣ ପେଟ ପାଖରେ ବାଜି ଥିଲା। ଗୁଳିକାଣ୍ଡ କରି ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ଗୁରୁତର ଆହତ ବିଶ୍‌ଜିତଙ୍କୁ ତୁରନ୍ତ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଡାକ୍ତର କଟକ ବଡ ଡାକ୍ତରଖାନା କୁ ସ୍ଥାନାନ୍ତରିତ କରା ଯାଇଥିବା ଜଣାପଡିଛି।

# ଚଉପଡାରେ ଗୋଟିଏ ଘର ଓ ଗହଣା ଦୋକାନରୁ ଚୋରି



କଣ୍ଟାପଡା, (ସବ୍ୟୁ) : ଗୋବିନ୍ଦପୁର ଥାନା ଅଧୀନ ଚଉପଡା ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ କେହି ନଥିବା ବେଳେ ଚୋର ପଶି ତିନୋଟି ଘରର କବାଟ ଭାଙ୍ଗି ଗଡରେଜରୁ ୩୫ହଜାର ଟଙ୍କା ସୁନା ଗହଣା ଓ ଗୋଟିଏ ଗ୍ୟାସ ସିଲିଣ୍ଡର ନେଇଯିବା ସହ ତାଙ୍କ ଘର ଭଡା ନେଇ ଗହଣା ଦୋକାନ କରିଥିବା ଜଣେ ବ୍ୟକ୍ତିଙ୍କ ଦୋକାନରେ କଳାକନା ବୁଲାଇ ଦେଇଛନ୍ତି। ଗୋବିନ୍ଦପୁର ଥାନାରେ ଘର ମାଲିକ ରଞ୍ଜିତ କୁମାର ବିଶ୍ୱାଳ ଦେଇଥିବା ଅଭିଯୋଗ ଅନୁଯାୟୀ ତାଙ୍କ ପରିବାର ଦୁଇଦିନ ପୂର୍ବରୁ ବାହାରକୁ ଯାଇଥିଲେ । ତା'ର ସୁଯୋଗ ନେଇ ଚୋରମାନେ ପଶି ତାଙ୍କ ତିନି ବଖରା ଘରର ତାଲା ଭାଙ୍ଗି ଗଡରେଜ ଲକର ଭାଙ୍ଗି ନଗଦ ୩୫ ହଜାର ଟଙ୍କା କିଛି ସୁନା ଗହଣା ଓ ଗୋଟିଏ ଗ୍ୟାସ ସିଲିଣ୍ଡର ନେଇଯାଇଛନ୍ତି । ଏତଦ୍‌ଭିନ୍ନ ତାଙ୍କ ଘରେ ଭଡାରେ ହୋଇଥିବା ଗହଣା ଦୋକାନ ମା' ମଙ୍ଗଳା ଜୁଏଲର୍ସର ସଟର ଭାଙ୍ଗି ପ୍ରାୟ ୩ଲକ୍ଷ ଟଙ୍କାର ସୁନା ରୁପାର ଗହଣା ଆଦି ଲୁଟି ନେଇଛନ୍ତି। ସେମାନେ ମଧ୍ୟ ଗହଣା ଦୋକାନ ସାମ୍ନାରେ ଲାଗିଥିବା ସିସି କ୍ୟାମେରା ପ୍ରଥମେ ଭାଙ୍ଗି ପରେ ଭିତରେ ଥିବା ଏଲ୍‌ଇଡି ନେଇଯାଇଛନ୍ତି । ଗୋବିନ୍ଦପୁର ପୋଲିସ ୮୮/ ୨୦୨୪ନମ୍ବର କେସ ରୁଜୁ କରି ସାଇଣ୍ଟିଫିକ ଟିମ୍ ସହ ତଦନ୍ତ କରି ଅନୁସନ୍ଧାନ ଜାରି ରଖିଛି । ଏଠାରେ ପ୍ରକାଶ ଥାଉ କି, ଏହି ଥାନା ଅଧୀନ ପାଟସୁନ୍ଦରପୁର ପଞ୍ଚାୟତ ଉରୁଜଙ୍ଗ ଗ୍ରାମର ପ୍ରାୟ ଅନେକ ଦିନ ହେବ ବାରମ୍ବାର ଚୋରି ହେଉଥିବା ଅଭିଯୋଗ ଦେଖିବାକୁ ମିଳିଛି ।

# ଦଣ୍ଡକାମନାଙ୍କ ମହାମିଳନ ଉତ୍ସବ



ଖଣ୍ଡପଡା,(ସବ୍ୟୁ) ଖଣ୍ଡପଡା ସହରାଂଚଳର ଆରାଧ୍ୟ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଅବସ୍ଥିତ ଦଣ୍ଡକାମନାଙ୍କ ଆମନ୍ତ୍ରଣକ୍ରମେ ଦ୍ୱିତୀୟ ବାର୍ଷିକ ଷଷ୍ଠ ଦଣ୍ଡକାମନାଙ୍କ ମହାମିଳନ ଉତ୍ସବ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ସହରାଂଚଳରେ ଅବସ୍ଥିତ ଶ୍ରୀ ନୀଳକଣ୍ଠେଶ୍ବର ଦେବ ଦଣ୍ଡକାମନାପୀଠର ମାନସିକଧାରୀ ଦଣ୍ଡୁଆମାନଙ୍କ ଦ୍ୱାରା ନିମନ୍ତ୍ରଣ କ୍ରମେ ଏହି ଉତ୍ସବରେ ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତମଙ୍ଗଳପୁରର ଶ୍ରୀ ବାଲୁଙ୍କେଶ୍ୱର ଦେବ ଦଣ୍ଡକାମନା, ବେଣାଗାଡ଼ିଆର ଶ୍ରୀ ନୀଳକଣ୍ଠେଶ୍ୱର ଦେବଦଣ୍ଡକାମନା, ଖପରମଳର ଶ୍ରୀ ଚନ୍ଦ୍ରଶେଖର ଦେବ ଦଣ୍ଡକାମନା, ବରପଲ୍ଲୀର ଶ୍ରୀ କପିଳେଶ୍ୱର ଦେବ ଦଣ୍ଡକାମନା। ଓଗୁଣ୍ଟୁଣୀର ଶ୍ରୀ ନୀଳକଣ୍ଠେଶ୍ୱର ଦେବ ଦଣ୍ଡକାମନାର ମାନସିକଧାରୀ ଦଣ୍ଡୁଆମାନେ ନିଜ ନିଜପୀଠରଶକ୍ତି, ବିଗ୍ରହ, ପ୍ରଭା ଓ ଦଣ୍ଡଧରି ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରକୁ ବିଜେ କରିଥିଲେ। ସେଠାରୁ ସ୍ନାନନିମିତ ଚାପ ପୁଷ୍କରିଣୀକୁ ଯାଇ ସେଠାରେ ଆନୁସଙ୍ଗିକ ନୀତିକାନ୍ତି ପରେ ବାଜା, ରୋଷଣୀ, ଘଂଟ,ମୃଦଙ୍ଗ, ଢୋଲ, ବାଣ ଓ ସଂକୀର୍ତନରେ ନଗର ପରିକ୍ରମା କରିଥିବା ବେଳେ ସ୍ଥାନୀୟ ମଧୁବନକ୍ରୀଡ଼ାଙ୍ଗନରେ ପ୍ରସ୍ତୁତ ମଣ୍ଡପକୁ ବିଜେ କରିଥିଲେ। ସେଠାରେ ଷଷ୍ଠ ଶମ୍ଭୁଙ୍କର ମହାମିଳନ ଅନୁଷ୍ଠିତହୋଇଥିବା ବେଳେ ରୀତିନୀତି ଅନୁଯାୟୀ ଭୋଗଲାଗି ଓ ଆନୁସଙ୍ଗିକ କାର୍ଯ୍ୟପରେ ଖଣ୍ଡପଡ଼ାରପୂର୍ବତନ ବିଧାୟକ ତଥା ଯୁବରାଜ ସିଦ୍ଧାର୍ଥଶେଖର ସିଂହ ସେଠାରେ ଉପସ୍ଥିତ ରହି ଆଳତୀଲାଗିକରିଥିଲେ। ଏଥିପାଇଁ ସହରାଂଚଳର ମୁଖ୍ୟରାସ୍ତା ପାର୍ଶ୍ୱରେ ଅବସ୍ଥିତ ପ୍ରତ୍ୟେକ ଘର ସମ୍ମୁଖ ଲିପାପୋଛା କରାଯାଇ ପ୍ରଦୀପ ପ୍ରଜ୍ୱଳନ ଓ ପୂର୍ଣ୍ଣକୁମ୍ଭ ସ୍ଥାପନ କରାଯାଇଥିବା ଦେଖାଯାଇଥିଲା। ବିଶ୍ୱର ମଙ୍ଗଳକାମନା ପାଇଁ ଏହି ମହାମିଳନ ଅନୁଷ୍ଠିତ ହୋଇଥିବା ବେଳେ ପାରମ୍ପରିକ ପୂଜାପାଠ,ପଣା, ଭୋଗ ଆଦି ପରେ ଦଣ୍ଡଖେଳିବା, ପ୍ରଭାନୃତ୍ୟ ଓ ଘଂଟ, ଢୋଲ ଆଦି ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ମହାମିଳନ ଉତ୍ସବ କମିଟିର ଆୟୋଜକ ମନୋଜ କୁମାର ପାଲ, ସରୋଜ କୁମାରପାଲଙ୍କ ସହ ସ୍ଥାନୀୟ ଯୁବକମାନେ ସମସ୍ତ ସହଯୋଗ କରିଥିବା ସମୟରେ ଏହି ମହାମିଳନ ଉତ୍ସବ ଦର୍ଶନ ନିମିତସହରାଂଚଳ ସମେତ ଆଖପାଖ ଗ୍ରାମରୁ ହଜାର ହଜାର ଶ୍ରଦ୍ଧାଳୁ ମଧୁବନ କ୍ରୀଡ଼ାଙ୍ଗନରେ ଉପସ୍ଥିତରହିଥିଲେ। ସ୍ଥାନୀୟ ପୋଲିସ୍ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିବା ଜଣାଯାଇଛି।

# ଜାଭିୟର ହାଇସ୍କୁଲ ବାର୍ଷିକ ଉତ୍ସବ ଉଦ୍‌ଯାପିତ



ଫୁଲନଖରା, (ସବୁ) : ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ ଥିବା ସେଣ୍ଟଜେଭିଅର ଜାଭିୟର ହାଇସ୍କୁଲର ୧୧ତମ ବାର୍ଷିକ ଉତ୍ସବ 'ଉମିଦ'–୨୦୨୪ ଉଦଯାପିତ ହୋଇଛି। ଏହା ଦୁଇ ଦିନ ଧରି ଚାଲିଥିଲା। ଏହି ଉପଲକ୍ଷେ ଅଧକ୍ଷା ଛବି ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ନିଆଳି ବିଧାୟକ ଡାକ୍ତରପ୍ରମୋଦକୁମାର ମଲିକ ମୁଖ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ।ସରକାରୀ ଆଇନଜୀବୀ କବିନାରାୟଣ ଜେନା, ଶିକ୍ଷାବିତ ଶକ୍ତିପ୍ରସାଦ ମହାନ୍ତି, ପ୍ରତିଷ୍ଠାତା ଶେଖକଲିମୁଦ୍ଦିନ ପ୍ରମୁଖ ଅତିଥିଭାବେ ମ*ାସୀନ ରହି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷତ କାମନା କରିଥିଲେ। ସମ୍ପାଦିକାଇଂ. ଯଶ୍ମିନ ବେଗମ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶିକ୍ଷକ ବିଜୟକୁମାର ଦାସ ବାର୍ଷିକ ବିବରଣୀପାଠ କରିଥିଲେ। ଏହି ଅବସରରେ ଅତିଥିଙ୍କ ସମେତ ଶିକ୍ଷକ ଶିକ୍ଷିକାଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀପ୍ରିୟଙ୍କା ନାୟକ କାର୍ଯକ୍ରମ ସ*ାଳନ କରିଥିଲାବେଳେ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଜେନାଙ୍କ ସମେତ ସମସ୍ତ ଶିକ୍ଷକ ଓଶିକ୍ଷିକା ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ଦାସ ଧନବାଦ ଅର୍ପଣ କରିଥିଲେ। ଶେଷରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିାକର୍ଷକ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ ହୋଇଥିଲା।

# ପୋଲିସର ଫ୍ଲାଗ ମାର୍ଚ୍ଚ

ବାଙ୍କୀ,(ସବ୍ୟୁ): ଆଗାମୀ ସଧାରଣ ନିର୍ବାଚନ କୁ ଆଖି ଆଗରେ ରଖି ବାଙ୍କୀ ବଜାର ରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ ଆରମ୍ଭ ହୋଇଛି।ବାଙ୍କୀ ଏସ, ଡି, ପି, ଓ ବିଜୟ କୁମାର୍ ମହାପାତ୍ର, ବାଙ୍କୀ ଆଇ, ଆଇ, ସି ଶିବ ଚରଣ ବେହେରା ଙ୍କ ନେତୃତ୍ୱରେ ବାଙ୍କୀର ସମସ୍ତ ଗଳିକନ୍ଦି ରେ ଫ୍ଲାଗ ମାର୍ଚ୍ଚ କରାଯାଇଛି।

# ପୁଷ୍ପା ରାଇସରେ ଫୁଟିଲା ପାରିଜାତ



କଣ୍ଟାପଡ଼ା, (ସବ୍ୟୁ) : କଣ୍ଟାପଡ଼ା ବ୍ଲକ ଓଲଟପୁର ଥାନା ଅନ୍ତର୍ଗତ ଅଲାପୁରଠାରେ ଥିବା ପୁଷ୍ପାରାଇସ ପରିସରରେ ପୁଣି ଫୁଟିଛି ବିରଳ ପ୍ରଜାତିର ପାରିଜାତ ଫୁଲ। ଏହି ଅତନ୍ତ ବିରଳ ଫୁଲ ଗତ ଦୁଇବର୍ଷ ହେଲ। ଏଠାରେ ପ୍ରସ୍ଫୁଟିତ ହେଉଥିଲାବେଳେ ଆଜି ପୁଣି ଥରେ ଏହା ଫୁଟିଥିବା ଦେଖି କର୍ମଚାରୀ ଓସ୍ଥାନୀୟ ଲୋକଙ୍କ ମଧରେ ଆନନ୍ଦ ଖେଳିଯାଇଛି। ଏହି ଶୁଭ ଖବର ପ୍ରଚାରିତ ହେବା ପରେ ଏହାକୁଦେଖିବାକୁ କଣ୍ଟାପଡ଼ା, ଆଣ୍ଡୁଆରୀ, ବିଶରପୁର, ବାଘୁଆ, ଅଲାପୁର, ଖଣ୍ଡିଆରୀପୁର,ଶିଶୁଆ ଆଦି ଅଞ୍ଚଳରୁ ଲୋକଙ୍କ ଭିଡ଼ ଜମିଛି। ପରେପରେ ଉକ୍ତ ଦେବସୁଲଭ ପବିତ୍ର ଫୁଲକୁ ରୀତିନୀତିଅନୁଯାୟୀ ବିଷ୍ଣୁ ମନ୍ଦିରରେ ଅର୍ପଣ ହୋଇଥିବା ପୁଷ୍ପା ରାଇସ ମୁଖ ତ୍ୱାବଧାରକ ଅକ୍ଷୟ ମହାନ୍ତି ସୂଚନା ଦେଇଛନ୍ତି।

# ବୈଦେଶ୍ୱର ଟି ବ୍ରିଜ କୁ ସଂଯୋଗିକରଣ ରାସ୍ତା ବେହାଲ



ବାଙ୍କୀ , (ସବ୍ୟୁ) :ମହାନଦୀ ଉପରେ ବାଙ୍କୀ ବ୍ଲକ୍ ର ବୈଦେଶ୍ୱର ଓ ବଡମ୍ବା ବ୍ଲକ୍ ଗୋପିନାଥପୁର କୁ ଗମନା ଗମନ ପାଇଁ ହାଇ ଲେବୁଲ୍ ବ୍ରିଜ ଟି ବ୍ରିଜ ନିର୍ମାଣ ହୋଇଛି। ପର୍ଯ୍ୟଟନସ୍ଥଳୀ ପ୍ରଭୁ ସିଂହନାଥ ଦେବ୍ ପୀଠ କୁ ରାସ୍ତା ନିର୍ମାଣ ହୋଇଛି।୨୦୨୧ ମସିହା ଡିସେମ୍ବର ମାସ ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ।ବ୍ରିଜ ନିର୍ମାଣ ହୋଇଛି, ହେଲେ ବାଙ୍କୀ ରୁ ବଡମ୍ବା ପଟକୁ ଯିବାକୁ ହେଲେ ନାହିଁ ଭଲ ରାସ୍ତା, ବ୍ରିଜ ନିକଟକୁ ସଂଯୋଗ କରୁଥିବା ରାସ୍ତା ି ଖାଲ ଖମା ରେ ଭର୍ତ୍ତି।ଲୋକେ ନାହିଁ ନ ଥିବା ଅବସ୍ଥା ଭୋଗୁଛନ୍ତି ବାଧ ହୋଇ ଅନେକ ଗାଡ଼ି ବୈଦେଶ୍ୱର୍ ବ୍ୟାଙ୍କ ଛକ ଦେଇ ଯିବାକୁ ବାଧ ହେଉଛନ୍ତି। ସେ ପଟେ ପ୍ରଭୁ ରାମନାଥ ଦେବ ଙ୍କପିଠ କୁଯିବାକୁ ହେଲେ ଏହି ରାସ୍ତାରେ ଯିବାକୁ ପଡ଼େଛ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୂର୍ତ୍ତ ବୀଭାଗ କିମ୍ବା ଗ୍ରାମ୍ୟ ନିର୍ମାଣ ବିଭାଗ କର୍ଣ୍ଣ ପାତ କରୁନାହାନ୍ତି।୨୦୧୮/୧୯ ମସିହାରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଥଲା। ହେଲେ ତାହା ବର୍ଷକ ମଧ୍ୟରେ ସଂପୂର୍ଣ୍ଣ ନଷ୍ଟ ହୋଇଗଲାଛ ସିମେଣ୍ଟକଂକ୍ରିଟ ରାସ୍ତାଟି ଫାଟି ପଡ଼ିଛି। ଖୁବ୍ କମ୍ ସମୟ ମଧ୍ୟରେ କମ୍ ରାସ୍ତା ହେଇଥିବାରୁ ଲୋକେ ଢ଼େଙ୍କାନାଳ, ଅନୁଗୁଳ, ଲୋକେ ଯାତାୟତ କରୁଛନ୍ତିଛ ତେଣୁ ଟି ବ୍ରିଜ କୁସଂଯୋଗ କରୁଥିବା ରାସ୍ତା ଟି ତୁରନ୍ତ ପକା ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛ।

# ପାର୍କିନଶନ ରୋଗ ପ୍ରତି ସତର୍କ ରହିବାକୁ ପରାମର୍ଶ



ଡାକ୍ତର ଅମିତାଭ ରଥ

ବର୍ତ୍ତମାନର ଗ୍ରୀଷ୍ମ ସମୟରେ ଲୋକମାନେ ପାର୍କିନଶନ ରୋଗ ପ୍ରତି ଯଥେଷ୍ଟ ସଚେତନ ରହିବା ଦରକାର ବୋଲି କହିଛନ୍ତି ସିନିୟର୍ ନ୍ୟୁରୋଲୋଜିଷ୍ଟ ଡାକ୍ତର ଅମିତାଭ ରଥ । ଡାକ୍ତର ଶ୍ରୀ ରଥ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ କହିଛନ୍ତି ଯେ, ଏହି ପାର୍କିନଶନ ବା ପିଡି ରୋଗ ହେଉଛି ଏକ ପ୍ରଗତିଶୀଳ ସ୍ନାୟୁବିକ ସମସ୍ୟା, ଯାହା ଧୀରେ ଧୀରେ ମଣିଷକୁ କ୍ରମଶଃ ମୃତ୍ୟୁ ଆଡକୁ ନେଇଯାଏ । ପ୍ରଥମେ ଏହା ମଣିଷକୁ ବିଚଳିତ କରି ପକାଏ ଏବଂ ମାନସିକ ଦୁଶ୍ଚିନ୍ତା ବଢ଼ାଇଦିଏ । ମଣିଷ ଯୋଗମୁଦ୍ରାରେ ଥାଆନ୍ତୁ କିମ୍ବା ବିଶ୍ରାମ ନିଅନ୍ତୁ, ସବୁବେଳେ ଯେକୌଣସି ଅଙ୍ଗ ପ୍ରବଳ କମ୍ପନ ହେଉଥିବା ବା ଥରୁଥିବା ନଜରକୁ ଆସେ ସେହି ଲୋକ ଏହି ପିଡି ରୋଗରେ ଆକ୍ରାନ୍ତ ବୋଲି ନିଃସନ୍ଦେହରେ କୁହାଯିବ ।

କେବଳ ଏତିକି ନୁହେଁ, ଶରୀରର ଯେକୌଣସି ଅଙ୍ଗରେ ମାଂସପେଶୀ କଠିନତା ହୋଇଯାଏ ଏବଂ ତାହା ଯନ୍ତ୍ରଣାଦାୟକ ହୁଏ ତାହା ମଧ୍ୟ ଏହି ପିଡିରୋଗର ଆଉ ଏକ ଲକ୍ଷଣ ବୋଲି କୁହାଯିବ । ଏଭଳି ଲକ୍ଷଣ ଥିବା ବ୍ୟକ୍ତିମାନେ ସୌଖିନ ଆହାର ପରିହାର କରିବା ନିହାତି ଆବଶ୍ୟକ । ଡାକ୍ତର ଶ୍ରୀ ରଥ ଏ ସଂପର୍କରେ ସବିଶେଷ ବିବରଣୀ ପ୍ରଦାନ ପୂର୍ବକ ଦର୍ଶାଇଛନ୍ତି ଯେ, ପାର୍କିନଶନ୍ ରୋଗ ମସ୍ତିଷ୍କରେ ଡୋପାମିନ୍ ହରମୋନ୍ ଅସ୍ଥିରତାରୁ ହୋଇଥାଏ। ଏହା ବାସାଲ୍ ଗାଙ୍ଗ୍ଲିଆ ଏବଂ ସହଯୋଗିତାର ନିୟନ୍ତ୍ରଣ ଅଭାବରୁ ହୁଏ । ଏହାର କାରଣ ଅନେକ ହୋଇପାରେ, ତନ୍ମଧ୍ୟରୁ ଏହା ମୁଖ୍ୟତଃ ଜେନେଟିକ୍ ସମସ୍ୟା ଅଧିକାଂଶ କ୍ଷେତ୍ରରେ ପ୍ରମୁଖ ଭୂମିକା ନେଇଥାଏ । ଏପରିକି ମାନସିକ ରୋଗୀ ଗ୍ରହଣ କରୁଥିବା ମେଡିସିନ୍, କିଛି ଗ୍ୟାସ୍ ମେଡିସିନ୍ ମଧ୍ୟ ଏହାର କାରଣ ହୋଇପାରେ । ମୁଖ୍ୟତଃ ଏହା ୬୦-୭୦ବର୍ଷ ବୟସରେ ଦେଖାଯାଇଥାଏ । ଏତଦ୍‌ବ୍ୟତୀତ କେତେକ କ୍ଷେତ୍ରରେ ଶିଶୁ, କିଶୋର, ଯୁବବର୍ଗଙ୍କ ମଧ୍ୟରେ ବି ଦେଖା ଦେଇଥାଏ। ଏହି ରୋଗ ହେଲେ ସଂପୃକ୍ତ ବ୍ୟକ୍ତିର ସ୍ମରଣ ଶକ୍ତି ହ୍ରାସ ପାଏ। ପୂର୍ବ କଥାକୁ ଭୁଲି ଯିବା ସହ କେତେବେଳେ କାହାକୁ କ'ଣ କୁହେ ତାହା ଠିକ୍ ଜଣାପଡି ନଥାଏ । ଏହା ପାଇଁ ବହୁତ ମେଡିସିନ୍ ଅଛି, ତନ୍ମଧ୍ୟରୁ ଲିଭୋଡୋପା ଅତି ଆବଶ୍ୟକୀୟ । ଡାକ୍ତର ଲକ୍ଷଣ ଦେଖି ଔଷଧର ମାତ୍ରା ଦେଇଥାନ୍ତି, କିନ୍ତୁ ଔଷଧ ନିୟମିତ ଭାବେ ସେବନ କରିବା ଜରୁରୀ । କିଛି ରୋଗୀ ଅପରେସନ୍ (ଡି.ବି.ଏସ୍) ଦ୍ୱାରା ବହୁ ମାତ୍ରାରେ ମଧ୍ୟ ସୁସ୍ଥ ହୁଅନ୍ତି। ପାର୍କିନଶନ୍ ରୋଗରୁ ଦୂରେଇ ରହିବାକୁ ହେଲେ ଯୋଗାସନ, ଖେଳିବା, ଫୂର୍ତ୍ତି ରହିବା ନିହାତି ଦରକାର । ସବୁଜ ପନିପରିବା ମଧ୍ୟ ଖାଇବା ଜରୁରୀ। ଦୁନିଆରେ ପ୍ରତିବର୍ଷ ନୂଆ ନୂଆ ମେଡିସିନ୍ ଆବିଷ୍କାର ହେଉଛି ଏହି ରୋଗକୁ ପ୍ରତିହତ କରିବା ପାଇଁ । ମାତ୍ର କିଛି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ ଅବହେଳା ନକରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍ । ପ୍ରତିବର୍ଷ ଏପ୍ରିଲ୍ ୧୧ତାରିଖକୁ ବିଶ୍ୱ 'ପାର୍କିନଶନ୍ ଦିବସ' ଭାବରେ ପାଳନ କରାଯାଏ। ଲୋକଙ୍କୁ ସଚେତନ କରିବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି ଡାକ୍ତର ଶ୍ରୀ ରଥ କହିଛନ୍ତି।

**ବରିଷ୍ଠ ସ୍ନାୟୁରୋଗ ବିଶେଷଜ୍ଞ**
**ଉତ୍କଳ ହସ୍ପିଟାଲ, ଭୁବନେଶ୍ବର**
**ମୋ–୭୮୦୬୧୮୦୫**

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ପାଳିତ

କାକଟପୁର (ସବ୍ୟୁ):କାକଟପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ତଥା ପୁରୀ ବିଭାଗ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ର କାର୍ଯ୍ୟବାହାକ ଅକ୍ଷୟ କୁମାର ପରିଡ଼ା ଯୋଗ ଦେଇ ଉଦଘାଟନ କରିଥିଲେ। ଝହିନ୍ଦୁ ନବ ବର୍ଷ ର ମହତ୍ତ୍ୱ ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ମାଗଦର୍ଶନ କରିଥିଲେ। ଝ ବିଦ୍ୟା ମନ୍ଦିର ପ୍ରଧାନାଚାର୍ଯ୍ୟ ତନ୍ମୟ କୁମାର ପାତ୍ର, ଓ ସହ ପ୍ରଧାନାଚାର୍ଯ୍ୟା ଜୟନ୍ତୀ ବାଳା ନନ୍ଦ, ଅନ୍ନଦା ପ୍ରସାଦ ବେହେରା ଉତ୍ସବକୁ ପରିଚାଳନା କରିଥିଲେ। ବିଦ୍ୟାମନ୍ଦିର ର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ । ଶେଷରେ ଗୁରୁଜୀ ଅକ୍ଷୟ କୁମାର ବାରୀକ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାଇସ୍କୁଲ ପଡ଼ିଆରେ ଶମ୍ଭୁ ଦଣ୍ଡ ମହାମିଳନ



ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ହାଇସ୍କୁଲ ପଡ଼ିଆରେ ମହା ସମାରୋହରେ ତ୍ରୟୋଦଶ ଶମ୍ଭୁ ମହାମିଳନ ଅନୁଷ୍ଠିତ ହୋଇଯାଇଛି।ଏହି ତ୍ରୟୋଦଶ ଶମ୍ଭୁ ଦଣ୍ଡ ମିଳନରେ ନିରାକାର ପୁର ଗ୍ରାମର ନିଳକଣ୍ଠଶ୍‌ର ଦେବ, ଲେଣ୍ଟୁ ଚନ୍ଦନେଶ୍‌ର ଦେବ, ଷୋଢରପୁର କପିଳେଶ୍ୱର ଦେବ, ବାଦୁରବର କୁମୁଦେଶ୍ୱେର ଦେବ, ବୋଦଙ୍ଗରା ଲୋକନାଥ ଦେବ, ଆସେଲି ଚନ୍ଦନେଶ୍‌ର ଦେବ, ଅରାଞ୍ଚଳର ଗ୍ରାମେଶ୍‌ର ଦେବ, ବାଲିଗାଁ କପିଳେଶ୍ୱର ଦେବ, ଗୋଳବାଈ ଗୁଣ୍ଠୁଣୀ କୃଷ୍ଣେଶ୍ବର ଦେବ, ରୋଷଣା ଇଷାନେଶ୍ବର୍ ଦେବ , ପାଣ୍ଡବପାଟଣାର କପିଳେଶ୍ୱର ଦେବ ଓ ହଜ ନାଟ୍ୟଶ୍‌ର ଦେବ ପ୍ରମୁଖ ଠାକୁର ନିଜ ନିଜର ପଟୁଆର ଧରି ନିରାକାରପୁର ଥାନାପତି ନିଳକଣ୍ଠଶ୍‌ର ଦେବଙ୍କ ପଡିଆକୁ ଯାଇ ପହଁଚିଲା ପରେ ସମସ୍ତ ଠାକୁର ହାଇସ୍କୁଲ ପଡିଆକୁ ଏକ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରି ଯାଇଥିଲେ। ସେଠାରେ ଭକ୍ତମାନେ ପୂଜାର୍ଚ୍ଚନା କରିବା ସହିତ ମହା ମିଳନର ଅପୂର୍ବ ଦୃଶ୍ୟକୁ ଦର୍ଶନ କରି ପ୍ରଭୁଙ୍କ ଆଶିଷ ଲାଭ କରିଥିଲେ। ଏହି ଅବସରରେ ଭକତା ମାନେ ଠାକୁରଙ୍କ ଉଦେଶ୍ୟରେ ବିଭିନ୍ନ କଳାକୌଶଳ ଦଣ୍ଡ ନୃତ୍ୟ ପ୍ରଦର୍ଶନ କରି ଥିଲେ। ଆତାସ ବାଜିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା।ଏହି ମହା ମିଳନ ଦିବ୍ୟ ଦର୍ଶନ କରିବାକୁ ପଡ଼ିଆରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ ଆସି ଆଶୀର୍ବାଦ ଲାଭ କରିଥିଲେ। ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନେତୃତ୍ୱରେ ପୋଲିସ ବାହିନୀ ଉପସ୍ଥିତି ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ରବିନ୍ଦ୍ର ରାଉତରାୟ ସଂପାଦକ ସତ୍ୟବାଦୀ ବଳବନ୍ତରାୟ,କୋଷାଧକ୍ଷ କୈଳାସ ଚନ୍ଦ୍ର ରାଉତରାୟ , ଉପଦେଷ୍ଟା ବିପିନ କୁମାର ଜୟସିଂହ,ହୃଷିକେଶ ରାଉତରାୟ ବିଜୟ କୁମାର ଜୟସିଂହ,ନବ କିଶୋର ସାହୁ ,ବିପିନ ରାଉତରାୟ ସୁକାନ୍ତ ବେହେରା, ରାଜେଶ ସାହୁ ଆର୍ତ୍ତତ୍ରାଣ ରାଉତରାୟ ନୃସିଂହ ସେନାପତି ,ପ୍ରଫୁଲ୍ଲ ବାରିକ , ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ସହଯୋଗ କରିଥିବାବେଳେ ଉଦଘୋଷକ ଭାବେ ଡ଼ଃ ସଂଜୟ ମହାପାତ୍ର ଡ଼ଃ ମୃତ୍ୟୁଞ୍ଜୟ ରଥ, ଡ଼ଃ ପୂର୍ଣ୍ଣଚନ୍ଦ୍ର ଦାସ, ପଣ୍ଡିତ ଶ୍ୟାମ ସୁନ୍ଦର ପଟ୍ଟନାୟକ, ଶିକ୍ଷକ କମଳ ଲୋଚନ ପ୍ରଧାନ ପ୍ରମୁଖ ଯୋଗ ଦେଇ ଶମ୍ଭୁ ମିଳନ ଅବସରରେ ପ୍ରବଚନ ପ୍ରଦାନ କରିଥିଲେ। ଏହିଅବସରରେ ଏହିପବିତ୍ର ସ୍ଥଳକୁ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ ଓ ଗଣ୍ୟମାନ୍ୟ ବ୍ୟକ୍ତି ପହଞ୍ଚି ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ।

# ଶୀତଳୀକରଣ ଯନ୍ତ୍ର ଅଚଳ

ଉଦୟଗିରି, (ସବ୍ୟୁ): ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସୂଚନାନୁଯାୟୀ ଆଗକୁ ଆହୁରି ତାପମାତ୍ରା ବଢିବାର ସମ୍ଭାବନା ରହିଛି। ତାପମାତ୍ରାକୁ ଦୃଷ୍ଟିରେ ରଖି ପାନୀୟ ଜଳ ମଧ ଦିନକୁ ଦିନ ଉତ୍କଟ ହେବାର ଲାଗିଛି । ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ବଡଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାରରେ ଥିବା ଶୀତଳୀକରଣ ଯନ୍ତ୍ର । କଟକ-ଯାଜପୁର-କେନ୍ଦ୍ରାପଡ଼ା ଜିଲ୍ଲାର ସୀମାନ୍ତବର୍ତ୍ତୀ ତଥା ଯାଜପୁର ଜିଲ୍ଲା ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାରଟି ଏକ ପ୍ରମୁଖ ଏବଂ ପୁରାତନ ବାଣିଜ୍ୟିକ ପେଣ୍ଠସ୍ଥଳୀ ହୋଇଥିଲେ ମଧ ଏହା ବର୍ଷ ବର୍ଷ ଧରି ଅବହେଳାର ଶିକାର ହୋଇଛି । ପ୍ରାୟ ୬୦/୭୦ ବର୍ଷର ପୁରୁଣା ଏହା ଏକ ଗ୍ରାମୀଣ ବଜାର ହୋଇଥିଲାବେଳେ ପ୍ରାୟ ହଜାରରୁ ଅଧିକ ଛୋଟ ବଡ଼ ବ୍ୟବସାୟୀଙ୍କର ବ୍ୟବସାୟ ପ୍ରତିଷ୍ଠାନ ଏଠାରେ ରହିଛି। ୧୦ ରୁ ଅଧିକ ଶିକ୍ଷାନୁଷ୍ଠାନ, ୫ରୁ ଅଧିକ ବ୍ୟାଙ୍କ, ପୋଲିସ ଥାନା, ତେଲଟାଙ୍କି ରହିଥିଲାବେଳେ ଚଳଚଞ୍ଚଳ ଏବଂ ଗୁରୁତ୍ୱପୂର୍ଣ୍ଣ ଚଣ୍ଡୀଖୋଲ-ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥ ଏହାକୁ ସଂଯୋଗ କରୁଛି । ମଙ୍ଗଳବାର ଓ ଶନିବାର ଦୁଇଦିନ ସାପ୍ତାହିକ ହାଟପାଳି ଏଠାରେ ବସିଥାଏ । ପ୍ରତ୍ୟହ ଶତାଧିକ ଚାଷୀ, ବ୍ୟବସାୟୀ, ସାଧାରଣଲୋକ, ଛାତ୍ରଛାତ୍ରୀ ଏହି ବଜାର ଉପରେ ନିର୍ଭର କରିଥାନ୍ତି । ଏପରିକି କଟକ ଜିଲ୍ଲାର ମାହାଙ୍ଗା-କୁଆଁପାଳ, ବରି-ଡେରାବିଶ ଅଂଚଳ, କେନ୍ଦ୍ରାପଡ଼ା-ପଂଚୁପାଣ୍ଡବ ଏବଂ ଯାଜପୁର-ବରୁଆଁ-ବ୍ରହ୍ମବରଦା ଓ ଚଣ୍ଡୀଖୋଲ ଅଂଚଳରୁ ବିଭିନ୍ନ କାମରେ ଲୋକମାନେ ବାଲିଚନ୍ଦ୍ରପୁର ବଜାର ଉପରେ ନିର୍ଭର କରିଥାନ୍ତି । ବାଲିଚନ୍ଦ୍ରପୁର ଥାନା ଠାରୁ କଲେଜ ରୋଡ୍ ପର୍ଯ୍ୟନ୍ତ ହଜାରେରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନ, ଝୁରୁରା ଉଠାଦୋକାନ ରହିଥିଲାବେଳେ ଓ ପ୍ରତ୍ୟହ ଶହ ଶହ ଲୋକ ବାଲିଚନ୍ଦ୍ରପୁର ବଜାର ଉପରେ ନିର୍ଭର କରୁଥିଲେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ଶୀତଳ ପାନୀୟ ଜଳ ପ୍ରକଳ୍ପ ବନ୍ଦ ହୋଇ ପଡିଅଛି । ବଡଚଣାର ମାନ୍ୟବର ବିଧାୟକ ଅମର ପ୍ରସାଦ ଶତପଥି ୨୩.୧୦.୨୦୧୯ରିଖରେ ଏହି ପ୍ରକଳ୍ପଟିକୁ ଲୋକାର୍ପିତ କରିଥିଲେ। ବଜାରକୁ ଆସୁଥିବା ଯାତ୍ରୀମାନେ ସୁବିଧାରେ ଶୀତଳ ପାନୀୟ ଜଳ ପାଇବା ଉଦ୍ଦେଶ୍ୟରେ ଉକ୍ତ ପାନୀୟ ଜଳ ପ୍ରକଳ୍ପ ବସାଯାଇଥିଲା । କିନ୍ତୁ ରକ୍ଷଣା ବେକ୍ଷଣା ଅଭାବରୁ ଉକ୍ତ ପାନୀୟ ଜଳ ପ୍ରକଳ୍ପଟି ଅଚଳ ହୋଇପଡିଛି । ପ୍ରକଳ୍ପଟି ଅଚଳ ହୋଇପଡିଥିବାରୁ ଚର୍ତୁପାର୍ଶ୍ୱରେ ଆବଦ୍ଧ କରାଯାଇଥିବା ଲୁହା ଗ୍ରୀଲ ଗୁଡିକ କଳଙ୍କି ଲାଗିଗଲାଣି । ପ୍ରକଳ୍ପଟି ଅଚଳ ହୋଇପଡିବାରୁ ବାଲିଚନ୍ଦ୍ରପୁର ବଜାରକୁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି । ଏପରିକି ଅଧିକାଂଶ ଯାତ୍ରୀମାନେ ଦୋକାନରୁ ପାଣି ବୋତଲ କ୍ରୟ କରି ପାଣି ପିଉଥିବାର ଦେଖିବାକୁ ମିଳୁଛି । ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ଉକ୍ତ ପାନୀୟ ଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଯାତ୍ରୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# କଳିଙ୍ଗନଗରରେ ବିସ୍ଥାପିତ ଜମିହରା କ୍ଷତିଗ୍ରସ୍ତ ବିଚାର ମଞ୍ଚର ରଣହୁଙ୍କାର



ବ୍ୟାସନଗର, (ସବ୍ୟୁ): କଳିଙ୍ଗନଗର ସ୍ଥିତ ଆମ୍ବଗଡିଆ ଠାରେ ୧୪ରୁ ଉର୍ଦ୍ଧ ସଂଗଠନ ଗୋଟେ ମଞ୍ଚରେ ଏକାଠି ହୋଇ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି । ଅଭିଯୋଗ କରିଥିଲେ କି ବିସ୍ଥାପିତ ମାନଙ୍କୁ ତାଙ୍କ ହକ ପାଇଁ ଏକାଠି କରାଇ ଦେଉନାହାନ୍ତି ରାଜ୍ୟ ସରକାର । ସଭାରେ ରାଜ୍ୟ, ରାଜ୍ୟ ବାହାରୁ ବିଭିନ୍ନ ନେତୃମଣ୍ଡଳୀ ଆସି ସ୍ଥାନୀୟ ସଂଗଠନର ଲୋକଙ୍କୁ ଏକ ହୋଇ ଲଢ଼ିଲେ ଆମକୁ ଟାଟା କାରଖାନା ସହ ଅନ୍ୟ ସବୁ କାରଖାନାରୁ ହକ ମିଳିପାରିବ ବୋଲି କହିଥିଲେ । ଖଣି ଶିଳ୍ପ ଭରା ଯାଜପୁର ଜିଲ୍ଲାର ବହୁ ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ ହେଲା ସୁକିନ୍ଦା । ୫୦ ପ୍ରତିଶତ ଆଦିବାସୀ ହରିଜନ ଭୋଟରଙ୍କ ମତଦାନ ନେତାଙ୍କର ଭାଗ୍ୟ ନିର୍ଧାରଣ କରେ । ନୀଳାଚଳ କାରଖାନା ଫାଟକ ସମ୍ମୁଖରେ ଦୀର୍ଘ ୨ ମାସ ହେବ ଜମିହରା ବାସଚ୍ୟୁତ ଚାକରି ପାଇଁ ଧାରଣାରେ ବସିଲେଣି । ପ୍ରଶାସନ, ଆନ୍ଦୋଳନକାରୀ, କାରଖାନା କର୍ତୃପକ୍ଷଙ୍କର ତ୍ରିପାକ୍ଷିକ ବୈଠକରେ କିଛି ସୁଫଳ ମିଳିନାହିଁ। ଆନ୍ଦୋଳନ କାରୀଙ୍କ କହିବା କଥା ଯେଉଁ ମାନେ ବିସ୍ଥାପିତ ବେଳେ ଚାକରି କରିଥିଲେ ସେମାନେ ଚାକିରୀ ସମୟରେ ମୃତ୍ୟୁ କଲେ ତାଙ୍କ ପରିବାରକୁ ଆଉ ଜଣଙ୍କୁ ନୀଳାଚଳ କାରଖାନା ଚାକରି ଦେଉ । କମ୍ପାନୀ କହିବା କଥା ସେପରି କିଛି ନିୟମ ନାହିଁ, ତମେ ମାନେ ଆଉଟସୋରସିଂରେ ସପ୍ଲାଇରେ ରହିପାରିବ । ଏକଥାରେ ରାଜି ନହୋଇ ଆନ୍ଦୋଳନ କରୁଥିବା ପରିବାରଙ୍କୁ ବହୁତ ସଂଗଠନ ଇତି ମଧ୍ୟରେ ସମର୍ଥନ ଦେଲେଣି । ଆଦିବାସୀ ନେତା ଆମରଣ ଅନଶନରେ ବସି ଅସୁସ୍ଥ ହୋଇ ମେଡିକାଲ ଗଲେଣି । କିନ୍ତୁ ସମସ୍ୟାର ସମାଧାନ ହେଉନାହିଁ । ଏହାକୁ ନେଇ ଏହି ବିରାଟ ସଭାରେ କଳିଙ୍ଗନଗରର ସମସ୍ତ ବିସ୍ଥାପିତ ପରିବାର ଓ ଅନ୍ୟାନ ଆଦିବାସୀ, କୃଷକ ସଂଗଠନ, ଶ୍ରମିକ ସଂଗଠନଙ୍କର ବୀରଭୂମି ଆମ୍ବଗାଡ଼ିଆ ସହିଦ ପଡିଆରେ ଏକାଠି ହୋଇଥିଲେ । ସଭାରେ ବକ୍ତା ଅଭିଯୋଗ କରିଥିଲେ କି ସ୍ଥାନୀୟ ବିଧାୟକ ଏ କଥାକୁ ଗୁରୁତର ସହ ନେଉ ନାହାଁନ୍ତି କି ନିର୍ବାଚନ ଆଚରଣ ବିଧି ଘୋଷଣା ପୂର୍ବରୁ ମନ୍ତ୍ରୀ ଥାଇ ମଧ ସେମାନଙ୍କ ଦୁଃଖ ବୁଝୁ ନାହାଁନ୍ତି କି ଦେଖା କରିବାକୁ ଆସୁ ନାହାଁନ୍ତି । ସଭାରେ ବିସ୍ଥାପନ ବିରୋଧ ଜନମଞ୍ଚ ସୁକିନ୍ଦା, ନାଗରିକ ସୁରକ୍ଷା ସୁକିନ୍ଦା, ଭୂମି ମୁକ୍ତି କୃଷକ ମଞ୍ଚ,ବିସ୍ଥାପିତ ଜମିହରା କମିଟି, ଓଡିଶା ମାନବିକ ଅଧିକାର ମଞ୍ଚ,କଳିଙ୍ଗନଗର ଶ୍ରମିକ ସଂଗଠନ, କଳିଙ୍ଗନଗର ଠିକା ଶ୍ରମିକ ସାମୁଖ୍ୟ,ସବୁଜ ସଶ୍ୟ କ୍ଷେତ୍ର ବଞ୍ଚାଅ ଅଭିଯାନ, ଭୀମ ଆର୍ମି, ମୂଳ ନିବାସୀ ୟୁନାଇଟେଡ଼ ଫୋରମ, ଅଲ ଇଣ୍ଡିଆ ହୋ ଲାଙ୍ଗୁଏଜ ଆକ୍ସନ କମିଟି, ଜିନ୍ଦଲ ବିସ୍ଥାପିତ ପରିବାର ଏହିପରି ୧୪ଟି ସଂଗଠନ ସାମିଲ ହୋଇ ନିଜର ହକ ପାଇଁ ଲଢେଇ କରିବାର ହୁଙ୍କାର ଦେଇଥିଲେ । ଏହି ସଭାକୁ ଭଣ୍ଡୁର କରିବା ପାଇଁ ଗୋବରଘାଟି ଠାରେ ବିଜେଡିର ଏକ ସଭା ଆଦିବାସୀମାନଙ୍କର ବିକାଶ ର ମାଟି ଆମ ଗୋବରଘାଟି ନାମକ ବ୍ୟାନରରେ ସମାନ୍ତରଣ ଭାବେ ହୋଇଥିଲା । ସଭାରେ ବିଦ୍ୟାଧର ଦେହୁରୀ, ନିହାର ରଞ୍ଜନ ସାମଲ, ଚିତ୍ରସେନ ସିଙ୍କୁ ପୂର୍ବତନ ସାଂସଦ ଝାଡାଖଣ୍ଡ,ସୁନି ସିଙ୍କୁ, ମହେନ୍ଦ୍ର ଯାମୁଦା, ଅମର ସିଂ ବାନରା, ଚକ୍ରଧର ଆଲଦା,ଶମ୍ଭୁ ମହାନ୍ତ, ଗୀତାଞ୍ଜଳି ମହାନ୍ତ,ବାବୁଲି ପୂର୍ତ୍ତୀ, ସୁଧାଂଶୁ ଶେଖର ସାହୁ,ଗିରିଶ ମହାନ୍ତ, ରବୀନ୍ଦ୍ର ଜାରିକା, ବାବୁଲି ହାଇବ୍ରୁ,ବିନୋଦ ହେମ୍ବ୍ରମ, ସିନି ସଏଙ୍କ ସହ ସମସ୍ତ ସଂଗଠନର ଶତାଧିକ ଉପସ୍ଥିତ ଥିଲେ ।

## ବଡ଼ଚଣା ଥାନା ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ

ଚଣ୍ଡିଖୋଲ, (ସବ୍ୟୁ) :ଚଳିତ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ଯାଜପୁର ଜିଲ୍ଲାର ବଡ଼ଚଣା ଥାନା ପୋଲିସ ପକ୍ଷରୁ ତୃତୀୟ ଦଫାରେ ଭିନ୍ନ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇ ଜନ ସାଧାରଣଙ୍କୁ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଦିନ ତୃତୀୟ ପର୍ଯ୍ୟାୟ ଫ୍ଲାଗମାର୍ଚ୍ଚ କରାଯାଇଥିଲା ।ଏହି ଥାନା ଅନ୍ତର୍ଗତ ବନ୍ଧା, ପଦ୍ମନାଭପୁର, ଗୌଡ଼ପାଟଣା, ବାଇଶିମୌଜା, ନୂଆହାଟ ବଜାର, ଅରଖପୁର, ବାଙ୍ଗୁରଗୁଣ୍ଡା ଓ ଚଣ୍ଡିଖୋଲ ଛକ ଆଦି ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ପୋଲିସ ଏସ ଆଇ ବିଦ୍ୟୁତ କୁମାର ଦେହୁରୀ ଓ ଶ୍ରୀନିବାସ ପଙ୍ଗାରୀଙ୍କ ସମେତ ସିଆରପିଏଫର ବହୁ ଅଧିକାରୀ ଓ ଫୋର୍ସ ଏହି ଫ୍ଲାଗମାର୍ଚ୍ଚ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ସଠିପୁରରେ ଅଗ୍ନିକାଣ୍ଡ, ପରିବାର ସର୍ବସ୍ୱାନ୍ତ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ତଥା ମାଳଆନନ୍ଦପୁର ପଂଚାୟତ ସଠିପୁର ଗ୍ରାମରେ ଆଜି ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ସମ୍ପୂର୍ଣ୍ଣ ଜଳିଯିବା ସହ ପରିବାରଟି ସର୍ବସ୍ୱାନ୍ତ ହୋଇଛି । ପ୍ରକାଶଯେ ସଠିପୁର ଗ୍ରାମର ସୁଦର୍ଶନ ବେହେରାଙ୍କ ଘରେ ଆଜି ସକାଳ ୧୦ଟା ବେଳେ ହଠାତ ଅଗ୍ନିକାଣ୍ଡ ଘଟିଥିଲା । ନିଆଁ ଲାଗିବାର କାରଣ ରୋଷେଇରୁ ବା ବିଦ୍ୟୁତ ସର୍ଟ ସର୍କିଟରୁ ଜଣାପଡିନଥିବା ବେଳେ ଉକ୍ତ ଦୁଇ ବଖରା ଘର ସମ୍ପୂର୍ଣ୍ଣ ଜଳି ଯାଇଥିଲା । ଗ୍ରାମବାସୀ ମାନେ ନିଆଁକୁ ଆୟତ୍ତ କରିଥିବା ବେଳେ ବୈତରଣୀ ରୋଡ ଦମକଳ ବାହିନୀ ପହଂଚିଥିଲା । ସେତେବେଳକୁ ସ୍ଥାନୀୟ ଲୋକ ଓ ଗ୍ରାମବାସୀଙ୍କ ଦ୍ୱାରା ନିଆଁ ଆୟତ ହୋଇଯାଇଥିଲା । ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସାପ୍ତାହିକ ହାଟରୁ ବାଇକ୍ ଚୋରି

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତର ସାହାପୁର ଠାରେ ସପ୍ତାହିକ ହାଟ ସପ୍ତାହର ଦୁଇ ଦିନ ମଙ୍ଗଳବାର ଓ ଶନିବାର ବସେ । ଗତକାଲି ହାଟ ଅବସରରେ ଗହଳୀର ସୁଯୋଗ ନେଇ ବାଇକ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ ଯେ ସାହାପୁର ଠାରେ ସୁବ୍ରତ ସାହୁ ନାମକ ଯୁବକ ମିଠା ଦେକାନ କରିଛନ୍ତି । ସବୁ ଦିନ ପରି ସେ ତାଙ୍କ ଦେକାନ ଆଗରେ ତାଙ୍କ ୟୁନିକର୍ଣ୍ଣ ବାଇକ ( ଓଡି୦୫ଜି୧୩୯୭) ରଖି ଦେକାନରେ ବ୍ୟବସାୟ କରନ୍ତି । କିନ୍ତୁ ମଙ୍ଗଳବାର ହାଟପାଳିର ସୁଯୋଗ ନେଇକେହି ଦୃର୍ବୃର୍ତ ତାଙ୍କ ବାଇକଟି ଚୋରି କରିଥିବା ଅଭିଯୋଗ ହୋଇଛି । ପୁଲିସ ଏହି ଚୋରି ମାମଲାରେ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

## ମୋବାଇଲ ଚୋର କୋର୍ଟ ଚାଲାଣ

ବ୍ୟାସନଗର,(ଜିପ୍ର): ପୃଷ୍ଟି ଅଳଙ୍କାର ଜୁଏଲର୍ସ ମାଲିକଙ୍କ ମୋବାଇଲ ଲୁଟି ନେବା ଘଟଣାରେ ଯାଜପୁର ରୋଡ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖବର ମତେ ସୁନା ଦୋକାନ ମାଲିକ ତନ୍ମୟ କୁମାର ପୃଷ୍ଟି ମଙ୍ଗଳବାର ଦୋକାନ ଖୋଲିବାକୁ ଯାଇ ରାସ୍ତା ଉପରେ ଗାଡି ରଖି ମୋବାଇଲ ରଖିଥିଲେ । ଦୋକାନ ଖୋଲୁଥିବା ବେଳେ ହଠାତ୍ ଜଣେ ଯୁବକ ତାଙ୍କ ମୋବାଇଲ ନେଇ ଚମ୍ପଟ ମାରିଥିଲା । ସୁନା ଦୋକାନ ପିଲା ଲୁଟେରାର ପିଛା କରି ତାକୁ କାବୁ କରିଥିଲେ । ଏନେଇ ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଁଚି ଲୁଟେରା ଯାଜପୁର ରୋଡ ଥାନା ମୋରମ ଛକ ଅଂଚଳର ନିର୍ମଳ ଦାସ ଓରଫ (୨୭)ଙ୍କୁ ଗିରଫ କରିଥିଲା । ମୋବାଇଲ ଚୋରି ପରେ ତୁରନ୍ତ ଗୋଟିଏ ମୋବାଇଲ ଯୋଗୀସାହିର ମନୋଜ ମହାନ୍ତ(୨୭)କୁ ୧୦ହଜାର ଟଙ୍କାରେ ବିକ୍ରି କରିଥିବା କହିବା ପରେ ପୁଲିସ ମନୋଜକୁ ଗିରଫ କରିବା ସହିତ ମୋବାଇଲ ଦୁଇଟିକୁ ଜବତ କରିଥିଲା। ବୁଧବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଯାଜପୁର ରୋଡ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ମହାକାଳପଡ଼ା, (ସବ୍ୟୁ): ମହାକାଳପଡ଼ା ବ୍ଲକ ସ୍ଥିତ ଠାକୁର ନିଗମାନନ୍ଦ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରାହାମାର ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ପ୍ରଦୀପ୍ତ କିଶୋର ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ଖଗେଶ୍ୱର ବିଶ୍ୱାଳ ସଭାପତିତ୍ୱ କରିଥିଲେ । ପ୍ରାଧ୍ୟାପକ ଶ୍ରୀ ରାଉତରାୟ ୩୧.୦୩.୨୦୨୪ରେ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ଗତକାଲି ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ ପ୍ରାଧ୍ୟାପକ ଶ୍ରୀ ରାଉତରାୟଙ୍କ ଛାତ୍ର ବତ୍ସଳତା, ଅନୁଷ୍ଠାନ ପ୍ରତି ତ୍ୟାଗ, ଉତ୍ସର୍ଗୀକୃତ ମନୋଭାବ ଓ ଭଲ ପାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଗତ ଦିନର ଶିକ୍ଷାଦାନ ସମୟରେ ଏ ସମ୍ପର୍କରେ ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକାମାନେ କହିଥଲେ । ଏଥିରେ ଅତିଥିଭାବେ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ଧ୍ରୁବ ଚରଣ ଦାସ, ପ୍ରାଧ୍ୟାପକ ବାଙ୍କ ବିହାରୀ ରାଉତ, ଅଧ୍ୟାପିକା ଝୁନୁଲତା ସ୍ୱାଇଁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଦୀପ କୁମାର କରଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ ।

## ସୁନା ଅଳଙ୍କାର ଲୁଟ୍

ନିଶ୍ଚିନ୍ତକୋଇଲି, (ସବ୍ୟୁ): ବରାଦୋ ପଞ୍ଚାୟତ ପାଟପୁର ଗ୍ରାମର ସ୍ୱର୍ଗତ ମହେଶ୍ୱର ମହାପାତ୍ରଙ୍କ ପତ୍ନୀ ବୃଦ୍ଧା କାଞ୍ଚନ ମହାପାତ୍ର ଙ୍କ ଠାରୁ ବୁଧବାର ପୂର୍ବାହ୍ନରେ ଦୁଇ ଜଣ ଦୁର୍ବୃତ୍ତ ୪୦ଗ୍ରାମର ସୁନା ଅଳଙ୍କାର ଲୁଟ କରି ନେଇଥିବା ସାଲେପୁର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପରେ ବୃଦ୍ଧାଙ୍କ ଲାଗିଥିବ ସିସି ଟିଭି ଫୁଟେଜକୁ ପୋଲିସ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ ଦୁର୍ବୃତଙ୍କ ପତ୍ତା ମିଳିନଥିବା ଜଣାଯାଇଛି । ବୃଦ୍ଧଙ୍କ ନିକଟରେ ଥିବା ୩୫ଗ୍ରାମର ଏକ ପୁରୁଣା ସୁନା ହାର ଓ ୫ଗ୍ରାମର ଏକ ସୁନା ମୁଦି ସଫେଇ କରିବା ପାଇଁ ଦେଇଥିଲେ । ସଫେଇ କରୁଥିବା ସମୟରେ ଏହି ଦୁଇଜଣ ପାଣି ପିଇବାକୁ ବୃଦ୍ଧାଙ୍କୁ ମାଗିଥିଲେ । ବୃଦ୍ଧା ଜଣକ ପାଣି ପାଇଁ ଘରକୁ ଯାଇଥିବାବେଳ ଦୁଇ ଦୁର୍ବୃତ୍ତ ସୁନା, ଅଳଙ୍କାର ନେଇ ଚମ୍ପଟ ମାରିଥିଲେ । ଅନେକ ସମୟରେ ଏଭଳି ଘଟଣାମାନ ଘଟୁଥିଲା ବେଳେ ଲୋକେ ସଚେତନ ନହେବାରୁ ଦିନକୁ ଦିନ ଅଳଙ୍କାର ଲୁଟ ବଢି ବଢି ଚାଲିଥିବା ଦେଖାଯାଇଛି ।

## ଝରକା ଭାଙ୍ଗି ଚୋରି, ପୋଲିସର ତଦନ୍ତ

ଚଣ୍ଡିଖୋଲ, (ସବ୍ୟୁ) :ଯାଜପୁର ଜିଲ୍ଲାର ବଡଚଣା ଥାନା ତଥା ଚଣ୍ଡିଖୋଲ ଫାଣ୍ଡି ଅନ୍ତର୍ଗତ ନୂଆସୁଙ୍ଗୁଡା ଗ୍ରାମର ବ୍ୟସାୟି ଅଜୟ ସେନାପତିଙ୍କ ଘରର ଝରକା ଭାଙ୍ଗି ଦୁବୃର୍ତ୍ତମାନେ ମଙ୍ଗଳବାର ବିଳମ୍ବିତ ରାତିରେ ନଗଦ ଟଙ୍କା ଓ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଏବଂ ରୂପା ଅଳଙ୍କାର ଚୋରିକରି ନେଇଥିବା ଜଣାପଡିଛି ।ଶ୍ରୀ ସେନାପତି ସପରିବାର ଘରର ଗୋଟିଏ କୋଠରିରେ ଶୋଇଥିଲା ବେଳେ ଚୋରମାନେ ଅନ୍ୟ ଏକ କୋଠରିର ଝରକା କବାଟ ଭାଙ୍ଗି ଘରେପଶି ଗଡରେଜ ଭିତରେ ଥିବା ୮୦ଗ୍ରାମ ସୁନା ୧୦୦ଗ୍ରାମ ରୂପା ଅଳଙ୍କାର ସହିତ ନଗଦ ଟଙ୍କା ଲୁଟିନେଇଥିବା ଜଣାପଡିଛି। ଏହି ତଥ୍ୟ ଦେଇ ଶ୍ରୀ ସେନାପତି ବୁଧବାର ସକାଳୁ ବଡଚଣା ଥାନାରେ ଲିଖିତ ଏତଲା ଦାୟର କରିବା ପରେ ସଙ୍ଗେସଙ୍ଗେ ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ଆଧାରକରି ତଦନ୍ତ ଆରମ୍ଭ କରିଥିଲେ। ପରେ ଯାଜପୁର ଏସପିଙ୍କ ନିର୍ଦ୍ଦେଶରେ ଥାନା ଅଧିକାରୀ ପୋଲିସର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତକୁ ଯୋରଦାର କରିବା ସହ ସ୍ଥାନୀୟ ସନ୍ଦିଗ୍ଧ ମାନଙ୍କୁ ଠାବକରି ପଚରାଉଚରା କରିଛନ୍ତି । ବଡଚଣା ଥାନାରେ ଏଥିନେଇ ୧୮୫/୨୪ ନମ୍ବରରେ ମାମଲା ପଞ୍ଜିକରଣ କରି ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଦିନତମାମ ଖାନ୍ତଲାସି ଯାରିରହିଛି! ତେବେ ଚୋରି ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସର ହସ୍ତଗତ ହୋଇଥିବାରୁ ଖୁବଶୀଘ୍ର ସମ୍ପୃକ୍ତ ଲୁଟେରା ମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

## ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ, କର୍ମକର୍ତ୍ତା ନିର୍ବାଚନ

ନିଶ୍ଚିନ୍ତକୋଇଲି, (ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ପଞ୍ଚାୟତ ଚମ୍ପତିପାଟଣା ସ୍ଥିତ ଶ୍ରୀ ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ଏଲ.ଏନ୍ ପୁଟୁଲୀ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ ୩ଦିନ ଧରି ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ମଣ୍ଡଳରୁ ୨ଶହରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ ଓ ମେଧାବୀ ଛାତ୍ରଙ୍କୁ ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି । ଅନୁଷ୍ଠାନର ସଭାପତି ରଶ୍ମୀକାନ୍ତ ସାହୁଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ନିଖିଳ ଉତ୍କଳ ପୁଟୁଲୀ ବୈଶ୍ୟ ସମାଜର ସଭାପତି ରଘୁନାଥ ସାହୁ, ସମ୍ମାନୀତ ଅତିଥି ଭାବେ ରାଜ୍ୟ ଉପସଭାପତି କୈଳାସ ଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ନୃସିଂହପ୍ରସାଦ ସାହୁ,କୋଷାଧ୍ୟକ୍ଷ ପ୍ରମୋଦ କୁମାର ପୃଷ୍ଟି,କାର୍ଯ୍ୟକାରିଣୀ ସଭ୍ୟ ରାଧାକାନ୍ତ ସାହୁ, ଜଗତ୍ ନାୟକ, ଜିଲ୍ଲା ସଂଯୋଜକ ଅଜିତ୍ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏଲଏନ୍ ବୈଶ୍ୟ ସମାଜର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଏଥିରେ ସଭାପତି ଭାବେ ରଶ୍ମୀକାନ୍ତ ସାହୁ,ଉପସଭାପତି ଭାବେ ଗୋବର୍ଦ୍ଧନ ନାୟକ,ସମ୍ପାଦକ ଭାବେ ସନ୍ତୋଷ କୁମାର ସାହୁ,ସଂଗଠନ ସମ୍ପାଦକ ଭାବେ ସୁଶାନ୍ତ କୁମାର ପୃଷ୍ଟି, ଯୁଗ୍ମ ସମ୍ପାଦକ ଭାବେ ଶ୍ରୀନିବାସ ପୃଷ୍ଟି,କୋଷାଧ୍ୟକ୍ଷ ଭାବେ ଅଶୋକ କୁମାର ସାହୁ,ଅଡ଼ିଟର ଭାବେ ହରିହର ସାହୁ ଏବଂ କାର୍ଯ୍ୟକାରିଣୀ ସଭ୍ୟ ଭାବେ ରମେଶ ପୃଷ୍ଟି ଏବଂ ଗଣେଶ ସାହୁଙ୍କୁ ସର୍ବସମ୍ମତି କ୍ରମେ ନିର୍ବାର୍ଚିତ କରାଯାଇଛି । ସେହିପରି ମହିଳା ଶାଖାର କର୍ମକର୍ତ୍ତା ଭାବେ ସସ୍ମିତା ନାୟକ ଓ ସ୍ନେହମୟୀ ସାହୁଙ୍କୁ ମଧ ମନୋନୀତ କରାଯାଇଛି ।



# ଇଭିଏମ୍ ଓ ଭିଭିପାଟ୍‌ର ପ୍ରଥମ ପର୍ଯ୍ୟାୟ ରାଣ୍ଡମାଇଜେସନ୍

କେନ୍ଦ୍ରାପଡ଼ା, (ସବ୍ୟୁ): ଭାରତର ନିର୍ବାଚନ କମିସନ୍ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଇଭିଏମ୍ ଓଭିଭିପାଟ୍‌ର ପ୍ରଥମ ପର୍ଯ୍ୟାୟ ରାଣ୍ଡମାଇଜେସନ୍ ପ୍ରକ୍ରିୟା ସୋମବାର ଠାରୁ ଆରମ୍ଭ ହୋଇଛି। ସମସ୍ତ ରାଜନୈତିକ ଦଳରପ୍ରତିନିଧି ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲା ମୁଖ୍ୟ ନିର୍ବାଚନଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହିକାର୍ଯ୍ୟ ଗରାପୁର କପାଳେଶ୍ୱର ମୌଜାସ୍ଥିତ ୱେୟାର୍‌ହାଉସ୍‌ଠାରେ ସମ୍ପାଦନ ହେଉଛି। ପ୍ରତିଟି ଇଭିଏମ୍ ଓ ଭିଭିପାଟ୍‌ରକ୍ରମିକ ନମ୍ବରକୁ ର୍‍ୟାଣ୍ଡମ୍‌ଲି ଏକ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ ସହଅନ୍‌ଲାଇନ୍ ମାଧ୍ୟମରେ ସ୍ୱଚ୍ଛ ଓ ନିରପେକ୍ଷ ଭାବରେ ସଂଯୋଗକରାଯାଉଛି। ଏହି ରାଣ୍ଡମାଇଜେସନ୍ ପରେ ସମସ୍ତ ଇଭିଏମ୍ ଏବଂଭିଭିପାଟ୍‌କୁ ସଂପୃକ୍ତ ବିଧାନସଭା ଓ ଲୋକସଭାଖଣ୍ଡକୁ ପ୍ରଦାନକରାଯିବ, ଯାହାକି ସଂପୃକ୍ତ ରିଟର୍ଣ୍ଣିଂ ଅଫିସରଙ୍କ ଦାୟିତ୍ୱରେରହିବ। ପୂର୍ବ ସ୍ଥିରୀକୃତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଷ୍ଟ୍ରଙ୍ଗରୁମ୍‌ରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କଉପସ୍ଥିତିରେ ଏହାକୁ ରଖି ତାଲା ଦିଆଯିବ। ସ୍ୱଚ୍ଛ, ଅବାଧ,ନିରପେକ୍ଷ ନିର୍ବାଚନ ପାଇଁ ୨୪ ଘଂଟିଆ ସଶସ୍ତ୍ର ପୋଲିସ ବାହିନୀରକଡ଼ା ସୁରକ୍ଷାବଳୟ ଏବଂ ସିସିଟିଭି ସୁପରିଭିଜନ ମଧ୍ୟରେ ଏହିମେସିନ୍ ରହିବ। ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ପ୍ରଫୁଲ୍ଲ କୁମାରଦାସ, ବିଜେଡି ପକ୍ଷରୁ ଧୀରେନ୍ କୁମାର ସାହୁ, ବିଜେପି ପକ୍ଷରୁଉପିନ୍ କୁମାର ରାଉତ ଓ ନିହାର ରଞ୍ଜନ ମହାନ୍ତି, ବହୁ ଜନସମାଜବାଦୀପାର୍ଟି ପକ୍ଷରୁ ସୁଧାକର ମଲ୍ଲିକ, ସିପିଆଇ(ଏମ୍) ପକ୍ଷରୁ ଗୟାଧର ଧଳ,ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସୂର୍ଯ୍ୟକାନ୍ତ ପରିଡ଼ା ପ୍ରମୁଖ ଏହିରାଣ୍ଡମାଇଜେସନ୍ ପ୍ରକ୍ରିୟାରେ ଉପସ୍ଥିତ ରହିଥିଲେ। ସେମାନେ ଜିଲ୍ଲାପ୍ରଶାସନ ପକ୍ଷରୁ ରାଣ୍ଡମାଇଜେସନ୍ ପାଇଁ ନିଆଯାଇଥିବା ସମସ୍ତପଦକ୍ଷେପକୁ ଭୂୟସୀ ପ୍ରଶଂସା କରିବା ସହ ନିଜ ନିଜର ଆତ୍ମ ସନ୍ତୋଷପ୍ରକଟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତି ଜିଲ୍ଲାନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀରରିଟର୍ଣ୍ଣିଂ ଅଫିସର ଶ୍ରୀ ପୀତାମ୍ବର ସାମଲ, ରାଜନଗର ବିଧାନସଭାନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ନୀଲୁ ମହାପାତ୍ର,କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରରିଟର୍ଣ୍ଣିଂ ଅଫିସର ଶ୍ରୀ ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ାବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ରପଣ୍ଡା, କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରଏଆର୍‌ଓ, ଜିଲ୍ଲା ଇ-ଗଭର୍ଣ୍ଣାସ୍ ପରିଚାଳକ ଜ୍ଞାନ ରଞ୍ଜନ ସେଠୀ,ସମସ୍ତ ଡେପୁଟି କଲେକ୍ଟର୍, ଆସିଷ୍ଟାଂଟ୍ କଲେକ୍ଟର, ଜିଲ୍ଲାସ୍ତରୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷୟିତ୍ରୀଙ୍କୁ କିରାଣୀଙ୍କ ଯୌନ ନିର୍ଯାତନା ଅଭିଯୋଗ

କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡା ଦୁହୁରିଆ ସ୍ଥିତ ରତ୍ନାକର ହାଇସ୍କୁଲର କିରାଣୀଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ସଦର ଥାନାରେ କରାଯାଇଛି । ସେହି ସ୍କୁଲର ଜନୈକ ଶିକ୍ଷୟିତ୍ରୀଙ୍କୁ ସଂପୃକ୍ତ କିରାଣୀଙ୍କ ବିଭିନ୍ନସମୟରେ ନାନା ପ୍ରକାର ଆଳ ଦେଖାଇ ଦୀର୍ଘଦିନ ହେଲା ଅଶ୍ଳୀଳ ବ୍ୟବହାର, ଅଶ୍ରାବ୍ୟ ଭାଷା ପ୍ରୟୋଗ, ବିନା କାରଣରେ ଶରୀରକୁ ସ୍ପର୍ଶ କରିବା, ଶରୀରର ଗଠନକୁ ନେଇ କୁତ୍ସିତ ମନ୍ତବ୍ୟ ଦେବା ଆଦିସହ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇ ଆସୁଥିବା ଶିକ୍ଷୟିତ୍ରୀଜଣକ ସଦର ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଘଟଣା ବାହାରେ ପ୍ରକାଶ କଲେ ଚାକିରୀରୁ ନିଲମ୍ବନ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗ ପତ୍ରରେ ଲେଖା ଯାଇଛି। ଏହା ସହ ବହୁ ଗୁରୁତର ଅଭିଯୋଗ (ପ୍ରକାଶ ଯୋଗ୍ୟ ନୁହେଁ)ଶିକ୍ଷୟିତ୍ରୀ ଜଣକ ଥାନାରେ କାନ୍ଦି କାନ୍ଦି ପ୍ରକାଶ କରିଥିଲେ ।ବୁଧବାର ପୂର୍ବାହ୍ନରେ ଏହି ଶିକ୍ଷୟିତ୍ରୀ ଜଣକ ସଦର ଥାନାରେ ପହଁଚିଅଭିଯୋଗ କରିବା ସହ ସମସ୍ତ ଘଟଣା ବୟାନ କରିଥିଲେ । ଭିଯୋଗପାଇବା ପରେ ସଦର ଥାନା ପକ୍ଷରୁ କେଶ ନଂ-୨୨୪/୨୪ ରେ ଏକ ମାମଲାରୁଜୁ କରାଯାଇ କିରାଣୀ କୁ ଥାନାକୁ ଡାକି ଅଟକ ରଖି ତଦନ୍ତ କରାଯାଉଥିବା ଅଧିକାରୀ ସରୋଜ ସାହୁ ସୂଚନା ଦେଇଛନ୍ତି ।

# ଜିଲ୍ଲା କଂଗ୍ରେସ ଲୋକସଭା ପର୍ଯ୍ୟବେକ୍ଷକଙ୍କ ଯାଜପୁର ଗସ୍ତ



ଯାଜପୁର, (ସବ୍ୟୁ): ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତ ଯାଜପୁର ଜିଲ୍ଲା ଲୋକସଭା ପର୍ଯ୍ୟବକ୍ଷେକ ଅନିତାବାଳା ଆଚାର୍ଯ୍ୟ ଆଜି ଦିବା ୧୧ ଘଟିକା ସମୟରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ପହଞ୍ଚି ସମସ୍ତ ବ୍ଲକର ସଭାପତି ମାନଙ୍କ ସହିତ କଂଗ୍ରେସ ସଂଗଠନ ଉପରେ ଆଲୋଚନା କରିଥିଲେ। ଚଳିତ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରୁ କଂଗ୍ରେସ କିପରି ସୁଦୃଢ଼ ହୋଇପାରିବ ସେଥି ପ୍ରତି ଦୃଷ୍ଟି ଆକର୍ଶଣ କରିଥିଲେ। ଉପସ୍ଥିତ ବ୍ଲକର ସଭାପତି, ଆଶାୟୀ ପ୍ରାର୍ଥୀ ଏବଂ କର୍ମୀମାନଙ୍କୁ କଂଗ୍ରେସ ଦଳର ପ୍ରଗମନ, ବିଏଲ୍‌ଓ -୧, ବିଏଲ୍‌ଓ-୨, ଆଇଏନ୍‌ସି ସାଥୀ ଏବଂ ବିଶେଷକରି କଂଗ୍ରେସର ଗ୍ୟାରେଣ୍ଟି କାର୍ଡ଼ ଉପରେ ଆଲୋଚନା କରିବା ସହିତ କଂଗ୍ରେସ ଦଳର ଆଗାମୀ ନିର୍ବାଚନରେ ଯେଉଁ ଗ୍ୟାରେଣ୍ଟି କାର୍ଡ଼ ପ୍ରକାଶ କରିଛି ତାହା କିପରି ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ ସେଥିନିମନ୍ତେ ସମସ୍ତଙ୍କୁ ସଚେତନ କରାଇଥିଲେ। ତାଙ୍କର ଏହି କାର୍ଯ୍ୟକ୍ରମରେ ଯାଜପୁର ପୌରପାଳିକା, ଯାଜପୁର ବ୍ଲକ, ଦଶରଥପୁର ବ୍ଲକ, କୋରେଇ ବ୍ଲକ, ରସୁଲପୁର ବ୍ଲକ, ବିଞ୍ଝାରପୁର ବ୍ଲକର ସମସ୍ତ ସଭାପତି ଏବଂ ଆଶୀ ପ୍ରାର୍ଥୀ ଓ କର୍ମୀମାନେ ଯୋଗଦେଇଥିବା ବେଳେ ଅବସିଷ୍ଟ ବ୍ଲକର ସଭାପତି କର୍ମୀମାନଙ୍କ ସହିତ ଆଗାମୀ ଦିନରେ ଆଲୋଚନା କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସନ୍ତୋଷ ନନ୍ଦ, ଭାଷ୍କର ମହାନ୍ତି, ଦୁର୍ଯ୍ୟୋଧନ ବେହେରା, ବିଭୂତି ମହାପାତ୍ର, ସୁଦିପ୍ତ କର, ଆଲୋକ ବେହେରା, ସନ୍ତୋଷ ବେହେରା, ନାରାୟଣ ଚନ୍ଦ୍ର ସାମନ୍ତ, ଗଦାଧର ଦାସ, ପ୍ରମୋଦ ଦାସ, ଶ୍ୟାମସୁନ୍ଦର କର, ମିହିର ମିଶ୍ର, ଅକ୍ଷୟ ଜେନା, କନକଲତା ମଲ୍ଲିକ, ଦେବେନ୍ଦ୍ର ପଣ୍ଡା, ସଂଗ୍ରାମ ଜେନା, ଉତ୍କଳ ପାଣିଗ୍ରାହୀ, ହୃଷିକେଶ ଜେନା, ବିଳାସ ରାଉତରାୟ, ଭରତ ଜେନା, ଅବ୍ଦୁଲ ସଲିମ, ଗଜେନ୍ଦ୍ର ସେଠୀ, ରମାକାନ୍ତ ସେଠୀ, ଅପୂର୍ବ ମିଶ୍ର, ବିଜୟ ମାହାପାତ୍ର, ବନିତା ଦାସ, ସରୋଜ ନାୟକ, ସୁଲୋଚନା ଦାସ, ଗଣେଶ୍ୱର ଦାସ ପ୍ରଭୃତି ବିଭିନ୍ନ ବ୍ଲକରୁ ନେତୃମଣ୍ଡଳୀ ଓ ଆଶାୟୀ ପ୍ରାର୍ଥୀ ଯୋଗ ଦେଇଥିଲେ।

## ଜନସେବା କେନ୍ଦ୍ରରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ

କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ପଂଚାୟତ ଠାରେ ଥିବା ଜନସେବା କେନ୍ଦ୍ରରେ ଲକ୍ଷାଧିକଟଙ୍କାର ଠକେଇ ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି ।ଅଭିଯୋଗ ରୁ ପ୍ରକାଶ ଯେ, ପୁରୁଷୋତମପୁର ବରହ୍ମପୁର ଗ୍ରାମରଶରତ ପରିଡା, ହରେକୃଷ୍ଣ ପରିଡା, ଲୁସି ପରିଡା ପ୍ରମୁଖଙ୍କ ବ୍ୟାଙ୍କଖାତାକୁ କାଳିଆ ଯୋଜନା, ବଳିଆ ଯୋଜନା ଓ ଆବାସଯୋଜନା ଟଙ୍କା ଆସିଥାଏ । ଏହି ବ୍ୟକ୍ତି ମାନେ ଅଶିକ୍ଷିତ ଥିବାରୁଜନସେବା କେନ୍ଦ୍ରର ମାଲିକ ଏମାନଙ୍କର ବ୍ୟାଙ୍କ ଖାତାକୁ ରଖି ଟିପ ନେଇବ୍ୟାଙ୍କ ଖାତାରୁ ଲକ୍ଷ ଲକ୍ଷ ଟଙ୍କା ଉଠାଇ ହିତାଧିକାରୀ ମାନଙ୍କୁ ମାତ୍ରଥରକରେ ୨ ହଜାର ୪ ହଜାର ଟଙ୍କା ପ୍ରଦାନ କରିଥାଏ । ଏ ବିଷୟରେ ଶରତଚନ୍ଦ୍ର ପରିଡାଙ୍କୁ ସନ୍ଦେହ ହେବାରୁ ସେ ତାଙ୍କ ପୁତ୍ରକୁ ବ୍ୟାଙ୍କ ଖାତା ଦେଇ ବ୍ୟାଙ୍କୁ ଯାଇ ସେଠାରେ କେତେ ଟଙ୍କା ଆସିଛି ଦେଖିବାକୁ କହିଥିଲେ। ସେଠାରେ ଜଣା ପଡିଥିଲା ଯେ ବ୍ୟାଙ୍କ ଖାତାକୁ ୬୦ ହଜାର ଟଙ୍କା ଆସିଥିବା ବେଳେ ଜନସେବା କେନ୍ଦ୍ର ମାଲିକ ତାଙ୍କୁ ମାତ୍ର ୬ ହଜାରଟଙ୍କା ପ୍ରଦାନ କରି ଅବଶିଷ୍ଟ ଟଙ୍କାକୁ ହଡପ କରିଥିଲେ । ଏ ବିଷୟରେସେ ଜାଣିବା ପରେ ଜନସେବା କେନ୍ଦ୍ର ମାଲିକ କୁ ପଚାରିବାରୁ ସେତାଙ୍କ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିବା ଓ ଟଙ୍କା ହଡପକରିଥିବା ନେଇ ସଦର ଥାନାରେ ଏତଲା ଦେଇଛନ୍ତି । ଥାନା ଅଧିକାରୀ ଏତଲା ପାଇବା ପରେ ତଦନ୍ତ କରୁଥିବା ଜଣାପଡିଛି ।